Odia Spiritual Books #1005_9

# ଭାଗବତ

## bhAgabata - 9

## ୯

www.odia.org

**ଭାଗବତ - ୯**

*Odia Spiritual Books* ***#1005_9***

***Version:- 1.0_010108***

*Publisher:- www.odia.org*

*Price:- Priceless*

*Not for any business use*

# ଶ୍ରୀମଦ୍‌ଭାଗବତ

## ନବମ ସ୍କନ୍ଧ

# ନବମ ସ୍କନ୍ଦ

## ପ୍ରଥମ ଅଧ୍ୟାୟ

ଆନନ୍ଦେ ଅଭିନ୍ୟୁସୁତ । ଶୁଣିଣ ଗୋବିନ୍ଦ ଚରିତ ।।୧
ବ୍ୟାସକୁମର ମୁଖ ଚାହିଁ । ବୋଲଇ ଶିରେ କର ଦେଇ ।।୨

### ପରୀକ୍ଷିତ ଉବାଚ

ଭୋ ମୁନି ମନ୍ୱନ୍ତର କଥା । କହିଲ ସକଳ ବ୍ୟବସ୍ଥା ।।୩
ଯେ ମନ୍ୱନ୍ତରେ ଯେବା ଦେହୀ । ଧର୍ମ ରକ୍ଷଣେ ଭାବଗ୍ରାହୀ ।।୪
ଅନନ୍ତ ଯାହାର ମହିମା । କେ ଜାଣିପାରେ ଗୁଣ ସୀମା ।।୫
ତୁମ୍ଭେ କହିଲ ମୁନିଗଣେ । ବିଷ୍ଣୁର ମହିମା ପ୍ରମାଣେ ।।୬
ଦ୍ରବିଡ଼େଶ୍ୱର ସତ୍ୟବ୍ରତ । ସେ ରାଜରଷି ଦଇବତ ।।୭
ଅତୀତ କଳ୍ପାନ୍ତରେ ଥିଲା । ଭାବେ ସେ ବିଷ୍ଣୁଙ୍କୁ ଭେଟିଲା ।।୮
ନିତ୍ୟେ ଗୋବିନ୍ଦପାଦ ଧ୍ୟାୟି । ବିଷ୍ଣୁର ତହୁଁ ଶିକ୍ଷା ପାଇ ।।୯
ପୁଣି ସେ ସୃଷ୍ଟି ଆଦିକାଳେ । କେମନ୍ତେ ବୈବସ୍ୱତକୁଳେ ।।୧୦
ବଇବସ୍ୱତ ମନୁ ହୋଇ । ଜନ୍ମ ଲଭିଲେ ଦେହବହି ।।୧୧
ପୁଣି ତାହାର ବୀର୍ଯ୍ୟେ ଜାତ । କେତେ ବା ହୋଇଲେକ ସୁତ ।।୧୨
ଇକ୍ଷ୍ୱାକୁ ଆଦି ଯେତେ ସୁତେ । ରାଜା ହୋଇଲେ ଏ ଜଗତେ ।।୧୩
ଏଣୁ ଆଦିତ୍ୟକୁଳେ ଯେତେ । କହିବା ବଂଶାନୁଚରିତେ ।।୧୪
କାହାର ବଂଶେ କେବା ହୋଇ । ଏ ଭୂମିତଳେ ଦେହ ବହି ।।୧୫
ଯେବା ଚରିତ କଲେ ଯେତେ । ଭୋ ମୁନି କହ ମୋ' ଅଗ୍ରତେ ।।୧୬
ମୋତେ ଏ ସଙ୍କଟୁ ଉଦ୍ଧର । ମୁଁ ତୁମ୍ଭ ଚରଣେ କିଙ୍କର ।।୧୭
ଭୂତ ଭବିଷ୍ୟ ବର୍ତ୍ତମାନେ । ସମ୍ପୂର୍ଣ୍ଣ ବଂଶାନୁକୀର୍ତ୍ତନେ ।।୧୮
ଏବେ ଜଗତେ କଲା ଯାହା । କହିବା ମୋତେ ଯେବେ ଦୟା ।।୧୯

### ସୁତ ଉବାଚ

ଏମନ୍ତେ ଋଷିଗଣ ମଧ୍ୟେ । ଉତ୍ତରାସୁତ ଅନୁବାଦେ ।।୨୦
ଶୁଣି ଆନନ୍ଦେ କୃତକୃତ୍ୟ । କହନ୍ତି ବ୍ୟାସଙ୍କର ସୁତ ।।୨୧

### ଶୁକ ଉବାଚ

ଶୁଣ ହେ ନୃପ ପରୀକ୍ଷିତ । ଆଦିତ୍ୟ ବଂଶର ଚରିତ ।।୨୨
ହରି ମହିମା ଅପ୍ରମିତ । କେବା କଥନେ ସମରଥ ।।୨୩
ସଂକ୍ଷେପେ କହିବଇଁ ତୋତେ । ମୁଁ ଯୋଗବଳେ ଜାଣେ ଯେତେ ।।୨୪
ଏ ଭୂମି ମଧ୍ୟେ ଦେହ ବହି । ଶତେ ବରଷେ କେବା କହି ।।୨୫
ରବିର ବଂଶେ ନୃପ ଯେତେ । ଯେ ଯାହା କଲେ ଏ ଜଗତେ ।।୨୬
ଭକତ ଶିକ୍ଷ୍ୟେ ଏହା କହି । ଏବେ ତୁ ଶୁଣ ମନ ଦେଇ ।।୨୭
ଯେବା ଉପୁଜେ ଯା'ର ଅଂଶେ । ବଇବସ୍ୱତ ମନୁବଂଶେ ।।୨୮
ଶୁଣ ପାଣ୍ଡବ ଚୂଡ଼ାମଣି । ପ୍ରଳୟ କାଳେ ବେଦବାଣୀ ।।୨୯
ଯେ ହରି ଅନାଦି କାରଣ । ଜଗତଆତ୍ମା ନାରାୟଣ ।।୩୦
ପୂର୍ବେ ଯେ ସଂସାର ସଂହରି । ଜଳେ ଅନନ୍ତଶଯ୍ୟା କରି ।।୩୧
ନିବିଡ଼ ଅନ୍ଧାରେ ଶୋଇଲେ । ତାହାଙ୍କୁ କେହି ନ ଦେଖିଲେ ।।୩୨
ସେ ପୁଣି ପ୍ରଳୟର ଅନ୍ତେ । ଉଭାନେ ଶୋଏ ଅନାୟତ୍ତେ ।।୩୩
ତା' ନାଭିକମଳୁ ପ୍ରକାଶ । ହୋଇଲା ହିରଣ୍ମୟକୋଷ ।।୩୪
ସୁବର୍ଣ୍ଣମୟ ଦିବ୍ୟରୂପୀ । ଉଠିଲା ମହାଜଳ ବ୍ୟାପୀ ।।୩୫
ସେ ପଦ୍ମକୋଷୁଁ ବ୍ରହ୍ମା ଜାତ । ଯା'ର ଶରୀରୁ ଏ ଜଗତ ।।୩୬
ଭୂମି ଭିଆଇ ଯୋଗବଳେ । ବସିଲା ସମାଧି ନିଶ୍ଚଳେ ।।୩୭
ବ୍ରହ୍ମାର ମନରୁ ବାହାର । ହୋଇଲା ମରୀଚି କୁମର ।।୩୮
କଶ୍ୟପ ତା'ର ତହୁଁ ଜାତ । ଯା'ର ମହିମା ଅପ୍ରମିତ ।।୩୯
ଦକ୍ଷ ଦୁହିତା ବିଭା କଲା । ତା' ତହୁଁ ସୂର୍ଯ୍ୟ ଉପୁଜିଲା ।।୪୦
ସୂର୍ଯ୍ୟର ପତ୍ନୀ ସଞ୍ଜ୍ଞା ନାମ । ଅତି ସୁନ୍ଦର ଅନୁପମ ।।୪୧
ତା'ର ଉଦରୁ ଦିବ୍ୟ ତନୁ । ହୋଇଲା ଶ୍ରାଦ୍ଧ ଦେବ ମନୁ ।।୪୨
ସେ ପୁଣି ଶ୍ରଦ୍ଧାକନ୍ୟା ଗର୍ଭେ । ଦଶକୁମର କଲା ଭାବେ ।।୪୩
ରୂପେ ଶୋଭିତ ଅନୁପମ । ଶୁଣ ହେ ତାହାଙ୍କର ନାମ ।।୪୪
ଇକ୍ଷ୍ୱାକୁ ନୃପ ପୁତ୍ରବେନି । ଶର୍ଯ୍ୟାତି ଦିଷ୍ଟ ଧୃଷ୍ଟ ଘେନି ।।୪୫
ପୁଣି କରୁଷ ନରିଷ୍ୟନ୍ତ । ପୃଷଧ୍ର ନଭଗ ଉଦିତ ।।୪୬
ହୋଇଲେ ପୁଣି କବି ଆଦି । ଏ ରୂପେ ଦଶ ଯେ ପ୍ରସିଦ୍ଧି ।।୪୭
ସେ ଶ୍ରାଦ୍ଧଦେବ ପୁତ୍ର ଅର୍ଥେ । ବିଚାରି ବଶିଷ୍ଠ ସଙ୍ଗତେ ।।୪୮
ମିତ୍ରାବରୁଣ ଅର୍ଥେ ଇଷ୍ଟି । ଆରମ୍ଭ କଲା ପୁତ୍ର କଷ୍ଟୀ ।।୪୯



ଏମନ୍ତେ ତା'ର ଶ୍ରଦ୍ଧା ନାରୀ । ବଶିଷ୍ଠ ସଙ୍ଗତେ ବିଚାରି ।।୫୦
ବୋଲଇ ମୁହିଁ ପୟୋବ୍ରତା । ଯେମନ୍ତେ ହୋଇବ ଦୁହିତା ।।୫୧
ସେ ଅର୍ଥେ ତୁମ୍ଭେ ଯଜ୍ଞକର । ସେବଇ ଚରଣେ ତୁମ୍ଭର ।।୫୨
ତା' ଶୁଣି କୁଶକେତୁବଳା । ବିପ୍ରଙ୍କ ସଙ୍ଗେ ବିଚାରିଲା ।।୫୩
ଆହୁତି ଦେଲା ଅପ୍ରମିତ । ଏମନ୍ତେ କନ୍ୟା ହେଲା ଜାତ ।।୫୪
ତା' ରୂପ ଜଗତ ମୋହିଲା । ତାହାକୁ ଇଳା ନାମ ଦେଲା ।।୫୫
ରାତ୍ରେ ସେ କନ୍ୟା ରୂପ ଦେଖି । ସେ ମନୁ ଶୟନ ଉପେକ୍ଷି ।।୫୬
ବୋଲଇ ବିପ୍ରଙ୍କୁ ଅନାଇଁ । ଏମନ୍ତ ଦେଖିଲାତ ନାହିଁ ।।୫୭
ତୁମ୍ଭେ ସକଳେ ବ୍ରହ୍ମବେତ୍ତା । ଏ କର୍ମ ଅସମ୍ଭବ କଥା ।।୫୮
ବ୍ରାହ୍ମଣ କର୍ମ ତ ନୁହଁଇ । ଏମନ୍ତ କଲ କିସ ପାଇଁ ।।୫୯
ତୁମ୍ଭେ ଯେ ନିଜ ତପୋବଳେ । ଦଗ୍ଧ କଳୁଷ ଏ ଶୟଳେ ।।୬୦
ସଙ୍କଳ୍ପ ହୋଇଲା ଅନ୍ୟଥା । ଏ ବଡ଼ ଅସମ୍ଭବ କଥା ।।୬୧
ଅଜ୍ଞାନୀ ଜନଙ୍କର ମତ । ମୋର ସଙ୍କଳ୍ପ ବିପରୀତ ।।୬୨
ଏମନ୍ତେ ମନୁଙ୍କ ନିକଟେ । ବଶିଷ୍ଠ ମିଳି ଯଜ୍ଞବାଟେ ।।୬୩
ହୋତାଙ୍କ ବ୍ୟଭିଚାର ଜାଣି । ମନୁଙ୍କୁ କହନ୍ତି ଯେ ମୁନି ।।୬୪
ତୋହର ନିଜ ନାରୀ ବୋଲେ । ଦୁହିତା ଅର୍ଥେ ଯଜ୍ଞ କଲେ ।।୬୫
ମୁଁ ଏବେ ସାଧିବି ତୋ' ଅର୍ଥେ । କହିବି ବିଷ୍ଣୁଙ୍କ ଅଗ୍ରତେ ।।୬୬
ଯେମନ୍ତେ ଏ କନ୍ୟା ତୋହର । ହୋଏ ପୁରୁଷ କଳେବର ।।୬୭
ଏମନ୍ତ କହି ମହାଯତି । ବିଷ୍ଣୁଙ୍କୁ କଲେ ଦିବ୍ୟସ୍ତୁତି ।।୬୮
ବଶିଷ୍ଠ ସ୍ତୁତିବାକ୍ୟ ଶୁଣି । ତକ୍ଷଣେ ପ୍ରଭୁ ଚକ୍ରପାଣି ।।୬୯
ଇଳା କନ୍ୟାକୁ ବିଷ୍ଣୁ ଚାହିଁ । ବୋଇଲେ ପୁତ୍ର ହୁଅ ତୁହି ।।୭୦
ତକ୍ଷଣେ ପୁରୁଷ ହୋଇଲା । ସୁଦ୍ୟୁମ୍ନ ତା'ର ନାମ ହେଲା ।।୭୧
ନିଜ ଭୁବନେ ଗଲେ ହରି । ଏବେ ହୋ ଶୁଣ ଦଣ୍ଡଧାରୀ ।।୭୨
ଦେବଙ୍କ ବଚନ ସ୍ୱଭାବ । କେ ତାହା ଅନ୍ୟଥା କରିବ ।।୭୩
ଶୁଣ ରାଜନ ଶୁଦ୍ଧମନେ । ସେ ମନୁପୁତ୍ର ଏକ ଦିନେ ।।୭୪
ମୃଗୟା ଅର୍ଥେ ଘୋର ବନେ । ପଶିଲା ହରଷିତ ମନେ ।।୭୫
ଧନୁ କମାଣ ଧରି କରେ । ବସିଲା ଅଶ୍ୱର ଉପରେ ।।୭୬
ସେବକବଳ ତା'ର ଯେତେ । ଧାଇଁଲେ ଅଶ୍ୱ-ପୃଷ୍ଠ-ଗତେ ।।୭୭
ନାନା ଆୟୁଧ କରେ ଧରି । ପଶୁ ଖୋଜନ୍ତି ବନେ ହେରି ।।୭୮

ଗିରି କାନନେ ଲତା କୁଞ୍ଜେ । ଖୋଜି ଅନେକ ବୃକ୍ଷ ପୁଞ୍ଜେ ।।୭୯
ମୃଗ ନ ଦେଖି ଘୋରବନେ । ପଶିଲେ ଉତ୍ତର କାନନେ ।।୮୦
ମେରୁ ନିକଟେ ଖେଦମନେ । ମିଳିଲେ ସୁକୁମାର ବନେ ।।୮୧
ଯେ ବନେ ପ୍ରଭୁ ଶୂଳଧାରୀ । ସଙ୍ଗତେ ଘେନି ନିଜ ନାରୀ ।।୮୨
ନିରତେ ପୀଡ଼ିତ ମଦନେ । ଗଉରୀ ସଙ୍ଗତେ ନିର୍ଜନେ ।।୮୩
ନିତ୍ୟେ ରମନ୍ତି ସୁଖ ମନେ । ଆନନ୍ଦେ ପୁଷ୍ପିତ କାନନେ ।।୮୪
ସେ ବନେ ପଶି ମନୁବଳା । ଅନେକ ମୃଗ ବଧ କଲା ।।୮୫
ମୃଗଙ୍କୁ ମାରି ଅବହେଳେ । ଗ୍ରାମକୁ ଆସିବାର ବେଳେ ।।୮୬
ଅଶ୍ୱ ସହିତେ ସର୍ବ ଜନେ । ତକ୍ଷଣେ ସୁକୁମାର ବନେ ।।୮୭
ସର୍ବେ ହୋଇଲେ ସ୍ତିରୀଗଣ । ଅଶ୍ୱ ସହିତେ କୁଘଟଣ ।।୮୮
ଚାହାଁନ୍ତି ଅନ୍ୟେ ଅନ୍ୟ ମୁଖେ । ସର୍ବେ ରହିଲେ ମନଦୁଃଖେ ।।୮୯
ସ୍ତିରୀ ସ୍ୱଭାବେ କଲେ ଭ୍ରାନ୍ତି । ସଲଜ୍ଜେ ଚଳି ନ ପାରନ୍ତି ।।୯୦
ଶୁକ ବଦନୁଁ ବାକ୍ୟ ଶୁଣି । ବୋଲେ ପାଣ୍ଡବ ଚୂଡ଼ାମଣି ।।୯୧

## ପରୀକ୍ଷିତ ଉବାଚ

ଭୋ ମୁନି ଅସମ୍ଭବ ବାଣୀ । ହୃଦୟ କମ୍ପିଲା ତ ଶୁଣି ।।୯୨
ନାରୀ ହୋଇଲେ କିସ ଅର୍ଥେ । ଏ କଥା କହ ମୋ' ଅଗ୍ରତେ ।।୯୩
ସୁଦ୍ୟୁମ୍ନ ମନୁର ନନ୍ଦନ । ପୁରୁଷ କଲେ ଭଗବାନ ।।୯୪
ସେ କିପାଁ କାମିନୀ ହୋଇଲା । ଅଶ୍ୱ ସହିତେ ମନୁବଳା ।।୯୫
କି ଅବା ବନେ ଥିଲା ଦୋଷ । କିବା ଶଙ୍କର କଲେ ରୋଷ ।।୯୬
କିପାଁ ହୋଇଲେ ସ୍ତିରୀ ଦେହ । ସଂଶୟ ଯାଉ ମୁନି କହ ।।୯୭
ମୁନି କହନ୍ତି ଅନୁରାଗେ । ଆନନ୍ଦେ ପରୀକ୍ଷିତ ଆଗେ ।।୯୮

## ଶୁକ ଉବାଚ

ଶୁଣ ହେ ଅଭିମନ୍ୟୁ ସୁତ । କହିବା ତହିଁର ଚରିତ ।।୯୯
ସପତ ଋଷି ଏକମେଳେ । ଶଂକର ଦରଶନ ଛଳେ ।।୧୦୦
ଦିଶନ୍ତି ରବି ତେଜ ପ୍ରାୟେ । ସେ ବନେ ଚଳନ୍ତି ନିର୍ଭୟେ ।।୧୦୧
ଦୂରୁ ତାହାଙ୍କ ରୂପ ଦେଖି । ଅମ୍ବିକା ଶଙ୍କର ଉପେକ୍ଷି ।।୧୦୨
ଶିବ ସଙ୍ଗମ ଛାଡ଼ି ବେଗେ । ବସ୍ତ୍ର ପିନ୍ଧିଲେ ବୃକ୍ଷ ଲାଗେ ।।୧୦୩
ଲାଜେ ଲୁଚାଇ କଳେବର । ଭୟେ କମ୍ପନ୍ତି ଥରହର ।।୧୦୪
ଶଂକର ରହେ ଅଧୋମୁଖେ । ଚାହିଁ ନ ପାରି ମନଦୁଃଖେ ।।୧୦୫



ଏମନ୍ତ ମୁନିଗଣ ଚାହିଁ । ପାଦେହେଁ ନପାରନ୍ତି ଯାଇ ।।୧୦୬
ତାହାଙ୍କ ଗତି ଦେଖି ଛନ୍ନେ । ତକ୍ଷଣେ ଗଲେ ଅନ୍ୟବନେ ।।୧୦୭
ପଥ ଚଳନ୍ତି ମହାଶ୍ରମେ । ମିଳିଲେ ନାରାୟଣାଶ୍ରମେ ।।୧୦୮
ସେ କଥା ଜାଣି ଶୂଳପାଣି । ଅମ୍ବିକା ମୁଖ ଚାହିଁ ଭଣି ।।୧୦୯
ପୁରୁଷ ହୋଇ ଯେବେ ଏଥେ । ପ୍ରବେଶ ହୋଇବ ବନସ୍ତେ ।।୧୧୦
ତକ୍ଷଣେ ହେଉ ସ୍ତିରୀରୂପ । ଏମନ୍ତ ରୁଦ୍ର ଦେଲେ ଶାପ ।।୧୧୧
ସେ ଦିନୁ ମହାଦେବ-ରୋଷେ । ସେ ବନେ ପୁରୁଷ ନ ପଶେ ।।୧୧୨
ଏବେ ହୋ ଶୁଣ ନର ନାଥ । ମନୁତନୟ ବିପରୀତ ।।୧୧୩
ଅଶ୍ୱ ସହିତେ ଘୋରବନେ । ସର୍ବେ ଭ୍ରମନ୍ତି ଦୁଃଖମନେ ।।୧୧୪
ସେ ବନୁ ଗଲେ ଅନ୍ୟବନେ । ସୋମ ନନ୍ଦନ ତପସ୍ଥାନେ ।।୧୧୫
ଭ୍ରମନ୍ତି ଏକୁ ଆରେ ଧରି । ସ୍ୱଭାବେ ସର୍ବେ ମନୋହରୀ ।।୧୧୬
ତାହାଙ୍କ ମଧ୍ୟେ ଇଳା ଦେଖି । ସେ ବୁଧ ତପସ୍ୟା ଉପେକ୍ଷି ।।୧୧୭
ମନ କଳ୍ପିଲା କାମଭୋଳେ । ତକ୍ଷଣେ ଧରି ତା'କୁ କୋଳେ ।।୧୧୮
ବଳେ ରମିଲା ଚନ୍ଦ୍ରସୁତ । ତକ୍ଷଣେ ହେଲା ପୁତ୍ର ଜାତ ।।୧୧୯
ତାହାକୁ ଦେଖି ଗୁଣଧାମ । ଦେଲେ ସେ ପୁରୁରବା ନାମ ।।୧୨୦
ଏବେ ହୋ ଶୁଣ କୁରୁବୀର । ସେ ବନେ ମନୁର କୁମର ।।୧୨୧
କୁଳ ଆଚାର୍ଯ୍ୟ ସୁମରିଲେ । ତକ୍ଷଣେ ବଶିଷ୍ଠ ମିଳିଲେ ।।୧୨୨
ତାହାର ସ୍ତିରୀରୂପ ଚାହିଁ । ସେ ବ୍ରହ୍ମଋଷି ଦୟା ବହି ।।୧୨୩
ଯେମନ୍ତେ ପୁରୁଷ ହୋଇବ । ତକ୍ଷଣେ ସେବି ସଦାଶିବ ।।୧୨୪
ଅନେକ କଲେ ଦିବ୍ୟସ୍ତୁତି । ଶୁଣି ସନ୍ତୋଷ ପଶୁପତି ।।୧୨୫
ଆପଣା ବାକ୍ୟ ସତ୍ୟ ଅର୍ଥେ । ବଶିଷ୍ଠେ ଚାହିଁ ଦୟାଚିତ୍ତେ ।।୧୨୬
ବୋଲନ୍ତି ଅମ୍ବିକା ରମଣ । ବଶିଷ୍ଠ ମୋ'ର ବାକ୍ୟ ଶୁଣ ।।୧୨୭
ଏ ଯେ ତୋହର ଗୋତ୍ରେ ଜାତ । ସ୍ୱଭାବେ ଶ୍ରାଦ୍ଧଦେବ ସୁତ ।।୧୨୮
ମାସେ ଏ ହୋଇବ କାମିନୀ । ପୂର୍ବେ ବିଷ୍ଣୁର ବାକ୍ୟ ଘେନି ।।୧୨୯
ମାସେ ଏ ପୁରୁଷ ହୋଇବ । ଜୀବନ୍ତେ ଯେତେକାଳ ଥିବ ।।୧୩୦
ଏମନ୍ତ ତାକୁ ଦେଇ ବର । ତକ୍ଷଣେ ଗଲେ ଶୂଳଧର ।।୧୩୧
ଏମନ୍ତେ ଯେତେ କାଳ ଥିଲା । ମାସକେ ପୁରୁଷ ଅବଳା ।।୧୩୨
ରାଜ୍ୟ ସେ କଲା ଏହିମତେ । ନିଗମବାଣୀ ଅନୁମତେ ।।୧୩୩
ତାହାର ରାଜ୍ୟେ ପ୍ରଜାଜନେ । ବଞ୍ଚନ୍ତି ଦୁଃଖସୁଖ ମନେ ।।୧୩୪

ତା'ର ହୋଇଲେ ତିନିସୁତ । ଶୁଣ ରାଜନ ପରୀକ୍ଷିତ ।।୧୩୫
ଗୟ ଉତ୍କଳ ପୁତ୍ରବେନି । ବିମଳ ନାମେ ହୋଏ ତିନି ।।୧୩୬
ଦକ୍ଷିଣ ପଥେ ତିନି ରାଜା । ଧର୍ମେ ପାଳନ୍ତି ଜନପ୍ରଜା ।।୧୩୭
ଏମନ୍ତେ କେତେକାଳ ଗଲା । ସୁଦ୍ୟୁମ୍ନ ମନେ ବିଚାରିଲା ।।୧୩୮
ପୁରୁରବାକୁ ରାଜା କରି । ଛାଡ଼ିଲା ପ୍ରତିଷ୍ଠାନ ପୁରୀ ।।୧୩୯
ତପସାଧନେ ବନେ ଗଲା । ସେ ବନେ ଶରୀର ଛାଡ଼ିଲା ।।୧୪୦
ଚନ୍ଦ୍ରବଂଶର ଆଦ୍ୟପୀଢ଼ । ସୁଜନେ ମନ କର ଦୃଢ଼ ।।୧୪୧
ବଂଶାନୁଚରିତ ଏ ବାଣୀ । ଶୁଣି ସଂସାରୁ ତର ପ୍ରାଣୀ ।।୧୪୨
ବୋଲଇ ବିପ୍ର ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୧୪୩

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ପ୍ରଥମୋଽଧ୍ୟାୟଃ ।।

## ଦ୍ୱିତୀୟ ଅଧ୍ୟାୟ

### ଶୁକ ଉବାଚ

ଶୁଣ ହୋ ଅଭିମନ୍ୟୁ ସୁତ । କହିବା ବଂଶାନୁଚରିତ ।।୧
ସୁଦ୍ୟୁମ୍ନ ଶ୍ରାଦ୍ଧଦେବବଳା । ତପକରଣେ ବନେ ଗଲା ।।୨
ତପେ ଛାଡ଼ିଲା ନିଜ ତନୁ । ତା' ଶୁଣି ବୈବସ୍ୱତ ମନୁ ।।୩
ଅପୁତ୍ର-ଭୟେ ସେ ଉଚ୍ଚାଟେ । ମିଳିଲା ଯମୁନାର ତଟେ ।।୪
ଶତେ ବରଷ ଦେବ ମତେ । ସମାଧି କରି ଦୃଢ଼ ଚିତ୍ତେ ।।୫
ସନ୍ତତି ଅର୍ଥେ ସୂର୍ଯ୍ୟବଳା । ବିଷ୍ଣୁ ଚରଣେ ପୂଜା କଲା ।।୬
ଅନେକମତେ ସ୍ତୁତି କରି । ତୋଷିଲା ପ୍ରଭୁ ନରହରି ।।୭
ପ୍ରସନ୍ନ ହୋଇ ମହାବାହୁ । ବୋଇଲେ ଦଶପୁତ୍ର ହେଉ ।।୮
ଇକ୍ଷ୍ୱାକୁ ଆଦି ଦଶ ପୁତ୍ରେ । ହୋଇବେ କହି ଅଛି ତୋତେ ।।୯
ସେ ଦଶପୁତ୍ର ମଧ୍ୟେ ଏକ । ପୃଷଧ୍ର ନାମେ ସୁବିବେକ ।।୧୦
ବଶିଷ୍ଠ-ବାକ୍ୟେ ଗୋରୁ ପାଳେ । ରାତ୍ରେ ବୀରାସନେ ନିଶ୍ଚଳେ ।।୧୧
ଏମନ୍ତେ ଏକଦିନ ରାତ୍ରେ । ମେଘ-ଅନ୍ଧାର ବୃଷ୍ଟି ପାତେ ।।୧୨
ଜନ୍ତୁଙ୍କ ଘୋର ନିଦ୍ରା କାଳେ । ଶାର୍ଦ୍ଦୂଳ ମିଳିଲା ଗୋକୁଳେ ।।୧୩
ଆଘ୍ରାଣେ ତା'ର ବାସ ପାଇ । ଭୟେ ଉଠିଲେ ସର୍ବ ଗାଈ ।।୧୪
ଭ୍ରମନ୍ତି ଇତସ୍ତତ ହୋଇ । ବ୍ୟାଘ୍ର ଧଇଲା ଏକ ଗାଈ ।।୧୫



ବେଗେ ଚାପିଲା ନଖ ଦାଢ଼େ । ପୁଣି ଆକର୍ଷି ଅତି ଗାଢ଼େ ।।୧୬
ସେ ଗୋରୁ ଭୟେ ରାବ ଦେଲା । ତା' ଶୁଣି ଉଠି ମନୁବାଳା ।।୧୭
ତୀକ୍ଷଣ ଖଡ଼ଗ ହସ୍ତେ ଘେନି । ନିବିଡ଼-ଅନ୍ଧାର-ରଜନୀ ।।୧୮
କପିଲା ଗୋଷ୍ଠେ ଥିଲା ଶୋଇ । ଅନ୍ଧାରେ କେହି ନ ଜାଣଇ ।।୧୯
ଶାର୍ଦ୍ଦୂଳ ବୋଲି ତା'ର ଶିର । ଛେଦିଲା ମନୁର କୁମର ।।୨୦
ଖଡ଼ଗ ଶିଖା ବ୍ୟାଘ୍ର ମୁଣ୍ଡେ । ପଡ଼ି ଛିଡ଼ିଲା କର୍ଣ୍ଣ ଖଣ୍ଡେ ।।୨୧
ବ୍ୟାଘ୍ରର ଶିରେ ହୋଇ କ୍ଷତ । ପଥେ ବରଷିଲା ରକତ ।।୨୨
ପୃଷଧ୍ର ଜାଣେ ବ୍ୟାଘ୍ର ମଲା । ଏମନ୍ତେ ରଜନୀ ପାହିଲା ।।୨୩
ବଭ୍ରୁ ମରଣ କଥା ଶୁଣି । ବଶିଷ୍ଠ ତାହା ମନେ ଗୁଣି ।।୨୪
ମିଳିଲେ ପୃଷଧ୍ର ସମୀପେ । ତାହାକୁ ଶାପ ଦେଲେ କୋପେ ।।୨୫
ତୁ ଯେ ବୋଲାଉ କ୍ଷତ୍ରିଦେହ । ଏବେ ତୁ କର୍ମେ ଶୂଦ୍ର ହୁଅ ।।୨୬
ଏମନ୍ତେ ଗୁରୁଶାପ ପାଇ । କପାଳେ କରାଞ୍ଜଳି ଦେଇ ।।୨୭
ଗୁରୁଙ୍କ ଶାପ ପରିହାରେ । ଉର୍ଦ୍ଧ୍ୱବଦନେ ତପ କରେ ।।୨୮
ବିଷ୍ଣୁର ଚରଣ କମଳେ ସମାଧି କରି ଯୋଗ ବଳେ ।।୨୯
ଆତ୍ମାକୁ ଭାବି ଏକେ ଏକେ । ସକଳ ଭୂତେ ହରି ଦେଖେ ।।୩୦
ନିଗ୍ରହ କରି ଇନ୍ଦ୍ରିଗଣେ । ନିଃଶଙ୍କେ ନିବାସ ଅରଣ୍ୟେ ।।୩୧
ଯେବା ମିଳଇ ଯେତେବେଳେ । ସେ ଭକ୍ଷ କରେ ସନ୍ଧ୍ୟାକାଳେ ।।୩୨
ଶରୀର ଆତ୍ମାର ସଂଯତେ । ଜଡ଼ ବଧିର ଅନ୍ଧମତେ ।।୩୩
ଭୂମି କରଇ ପର୍ଯ୍ୟଟନ । ଏମନ୍ତେ ଗଲା କେତେଦିନ ।।୩୪
ଯହୁଁ ହୋଇଲା ଗ୍ରୀଷ୍ମକାଳ । ବିପିନେ ଉଠିଲା ଅନଳ ।।୩୫
ସେ ଅଗ୍ନି ମଧ୍ୟେ ଦେହ ଦେଲା । ତକ୍ଷଣେ ଗୋବିନ୍ଦେ ପଶିଲା ।।୩୬
ତା' ଦେଖି ତା'ର ସାନଭାଇ । ବିଷୟା ରସେ ନରସଇ ।।୩୭
ରାଜ୍ୟ ବିସର୍ଜି ବନ୍ଧୁମେଳେ । ପଶିଲା ଅରଣ୍ୟ ଗହଳେ ।।୩୮
ନିରତେ ନାରାୟଣ ପାଦେ । ଭକତି କଲା ଅପ୍ରମାଦେ ।।୩୯
ଅନ୍ତେ ପଶିଲା ହରିଦେହେ । କିଶୋର ବୟସେ ବିମୋହେ ।।୪୦
କରୂଷ ତହୁଁ ଯେତେ ସୁତ । ରାଜା ହୋଇଲେ ବଳବନ୍ତ ।।୪୧
ସ୍ୱଭାବେ ବ୍ରହ୍ମଣ୍ୟ ଧାର୍ମିକ । ନିରତେ ବିଷ୍ଣୁର ସେବକ ।।୪୨
ଉତ୍ତରାପଥେ ହୋଇ ରାଜା । ଧର୍ମେ ପାଳିଲେ ଜନପ୍ରଜା ।।୪୩
ଧୃଷ୍ଟରୁ ଧାର୍ଷ୍ଟ କ୍ଷତ୍ରି ହୋଏ । ସେ ନ ପଡ଼ିଲେ ମାୟାମୋହେ ।।୪୪
ନିରତେ ଜ୍ଞାନଭାବେ ଜାଣି । ପୂଜିଲେ ପ୍ରଭୁ ଚକ୍ରପାଣି ।।୪୫

ହରିଭକତି ଭାବଭୋଳେ । ବସିଲେ ସମାଧି ନିଶ୍ଚଳେ ।।୪୬
ନୃଗର ପୁତ୍ର ଯେ ସୁମତି । ସୁମତି ପୁତ୍ର ଭୂତଜ୍ୟୋତି ।।୪୭
ବସୁ ଯେ ତାହାର ସନ୍ତତି । ସ୍ୱଧର୍ମେ ପାଳଇ ସେ କ୍ଷିତି ।।୪୮
ପ୍ରତୀକ ବସୁତହୁଁ ଜାତ । ଓଘବାନ ନାମେ ତା' ସୁତ ।।୪୯
ତାହାର କନ୍ୟା ଓଘବତୀ । ସୁଦରଶନ ତା'ର ପତି ।।୫୦
ନରିଷ୍ୟନ୍ତର ଯେ ନନ୍ଦନ । ନାମ ତାହାର ଚିତ୍ରସେନ ।।୫୧
ଚିତ୍ରସେନର ପୁତ୍ର ଋକ୍ଷ । ତହୁଁ ମୀଢ଼ବାନ ପ୍ରତ୍ୟକ୍ଷ ।।୫୨
ମୀଢ୍ୱର ପୁତ୍ର ନାମ ପୂର୍ଣ୍ଣ । ଇନ୍ଦ୍ରସେନ ତା'ର ନନ୍ଦନ ।।୫୩
ତାହାଙ୍କ ସୁତ ବୀତିହୋତ୍ର । ତା' ତହୁଁ ସତ୍ୟଶ୍ରବା ଜାତ ।।୫୪
ଉରୁଶ୍ରବା ତାହାଙ୍କ ସୁତ । ତା' ତହୁଁ ଜାତ ଦେବଦତ୍ତ ।।୫୫
ଅଗ୍ନିବେଶ୍ୟ ତା'ଙ୍କ ସନ୍ତତି । ତା' ତହୁଁ ଅଗ୍ନି ଉତପତ୍ତି ।।୫୬
ଅଗ୍ନିବେଶ୍ୟଙ୍କ ଦୁଇ ନାମ । ଯେ ଜାତୁକର୍ଣ୍ଣ ଯେ କାନୀନ ।।୫୭
ଏ ଦୁଇ ନାମେ ମହାଋଷି । ଜଗତ ମଧ୍ୟେ ସଦା ଘୋଷି ।।୫୮
ତା' ତହୁଁ ଅଗ୍ନିବେଶ୍ୟାୟନ । ବ୍ରାହ୍ମଣବଂଶ ଉତପନ୍ନ ।।୫୯
ନରିଷ୍ୟନ୍ତର ବଂଶମାନ । ସମସ୍ତ ଶୁଣିଲ ରାଜନ ।।୬୦
ଦିଷ୍ଟବଂଶର କଥାମାନ । ଏବେ ତୁ ଶୁଣ ହୋ ରାଜନ ।।୬୧
ନାଭାଗ ନାମେ ଦିଷ୍ଟସୁତ । କର୍ମେ ସେ ବୈଶ୍ୟଜାତି ପ୍ରାପ୍ତ ।।୬୨
ତାହାର ସୁତ ଭଲନ୍ଦନ । ବତ୍ସପ୍ରୀତି ତା'ର ନନ୍ଦନ ।।୬୩
ପ୍ରାଂଶୁ ତାହାର ସୁତ ହୋଏ । ଯା ରୂପ କନ୍ଦର୍ପକୁ ମୋହେ ।।୬୪
ପ୍ରମତି ନାମେ ତା'ର ସୁତ । ଖନିତ୍ର ତା'ର ବଂଶେ ଜାତ ।।୬୫
ଚାକ୍ଷୁଷ ନାମେ ତା'ର ପୁତ୍ର । ବିବିଂଶତି ତାହାର ସୁତ ।।୬୬
ତହିଁରୁ ରମ୍ଭ ହେଲା ଜାତ । ଶୁଣ ରାଜନ ପରୀକ୍ଷିତ ।।୬୭
ରମ୍ଭର ପୁତ୍ର ଖନୀନେତ୍ର । ପରମ ଧାର୍ମିକ ଯେ ଖ୍ୟାତ ।।୬୮
ତାହାର ସୁର କରନ୍ଧମ । ତା' ତହୁଁ ଅବିକ୍ଷିତ ଜନ୍ମ ।।୬୯
ମରୁତ୍ତ ତାହାର ସନ୍ତତି । ସେ ଭୂମି ମଧ୍ୟେ ଚକ୍ରବର୍ତ୍ତୀ ।।୭୦
ସମ୍ବର୍ତ୍ତ ଅଙ୍ଗିରାର ବଳା । ଯାହାର ଯାଗ କରାଇଲା ।।୭୧
ସେ ଯଜ୍ଞେ ସର୍ବ ଦେବେ ଆସି । ନିତ୍ୟେ ଯଜ୍ଞକୁ ପରଶଂସି ।।୭୨
ବୋଲନ୍ତି ଯଜ୍ଞପାତ୍ରେ ଚାହିଁ । ଏମନ୍ତ ଦେଖିଲା ତ ନାହିଁ ।।୭୩
ହିରଣ୍ୟମୟ ବସ୍ତୁ ଦେଖି । ରସ ଭୋଜନେ ହୋଇ ସୁଖୀ ।।୭୪
ଇନ୍ଦ୍ର ମାତିଲେ ସୋମ ଖାଇ । ବିପ୍ରେ ମାତିଲେ ଦାନ ପାଇ ।।୭୫



ଯା'ର ସଭାରେ ବିଶ୍ୱଦେବା । ବାୟୁ ସମେତ କଲେ ସେବା ।।୭୬
ମରୁତ୍ତ ସୁତ ଦମ ନାମ । ଜଗତ ରୂପ ଦେଖେ ସମ ।।୭୭
ରାଜବର୍ଦ୍ଧନ ତା' ନନ୍ଦନ । ତା'ର ସୁଧୃତି ଅନୁପମ ।।୭୮
ସୁଧୃତି କୁମର ସୁମତି । ନର ନାମରେ ସେହୁ ଖ୍ୟାତି ।।୭୯
କେବଳ ତାହାର ନନ୍ଦନ । ତା'ର କୁମର ବନ୍ଧୁମାନ ।।୮୦
ତା'ର କୁମର ବେଗବାନ । ବନ୍ଧୁ ଯେ ତାହାର ନନ୍ଦନ ।।୮୧
ତା'ର ତନୁଜ ତୃଣବିନ୍ଦୁ । ତା' ରୂପେ ପଟାନ୍ତର ଇନ୍ଦୁ ।।୮୨
ତାହାର ପତ୍ନୀ ଅଳମ୍ବୁଷା । ଅପ୍ସରାଗଣେ ସେ ପ୍ରଶଂସା ।।୮୩
ତା' ଗର୍ଭେ ଇଡ଼ବିଡ଼ା ଜାତ । ବିଶ୍ରବା ମୁନି ଯାର କାନ୍ତ ।।୮୪
ବିଶ୍ରବା ଇଡ଼ବିଡ଼ା ଗର୍ଭେ । କୁବେର ଉପୁଜିଲେ ଭାବେ ।।୮୫
ସେ ମୁନି ଯୋଗେଶ୍ୱର ବଳା । ଆନନ୍ଦେ ପୁତ୍ରେ ଶିକ୍ଷା ଦେଲା ।।୮୬
ତୃଣବିନ୍ଦୁର ପୁତ୍ରଗଣ । ଏବେ ତାହାଙ୍କ ନାମ ଶୁଣ ।।୮୭
ବିଶାଳ ଶୂନ୍ୟବନ୍ଧୁ ଆର । ଧୂମ୍ରକେତୁ ଆଦି କୁମର ।।୮୮
ବୈଶାଳୀ ପୁରୀ ଯେ ନିର୍ମାଇ । ତା' ତହୁଁ ହେମଚନ୍ଦ୍ର ହୋଇ ।।୮୯
ଧୂମ୍ରାକ୍ଷ ନାମେ ତା'ର ସୁତ । ଏବେ ହୋ ଶୁଣ ନରନାଥ ।।୯୦
ସଂଯମ ତାହାର ତନୁଜ । ତହୁଁ କୃଶାଶ୍ୱ ଯେ ଦେବଜ ।।୯୧
କୃଶାଶ୍ୱ ପୁତ୍ର ସୋମଦତ୍ତ । ତା'ର ମହିମା ଅଦଭୁତ ।।୯୨
ଅନେକ ଅଶ୍ୱମେଧ କଲା । ପରମବ୍ରହ୍ମେ ସେ ପଶିଲା ।।୯୩
ସୁମତି ସୋମଦତ୍ତ ବଳା । ରୂପେ ବିରାଜେ କାମକଳା ।।୯୪
ତା'ର କୁମର ମହାଶୟ । ନାମ ଯାହାର ଜନ୍ମେଜୟ ।।୯୫
ବୈଶାଳୀପୁରେ ଏତେ ରାଜା । ସୁଖେ ପାଳିଲେ ଜନପ୍ରଜା ।।୯୬
ଯଶ ତାହାଙ୍କ ନିଜ ଧନ । ସକଳ ଗୁଣେ ବିଦ୍ୟମାନ ।।୯୭
ଏମନ୍ତେ କହିଲି ମୁଁ ତୋତେ । ଶୁଣ ପରୀକ୍ଷ ଏକଚିତ୍ତେ ।।୯୮
ବଂଶାନୁଚରିତ ଏ ବିଧି । ଯା'ର ସ୍ମରଣେ ସର୍ବସିଦ୍ଧି ।।୯୯
ଏହା ଯେ ଶୁଣନ୍ତି ଶୁଣାନ୍ତି । ଅପୁତ୍ର ସୁପୁତ୍ର ଲଭନ୍ତି ।।୧୦୦
କମଳା ରହେ ତା' ଭୁବନେ । ଯଶ ବଢ଼ଇ ଦିନେ ଦିନେ ।।୧୦୧
ଶୁଣ ସୁଜନେ ଏହା ନିତ୍ୟେ । ସଂସାରୁ ତରିବ ଯେମନ୍ତେ ।।୧୦୨
ବୋଲଇ ଦାସ ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୧୦୩

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଦ୍ୱିତୀୟୋଽଧ୍ୟାୟଃ ।।

# ତୃତୀୟ ଅଧ୍ୟାୟ

## ଶୁକ ଉବାଚ

ଏବେ ହୋ ଶୁଣ ସାବଧାନେ । ମନୁର ବଂଶାନୁବିଧାନେ ।।୧
ଶର୍ଯ୍ୟାତି ନାମେ ମନୁସୁତ । ଶୁଣ ହୋ ତାହାର ଚରିତ ।।୨
ସ୍ୱଭାବେ ବ୍ରହ୍ମିଷ୍ଠ ହୋଇଲା । ଅଙ୍ଗିରା ଯଜ୍ଞେ ଦୀକ୍ଷା ଦେଲା ।।୩
ସୁକନ୍ୟା ନାମେ ତା'ର କନ୍ୟା । ହୋଇଲା ରୂପେ ଅନୁପମା ।।୪
ସେ କନ୍ୟା ପିତାର ସଙ୍ଗତେ । ଆନନ୍ଦେ ପଶିଲା ବନସ୍ତେ ।।୫
କୁମାରୀ ପାଞ୍ଚ ସାତ ସଙ୍ଗେ । ବନେ ଭ୍ରମଇ ଅତିରଙ୍ଗେ ।।୬
ସେ ବନେ ଭୃଗୁର ନନ୍ଦନ । ତପସ୍ୱୀ ନାମ ତା' ଚ୍ୟବନ ।।୭
ସେ ବନେ ନିଶ୍ଚଳ ଆସନେ । ବସିଲା ଯୋଗର ଧାରଣେ ।।୮
ରହିଲା ଅନେକ ବରଷ । ହୋଇଲା ଅସ୍ଥି ଚର୍ମ ଶେଷ ।।୯
ବଲ୍ମୀକ କୀଟ ତା'ର ଦେହେ । ମୁଖ ଢାଙ୍କିଲେ ମୃତ୍ତିକାଏ ।।୧୦
ବଲ୍ମୀକ କୁଦ ପ୍ରାୟ ଦିଶେ । କେବଳ ନୟନ ପ୍ରକାଶେ ।।୧୧
ଏମନ୍ତେ ରାଜକନ୍ୟା ଗଲା । ଚ୍ୟବନ ନିକଟେ ମିଳିଲା ।।୧୨
ବଲ୍ମୀକ କୁଦ ମଧ୍ୟେ ଭିନ୍ନ । ଦିଶଇ ମୁନିଙ୍କ ନୟନ ।।୧୩
ଅଦ୍‌ଭୁତ ବେନି ଜ୍ୟୋତି ଚାହିଁ । ସୁକନ୍ୟା ମନେ ବିଚାରଇ ।।୧୪
ଏ ତ ସୁନ୍ଦର ଜ୍ୟୋତି ଦିଶେ । ତେଜେ ତିମିର ବନେ ନାଶେ ।।୧୫
ଏମନ୍ତ ମନେ ପରିମାଣି । କଣ୍ଟକ ବୃକ୍ଷୁଁ କଣ୍ଟା ଆଣି ।।୧୬
ସେ ବେନି ଜ୍ୟୋତି କଲା କ୍ଷତ । ତକ୍ଷଣେ ସ୍ରବିଲା ରକତ ।।୧୭
ବଲ୍ମୀକ ମଧ୍ୟେ ଶୋଣି ବହେ । ଧାରା ଦିଶଇ ମୁନି ଦେହେ ।।୧୮
ମୁନିଙ୍କି ଅପରାଧ କଲା । ଶୁଣ ହେ ଅଭିମନ୍ୟୁବଳା ।।୧୯
ତକ୍ଷଣେ ରାଜାର ସମେତେ । ଅପରେ ଥିଲେ ଲୋକ ଯେତେ ।।୨୦
ସର୍ବେ ହୋଇଲେ ଅପରାଧୀ । ହୋଇଲା ମୂତ୍ରଦ୍ୱାରା ରୁନ୍ଧି ।।୨୧
ସୁକନ୍ୟା ସଙ୍ଗେ କନ୍ୟା ଯେତେ । ଥିଲେ ଯେ ରାଜାଙ୍କ ସଙ୍ଗତେ ।।୨୨
କେହି ନ ପାରେ ମୂତ୍ର କରି । କାନ୍ଦନ୍ତି ମୂତ୍ରଦ୍ୱାରା ଧରି ।।୨୩
ସର୍ବେ କରନ୍ତି ହାହାକାର । ଶୁଣି ଶର୍ଯ୍ୟାତି ନୃପବର ।।୨୪
ସକଳେ ପୁଚ୍ଛି ଦୁଃଖମନ । କନ୍ୟାକୁ ବୋଲନ୍ତି ବଚନ ।।୨୫
ତୁ ଯେ ବନସ୍ତେ ଭ୍ରମୁ ଥିଲୁ । କାହିଁକି ଅବା ଆଚରିଲୁ ।।୨୬
ସେ କର୍ମବଳେଟି ଏ ବ୍ୟାଧି । ରହିଲା ମୂତ୍ରଦ୍ୱାର ରୁନ୍ଧି ।।୨୭



ସର୍ବେ ମରିବା ଏହିକ୍ଷଣି । ସୁକନ୍ୟା କହେ ତାହା ଶୁଣି ।।୨୮
ଭୋ ତାତ ବଲ୍ମୀକ ଉପରେ । ଜ୍ୟୋତି-ଯୁଗଳ ଦେଖି ଖରେ ।।୨୯
ଅଦ୍‌ଭୁତ ପ୍ରାୟେ ମୁହିଁ ମଣି । କଣ୍ଟକ ବୃକ୍ଷୁଁ କଣ୍ଟା ଆଣି ।।୩୦
ଭେଦିଲି ସେ ଜ୍ୟୋତି ଅଦ୍‌ଭୁତ । ତକ୍ଷଣେ ସ୍ରବିଲା ରକତ ।।୩୧
ତା' ଶୁଣି ନୃପ ଅତିବେଗେ । ମିଳିଲା ବଲ୍ମୀକର ଆଗେ ।।୩୨
ସଂଭ୍ରମେ ବେନିକର ଯୋଡ଼ି । କହେ ବଲ୍ମୀକ ତଳେ ପଡ଼ି ।।୩୩
ଭୋ କୀଟ ବଲ୍ମୀକ ତୋ' ଦେହ । ରୁଧିର ବହେ କିମ୍ପା କହ ।।୩୪
ମୁଁ ତୋ'ର କଲି ଅପରାଧ । ତୋ'ଜ୍ୟୋତି କନ୍ୟା କଲାଭେଦ।।୩୫
ସେ କନ୍ୟା ସ୍ୱଭାବେ ଚଞ୍ଚଳ । ସର୍ବେ ପାଇଲୁ ପ୍ରତିଫଳ ।।୩୬
ନିରୋଧ ହେଲା ମୂତ୍ରଦ୍ୱାରା । ରଖ ଶରଣ ଗଲି ତୋ'ର ।।୩୭
ଏମନ୍ତ ରାଜାବାକ୍ୟ ଶୁଣି । ଚ୍ୟବନ କହେ ଖେଦବାଣୀ ।।୩୮
ଭୋ ନୃପ ଭୃଗୁର କୁମର । ଚ୍ୟବନଋଷି ନାମ ମୋ'ର ।।୩୯
ମୁଁ ଏ ଅରଣ୍ୟେ ତପ କରି । ଚିନ୍ତଇ ପ୍ରଭୁ ନରହରି ।।୪୦
ଆସନେ ବସିଲି ନିଶ୍ଚଳ । ଏମନ୍ତେ ଗଲା କେତେକାଳ ।।୪୧
ବଲ୍ମୀକ କୀଟ ମୋ' ଶରୀରେ । ମାଂସ ରୁଧିର ଭକ୍ଷି ଖରେ ।।୪୨
ମୃତ୍ତିକା ମୋହର ଉପରେ । ମୁଖେ ଆଚ୍ଛାଦି ନିରନ୍ତରେ ।।୪୩
ଦେହ ଭକ୍ଷିଲେ ସ୍ୱାଦୁ ରସେ । କେବଳ ଅସ୍ଥି ରହେ ଶେଷେ ।।୪୪
ଏମନ୍ତ ମୁନିମୁଖୁଁ ଶୁଣି । ଚରଣେ ପଡ଼ି ନୃପମଣି ।।୪୫
ଧରିଣ ମୁନିଙ୍କ ଚରଣ । ବୋଲଇ କର ପରିତ୍ରାଣ ।।୪୬
ଏ ଯେ ସୁକନ୍ୟା ମୋ' ଦୁଲଣୀ । ଏ ହେଉ ତୋହର ଘରଣୀ ।।୪୭
ସତ୍ୟ ବଚନ ଏ ମୋହର । ଏଥକୁ ସାକ୍ଷୀ ଦିବାକର ।।୪୮
ଏମନ୍ତ ରାଜା ମୁଖୁଁ ଶୁଣି । ଚ୍ୟବନ କହେ ମଞ୍ଜୁବାଣୀ ।।୪୯
ଏ ଯେବେ ସତ୍ୟବାକ୍ୟ ତୋ'ର । ସ୍ରବୁ ସକଳ ମୂତ୍ରଦ୍ୱାର ।।୫୦
ଶୁଣି ସେ ଚ୍ୟବନ ବଚନ । ଫିଟିଲା ମୂତ୍ର-ନିରୋଧନ ।।୫୧
ସର୍ବେ ଲଭିଲେ ପରିତ୍ରାଣ । ଏବେ ହୋ ପରୀକ୍ଷିତ ଶୁଣ ।।୫୨
ମୁନିଙ୍କି କନ୍ୟାଦାନ କରି । ରାଜା ଚଳିଲା ନିଜ ପୁରୀ ।।୫୩
ନିଜ ଜନଙ୍କ ସଙ୍ଗେ ମିଶି । ଚ୍ୟବନ ମହିମା ପ୍ରକାଶି ।।୫୪
ସୁକନ୍ୟା ଚ୍ୟବନ ସମୀପେ । ଖଟଇ ମନ ଅନୁରୂପେ ।।୫୫
ନିତ୍ୟେ କଳ୍ପିତ ଭିକ୍ଷା ଆଣି । ଯେ ମିଳେ ଶାକ କନ୍ଦ ପାଣି ।।୫୬

ଏମନ୍ତେ ଶୁଣ ନୃପବର । ବିଧାତା ବଳ ବଳୀୟାର ।।୫୭
ଏମନ୍ତେ କେତେକାଳ ଗଲା । ସୁକନ୍ୟା ରଜ ପ୍ରକାଶିଲା ।।୫୮
ସେ ଦିନ ପ୍ରଭାତର କାଳେ । ଅଶ୍ୱିନୀ କୁମାରେ ମିଳିଲେ ।।୫୯
ମୁନିଙ୍କି ନମସ୍କାର କରି । ବସିଲେ ଆସନ ଆବୋରି ।।୬୦
ଚ୍ୟବନ ଉଠି ମନତୋଷେ । ଅଶ୍ୱିନୀ କୁମାରଙ୍କ ପାଶେ ।।୬୧
ପାଦ୍ୟାର୍ଘେ ଚରଣ ପୂଜିଲେ । ଅନେକ ସ୍ତୁତିବାକ୍ୟ କଲେ ।।୬୨
ବୋଲନ୍ତି ବିଶ୍ୱାସ କରାଇ । ଦେବଙ୍କ ବୈଦ୍ୟ ତୁମ୍ଭେ ଦୁଇ ।।୬୩
ଯେ ତୁମ୍ଭ ନାମ ଉଚ୍ଚାରନ୍ତି । ରୋଗ-ପ୍ରବନ୍ଧୁ ସେ ତରନ୍ତି ।।୬୪
ଦେଖ ଏ ମୋହର ଶରୀର । ଜରା ଅବସ୍ଥା ଜରଜର ।।୬୫
ଶର୍ଯ୍ୟାତି କନ୍ୟା ମୋତେ ଦେଲା । ଭାବ ଅଭାବ ନ ଜାଣିଲା ।।୬୬
ଦେଖ ଏ କନ୍ୟା ପତିବ୍ରତା । ଏହାକୁ ହୁଅ ବରଦାତା ।।୬୭
ଏ ବୃଦ୍ଧ-ଦୁଃଖ ମୋର ହର । ଯୁବାବୟସ ମୋତେ କର ।।୬୮
ମୁଁ ପୁଣି ତୁମ୍ଭ ଉପକାରେ । କରିବି ଯଥାର୍ଥ ବେଭାରେ ।।୬୯
ତୁମ୍ଭେ ଯେ ଦେବବୈଦ୍ୟ ଦୋଷେ । ଯଜ୍ଞେ ନ ଲଭ ସୋମ ଅଂଶେ ।।୭୦
ଏବେ ମୁଁ ତୁମ୍ଭଙ୍କୁ ବରିବି । ଆନନ୍ଦେ ଯଜ୍ଞଭାଗ ଦେବି ।।୭୧
ଇନ୍ଦ୍ର କି କରିବ ମୋହର । ଯୁବା ଶରୀର ମୋତେ କର ।।୭୨
ଏମନ୍ତ ମୁନିମୁଖୁଁ ଶୁଣି । ଅଶ୍ୱିନୀ ସୁତେ ମନେ ଗୁଣି ।।୭୩
ବୋଲନ୍ତି ମୁନି ମୁଖ ଚାହିଁ । ଏ କଥା ଅନ୍ୟଥା ନୁହଇ ।।୭୪
ଅମ୍ଭର ସଙ୍ଗେ ସିଦ୍ଧହ୍ରଦେ । ସ୍ନାହାନ କର ଅପ୍ରମାଦେ ।।୭୫
ହୋଇବ କନ୍ଦର୍ପ ଶରୀର । ପ୍ରତ୍ୟକ୍ଷ ଦେଖ ମନ୍ତ୍ରବଳ ।।୭୬
ତା' ଶୁଣି ଚ୍ୟବନ ଆନନ୍ଦେ । ବେଗେ ପଶିଲେ ସିଦ୍ଧହ୍ରଦେ ।।୭୭
ତିନିହେଁ ହସ୍ତେ ହସ୍ତଧରି । ଜଳେ ବୁଡ଼ିଲେ ବୋଲି ହରି ।।୭୮
ତକ୍ଷଣେ ଏକରୂପ ହୋଇ । ଉଠିଲେ କନ୍ୟାମୁଖ ଚାହିଁ ।।୭୯
କି ଅବା ଦେବା ପଟାନ୍ତର । ରୂପେ ମୋହିଲେ ସୁରନର ।।୮୦
ସେ କନ୍ୟା ତୀରେ ଚାହିଁଥିଲା । ନିଜ ସ୍ୱାମୀକି ନ ଚିହ୍ନିଲା ।।୮୧
ବିକଳେ ହୋଇ ଛନ୍ନଛନ୍ନ । ଚାହିଁଣ ତାହାଙ୍କ ବଦନ ।।୮୨
କର ଅଞ୍ଜଳି ଶିରେ ଦେଇ । ବୋଲଇ ମୋତେ କର ତ୍ରାହି ।।୮୩
ମୁଁ ଯେବେ ସତ୍ୟ ପତିବ୍ରତା । ନିକଟେ ଦିଅ ମୋର ଭର୍ତ୍ତା ।।୮୪
ଅଶ୍ୱିନୀ ସୁତେ ତାହା ଶୁଣି । ସ୍ୱାମୀକି ଦେଲେ ତା'ର ଆଣି ।।୮୫



ଋଷିଙ୍କି ନମସ୍କାର ହୋଇ । ସ୍ୱର୍ଗେ ଚଳିଲେ ବେନିଭାଇ ।।୮୬
ଶୁଣ ହୋ ପରୀକ୍ଷିତ ଏବେ । ଶର୍ଯ୍ୟାତି ଯଜ୍ଞର ଆରମ୍ଭେ ।।୮୭
ଚ୍ୟବନ ଆଶ୍ରମେ ମିଳିଲା । ନୟନେ ଅଦ୍‌ଭୁତ ଦେଖିଲା ।।୮୮
ନିଜର କନ୍ୟାର ପାଶେ ବସି । ପୁରୁଷେ ଦିଶେ ତେଜ ରାଶି ।।୮୯
ସୁକନ୍ୟା ଆସି ପିତା ପାଦେ । ସ୍ୱଭାବେ ନମିଲା ଆନନ୍ଦେ ।।୯୦
ତାହାକୁ କଲ୍ୟାଣ ନ କରି । କନ୍ୟାକୁ ବୋଲେ କୋପକରି ।।୯୧
ଅଦ୍‌ଭୁତ କର୍ମ ଏ ତୋହର । ଅତ୍ୟନ୍ତ ବୃଦ୍ଧ ତୋ'ର ବର ।।୯୨
ତା'ର ଚରଣେ ସେବା ଛାଡ଼ି । ଯୁବା ପୁରୁଷେ ଲୋଭ ବଢ଼ି ।।୯୩
କେମନ୍ତେ ଟଳିଲା ତୋ' ମତି । ସଂସାରେ ଯେସନେ ଅସତୀ ।।୯୪
କୁଳ ଦୂଷଣ କର୍ମ କଲୁ । ବୃଦ୍ଧ ସ୍ୱାମୀକି ଉପେକ୍ଷିଲୁ ।।୯୫
ଜାର ପୁରୁଷେ କଲୁ ମତି । ଏ ବଡ଼ ତୋହର ଅନୀତି ।।୯୬
ଉଭୟ କୁଳ କଲୁ ନାଶ । ପରପୁରୁଷେ ତୋ' ବିଶ୍ୱାସ ।।୯୭
ଏ କର୍ମେ ପିତା-ପତି-ବଂଶ । ନରକେ କରାଇଲୁ ବାସ ।।୯୮
ଏମନ୍ତ ପିତାବାକ୍ୟ ଶୁଣି । ହସି ବୋଲଇ ତା' ଦୁଲଣୀ ।।୯୯
ଭୋ ତାତ ଭ୍ରାନ୍ତି ତୁ ନ କର । ଏହିଟି ମୋର ନିଜ ବର ।।୧୦୦
ଏମନ୍ତ ପିତାର ଅଗ୍ରତେ । ସର୍ବ କହିଲା ଆଦି ଅନ୍ତେ ।।୧୦୧
ଯେମନ୍ତେ ସ୍ୱର୍ଗ ବୈଦ୍ୟେ ଆସି । ସୁନ୍ଦର କଲେ ଜଳେ ପଶି ।।୧୦୨
ବୃଦ୍ଧକୁ ଯୁବା ରୂପ କଲେ । ରଥ ଆରୋହୀ ସ୍ୱର୍ଗେ ଗଲେ ।।୧୦୩
ଏମନ୍ତେ ପୁତ୍ରୀ ବାକ୍ୟ ଶୁଣି । ଅତି ଆନନ୍ଦ ନୃପମଣି ।।୧୦୪
ତକ୍ଷଣେ ଦୁହିତା ବଚନ । ଅଦ୍‌ଭୁତ ଶୁଣି ସେ ରାଜନ ।।୧୦୫
ଅତି ଆନନ୍ଦେ ମୋଦ ଭରି । ନିଜ ଦୁହିତା କୋଳକରି ।।୧୦୬
ତକ୍ଷଣେ ନିଜପୁରେ ଗଲା । ଶୁଣ ହେ ଅଭିମନ୍ୟୁ ବଳା ।।୧୦୭
ନିଜ ଭୁବନେ ନୃପମଣି । ଚ୍ୟବନ ମୁନି ଗୃହେ ଆଣି ।।୧୦୮
ଆଗମ-ନିଗମ-ଉକତେ । ଯଜ୍ଞ ସେ କଲା ବିଧିମତେ ।।୧୦୯
ଚ୍ୟବନ ବାକ୍ୟେ ଯଜ୍ଞ ଘରେ । ମିଳିଲେ ଅଶ୍ୱିନୀ କୁମାରେ ।।୧୧୦
ତାହାଙ୍କୁ ସୋମ ଦେବା ବେଳେ । ଇନ୍ଦ୍ର ମିଳିଲା ଯଜ୍ଞଶାଳେ ।।୧୧୧
ବଜ୍ର ଉଞ୍ଚାଇ କୋପଭରେ । ନିଷେଧ କଲା ମନ୍ତ୍ରସ୍ୱରେ ।।୧୧୨
ତା' ଦେଖି ଚ୍ୟବନ ଉଠିଲେ । ଇନ୍ଦ୍ରର ବଜ୍ରକୁ ସ୍ତମ୍ଭିଲେ ।।୧୧୩
ମାରି ନ ପାରି ବଜ୍ର କୋପେ । ଇନ୍ଦ୍ର ଶରୀର ଭୟେ କମ୍ପେ ।।୧୧୪

ବୋଲଇ ମୁନିମୁଖ ଚାହିଁ । ଏ କଥା ଉଚିତ ନୁହଇ ॥୧୧୫
ଯଜ୍ଞେ ଏହାଙ୍କ ଭାଗ ନାହିଁ । ଆହୁତି ଦିଅ କାହିଁ ପାଇଁ ॥୧୧୬
ଚ୍ୟବନ ବୋଲେ ଇନ୍ଦ୍ରେ ଚାହିଁ । ସତ୍ୟ ଯେ କରିଅଛି ମୁହିଁ ॥୧୧୭
ଏ ଯହୁଁ ଯୁବା କଲେ ମୋତେ । ଆହୁରି ଦେବି ଯଜ୍ଞ ଅନ୍ତେ ॥୧୧୮
ଯଜ୍ଞରେ ଶେଷଭାଗ ପାଇ । ସନ୍ତୋଷ ହେବେ ବେନିଭାଇ ॥୧୧୯
ବ୍ୟାଧି ନାଶିବେ ଯଜମାନେ । ଏମନ୍ତେ ଚ୍ୟବନ ବଚନେ ॥୧୨୦
ତୋଷ ହୋଇଲେ ସୁରନାଥ । ମୁନି ଛାଡ଼ିଲେ ତା'ର ହସ୍ତ ॥୧୨୧
ସେଦିନୁ ସର୍ବଦେବେ ଯଜ୍ଞେ । ତା'ଙ୍କୁ ସ୍ଥାପିଲେ ହବିର୍ଭାଗେ ॥୧୨୨
ଶେଷେ ସେ ସୋମଭାଗ ପା'ନ୍ତି । ଏବେ ହୋ ଶୁଣ ନରପତି ॥୧୨୩
ଏମନ୍ତେ ଯଜ୍ଞକର୍ମ ଫଳେ । ପୁତ୍ରେ ଜନ୍ମିଲେ ରାଜାକୁଳେ ॥୧୨୪
ଅତି ସୁନ୍ଦର ଅନୁପମ । ଶୁଣ ହେ ତାହାଙ୍କର ନାମ ॥୧୨୫
ଉତ୍ତାନବରହି ଆନର୍ତ୍ତ । ତୃତୀୟେ ଭୂରିସେନ ଜାତ ॥୧୨୬
ଶର୍ଯ୍ୟାତି ପୁତ୍ରେ ମହାତେଜେ । ପ୍ରଜାପାଳିଲେ ଶୁଭେ ରାଜ୍ୟେ ॥୧୨୭
ଆନର୍ତ୍ତ ନାମେ ମଧ୍ୟ ସୁତ । ଶୁଣ ହେ ତାହାଙ୍କ ଚରିତ ॥୧୨୮
ସେ ନିତ୍ୟେ ହରି ସେବା କରେ । ସେ ପୁଣ୍ୟେ ତା'ପତ୍ନୀ ଉଦରେ ॥୧୨୯
ରେବତ ନାମେ ପୁତ୍ର ଜାତ । ହୋଇଲା ଅତି ବଳବନ୍ତ ॥୧୩୦
ସମୁଦ୍ର ମଧ୍ୟେ ପୁର କଲା । ତା' ନାମ କୁଶସ୍ଥଳୀ ଦେଲା ॥୧୩୧
ସେ ରାଜ୍ୟେ ବସି ଦିନାକେତେ । ଭୋଗ ଭୁଞ୍ଜିଲା ନାନାମତେ ॥୧୩୨
ନିତ୍ୟେ ସେ ବିଷ୍ଣୁଙ୍କୁ ସେବଇ । ତାହାର ଶତ୍ରୁ ନାହିଁ କେହି ॥୧୩୩
ତାହାର ଶତେ ପୁତ୍ର ଜାତ । ତାହାଙ୍କ ମଧ୍ୟେ ଜ୍ୟେଷ୍ଠଭ୍ରାତ ॥୧୩୪
କକୁଦ୍ମୀ ନାମ ତା'ର ହୋଏ । ଇନ୍ଦ୍ର କମ୍ପଇ ଯା'ର ଭୟେ ॥୧୩୫
ରେବତୀ ନାମେ କନ୍ୟା ତା'ର । ସୁନ୍ଦରେ ନାହିଁ ପଟାନ୍ତର ॥୧୩୬
ସେ କନ୍ୟା ଘେନି ଅତି ଦୁଃଖେ । ଦିନେ ମିଳିଲେ ବ୍ରହ୍ମଲୋକେ ॥୧୩୭
ଭୂମିରେ ନୃପତି କୁମର । ଯେତେ ମିଳିଲେ ତା'କୁ ବର ॥୧୩୮
ତା'ଙ୍କୁ ନ ଦେଲା କୁଳ ଶ୍ରେଷ୍ଠେ । ମିଳିଲା ବ୍ରହ୍ମାଙ୍କ ନିକଟେ ॥୧୩୯
ସେ ବ୍ରହ୍ମା ଘେନି ମହାଜନ । କରଇ ବିଷ୍ଣୁର କୀର୍ତ୍ତନ ॥୧୪୦
କ୍ଷଣେ ରହିଲେ ତା'କୁ ଦେଖି । ସେ ଧାତା କୀର୍ତ୍ତନ ଉପେକ୍ଷି ॥୧୪୧
ତକ୍ଷଣେ ଚାହିଁ ତା' ବଦନ । ବୋଲନ୍ତି ମଧୁର ବଚନ ॥୧୪୨
କିପାଁ ଅଇଲୁ ବ୍ରହ୍ମଲୋକେ । ଏ କନ୍ୟା ଘେନି ମନଦୁଃଖେ ॥୧୪୩



ବ୍ରହ୍ମା ବଚନେ ଦଣ୍ଡଧାରୀ । ଚରଣେ ନମସ୍କାର କରି ॥୧୪୪
ବୋଲଇ ଅତି ଦୁଃଖ ଭରେ । ଏ କନ୍ୟା ଦେବି କେଉଁ ବରେ ॥୧୪୫
ଏ କଥା ରାଜା ମୁଖୁଁ ଶୁଣି । ହସି ବୋଲନ୍ତି କୁଶପାଣି ॥୧୪୬
ଅଦ୍‌ଭୁତ୍ କଥା ଏ ତୋହର । ଭୂମିରେ ନ ବରିଲୁ ବର ॥୧୪୭
ଯା' କଥା ଅଇଲୁ ତୁ କହି । ଭୂମିରେ ତା'ଙ୍କ ବଂଶ ନାହିଁ ॥୧୪୮
ବ୍ରହ୍ମାଣ୍ଡ ମଧ୍ୟେ କାଳ ବଳେ । ଅନେକ ଯୁଗ ବହି ଗଲେ ॥୧୪୯
ତୋ' ପୁତ୍ର ନାତି ଯେତେ ଥିଲେ । କାଳର ବଳେ ନାଶ ଗଲେ ॥୧୫୦
ତୋ' ଗୋତ୍ର ନାହିଁ ରବି ତଳେ । ଶୁଣ ହେ ଯେତେ ଯୁଗ ଗଲେ ॥୧୫୧
ପ୍ରଚଣ୍ଡ କାଳଲୀଳା ବଳେ । ବିଷ୍ଣୁ ବିହରେ ରବି ତଳେ ॥୧୫୨
ସପତ ବିଂଶ ଚତୁର୍ଯୁଗ । ଭୂମିରେ କାଳ କଲା ଭୋଗ ॥୧୫୩
ଅଧିକ ତିନିଯୁଗ ଗଲା । କଳିର ଆଗମନ ହେଲା ॥୧୫୪
ଦ୍ୱାପର ଯୁଗ ଅବସାନ । ଏବେ ତୁ ଶୁଣ ମୋ' ବଚନ ॥୧୫୫
ଭାରା ନିବାରଣ ନିମନ୍ତେ । ବିଷ୍ଣୁ ଜନ୍ମିଲେ ଏ ଜଗତେ ॥୧୫୬
ଦେବକୀ-ଗର୍ଭେ ଦେହ ବହି । ନୀଳ-ଧବଳ ରୂପ ହୋଇ ॥୧୫୭
ଅନନ୍ତ ବଳଭଦ୍ର ରୂପେ । ଜନ୍ମ ଲଭିଲେ ମୋହ କଳ୍ପେ ॥୧୫୮
ଏ କନ୍ୟାରତ୍ନ ତା'ଙ୍କୁ ଦେଇ । ଭବସାଗରୁ ତର ତୁହି ॥୧୫୯
ଏମନ୍ତ ବ୍ରହ୍ମା ମୁଖୁଁ ଶୁଣି । ଆନନ୍ଦ ମନେ ନୃପମଣି ॥୧୬୦
ତକ୍ଷଣେ ନିଜ ପୁରେ ଗଲା । ଶୁଣ ହୋ ଗୋବିନ୍ଦର ଲୀଳା ॥୧୬୧
ତାହାର ଯେତେ ଭାଇ ଥିଲେ । ଯକ୍ଷଙ୍କ ଭୟେ ପଳାଇଲେ ॥୧୬୨
ସେ କନ୍ୟା ବଳଭଦ୍ରେ ଦେଇ । ଆନନ୍ଦେ କୃତକୃତ୍ୟ ହୋଇ ॥୧୬୩
ତପକରଣେ ଶୁଦ୍ଧମନେ । ମିଳିଲା ବଦରିକାଶ୍ରମେ ॥୧୬୪
ଯାହା ବୋଇଲେ ନରହରି । ଭାଷା ପ୍ରବନ୍ଧେ ଗୀତ କରି ॥୧୬୫
ସୁଜନେ ଏଣେ ମତି କର । ତରିବ ସଂସାର-ସାଗର ॥୧୬୬
ଅନ୍ତେ ପାଇବ ଚକ୍ରଧର । ଏଣେ ବିଶ୍ୱାସ ନିତ୍ୟେ କର ॥୧୬୭
ବୋଲଇ ବିପ୍ର ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ॥୧୬୮

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ତୃତୀୟୋଽଧ୍ୟାୟଃ ॥

# ଚତୁର୍ଥ ଅଧ୍ୟାୟ

## ଶୁକ ଉବାଚ

ନାଭାଗ ନଭଗର ବଳା । ପୂର୍ବେ ସେ ବ୍ରହ୍ମଚର୍ଯ୍ୟ କଲା ।।୧
ଭାଇଏ ତା'ର ଭାଗ କାଟି । ସର୍ବ ସମ୍ପଦ ନେଲେ ବାଣ୍ଟି ।।୨
ଭାଇଙ୍କୁ ବୋଲେ ଭାଗ କାହିଁ । ପିତା ତୋ' ଭାଗେ ବୋଲେ ଭାଇ ।।୩
ପିତାଙ୍କୁ ବୋଲନ୍ତେ ତା' ଯାଇ । ସେ ବୋଲେ ଉଚିତ ନୁହଇ ।।୪
ବୋଇଲା ପୁଣି ଯାଅ ତୁହି । ଅଙ୍ଗିରସଙ୍କ ଯଜ୍ଞ ଯହିଁ ।।୫
ତାହାଙ୍କୁ ଦେବୁ ଉପଦେଶ । ଲଭିବୁ ଦ୍ରବିଣ ଅଶେଷ ।।୬
ପିତାର ବୋଲେ ଯଜ୍ଞେ ଗଲା । ଅନେକ ଧନ ସେ ଲଭିଲା ।।୭
ତା' ଘେନି ସେ ଯେ ବାଟେ ଆସେ । ମିଳିଲା କାଳିଆ ପୁରୁଷେ ।।୮
ବୋଲଇ ମୋ'ର ଧନ ନେଇ । ପଳାଇ ଯାଉ କାହିଁପାଇଁ ।।୯
ସେ ବୋଲେ ନ ଜାଣଇ କିଛି । ପିତା ବଚନେ ନେଉଅଛି ।।୧୦
ପୁରୁଷ ବୋଲେ ତୁ ପଚାର । ପିତାଙ୍କୁ ଏ ଧନ କାହାର ।।୧୧
ତହୁଁ ନାଭାଗ ବେଗେ ଗଲା । ସକଳ ପିତାଙ୍କୁ କହିଲା ।।୧୨
ପିତା ବୋଇଲେ ସତ୍ୟ ଏହା । ପୂର୍ବେ ଋଷି ଏ କଲେ ଯାହା ।।୧୩
ଯଜ୍ଞର ଶେଷ-ଧନ ଆଦି । ରୁଦ୍ରଙ୍କ ଭାଗ ବୋଲି ବିଧି ।।୧୪
ନାଭାଗ ତହୁଁ ବେଗେ ଗଲା । ରୁଦ୍ରେ ସକଳ ସମର୍ପିଲା ।।୧୫
ପିତା ପୁତ୍ରର ସତ୍ୟ ଜାଣି । ରୁଦ୍ର ବୋଲନ୍ତି ସାଧୁବାଣୀ ।।୧୬
ବୋଇଲେ ସର୍ବ ଘେନିଯାଅ । ଆବର ବ୍ରହ୍ମଜ୍ଞାନ ପାଅ ।।୧୭
ଏମନ୍ତେ ସେ ନାଭାଗ ରାଜା । ସୁଖେ ପାଳିଲା ଜନପ୍ରଜା ।।୧୮
ଅନେକ କାଳ ରାଜ୍ୟ କଲା । ଅନ୍ତେ ସେ ଗୋବିନ୍ଦେ ପଶିଲା ।।୧୯
ନାଭାଗ-ପୁତ୍ର ଅମ୍ବରୀଷ । ସେ ରାଜା ବିଷ୍ଣୁର ବିଶ୍ୱାସ ।।୨୦
ବ୍ରାହ୍ମଣ ଶାପ ନ ଲାଗିଲା । ତା' ଶୁଣି ଅଭିମନ୍ୟୁବଳା ।।୨୧
ଶୁକ ଚରଣ ବେନି ଧରି । ବୋଲେ ପରୀକ୍ଷ ଦଣ୍ଡଧାରୀ ।।୨୨

## ରାଜା ଉବାଚ

ନାଭାଗ ପୁତ୍ର ଅମ୍ବରୀଷ । ସେ ଯେବେ ବିଷ୍ଣୁର ବିଶ୍ୱାସ ।।୨୩
ବ୍ରାହ୍ମଣ ଶାପ ନ ଲାଗିଲା । ମୋତେ ତ ସନ୍ଦେହ ଲାଗିଲା ।।୨୪



ଯେ ବ୍ରହ୍ମଦଣ୍ଡ ବଜ୍ରଘୋର । କେମନ୍ତେ ତହୁଁ ହେଲା ପାର ।।୨୫
କି ଅବା ତା'ର ତପ ଫଳୁଁ । ତରିଲା ବ୍ରହ୍ମଶାପାନଳୁଁ ।।୨୬
ଏ କଥା କହ ମୁନି ମୋତେ । ସଂଶୟ ଲାଗିଲା ମୋ' ଚିତ୍ତେ ।।୨୭
ଏମନ୍ତ ରାଜା-ପ୍ରଶ୍ନ ଶୁଣି । ଶୁକ କହନ୍ତି ମଞ୍ଜୁବାଣୀ ।।୨୮

## ଶୁକ ଉବାଚ

ଶୁଣ ରାଜନ ଏକଚିତ୍ତେ । ଯେ ପ୍ରଶ୍ନ ବଂଶାନୁଚରିତେ ।।୨୯
ନାଭାଗସୁତ ଅମ୍ବରୀଷ । ଯେମନ୍ତେ ବିଷ୍ଣୁର ବିଶ୍ୱାସ ।।୩୦
ବ୍ରାହ୍ମଣ ଶାପ ନଲାଗିଲା । ଅନ୍ତେ ସେ ଗୋବିନ୍ଦେ ପଶିଲା ।।୩୧
ସେ ସପ୍ତଦ୍ୱୀପେ ଏକ ରାଜା । ସୁଖେ ପାଳଇ ଜନପ୍ରଜା ।।୩୨
ସାତ୍ତ୍ୱିକ-ସମ୍ପଦ ତାହାର । ବିବେକ କେ କରୁ ଗୋଚର ।।୩୩
ସପତ ଦ୍ୱୀପେ ରାଜାପଣେ । ପ୍ରଜା ପାଳଇ ଅନୁକ୍ଷଣେ ।।୩୪
ଶରୀର ସୁଖକୁ ନ ଲେଖେ । ସମ୍ପଦ ସ୍ୱପ୍ନ-ପ୍ରାୟ ଦେଖେ ।।୩୫
ଯେ ପ୍ରାଣୀ ସମ୍ପଦ ଇଚ୍ଛନ୍ତି । ଅନ୍ତେ ସେ ନରକେ ପଡ଼ନ୍ତି ।।୩୬
ଏମନ୍ତ ନିଷ୍ଠେ ଜାଣି ମନେ । ହରି ଭଜଇ ତତ୍ତ୍ୱଜ୍ଞାନେ ।।୩୭
ବିଷ୍ଣୁଭକତ ଯେତେ ଜନ । ତାହାଙ୍କ ପାଦେ ତା'ର ମନ ।।୩୮
ସାଧୁଙ୍କ ପାଦେ ନିତ୍ୟେ ସେବେ । ସଂସାର ଆତ୍ମାରୂପେ ଭାବେ ।।୩୯
ହରିଚରଣ ଯୁଗେ ମନ । ବିଷ୍ଣୁ ଉଚ୍ଚାରଇ ବଦନ ।।୪୦
ବିଷ୍ଣୁର ମନ୍ଦିର ମାର୍ଜନେ । କର ଯୁଗଳ ଅନୁଦିନେ ।।୪୧
ଶ୍ରବଣ ଯୁଗ ତା' ସୁକଥା । ନିତ୍ୟେ ଶୁଣଇଁ କୃଷ୍ଣକଥା ।।୪୨
ନିରତେ ତାହାର ନୟନ । କରଇ ବିଷ୍ଣୁ-ଦରଶନ ।।୪୩
ଶରୀର-ଚର୍ମ ଅନୁଦିନେ । କରେ ବୈଷ୍ଣବ-ଆଲିଙ୍ଗନେ ।।୪୪
ହରିଚରଣ ପଦ୍ମଗନ୍ଧେ । ନିରତେ ନାସା ତା' ଆମୋଦେ ।।୪୫
ଶ୍ରୀକୃଷ୍ଣଚରଣ ତୁଳସୀ । ତା'ର ରସନା ତେଣେ ରସି ।।୪୬
ଚରଣ ଯୁଗ କରେ ନିତ୍ୟେ । କୃଷ୍ଣ ମନ୍ଦିରେ ଉପଗତେ ।।୪୭
ବିଷ୍ଣୁ ଚରଣେ ନମସ୍କାର । ଶିର କରଇ ନିରନ୍ତର ।।୪୮
ଚିତ୍ତ କରଇ ଦାସପଣେ । ବୈଷ୍ଣବ ଚରଣ ସେବନେ ।।୪୯
ହରି-ଭକତ-ଜନେ ରତି । ନିରତେ କରେ ତା'ର ମତି ।।୫୦
ଦେହ ବିଷୟ ତା'ର ଯେତେ । କରଇ ହରିଭାବ ନିତ୍ୟେ ।।୫୧
ବିପ୍ର ଦେବତା ପାଦେ ସେବେ । ପ୍ରଜାଙ୍କୁ ଦେଖେ ବିଷ୍ଣୁଭାବେ ।।୫୨

ସକଳ ସମ୍ପଦ ପ୍ରସିଦ୍ଧି । ଭିଆଇ କରେ ଅଶ୍ୱମେଧି ।।୫୩
ବିପ୍ରଚରଣ ଦାନେ ପୂଜେ । ଯେ ଅଧିଯଜ୍ଞ ବିଧି ଭଜେ ।।୫୪
ଅସିତ ବଶିଷ୍ଠ ଗୌତମ । ସଙ୍ଗତେ ଘେନି ମୁନିଗଣ ।।୫୫
ବିପ୍ର-ସେବନ ଅନୁମତେ । ସରସ୍ୱତୀର ଅଭିସ୍ରୋତେ ।।୫୬
ତାହାର ଯଜ୍ଞସଭା ମଧ୍ୟେ । ତ୍ରିଦଶେ ଅତ୍ୟନ୍ତ ଆନନ୍ଦେ ।।୫୭
ମୁନି-ବ୍ରାହ୍ମଣ ମଧ୍ୟେ ବସି । ନିତ୍ୟେ ଯଜ୍ଞକୁ ପରଶଂସି ।।୫୮
ଦେବ-ମନୁଷ୍ୟ ସଭାଗତେ । ସର୍ବେ ଦିଶନ୍ତି ଏକମତେ ।।୫୯
ଦେବେ ସେ ସଭାମଧ୍ୟେ ଥା'ନ୍ତି । ସ୍ୱର୍ଗ-ଗମନ ନ ବାଞ୍ଛନ୍ତି ।।୬୦
କୃଷ୍ଣକୀର୍ତ୍ତନ ସଭା ମଧ୍ୟେ । ସକଳେ ଶୁଣନ୍ତି ଆନନ୍ଦେ ।।୬୧
ସ୍ୱର୍ଗର ପ୍ରାୟ ମହୀ ଦିଶେ । ଅଷ୍ଟମନିଧି ଯହିଁ ବସେ ।।୬୨
ଏମନ୍ତ ଭକ୍ତିଯୋଗ ବଳେ । ସେ ରାଜା ସରସ୍ୱତୀ କୂଳେ ।।୬୩
ସ୍ୱଧର୍ମେ ବିଷ୍ଣୁଙ୍କୁ ତୋଷିଲା । ସର୍ବକାମନା ଉପେକ୍ଷିଲା ।।୬୪
ଗୃହ ସମ୍ପଦ ଦାରା ସୁତ । ଜ୍ଞାତି ବାନ୍ଧବ ଇଷ୍ଟ ମିତ୍ର ।।୬୫
ରାଜସମ୍ପଦ ଆଦି ଯେତେ । ଯେ ଅଶ୍ୱ କୁଞ୍ଜର ସହିତେ ।।୬୬
ଅପରେ ଦିବ୍ୟବସ୍ତୁ ଯେତେ । ଇଚ୍ଛା ନ କରେ ତା'ର ଚିତ୍ତେ ।।୬୭
ନିରତେ ଗୋବିନ୍ଦ ଚରଣେ । ମନନିବେଶେ ଅନୁକ୍ଷଣେ ।।୬୮
ତାହାର ଶୁଦ୍ଧଚିତ୍ତ ଜାଣି । ଚକ୍ରକୁ ରାଇ ଚକ୍ରପାଣି ।।୬୯
ବୋଇଲେ ଅମ୍ବରୀଷ ମେଳେ । ତୁ ଚକ୍ର ଥିବୁ ସର୍ବକାଳେ ।।୭୦
ଏହାକୁ ରଖ ନିରନ୍ତରେ । ଯେମନ୍ତେ ସର୍ବଦୁଃଖୁଁ ତରେ ।।୭୧
ଏମନ୍ତେ ବିଷ୍ଣୁ ଆଜ୍ଞା ପାଇ । ସେ ଚକ୍ର ରକ୍ଷାକଲା ଯାଇ ।।୭୨
ସେ ରାଜା ପତ୍ନୀର ସମେତେ । ଉପାସେ ଏକାଦଶୀ ବ୍ରତେ ।।୭୩
କାର୍ତ୍ତିକ ଶୁକ୍ଳପକ୍ଷେ ହରି । ପୂଜିଲା ଉପବାସ କରି ।।୭୪
ପ୍ରଭାତ କାଳେ ମଧୁବନେ । କାଳନ୍ଦୀକୂଳେ ଏକଧ୍ୟାନେ ।।୭୫
ଆନନ୍ଦେ ପତ୍ନୀର ସମେତେ । ବିଷ୍ଣୁ ପୂଜିଲା ଦୃଢ଼ଚିତ୍ତେ ।।୭୬
ଦ୍ରବ୍ୟ ସମ୍ପାଦି ଅତିରେକେ । ପୂଜିଲା ମହାଅଭିଷେକେ ।।୭୭
ଉତ୍ତମ ବସ୍ତ୍ର ଅଳଙ୍କାର । ସୁଗନ୍ଧମାଲ୍ୟ ଉପହାର ।।୭୮
ସଙ୍ଗତେ ଘେନି ନିଜନାରୀ । ଏକାନ୍ତ ଭାବେ ପୂଜା କରି ।।୭୯
ଉତ୍ତମ ବ୍ରାହ୍ମଣ ବସାଇ । ସୁନ୍ଦର ଧେନୁମାନ ଦେଇ ।।୮୦



ଧେନୁକୁ କରି ଅଳଙ୍କାର । ସୁବର୍ଣ୍ଣ ଶୃଙ୍ଗ ରୌପ୍ୟ ଖୁର ।।୮୧
ବିବିଧ ବସ୍ତ୍ର ମଣ୍ଡି ଅଙ୍ଗେ । ଗନ୍ଧାଦି ଧୂପଦୀପ ସଙ୍ଗେ ।।୮୨
ପୃଷ୍ଠ-ପାରୁଷେ ତାମ୍ର କାଂସ୍ୟେ । ଧେନୁକୁ ମଣ୍ଡିଲା ହରଷେ ।।୮୩
ସୁଶୀଳା ବତ୍ସା ପୟୋସ୍ୱିନୀ । ମଣ୍ଡିଲା ଅଳଙ୍କାର ଘେନି ।।୮୪
ବିପ୍ର ବସାଇ ବାକ୍ୟ କଲା । ବତ୍ସା ସହିତେ ଧେନୁ ଦେଲା ।।୮୫
ସୁସ୍ୱାଦୁ ଅନ୍ନ ଷଡ଼ରସେ । ବିପ୍ରଙ୍କୁ ଭୁଞ୍ଜାଇ ସନ୍ତୋଷେ ।।୮୬
ବିପ୍ରଙ୍କ ପାଦଯୁଗେ ଲାଗି । ପାରଣା ଅର୍ଥେ ଆଜ୍ଞା ମାଗି ।।୮୭
ଉଦ୍ୟମ କଲା ନରପତି । ଏମନ୍ତେ ମିଳିଲା ଅତିଥି ।।୮୮
ଦୁର୍ବାସା ଶଂକରଙ୍କ ଅଂଶେ । ଯାହାଙ୍କୁ ଦେଖି ଦେବେ ତ୍ରାସେ ।।୮୯
ତାହାଙ୍କୁ ଦେଖି ନୃପମଣି । ଆସନ ପାଦାସନ ଆଣି ।।୯୦
ପୂଜିଲା ଅତିଥି ସ୍ୱଭାବେ । ଆନନ୍ଦେ ଅତି ଗଉରବେ ।।୯୧
ପୁଣି ଚରଣ ତଳେ ପଡ଼ି । ରାଜା ବୋଲଇ କରଯୋଡ଼ି ।।୯୨
ଭୋ ମୁନି ପାରଣା ମୋହର । ମୋ ଗୃହେ କର ତୁ ଆହାର ।।୯୩
ତକ୍ଷଣେ ଅମ୍ବରୀଷ ବୋଲେ । ଦୁର୍ବାସା ଅଙ୍ଗୀକାର କଲେ ।।୯୪
ଆନନ୍ଦ ମନେ ଧ୍ୟାନ କରି । କାଳିନ୍ଦୀ ଜଳେ ମୋଦ ଭରି ।।୯୫
ବିଳମ୍ବେ ସ୍ନାନ-ସନ୍ଧ୍ୟା କଲେ । ନିଶ୍ଚିନ୍ତେ ବସି ନଦୀକୂଳେ ।।୯୬
ଏବେ ହେ ଶୁଣ ନୃପମଣି । ରାଜା ବିଷାଦ-ମନେ ଗୁଣି ।।୯୭
ପାରଣା ହୋଇଲା ଉଚ୍ଛୁର । ଅତିଥି ନଇଲା ମୋହର ।।୯୮
କେମନ୍ତେ କରିବି ଭୋଜନ । ଅବଜ୍ଞା କରି ମହାଜନ ।।୯୯
ଅର୍ଦ୍ଧ ମୁହୂର୍ତ୍ତେ ଅଛି ବେଳ । ଯଥାର୍ଥ ପାରଣାର କାଳ ।।୧୦୦
ଉଚ୍ଛୁର ପାରଣାର ବେଳା । ମୋତେ ତ ସଙ୍କଟ ପଡ଼ିଲା ।।୧୦୧
ଯେ କର୍ମ କଲେ ସାଧୁବାଣୀ । ରାଜା ବିଚାରେ ମନେ ଗୁଣି ।।୧୦୨
ଲୋକେ ବୋଲିବେ ମୋତେ ଶୁଣି । ଅଧର୍ମ କଲା ନୃପମଣି ।।୧୦୩
ପାରଣା କଲେ ବେଦମତେ । ଅଧର୍ମ ନ ଲାଗିବ ମୋତେ ।।୧୦୪
ଜଳ ଗଣ୍ଡୂଷେ କରି ପାନ । ଅତିଥି କରାଇ ଭୋଜନ ।।୧୦୫
ପଛେ ମୁଁ କରିବି ଆହାର । ଏତେ ବିଚାରି ନୃପବର ।।୧୦୬
ଜଳ ପାରଣା ଅପାରଣ । ଏ ଆଦି ନିଗମ ବଚନ ।।୧୦୭
ବିଚାରି ବ୍ରାହ୍ମଣଙ୍କ ତୁଲେ । ଜଳ ଗଣ୍ଡୂଷେ ପାନ କଲେ ।।୧୦୮

ତକ୍ଷଣେ ଜଳପାନ କରି । ଭୟେ ସୁମରେ ହରିହରି ।।୧୦୯
ଦୁର୍ବାସା ଆଗମନ ଚାହିଁ । ରାଜା ରହିଲେ ତୋଷ ହୋଇ ।।୧୧୦
ଦୁର୍ବାସା ଯମୁନାର କୂଳେ । ସ୍ୱକର୍ମ ସାରି ସାୟଂକାଳେ ।।୧୧୧
ମିଳିଲେ ଅମ୍ବରୀଷ ପାଶେ । ପାରଣା କରିବାର ଆଶେ ।।୧୧୨
ନୃପତି କରି ବହୁମାନ୍ୟ । ବୋଲଇ କରିବା ଭୋଜନ ।।୧୧୩
ଏମନ୍ତ ଅମ୍ବରୀଷ ବାଣୀ । ଦୁର୍ବାସା ମନେ ମନେ ଗୁଣି ।।୧୧୪
ସ୍ୱାଭାବେ ସର୍ବଜ୍ଞାତା ପୁଣ । ଜାଣିଲେ କଲା ଏ ପାରଣ ।।୧୧୫
ରାଜାର ବଦନକୁ ଚାହିଁ । ବୋଲନ୍ତି କୋପଭର ହୋଇ ।।୧୧୬
ତୁ ଅନାଦର କରି ମୋତେ । ଜଳ ଯେ ଭକ୍ଷିଲୁ ଯୁଗତେ ।।୧୧୭
ଅତିଥି କଲୁ ଅବହେଳା । ଭୁଞ୍ଜିଲୁ ପାରଣାର ବେଳା ।।୧୧୮
ତୁ ଯେ ଅବଜ୍ଞା କଲୁ ମୋତେ । ଉଚ୍ଛିଷ୍ଟ ଭୁଞ୍ଜିବି କେମନ୍ତେ ।।୧୧୯
ତୁ ମୋତେ କଲୁ ଅବହେଳ । ଭୁଞ୍ଜ ଏ ଅଧର୍ମର ଫଳ ।।୧୨୦
ଏମନ୍ତ ବୋଲି କୋପଭରେ । ଜଟା ଉପାଡ଼ି ନିଜ କରେ ।।୧୨୧
ଭ୍ରୂକୁଟୀ କୁଟୀଳ ଲୋଚନ । ରାଜାଙ୍କୁ ବୋଲନ୍ତି ବଚନ ।।୧୨୨
ଦେଖ ଏ ନୃପତିର ଗତି । ସମ୍ପଦେ ହୋଇ ମୂଢ଼ମତି ।।୧୨୩
ଧର୍ମେ ବଞ୍ଚିତ ବିଷ୍ଣୁ ଭକ୍ତେ । ବୋଲେ ମୁଁ ଈଶ୍ୱର ସାକ୍ଷାତେ ।।୧୨୪
ଅତିଥି-ମତେ ପୂଜା କଲା । ପାରଣା ଅର୍ଥେ ନିମନ୍ତ୍ରିଲା ।।୧୨୫
ଭିକ୍ଷା ନ ଦେଇ ଆଗ ମୋତେ । ପାରଣା କଲା ଏ ଯୁଗତେ ।।୧୨୬
ମୋତେ ଯେ କଲା ଅବହେଳ । ସ୍ୱଦେହେ ଭୁଞ୍ଜୁ ତା'ର ଫଳ ।।୧୨୭
ଜଟାକୁ ଚାହିଁ ଆଜ୍ଞା ଦେଲେ । ଅନଳ ହୁଅ ତୁ ବୋଇଲେ ।।୧୨୮
ତକ୍ଷଣେ ହୁଁକାର କରାଳ । ଉଠିଲା କୃତିହା ଅନଳ ।।୧୨୯
ତେଜେ ଆଚ୍ଛାଦେ ଦଶଦିଶ । ପବନ ବହେ ଅଣଚାଷ ।।୧୩୦
ଧୂମ ପୂରିତ ଶୂନ୍ୟ ମଧ୍ୟେ । ବେଗେ ଧାଇଁଲା ଘୋରନାଦେ ।।୧୩୧
ପ୍ରଳୟାଳନ ପ୍ରାୟେ ହୋଇ । ମିଳିଲା ରାଜା ଆଗେ ଯାଇ ।।୧୩୨
ଜଳନ୍ତା ଖଡ଼୍ଗ କରେ ଧରି । ମିଳିଲା ଘୋରନାଦ କରି ।।୧୩୩
ଭୂମି କମ୍ପଇ ପାଦଘାତେ । ପର୍ବତ ଉଡ଼େ ଶ୍ୱାସ ବାତେ ।।୧୩୪
ଦେଖି ତାହାର ତେଜ କଳା । ରାଜା ଚରଣେ ନ ଘୁଞ୍ଚିଲା ।।୧୩୫
ତା'ର ବଦନ ରାଜା ଚାହିଁ । ମନେ ଚିନ୍ତିଲେ ଭାବଗ୍ରାହୀ ।।୧୩୬



ତକ୍ଷଣେ ବିଷ୍ଣୁଚକ୍ର ଆସି । କୋଟିଏ ସୂର୍ଯ୍ୟ ପ୍ରାୟେ ଦିଶି ।।୧୩୭
କୃତିହା ଅନଳ ଉପରେ । ପଡ଼ିଲା ମହାନାଦ ଭରେ ।।୧୩୮
ତକ୍ଷଣେ ଅନଳ ଲିଭିଲା । ଦିଗ-ଆକାଶ ପ୍ରକାଶିଲା ।।୧୩୯
ସୁଦରଶନ ତେଜ ଦେଖି । ଦୁର୍ବାସା ଭୟେ ବୁଜେ ଆଖି ।।୧୪୦
ବଦନେ ଦେଇ ବେନିକର । ଭୟେ କମ୍ପଇ ଥରହର ।।୧୪୧
ସଂଭ୍ରମେ ଚାହିଁ ନ ପାରିଲା । ଜୀବନ ଭୟେ ପଳାଇଲା ।।୧୪୨
ତା'ର ଭାଜିବା ଦେଖି ପଛେ । ଚକ୍ର ଧାଇଁଲା ଅନ୍ତରୀକ୍ଷେ ।।୧୪୩
ମଣ୍ଡୁକ ଦେଖି ସର୍ପ ଯେହ୍ନେ । ଧାମଇଁ ଗର୍ଜିତ ବଦନେ ।।୧୪୪
ଦୁର୍ବାସା ଦଶଦିଶ ଚାହିଁ । ଭୟେ ନ ପାରଇ ପଳାଇ ।।୧୪୫
ପଶିଲା ମେରୁ-ଗୁହା ମଧ୍ୟେ । ସୁଦରଶନ ପଛେ ଖେଦେ ।।୧୪୬
ଦିଶ-ଆକାଶ-ଭୂମି ଗତେ । ବିବର-ସମୁଦ୍ର-ସହିତେ ।।୧୪୭
ଦିଗପାଳଙ୍କ ପୁରେ ଲୁଚେ । ଚକ୍ରକୁ ଦେଖେ ପଛେପଛେ ।।୧୪୮
ଯହୁଁ ଯହିଁକି ଧାମେ ବେଗେ । ସୁଦରଶନ ପଛେ ଲାଗେ ।।୧୪୯
ସୁଦରଶନ ତେଜ ଦେଖି । କେହି ନ ପାରେ ତା'କୁ ରଖି ।।୧୫୦
କେଣେ ହେଁ ଠାବ ନ ପାଇଲା । ସତ୍ୟଲୋକକୁ ପଳାଇଲା ।।୧୫୧
ଶୂନ୍ୟେ ପଳାନ୍ତେ ମନଦୁଃଖେ । ଭୟେ ପଶିଲା ବ୍ରହ୍ମଲୋକେ ।।୧୫୨
ବ୍ରହ୍ମାର ସମୀପେ ମିଳିଲା । ଶରଣ ସମ୍ଭାଳ ବୋଇଲା ।।୧୫୩
ବିଧାତା ରଖ ମୋ'ର ପ୍ରାଣ । ତୁମ୍ଭରେ ପଶିଲି ଶରଣ ।।୧୫୪
ଏମନ୍ତେ ମୁନିବାକ୍ୟ ଶୁଣି । ଉଚ୍ଚେ କହନ୍ତି କୁଶପାଣି ।।୧୫୫

## ବ୍ରହ୍ମା ଉବାଚ

କଳାସ୍ୱରୂପୀ ଯେ ଈଶ୍ୱର । ଭ୍ରୂଭଙ୍ଗ ମାତ୍ରେ ଯା' ସଂସାର ।।୧୫୬
ମୁଁ ବ୍ରହ୍ମା ଈଶ୍ୱର ସହିତେ । ଭୃଗୁ ଦକ୍ଷାଦି ମୁନି ଯେତେ ।।୧୫୭
ପ୍ରଜା ଈଶ୍ୱର ଭୂତେଶ୍ୱର । ଦେବ ସହିତେ ସୁରେଶ୍ୱର ।।୧୫୮
ସେ ହରି ଆଜ୍ଞା ଶିରେ ଧରି । ଯେଝା ବିଷୟେ ଅଧିକାରୀ ।।୧୫୯
ଅଛୁଁ ସଂସାର ଲୋକହିତେ । ତା' ରିପୁ ରଖିବୁଁ କେମନ୍ତେ ।।୧୬୦
ଏମନ୍ତ ବିଧାତା ବଚନ । ଶୁଣି ଦୁର୍ବାସା ଛନଛନ ।।୧୬୧
ତହୁଁ ଚଳିଲା ମନଦୁଃଖେ । ବେଗେ ପଶିଲା ଶିବଲୋକେ ।।୧୬୨
ଶଙ୍କର ଚରଣେ ପଡ଼ିଲା । ଶରଣ ସମ୍ଭାଳ ବୋଇଲା ।।୧୬୩

ଦୁର୍ବାସା ବାକ୍ୟ ଶୁଣି ହର । ସଂଭ୍ରମେ ବୋଲନ୍ତି ଉତ୍ତର ।।୧୬୪

## ଶଙ୍କର ଉବାଚ

ଶୁଣ ଦୁର୍ବାସା ତୋତେ କହୁଁ । ଆମ୍ଭେ ଯାହାର ଆଜ୍ଞା ବହୁଁ ।।୧୬୫
ବ୍ରହ୍ମାଣ୍ଡ ପାଳନ ପ୍ରକାଶେ । ଯେବା ବିଷୟ ଜୀବକୋଷେ ।।୧୬୬
କାଳର ବଳେ ଦୃଶ୍ୟାଦୃଶ୍ୟ । ଭ୍ରମନ୍ତି ସେ ଯୋନି ଅଶେଷ ।।୧୬୭
ତାହାଙ୍କ ମଧ୍ୟେ ଆମ୍ଭେ ଭ୍ରମି । ଗତ ଆଗତେ ପଥଶ୍ରମୀ ।।୧୬୮
ମୋ' ସଙ୍ଗେ ବ୍ରହ୍ମାଦିକୁମର । ନାରଦ ବ୍ରହ୍ମ ମୁନିବର ।।୧୬୯
କପିଳ ଦେବଳ ଆସୁରି । ଧର୍ମ ମରୀଚି ଆଦି କରି ।।୧୭୦
ଯେ ଅନ୍ୟ ସିଦ୍ଧ ମୁନିଜନ । ବେଦାନ୍ତ ପାର ଦରଶନ ।।୧୭୧
ଜାଣି ନ ପାରେ ତା'ର ମାୟା । ନିରତେ ଭ୍ରମାଏ ବିଷୟା ।।୧୭୨
ସେ ବିଷ୍ଣୁଚକ୍ର ନିବାରଣେ । ସମର୍ଥ ଅଛି କେ ଶରଣେ ।।୧୭୩
ତୁ ଏବେ ଚଳ ବିଷ୍ଣୁପୁର । ହରି ଚରଣେ ଆଶ୍ରେକର ।।୧୭୪
ସେ ତୋତେ ରଖିବେ ଶରଣ । ଅନ୍ୟଥା ନାହିଁ ପରିତ୍ରାଣ ।।୧୭୫
ଦୁର୍ବାସା ମହେଶ ବଚନେ । ପଶିଲା ବିଷ୍ଣୁର ଭୁବନେ ।।୧୭୬
ଲକ୍ଷ୍ମୀ ସହିତେ ଯହିଁ ହରି । ଅଛନ୍ତି ଗୃହାଶ୍ରମ କରି ।।୧୭୭
ବିଷ୍ଣୁର ଚକ୍ର-ତେଜ ଭରେ । ଘର୍ମ-ଭୂଷିତ କଳେବରେ ।।୧୭୮
ଦୁର୍ବାସା ଶୋକ ଗଦଗଦେ । ପଡ଼ିଲା ବିଷ୍ଣୁ-ପଦ୍ମପାଦେ ।।୧୭୯
କାତରେ କମ୍ପଇ ଶରୀର । ଡାକଇ ପ୍ରଭୁ ରକ୍ଷାକର ।।୧୮୦
ଭୋ ନାଥ ଅନନ୍ତ ଅଚ୍ୟୁତ । ତୁ ସନ୍ଥଜନଙ୍କର ନାଥ ।।୧୮୧
ମୁଁ ତୋରେ ଅପରାଧ କରି । ଶରଣ ଗଲି ରଖ ହରି ।।୧୮୨
ମୁଁ ତୋ' ମହିମା ନ ଜାଣିଲି । ତେଣୁ ମୁଁ ସଙ୍କଟେ ପଡ଼ିଲି ।।୧୮୩
ତୋ'ର ସେବକେ ଅପରାଧ । କଲି ମୁଁ ରଖ ହେ ଗୋବିନ୍ଦ ।।୧୮୪
ତୋ'ର ଭକତ ତୋ'ର ଲୋକ । ମୋତେ ଏ ଚକ୍ରତେଜୁଁ ରଖ ।।୧୮୫
ଦୁର୍ବାସା ମୁଖ ଚାହିଁ ହରି । କହନ୍ତି ଅତି ମୋଦ ଭରି ।।୧୮୬

## ଭଗବାନ ଉବାଚ

ମୁଁ ଭକ୍ତଜନର ଅଧୀନ । ମୋ' ତହୁଁ ଭକ୍ତ ନୋହେ ଭିନ୍ନ ।।୧୮୭
ଭକତ ଦେହ-ପ୍ରାଣ ମୁହିଁ । ସେବଇଁ ପରିଚାର ହୋଇ ।।୧୮୮
ସାଧୁଙ୍କ ହୃଦେ ମୁଁ ବସଇ । ତା'ଙ୍କ ଭକତି-ଭାବ ବହି ।।୧୮୯



ତା'ଙ୍କ ଭକତି-ପ୍ରୀତି ମୋତେ । ଆନନ୍ଦ ଦେଉଥାଇ ଚିତ୍ତେ ।।୧୯୦
ଭକ୍ତଟି ମୋହର ଶରୀର । ତିଳେ ହେଁ ନାହିଁ ଅଭ୍ୟନ୍ତର ।।୧୯୧
ଭକ୍ତ ନିମନ୍ତେ ଦେହ ବହି । ସଂସାରେ ନାନା ରୂପ ହୋଇ ।।୧୯୨
ଅତ୍ୟନ୍ତ ପ୍ରିୟ ମୋ'ର ଭକ୍ତ । ମୁଁ ଭକ୍ତଜନଙ୍କର ହିତ ।।୧୯୩
ଏ କଥା ମୁନିଙ୍କ ସଙ୍ଗମେ । ଜାଣନ୍ତି ଆଗମ ନିଗମେ ।।୧୯୪
ତା' ତହୁଁ ପ୍ରିୟ କେହି ନାହିଁ । ଶୁଣ ଦୁର୍ବାସା ମନ ଦେଇ ।।୧୯୫
ଏକଥା ପରମ୍ପରା ବିଧି । ବେଦ-ପୁରାଣ ମାର୍ଗେ ସିଦ୍ଧି ।।୧୯୬
ଶରଣ ଯେ ମୋ'ର ଚରଣେ । ସମ୍ପଦ ତୁଚ୍ଛ ପ୍ରାୟେ ମଣେ ।।୧୯୭
ଦାରା ମନ୍ଦିର ସୁତ ଧନ । କେବେ ହେଁ ନ କଳ୍ପେ ତା' ମନ ।।୧୯୮
ଯେ ପ୍ରାଣ ଛାଡ଼େ ମୋ'ର ହିତେ । ମୁଁ ତା'କୁ ଛାଡ଼ିବି କେମନ୍ତେ ।।୧୯୯
ମୋ'ର ବିଷୟେ ଚିତ୍ତ ସ୍ଥାପେ । ମୋତେ ଦେଖନ୍ତି ଆତ୍ମା ରୂପେ ।।୨୦୦
ମୁଁ ତାକୁ ଦିଶେ ସର୍ବଭୂତେ । ହୃଦୟେ ଥାଏଁ ଅବିରତେ ।।୨୦୧
ଭକ୍ତିରେ ମୋତେ ବଶ କରି । ନିଜ ପୁରୁଷେ ଯେହ୍ନେ ନାରୀ ।।୨୦୨
ମୋ'ର ଚରଣ ନିତ୍ୟେ ଚିନ୍ତି । ଚତୁର୍ଦ୍ଧା ମୁକ୍ତି ନ ବାଞ୍ଛନ୍ତି ।।୨୦୩
ଜନ୍ମ-ମରଣ ତା'ର ନାହିଁ । ସ୍ଥିତି ସଂହାର ଆଉ କାହିଁ ।।୨୦୪
ମୋ'ର ହୃଦୟ ଭକ୍ତଜନ । ମୁହିଁ ଟି ତାହାଙ୍କ ଜୀବନ ।।୨୦୫
ମୋ' ତହୁଁ ନ ଜାଣନ୍ତି ଆନ । ମୁଁ ତା'ଙ୍କ ପ୍ରିୟ ଇଷ୍ଟ ଧନ ।।୨୦୬
ଏବେ ମୋ ଭକ୍ତ-ଅପରାଧେ । ସୁଦରଶନ ତୋତେ ବାଧେ ।।୨୦୭
ଯେ ମୋ'ର ଭକ୍ତକୁ ପୀଡ଼ନ୍ତି । ମୋ' ଚକ୍ର ତେଜେ ନାଶ ଯା'ନ୍ତି ।।୨୦୮
ବିପ୍ରେ ଯେ ତପ ବିଦ୍ୟା ବଳେ । ଶ୍ରେୟ କରନ୍ତି ଏ ଶୟଳେ ।।୨୦୯
ସେ ଯେବେ ଭକ୍ତକୁ ପୀଡ଼ନ୍ତି । ଉଭୟ ଲୋକ ନ ଲଭନ୍ତି ।।୨୧୦
ଏବେ ତୁ ଯାଆ ବେଗ ହୋଇ । ନାଭାଗ ପୁତ୍ର ଅଛି ଯହିଁ ।।୨୧୧
ତା'ରେ ଶରଣ ପଶ ଏବେ । ମୋ' ଚକ୍ରୁ ନିସ୍ତରିବୁ ଯେବେ ।।୨୧୨
ଗୋବିନ୍ଦ ଆଜ୍ଞା ପରମାଣେ । ଦୁର୍ବାସା ଗଲା ତତ୍କ୍ଷଣେ ।।୨୧୩
ହରିଭକତଙ୍କ ମହିମା । କେ କହିପାରେ ଗୁଣସୀମା ।।୨୧୪
ଭକ୍ତଚରଣ ସେବା ଫଳେ । ପ୍ରସନ୍ନ ହୋନ୍ତି ହରି ଭଲେ ।।୨୧୫
ସୁଜନେ ଚିନ୍ତ ହରିପାଦେ । ତରିବ ବିଷୟ ପ୍ରମାଦେ ।।୨୧୬
ବୋଲଇ ବିପ୍ର ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୨୧୭

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଚତୁର୍ଥୋଽଧ୍ୟାୟଃ ।।

# ପଞ୍ଚମ ଅଧ୍ୟାୟ

## ଶୁକ ଉବାଚ

ଏମନ୍ତେ ବିଷ୍ଣୁର ବଚନେ । ଦୂର୍ବାସା ଗଲେ ତୋଷମନେ ।।୧
ତକ୍ଷଣେ ଅମ୍ବରୀଷ ପାଦେ । ପଡ଼ିଲେ ଜୀବନ ପ୍ରମାଦେ ।।୨
ଚରଣ ତଳେ ତାଙ୍କୁ ଦେଖି । ସଂଭ୍ରମେ ଆସନ ଉପେକ୍ଷି ।।୩
ବିପ୍ର ଜୀବନ ରକ୍ଷା ଅର୍ଥେ । କର-ଅଞ୍ଜଳି ଦେଇ ମାଥେ ।।୪
ସୁଦରଶନ ମୁଖ ଚାହିଁ । ଡାକନ୍ତି କର ତ୍ରାହି ତ୍ରାହି ।।୫

## ଅମ୍ବରୀଷ ଉବାଚ

ଭୋ ଚକ୍ର ତୋ' ମହିମା ଯେତେ । କେ କହିପାରେ ଏ ଜଗତେ ।।୬
ତୁ ଅଗ୍ନି ତୁ ଆଦିତ୍ୟ ସୋମ । ସର୍ବଜ୍ୟୋତିଙ୍କ ଗୁଣଧାମ ।।୭
ତୁ ଆପ କ୍ଷିତି ବାୟୁରୂପୀ । ବ୍ୟୋମ ପ୍ରକାଶେ ସର୍ବବ୍ୟାପୀ ।।୮
ତୁ ତନମାତ୍ର ଇନ୍ଦ୍ରିଗଣ । ବିରାଜପୁରୁଷ କାରଣ ।।୯
ଭୋ ଚକ୍ର ତୋତେ ନମସ୍କାର । ସ୍ୱଭାବେ ତୁ ସହସ୍ର ଅର ।।୧୦
ବିଷ୍ଣୁର ନିଜ ପ୍ରିୟ ତୁହି । ତୋ' ଭାବ ନ ଜାଣନ୍ତି କେହି ।।୧୧
ସକଳ ଶସ୍ତ୍ରତେଜ ହରୁ । ତୋ'ର ମହିମା ମହାମେରୁ ।।୧୨
ତୁ ଲୋକପାଳ ସର୍ବଆତ୍ମା । ତୁ ତେଜ-ପୁରୁଷ ମହାତ୍ମା ।।୧୩
ତୁ ସର୍ବ-ଧର୍ମ-କର୍ମ-ହେତୁ । ଅଧର୍ମକୁଳ ଧୂମକେତୁ ।।୧୪
ତ୍ରୈଲୋକପାଳ ଶୁଦ୍ଧଚେତା । ମନହୁଁ ବେଗ ବଳବନ୍ତା ।।୧୫
ତୋହର ନିଜ ତେଜ ତ୍ରାସେ । ସଂସାର ଘୋରତମ ନାଶେ ।।୧୬
ଶ୍ରୁତି ତୋ' ମହିମା ନ ଜାଣେ । କେବଳ ପ୍ରକାଶ ପ୍ରମାଣେ ।।୧୭
ସଦଅସଦ ରୂପ ତୋ'ର । ବ୍ରହ୍ମାଶିବଙ୍କୁ ଆଗୋଚର ।।୧୮
ଦାନବ ବଳେ ନରହରି । ତୋତେ ପେଷନ୍ତି ବେଗକରି ।।୧୯
ତୁ ଦୈତ୍ୟବଳ ମଧ୍ୟେ ପଶି । ସକଳ ନିଜ ତେଜେ ଧ୍ୱଂସି ।।୨୦
ଅସୁର ରଣେ ତୋ'ର ତେଜ । ଦେଖି କମ୍ପଇ ଗ୍ରହରାଜ ।।୨୧
ଏଣୁ ଜଗତ ତ୍ରାଣ ଅର୍ଥେ । ଖଳ ବିନାଶେ ଧରି ହସ୍ତେ ।।୨୨
ତୋ' ବଳେ ବଳୀ ଗଦାଧର । ତୁ ଏବେ ମୋତେ ତ୍ରାହିକର ।।୨୩
ଏ ବିପ୍ର କୁଳଦେବ ମୋର । ଏହା ଜୀବନ ରକ୍ଷା କର ।।୨୪
ମୁଁ ଯେବେ ଦାନ ଯଜ୍ଞ କରି । ସ୍ୱଧର୍ମ ମାର୍ଗକୁ ଆଚରି ।।୨୫
ବ୍ରାହ୍ମଣ-ଚରଣକମଳେ । ଯେବେ ସେବନ ମୋ'ର କୁଳେ ।।୨୬



ଯେବେ ଗୋବିନ୍ଦ ପ୍ରୀତ ମୋତେ । ମୁଁ ସମେ ଦେଖେ ସର୍ବଭୂତେ ।।୨୭
ଏ ଧର୍ମେ ଯେବେ ମୋର ଦୀକ୍ଷା । ଏ ବିପ୍ର ପ୍ରାଣ ହେଉ ରକ୍ଷା ।।୨୮

## ଶୁକ ଉବାଚ

ଏମନ୍ତ ଶୁଣି ତା' ବଚନ । ବିଷ୍ଣୁର ଚକ୍ର ସୁଦର୍ଶନ ।।୨୯
ତକ୍ଷଣେ ନିଶାକର ପ୍ରାୟେ । ଶୀତଳ ଲାଗେ ବିପ୍ର ଦେହେ ।।୩୦
ଦୁର୍ବାସା ଜୀବନ ପାଇଲା । ସନ୍ତୋଷେ ଚକ୍ରକୁ ଚାହିଁଲା ।।୩୧
ଚକ୍ରକୁ ନମସ୍କାର କରି । ବୋଲେ ଦୁର୍ବାସା ବ୍ରହ୍ମଚାରୀ ।।୩୨

## ଦୁର୍ବାସା ଉବାଚ

ଦେଖ ଅନନ୍ତଦାସଙ୍କର । ମହାମହିମା ଅଗୋଚର ।।୩୩
ଅପ୍ରାଧ କଲେ ହେଁ ସହନ୍ତି । ବିଷ୍ଣୁଙ୍କୁ ସର୍ବଦେହେ ଚିନ୍ତି ।।୩୪
ସାଧୁ କି ଅବା ନ ଉପେକ୍ଷେ । ହରି ସକଳ ଦେହେ ଦେଖେ ।।୩୫
ଯା' ନାମ ସୁମରଣ ମାତ୍ରେ । ଦୁରିତ ନରହଇ ଗାତ୍ରେ ।।୩୬
ସେ ତୀର୍ଥପଦ ଦାସ ଯେତେ । ଦୁଃଖ ନାଶନ୍ତି ଏ ଜଗତେ ।।୩୭
ଯେଣୁ ରଖିଲୁ ମୋ' ଜୀବନ । ତୋ'ର ମହିମା ଧନ୍ୟ ଧନ୍ୟ ।।୩୮
ଏମନ୍ତ ବିପ୍ର ମୁଖୁଁ ଶୁଣି । କପୋଳେ ଦେଇ ବେନିପାଣି ।।୩୯

## ଅମ୍ବରୀଷ ଉବାଚ

ବୋଲେ ଦୁର୍ବାସା ମୁଖ ଚାହିଁ । ଭୋ ବିପ୍ର କର ମୋତେ ତ୍ରାହି ।।୪୦
ତୁ ଯେ ଅତିଥି ମୋ'ର କୁଳେ । ମିଳିଲୁ ପାରଣାର ବେଳେ ।।୪୧
ପାରଣା ଭୟେ ମୁଁ ଗୁପତେ । ଅପ୍ରାଧ କଲି ଦୁଷ୍ଟଚିତ୍ତେ ।।୪୨
ସେ ଅପରାଧ ମୋ ନ ଧର । ପାରଣା ମୋ'ର ଗୃହେ କର ।।୪୩
ଏମନ୍ତ ରାଜାର ବଚନେ । ପାରଣା କଲେ ତୋଷମନେ ।।୪୪
କଲ୍ୟାଣ କରି ଅମ୍ବରୀଷେ । ଅନେକ ମନର ହରଷେ ।।୪୫
ତକ୍ଷଣେ ଶୂନ୍ୟମାର୍ଗେ ଗଲେ । ବ୍ରହ୍ମାର ଭୁବନେ ମିଳିଲେ ।।୪୬
କହିଲେ ଅମ୍ବରୀଷ ବାଣୀ । ବ୍ରହ୍ମା ସନ୍ତୋଷ ତାହା ଶୁଣି ।।୪୭
ରାଜାକୁ କଲେ ଧନ୍ୟଧନ୍ୟ । ଏବେ ହୋ ଶୁଣସି ରାଜନ ।।୪୮
ସେ ଅମ୍ବରୀଷ ଦଣ୍ଡଧାରୀ । ପୁତ୍ରକୁ ରାଜ୍ୟେ ରାଜା କରି ।।୪୯
ହରିଚରଣେ ମନ ଦେଇ । ପଶିଲା ଘୋର ବନେ ଯାଇ ।।୫୦
ପ୍ରାଣ ଛାଡ଼ିଲା ତପବଳେ । ପଶିଲା ବିଷ୍ଣୁର ମଣ୍ଡଳେ ।।୫୧
ସେ ଅମ୍ବରୀଷର ଆଖ୍ୟାନ । ଯେ କରେ ଶ୍ରବଣ କୀର୍ତ୍ତନ ।।୫୨

ହରିଚରଣ ମନେ ଚିନ୍ତି । ଅନ୍ତେ ସେ ଗୋବିନ୍ଦେ ପଶନ୍ତି ।।୫୩
ସୁଜନେ ଅମ୍ବରୀଷ ବାଣୀ । ସଂସାରୁ ତର ଏହା ଶୁଣି ।।୫୪
ଅମୃତ ରସମୟବାଣୀ । ଭକତ ମହିମା ବଖାଣି ।।୫୫
ବୋଲଇ ବିପ୍ର ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୫୬

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ପଞ୍ଚମୋଽଧ୍ୟାୟଃ।।

## ଷଷ୍ଠ ଅଧ୍ୟାୟ

### ଶୁକ ଉବାଚ

ଏବେ ହୋ ଶୁଣ ନରନାଥ । କହିବା ବଂଶାନୁଚରିତ ।।୧
ସେ ଅମ୍ବରୀଷ ପୁତ୍ର ତିନି । ବିରୂପ ଶମ୍ଭୁ କେତୁ ଘେନି ।।୨
ରୂପେ ଦିଶନ୍ତି ଅନୁପମ । ଅଶେଷ ଗୁଣେ ଗୁଣଧାମ ।।୩
ପୃଷଦଶ୍ୱ ବିରୂପ ପୁତ୍ର । ରଥୀତର ଯେ ତା’ର ସୁତ ।।୪
ସେ ରଥୀତର ଅପୁତ୍ରିକ । ଉପାୟ କଲା ସେ ଅନେକ ।।୫
କେବେହେଁ ପୁତ୍ର ତା’ ନୋହିଲା । ଅଙ୍ଗିରା ତୁଲେ ବିଚାରିଲା ।।୬
ବୋଇଲା ମୋ’ର ପତ୍ନୀ ଗର୍ଭେ । ସନ୍ତତି କର ତୁମ୍ଭେ ଭାବେ ।।୭
କ୍ଷତ୍ରଜ ପୁତ୍ର ହେଉ ମୋ’ର । ଅପୁତ୍ର ଦୁଃଖୁଁ କର ପାର ।।୮
ଏମନ୍ତ ରାଜାର ବଚନେ । ଅଙ୍ଗିରା କରି ଗର୍ଭାଧାନେ ।।୯
ଶତକୁମର ବ୍ରହ୍ମତେଜେ । ଜନ୍ମିଲେ ଅଙ୍ଗିରାର ବୀର୍ଯ୍ୟେ ।।୧୦
ସେ ପୁଣି ଅଙ୍ଗିର ହୋଇଲେ । କ୍ଷତ୍ରିୟ କ୍ଷେତ୍ର ଉପୁଜିଲେ ।।୧୧
ପୁଣି ମନୁର ଘ୍ରାଣୁଁ ଜାତ । ଇକ୍ଷ୍ୱାକୁ ନାମେ ହୋଏ ସୁତ ।।୧୨
ସେ ଇକ୍ଷ୍ୱାକୁର ବଂଶ ଯେତେ । କହିବା ଶୁଣ ଏକଚିତ୍ତେ ।।୧୩
ହୋଇଲେ ଶତେକ କୁମର । ତାହାଙ୍କ ମଧ୍ୟେ ବଂଶଧର ।।୧୪
ବିକୁକ୍ଷି ନିମି ଦଣ୍ଡ ନାମ । ଅତି ପ୍ରଶସ୍ତ ଗୁଣଗ୍ରାମ ।।୧୫
ଏ ତିନିପୁତ୍ର ଆଦି ଯେତେ । ରାଜା ହୋଇଲେ ଏ ଜଗତେ ।।୧୬
ପୂର୍ବେ ପଚିଶ ତା’ର ପୁତ୍ରେ । ରାଜା ହୋଇଲେ ଆର୍ଯ୍ୟାବର୍ତ୍ତେ ।।୧୭
ପଶ୍ଚିମେ ତା’ର ପଞ୍ଚବିଂଶେ । ଜ୍ୟେଷ୍ଠ ତିନିହେଁ ମଧ୍ୟଦେଶେ ।।୧୮
ଅପରେ ଦକ୍ଷିଣ ଉତ୍ତର । ଏବେ ହୋ ଶୁଣ ନୃପବର ।।୧୯
ଏମନ୍ତେ ପୁତ୍ରେ ପୁତ୍ରେ ତା’ର । ପୃଥିବୀ ଭାଙ୍ଗେ ନୃପବର ।।୨୦



ହେଲେ ସେ ନୃପତିକେଶରୀ । ତଦନ୍ତେ ଶୁଣ ଦଣ୍ଡଧାରୀ ।।୨୧
ଇକ୍ଷ୍ୱାକୁ ପିତୃଶ୍ରାଦ୍ଧ ଦିନେ । ବିକୁକ୍ଷି ରାଇ ସନ୍ନିଧାନେ ।।୨୨
ବୋଇଲେ ବନ ପଶୁଗଣ । ମୋ ପିତୃଶ୍ରାଦ୍ଧ ଅର୍ଥେ ଆଣ ।।୨୩
ତକ୍ଷଣେ ପିତା ଆଜ୍ଞା ପାଇ । ପଶିଲା ଘୋରବନେ ଯାଇ ।।୨୪
ଶବରଗଣ ତୁଲେ ଗଲା । ଅନେକ ପଶୁ ବଧକଲା ।।୨୫
ଶ୍ରାଦ୍ଧକୁ ଯୋଗ୍ୟ ଯେତେ ମାଂସ । ତାହାଙ୍କ ମଧ୍ୟେ ଏକ ଶଶ ।।୨୬
ଅରଣ୍ୟେ ପଥଶ୍ରମ ପାଇ । କ୍ଷୁଧାର୍ତ୍ତେ ଚଳି ନ ପାରଇ ।।୨୭
ଶଶା ଗୋଟିଏ ପତ୍ରେ ପୋଡ଼ି । ମାଂସ ଭକ୍ଷିଲା ଧର୍ମ ଛାଡ଼ି ।।୨୮
ଶେଷ ଯେତେକ ପଶୁ ଥିଲା । ପିତା ସମୀପେ ନେଇ ଦେଲା ।।୨୯
ସେ ପୁଣ ବଶିଷ୍ଠଙ୍କୁ ଆଣି । ଆନନ୍ଦେ ବୋଲେ ନୃପମଣି ।।୩୦
ଏ ପଶୁ ମାଂସେ ଶ୍ରାଦ୍ଧକର । ଏମନ୍ତ ଶୁଣି ମୁନିବର ।।୩୧
ବଶିଷ୍ଠ ରାଜା ବାକ୍ୟ ଶୁଣି । ସେ କଥା ଯୋଗବଳେ ଜାଣି ।।୩୨
ବୋଇଲେ ରାଜାମୁଖ ଚାହିଁ । ପ୍ରୋକ୍ଷଣେ ଯୋଗ୍ୟ ଏ ନୁହଇ ।।୩୩
ଦେବତା-ପିତୃଅର୍ଥେ ମାଂସ । କେମନ୍ତେ ଦେବି ଅବଶେଷ ।।୩୪
ତୋ’ର କୁମର କ୍ଷୁଧା ଅର୍ଥେ । ଶଶାଏ ଭକ୍ଷିଲା ବନସ୍ତେ ।।୩୫
ବନେ ଭକ୍ଷିଲା ଅଗ୍ରଭାଗ । ଏ ମାଂସ ଶ୍ରାଦ୍ଧେନୋହେ ଯୋଗ୍ୟ ।।୩୬
ଏମନ୍ତେ ଗୁରୁବାକ୍ୟ ଶୁଣି । କୋପେ ବୋଲଇ ନୃପମଣି ।।୩୭
ଏ ପୁତ୍ର ପାପିଷ୍ଠ-ପାମର । ଏହାକୁ ରାଜ୍ୟୁ ଦୂର କର ।।୩୮
ତକ୍ଷଣେ ରାଜାର ବଚନେ । ପୁରୁଁ ବାହାର କଲେ ଜନେ ।।୩୯
ସେ ପୁଣ ବିପ୍ରଙ୍କ ଚରଣେ । ସେବା କରଇ ଅନୁକ୍ଷଣେ ।।୪୦
ପିତାର ଅନ୍ତେ ରାଜା ହେଲା । ଶଶାଦ ନାମ ସେ ପାଇଲା ।।୪୧
ପୃଥିବୀ ଶାସନ ସେ କଲା । ଯଜ୍ଞେ ହରିଙ୍କୁ ଆରାଧିଲା ।।୪୨
ଶଶାଦ ପୁତ୍ର ପୁରଞ୍ଜୟ । ନାମ ତା’ ହୋଏ ଇନ୍ଦ୍ରବାହ ।।୪୩
ପରୋପକାରେ ଧର୍ମ କଲା । କକୁସ୍ଥ ନାମ ସେ ବହିଲା ।।୪୪
ଏମନ୍ତେ ଶୁକବାକ୍ୟ ଶୁଣି । ବୋଲେ ପରୀକ୍ଷ ନୃପମଣି ।।୪୫
କକୁସ୍ଥ ନାମ ତା’ କେମନ୍ତେ । ଏ କଥା କହ ମୁନି ମୋତେ ।।୪୬

### ଶୁକ ଉବାଚ

ମୁନି ବୋଲନ୍ତି ଶୁଣ ରାୟେ । ଦେବେ ଯେ ଅସୁରଙ୍କ ଭୟେ ।।୪୭
ଦେବ ଦାନବ କୃତ ଯୁଗେ । ଯୁଦ୍ଧ ଆରମ୍ଭ କଲେ ରଙ୍ଗେ ।।୪୮

ଗୁରୁଙ୍କୁ ପୁଚ୍ଛିଲେ ଦୈବତେ । ସଂଗ୍ରାମେ ଜିଣିବୁ କେମନ୍ତେ ।।୪୯
ବୋଲଇ ଅଙ୍ଗିରା କୁମର । ପୁରଞ୍ଜୟକୁ ଯୋଦ୍ଧା କର ।।୫୦
ତା'ର ନାରାଚେ ରିପୁଗଣେ । ବେଗେ ଭାଜିବେ ଘୋରରଣେ ।।୫୧
ଶୁଣି ବିବୁଧେ ତୋଷ ହେଲେ । ପୁରଞ୍ଜୟକୁ ନିମନ୍ତ୍ରିଲେ ।।୫୨
ସେ ପୁଣି ଦେବବାକ୍ୟ ଶୁଣି । କପାଳେ ଦେଇ ବେନିପାଣି ।।୫୩
ବୋଲଇ ଇନ୍ଦ୍ର କନ୍ଧେ ବସି । ସଂଗ୍ରାମ କରିବି ସାହସି ।।୫୪
ନୋହିଲେ ଯୁଦ୍ଧ ନାହିଁ ମୋ'ର । ଏମନ୍ତ ଶୁଣି ତା' ଉତ୍ତର ।।୫୫
ହେଉ ବୋଇଲେ ସୁରଗଣେ । ଇନ୍ଦ୍ର ମିଳିଲେ ତତ୍କ୍ଷଣେ ।।୫୬
ସଂଗ୍ରାମେ ବୃଷରୂପ ହୋଇ । ପୁରଞ୍ଜୟ କନ୍ଧେ ଆରୋହି ।।୫୭
ସ୍ତୁତି କରନ୍ତି ଦେବଗଣେ । ସେ ପୁରଞ୍ଜୟ ଘୋରରଣେ ।।୫୮
ଅଭେଦ-ସେହ୍ନା ଦେହେ ଭରି । ଧନୁ-ନାରାଚ ହସ୍ତେ ଧରି ।।୫୯
ନିର୍ଭୟେ ଇନ୍ଦ୍ରକନ୍ଧେ ରହି । ତକ୍ଷଣେ ବିଷ୍ଣୁତେଜ ବହି ।।୬୦
ପଶ୍ଚିମ ଦିଗେ ବେଗେ ଗଲା । ଅସୁର ଭୁବନେ ମିଳିଲା ।।୬୧
ରୁନ୍ଧିଲା ଦେବ ଘେନି ସାଥେ । ପବନ ନ ବହଇ ପଥେ ।।୬୨
ଦେବ-ଦାନବ ଘୋରରଣ । ହୋଇଲା ଲୋମହରଷଣ ।।୬୩
ଅସୁରେ ନାନାଶସ୍ତ୍ର ଧରି । ଧାଇଁଲେ ଘୋରନାଦ କରି ।।୬୪
ତାହାର ବାଣ ଅଗ୍ନି ପ୍ରାୟେ । ପଡ଼ିଲା ଅସୁରଙ୍କ ଦେହେ ।।୬୫
ସମରେ ରହି ନ ପାରିଲେ । ପଳାଇ ନିଜ ପୁରେ ଗଲେ ।।୬୬
ଅସୁରବଳ ରଣେ ଜିଣି । ସକଳ ଧନରତ୍ନ ଆଣି ।।୬୭
ଇନ୍ଦ୍ରକୁ ଦେଇ ସର୍ବଧନ । ତୋଷିଲା ବିବୁଧଙ୍କ ମନ ।।୬୮
ଇନ୍ଦ୍ରାଦି ଦେବେ ବିଷ୍ଣୁ ବୋଲେ । କକୁସ୍ଥ ନାମ ତା'କୁ ଦେଲେ ।।୬୯
ଏଣୁ ତା' ନାମ ଭୋ ରାଜନ । କହିଲୁ କଲୁ ଯେ ପ୍ରଶନ ।।୭୦
ତଦନ୍ତେ ଶୁଣ ଭୋ ରାଜନ । ବଂଶାନୁଚରିତ ବିଧାନ ।।୭୧
ଅନେନା ପୁରଞ୍ଜୟ ସୁତ । ପୃଥୁ ତାହାର ତହୁଁ ଜାତ ।।୭୨
ତା'ର ତନୟ ବିଶ୍ୱଗନ୍ଧି । ତା' ପୁତ୍ର ଚନ୍ଦ୍ର ନାମେ ସିଦ୍ଧି ।।୭୩
ତା' ସୁତ ଯୁବନାଶ୍ୱ ନାମ । ଶ୍ରାବସ୍ତ ତାହାର ନନ୍ଦନ ।।୭୪
ଶ୍ରାବସ୍ତୀପୁର ଯେ ନିର୍ମାଇ । ସପତଦ୍ୱୀପେ ରାଜା ହୋଇ ।।୭୫
ତା'ର କୁମର ବୃହଦଶ୍ୱ । ପବନୁଁ ବେଗ ଯାଇ ଅଶ୍ୱ ।।୭୬
ତା'ର ସୁତ କୁବଳୟାଶ୍ୱ । ଯେ ରାଜା ଉତଙ୍କେ ବିଶ୍ୱାସ ।।୭୭



ଏକ ବିଂଶ ସହସ୍ର ସୁତ । ତା'ଠାରୁ ହୋଇଲେ ସମ୍ଭୂତ ।।୭୮
ସେ ରାଜା ଉତଙ୍କର ହିତେ । ପୁତ୍ରଙ୍କୁ ଘେନିଣ ସଙ୍ଗତେ ।।୭୯
ସେ ଧୁନ୍ଧୁ ସଙ୍ଗେ ରଣ କରି । ରଣେ ତାହାର ପ୍ରାଣ ହରି ।।୮୦
ଧୁନ୍ଧୁ ଅସୁର ଯେଣୁ ବଧି । ତେଣୁ ଧୁନ୍ଧୁମାର ପ୍ରସିଦ୍ଧି ।।୮୧
ଧୁନ୍ଧୁ ମୁଖରୁ ଅଗ୍ନିଜ୍ୱାଳା । ପ୍ରଚଣ୍ଡ ଭାବେ ସେ ଜଳିଲା ।।୮୨
ସମସ୍ତେ ହେଲେ ଭସ୍ମୀଭୂତ । ରହିଲେ ମାତ୍ର ତିନିସୁତ ।।୮୩
ଦୃଢ଼ାଶ୍ୱ କପିଳାଶ୍ୱ ବେନି । ଭଦ୍ରାଶ୍ୱ ସହିତେ ସେ ତିନି ।।୮୪
ହର୍ଯ୍ୟଶ୍ୱ ଦୃଢ଼ାଶ୍ୱର ସୁତ । ତା' ତହୁଁ ନିକୁମ୍ଭ ସମ୍ଭୂତ ।।୮୫
ନିକୁମ୍ଭ ଠାରୁ ଯେ ଜନମ । ତାହାର ବହୁଳାଶ୍ୱ ନାମ ।।୮୬
କୃଶାଶ୍ୱ ନାମେ ତା'ର ସୁତ । ତା'ର ତନୟ ସେନଜିତ ।।୮୭
ତା' ସୁତ ଯବନାଶ୍ୱ ନାମେ । କେବେ ହେଁ ନରହିଲା ଗ୍ରାମେ ।।୮୮
ଅପୁତ୍ର ପଣେ ଦୁଃଖମନେ । ପତ୍ନୀ ସମେତେ ଗଲା ବନେ ।।୮୯
ଶତେକ ପତ୍ନୀ ତା'ର ତୁଲେ । ଋଷିଙ୍କ ଆଶ୍ରମେ ମିଳିଲେ ।।୯୦
ଦେଖି ତାହାର ଶତେ ନାରୀ । ମୁନି ସକଳେ ଦୟାକରି ।।୯୧
ରାଜାର ପୁତ୍ର ଜନ୍ମ ଅର୍ଥେ । ଯଜ୍ଞ କରାଇଲେ ସମସ୍ତେ ।।୯୨
କଳସେ ତୀର୍ଥ ଜଳ ଭରି । ଗର୍ଭର ଅର୍ଥେ ମନ୍ତ୍ରି ବାରି ।।୯୩
ଯଜ୍ଞର ଶାଳେ ଘଟ ଥୋଇ । ସକଳେ ନିଦ୍ରାଗତେ ଶୋଇ ।।୯୪
ଏମନ୍ତେ ରାଜା ଯଜ୍ଞଶାଳେ । ଅତି ତୃଷିତ ଅନ୍ତରାଳେ ।।୯୫
ସହି ନ ପାରି ରାତ୍ର ଅନ୍ତେ । ଜଳ କଳସ ଘେନି ହସ୍ତେ ।।୯୬
ଦେଖିଲେ ସକଳେ ଅଜ୍ଞାନ । ତୃଷାର୍ତ୍ତେ କଲା ଜଳପାନ ।।୯୭
ଏମନ୍ତେ ପାହିଲା ରଜନୀ । ନିଦ୍ରା ତେଜିଲେ ସର୍ବମୁନି ।।୯୮
ଉଦୟ କାଳେ ମନ୍ତ୍ରସ୍ୱରେ । କୁମ୍ଭ ତୋଳିଲେ ବେନିକରେ ।।୯୯
ଦେଖିଲେ କୁମ୍ଭେ ଜଳ ନାହିଁ । ଚକିତେ ଚଉଦିଗେ ଚାହିଁ ।।୧୦୦
ବୋଲନ୍ତି ପାଇ ମନେ ଭ୍ରମ । କେ ପ୍ରାଣୀ କଲା ଏଡ଼େ କର୍ମ ।।୧୦୧
ମନ୍ତ୍ରିତ ପୁଂସବନ ବାରି । କେ ପାନ କଲା ତୃଷାଭରି ।।୧୦୨
ତକ୍ଷଣେ ବେନିକର ଯୋଡ଼ି । ମୁନିଙ୍କ ପାଦତଳେ ପଡ଼ି ।।୧୦୩
ରାଜା ବୋଇଲା ମୁଁ ଅଜ୍ଞାନେ । ତୃଷା ତୋଷିଲି ଜଳପାନେ ।।୧୦୪
ଶୁଣି ବ୍ରାହ୍ମଣେ କୋପବହି । ବୋଇଲେ ବିଷ୍ଣୁମାୟା ଏହି ।।୧୦୫
ପ୍ରାଣୀ ଯେ ଦଇବ ଅଧୀନ । ମାୟାର ବଳେ ହରେ ଜ୍ଞାନ ।।୧୦୬

ବୋଇଲେ ରାଜାମୁଖ ଚାହିଁ । ଗର୍ଭ ଧଇଲୁ ଏବେ ତୁହି ।।୧୦୭
ଏବେ ତୋ' ଜୀବନ ସମ୍ଭାଳ । ଏମନ୍ତେ ଗଲା କେତେକାଳ ।।୧୦୮
ଏମନ୍ତେ ପୁତ୍ର ଜନ୍ମକାଳେ । ରାଜା ଉଦର ବାହୁ ବଳେ ।।୧୦୯
ଦକ୍ଷିଣ କୁକ୍ଷି ବିଦାରିଲା । ତକ୍ଷଣେ ଭୂମିରେ ପଡ଼ିଲା ।।୧୧୦
ରାଜା ନମଲା ପୁଣ୍ୟବଳେ । ଉଭାରି ଦେଖନ୍ତି ସକଳେ ।।୧୧୧
ପୁତ୍ର ରୋଦଇ କ୍ଷୀର ଅର୍ଥେ । ତା' ଦେଖି ଇନ୍ଦ୍ର ଦୟାଚିତ୍ତେ ।।୧୧୨
ବୋଇଲେ ବିପ୍ରଙ୍କୁ ଅନାଇଁ । ରାଜାର ସ୍ତନଯୁଗ ନାହିଁ ।।୧୧୩
ଏ ପୁତ୍ର ଲୋଡ଼ୁଅଛି କ୍ଷୀର । ଏମନ୍ତ ବୋଲି ନିଜ କର ।।୧୧୪
ଅଙ୍ଗୁଳି ତା'ର ତୁଣ୍ଡେ ଦେଲା । ତକ୍ଷଣେ କ୍ଷୁଧା ତା' ହରିଲା ।।୧୧୫
ଇନ୍ଦ୍ର ବୋଲଇ ତା'କୁ ଚାହିଁ । ତୋହର ହୋଇଲି ମୁଁ ଧାଇ ।।୧୧୬
ତୁ ଯେ ହୋଇଲୁ ବଳବନ୍ତା । ଏଣୁ ତୋ' ନାମଟି ମାନ୍ଧାତା ।।୧୧୭
ସେ ପୁଣି ଚକ୍ରବର୍ତ୍ତୀ ହୋଇ । ପାଳଇ ସପ୍ତଦ୍ୱୀପା ମହୀ ।।୧୧୮
ଇନ୍ଦ୍ର ତାହାକୁ ବର ଦେଲେ । ଅଜୟ ହୁଅସି ବୋଇଲେ ।।୧୧୯
ସେ ପୁଣି ନିଜ ତେଜ ବଳେ । ଅବନୀ ପାଳଇ ନିଶ୍ଚଳେ ।।୧୨୦
ତାହାର ତେଜେ ଦସ୍ୟୁଗଣ । ଭୟେ ପଳାନ୍ତି ଛାଡ଼ି ରଣ ।।୧୨୧
ଏଣୁ ସେ ନିଜ ତେଜ ଧାମ । ପାଇଲା ତ୍ରସଦସ୍ୟୁ ନାମ ।।୧୨୨
ରାବଣ ଆଦି ଦସ୍ୟୁ ଯେତେ । ତ୍ରାସନ୍ତି ସେ ବସିଲେ ରଥେ ।।୧୨୩
ଏମନ୍ତ ନାମ ଇନ୍ଦ୍ର ଦେଲା । ଅନେକ କାଳ ରାଜ୍ୟ କଲା ।।୧୨୪
ତା' ରିପୁ ନାହିଁ ଏ ଶୟଳେ । ବଞ୍ଚିଲା ବିଷ୍ଣୁତେଜ ବଳେ ।।୧୨୫
ଅନେକ ମତେ ଯଜ୍ଞ କଲା । ଦକ୍ଷିଣା ବିପ୍ରଗଣେ ଦେଲା ।।୧୨୬
ଯେ ହରି ସର୍ବ ଦେବମୟେ । ଦେବେ ବସନ୍ତି ଯା'ର ଦେହେ ।।୧୨୭
ସେ ହରି ଯଜ୍ଞେ ତୋଷ କରି । ସୁଖେ ପାଳିଲା ବସୁନ୍ଧରୀ ।।୧୨୮
ସୂର୍ଯ୍ୟର ତେଜ ଯେତେ ଦୂର । ଯହିଁ ବା ଚନ୍ଦ୍ରମା ସମୀର ।।୧୨୯
ମାନ୍ଧାତା ତେତେଦୂର ରାଜା । ସର୍ବେ କରନ୍ତି ପାଦପୂଜା ।।୧୩୦
ସେ ପୁଣି ଶଶବିନ୍ଦୁ ପୁରେ । କନ୍ୟା ଲଭିଲା ସ୍ୱୟମ୍ବରେ ।।୧୩୧
ସେ କନ୍ୟା ଇନ୍ଦୁମତି ନାମ । ରୂପରେ ଅଟେ ଅନୁପମ ।।୧୩୨
ତାହାର ଗର୍ଭେ ପୁତ୍ର ତିନି । ଜନ୍ମିଲେ ବିଷ୍ଣୁତେଜ ଘେନି ।।୧୩୩
ପୁରୁକୁତ୍ସ ଯେ ଅମ୍ବରୀଷ । ଏ ଆଦି ମୁଚୁକୁନ୍ଦ ଶେଷ ।।୧୩୪
ଏ ଅନ୍ତେ ପଞ୍ଚାଶ ଦୁହିତା । ଉତ୍ପତ୍ତି କଲେ ମାନ୍ଧାତା ।।୧୩୫



ସେ କନ୍ୟାଗଣ ବିଭାକାଳେ । ସୌଭରିମୁନି ଯୋଗବଳେ ।।୧୩୬
ବିବାହ କଲେ କନ୍ୟାଗଣ । ସେ କଥା ଏକମନେ ଶୁଣ ।।୧୩୭
ସୌଭରିଋଷି ବୃନ୍ଦାବନେ । କାଳିନ୍ଦୀ ଜଳେ ଯୋଗଧ୍ୟାନେ ।।୧୩୮
ତପ କରନ୍ତି ଦୃଢ଼ଚିତ୍ତେ । ଏମନ୍ତେ କିଛିକାଳ ଅନ୍ତେ ।।୧୩୯
ସମାଧି ଭାଜିଲା ଚଞ୍ଚଳେ । ସ୍ଥିରେ ଚାହିଁଲେ ନଦୀଜଳେ ।।୧୪୦
ଦେଖିଲେ ମୀନଗଣ ମଧ୍ୟେ । ରୋହିତ ଖେଳଇ ଆନନ୍ଦେ ।।୧୪୧
ବାଳକ ମୀନ ତା' ଶରୀରେ । କ୍ରୀଡ଼ନ୍ତି ପୁଚ୍ଛ ପୃଷ୍ଠ ଶିରେ ।।୧୪୨
ଏମନ୍ତ ହୋଇ ପ୍ରତିଦିନେ । ଖେଳନ୍ତି ମୁନି ସନ୍ନିଧାନେ ।।୧୪୩
ସୌଭରି ମୁନି ତାହା ଚାହିଁ । ଲାଳସଚିତ୍ତେ ବିଚାରଇ ।।୧୪୪
ଦେଖ ଏ ରୋହିତର ଭାଗ୍ୟ । କୁଟୁମ୍ବ ମଧ୍ୟେ ସୁଖ ଭୋଗ ।।୧୪୫
ମୁଁ ଏବେ କରି ଗୃହାଶ୍ରମ । ସାଧିବି ଯଥା କୁଳ ଧର୍ମ ।।୧୪୬
ଏତେ ବିଚାରି ତପ ଛାଡ଼ି । ଗୃହ କରଣେ ଚିତ୍ତ ବଢ଼ି ।।୧୪୭
ମାର୍ଗେ ଚଳନ୍ତି ସେ ବିଚାରି । ବିବାହ ଅର୍ଥେ ବ୍ରହ୍ମଚାରୀ ।।୧୪୮
ଗୃହସ୍ଥ ନୋହେ ସେହୁ ଭଲେ । ଦାରା ପରିଗ୍ରହ ନ କଲେ ।।୧୪୯
ଏତେ ବିଚାରି ଦୃଢ଼ଚିତ୍ତେ । ମିଳିଲେ ନୃପତି ଅଗ୍ରତେ ।।୧୫୦
ମୁନି ଆଗମ ରାଜା ଦେଖି । ଉଠିଲେ ଆସନ ଉପେକ୍ଷି ।।୧୫୧
ଅତିଥିମତେ ପୂଜା କଲେ । ଆସନେ ନେଇ ବସାଇଲେ ।।୧୫୨
ଅନେକ ଗଉରବ କରି । ତା' ଦେଖି ମୁନି ସଉଭରି ।।୧୫୩
ବୋଇଲେ ରାଜା ମୁଖ ଚାହିଁ । ବିଭା କରାଅ ମୋତେ ତୁହି ।।୧୫୪
ଗୃହେ ବଳିଲା ମୋର ମନ । କନ୍ୟାଏ ଦିଅ ମୋତେ ଦାନ ।।୧୫୫
ମୋହର ସନ୍ତତି ହୋଇଲେ । ସ୍ୱଧର୍ମ ରଖିବୁ ତୁ ଭଲେ ।।୧୫୬
ଏମନ୍ତେ ମୁନି ମୁଖୁଁ ଶୁଣି । ରାଜା ବିଚାରେ ମନେ ଗୁଣି ।।୧୫୭
ଏ ଅତିବୃଦ୍ଧ ଜରଜର । ବାତେ କମ୍ପଇ ତା' ଶରୀର ।।୧୫୮
ବୃଦ୍ଧଙ୍କ ମଧ୍ୟେ ଅତିବୃଦ୍ଧ । ଗୃହ କରଣେ କଲେ ସଧ ।।୧୫୯
ମୋ'ର ଦୁହିତା ଅତି ସୁଖୀ । ଏହାକୁ ଦେଲେ ହେବ ଦୁଃଖୀ ।।୧୬୦
ନ ଦେଲେ ମୋ'ର ଭଲ ନାହିଁ । ଏତେ ବିଚାରି ମୁନି ଚାହିଁ ।।୧୬୧
ବୋଲଇ ଶିରେ ଦେଇ କର । ଭୋ ମୁନି ଶୁଣ ମୋ' ଉତ୍ତର ।।୧୬୨
ପଞ୍ଚାଶ କନ୍ୟା ଅଛି ମୋ'ର । ଅନ୍ତଃପୁରକୁ ବିଜେ କର ।।୧୬୩
ଯେ କନ୍ୟା ତୁମ୍ଭଙ୍କୁ ବରିବ । ସୁମନେ କରି ପ୍ରୀତିଭାବ ।।୧୬୪

ସେ କନ୍ୟା ନିଶ୍ଚେ ଦେବି ମୁହିଁ । ଏମନ୍ତେ ରାଜା ସତ୍ୟ ପାଇଁ ।।୧୬୫
ମୁନି ଉଠିଲେ ତୋଷ ହୋଇ । ତକ୍ଷଣେ ଅନ୍ତଃପୁରେ ଯାଇ ।।୧୬୬
ଦ୍ୱାରପାଳକୁ ରାଜା ଚାହିଁ । ବୋଇଲା ଘେନିଯାଅ ତୁହି ।।୧୬୭
ଯେ କନ୍ୟା ବରିବ ଏ ବର । ଦେବଇଁ ସତ୍ୟ ଏ ମୋହର ।।୧୬୮
ଦ୍ୱାରପାଳର ହସ୍ତ ଧରି । ପୁରେ ପଶିଲେ ସଉଭରି ।।୧୬୯
ମିଳିଲେ କନ୍ୟାଙ୍କ ମନ୍ଦିରେ । ମାୟା-ମୋହନ-କଳେବରେ ।।୧୭୦
ରୂପେ କନ୍ଦର୍ପ ରୂପ ଗଞ୍ଜେ । ଜଗମୋହନ ତେଜ ପୁଞ୍ଜେ ।।୧୭୧
କନ୍ୟାଙ୍କୁ ଚାହିଁ ଦ୍ୱାରପାଳ । ଅଳପ ନମିଲା କପୋଳ ।।୧୭୨
ବୋଲଇ କନ୍ୟାଙ୍କୁ ଅନାଇଁ । ମୁଁ ତୁମ୍ଭ ପିତା ଆଜ୍ଞା ପାଇ ।।୧୭୩
ସଙ୍ଗତେ ଆଣିଅଛି ବର । ଯାହାର ଇଚ୍ଛା ତୁମେ ବର ।।୧୭୪
ଏକଇ କନ୍ୟା ଦେବେ ଦାନ । ଅଧିକେ ନାହିଁ ପ୍ରୟୋଜନ ।।୧୭୫
କନ୍ୟାଏ ତା'ର ରୂପ ଚାହିଁ । ନୟନ ପିଛା ନଚଳଇ ।।୧୭୬
ସର୍ବେ ଇଚ୍ଛନ୍ତି ତା'ର ସଙ୍ଗ । ଅନଳେ ଯେସନେ ପତଙ୍ଗ ।।୧୭୭
ଏକ ଆରେକ ଆଗ ହୋଇ । ବୋଲନ୍ତି ମୋ'ର ବର ଏହି ।।୧୭୮
ମୁହିଁ ବରିଲି ଆଗେ ବର । ନିଶ୍ଚୟେ ବର ଏ ମୋହର ।।୧୭୯
ଏମନ୍ତେ ଏକୁ ଆରେ ବାଦେ । ମୁନିଙ୍କି ବରିଲେ ଆନନ୍ଦେ ।।୧୮୦
ତକ୍ଷଣେ ଦ୍ୱାରପାଳ ଗଲା । ନୃପତି ଆଗେ ଜଣାଇଲା ।।୧୮୧
ବୋଲଇ ବିଧାତାର ମାୟା । କେ ଆନ କରେ ପ୍ରଭୁ ଏହା ।।୧୮୨
ଦଇବବଳ ଆକର୍ଷଣେ । ସର୍ବେ ବରିଲେ ବରପଣେ ।।୧୮୩
ଶୁଣି ତାହାର ମୁଖୁଁ ବାଣୀ । ସଂଭ୍ରମଚିରେ ନୃପମଣି ।।୧୮୪
ଆନନ୍ଦେ କନ୍ୟାଦାନ କଲା । ଅନେକ ଯଉତୁକ ଦେଲା ।।୧୮୫
ପଞ୍ଚାଶ କନ୍ୟା ବିଭା କରି । ପୁରୁଁ ବାହାର ସଉଭରି ।।୧୮୬
ସମ୍ପଦ ସିଦ୍ଧି ଯୋଗବଳେ । ଗୃହସ୍ଥ-ଆଶ୍ରମ ନିଶ୍ଚଳେ ।।୧୮୭
ନାନାପ୍ରକାରେ ଭୋଗକଲେ । ଅନେକ ପୁତ୍ର ନାତି ତୁଲେ ।।୧୮୮
ଯେ ଭୋଗକଳ୍ପେ ତା'ଙ୍କ ମନେ । ତକ୍ଷଣେ ମିଳେ ସନ୍ନିଧାନେ ।।୧୮୯
ଦିଗପାଳଙ୍କ ଭୋଗ ଆଦି । ଅତୁଲ୍ୟ ଅମୂଲ୍ୟ ପ୍ରସିଦ୍ଧି ।।୧୯୦
ଏମନ୍ତ ଭୋଗ ଅନୁଦିନେ । ବିହାର ପୁଷ୍ପିତ କାନନେ ।।୧୯୧
ଏମନ୍ତେ କିଛିକାଳ ଗଲା । ବୈରାଗ୍ୟ ମନେ ଉପୁଜିଲା ।।୧୯୨
ନିଜ କପାଳେ ହସ୍ତ ମାରି । ତାପେ ବୋଲନ୍ତି ସଉଭରି ।।୧୯୩



ଦଇବ ବଳ ଦେଖ ମୋତେ । ତପ ମୁଁ କଲି ମୋକ୍ଷ ଅର୍ଥେ ।।୧୯୪
ଜଳେ ଅନାଇଁ ମୀନବଂଶେ । ଜ୍ଞାନ ହାରିଲି ସଙ୍ଗଦୋଷେ ।।୧୯୫
ଏକ ମୁଁ ଭଜିଲି ଅନେକ । ନିଶ୍ଚୟେ ପଡ଼ିବି ନରକ ।।୧୯୬
ଏମନ୍ତ ଭାଳି ସେ ଏକାନ୍ତେ । ତକ୍ଷଣେ ପଶିଲେ ବନସ୍ତେ ।।୧୯୭
ପତ୍ନୀ ସମେତେ ତପ ଦାହି । ଅନ୍ତେ ଲଭିଲେ ଭାବଗ୍ରାହୀ ।।୧୯୮
ସୁଜନେ ଶୁଣ ଏକଚିତ୍ତେ । ଯେ ଧର୍ମ ବଂଶାନୁଚରିତେ ।।୧୯୯
କହିଲି ଆତ୍ମାହିତ ବାଣୀ । ଯେଣେ ଭକତି ତତ୍ତ୍ୱ ଜାଣି ।।୨୦୦
ସଂସାର ଅନ୍ଧକୂପେ ଥାଇ । ଏ ବିନୁ ଆନଗତି ନାହିଁ ।।୨୦୧
ବୋଲଇ ଦାସ ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୨୦୨

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଷଷ୍ଠୋଽଧ୍ୟାୟଃ ।।

# ସପ୍ତମ ଅଧ୍ୟାୟ

## ଶୁକ ଉବାଚ

ଏବେ ହୋ ଶୁଣ ତୁ ନରେଶ । ମାନ୍ଧାତା ପୁତ୍ର ଅମ୍ବରୀଷ ।।୧
ପିତାମହଙ୍କୁ ସେବା କଲା । ସେ ଫଳେ ସୁପୁତ୍ର ଲଭିଲା ।।୨
ତା' ସୁତ ଯୁବନାଶ୍ୱ ହୋଇ । ପାଳଇ ସପ୍ତଦ୍ୱୀପା ମହୀ ।।୩
ହାରୀତ ତାହାର କୁମର । ମାନ୍ଧାତା ବଂଶେ ସେ ପ୍ରବର ।।୪
ନାଗେନ୍ଦ୍ର ବାକ୍ୟେ ନାଗଯୂଥେ । ଗନ୍ଧର୍ବ ବଳକୁ ହାରନ୍ତେ ।।୫
ସେ ନାଗେ ଆସି ରାତ୍ର କାଳେ । ପୁରୁକୁତ୍ସକୁ ଘେନିଗଲେ ।।୬
ସକଳ ଭ୍ରାତୃଗଣ ଥାଇ । ନର୍ମଦା କନ୍ୟା ତା'କୁ ଦେଇ ।।୭
ପାତାଳ ପୁରେ ଘେନିଗଲେ । ଗନ୍ଧର୍ବବଳେ ଯୁଝାଇଲେ ।।୮
ସେ ପୁଣି ବିଷ୍ଣୁତେଜେ ବଳୀ । ଗନ୍ଧର୍ବବଳ ନାଶ କରି ।।୯
ମିଳି ସକଳ ନାଗବଳେ । ସନ୍ତୋଷ ବର ତା'କୁ ଦେଲେ ।।୧୦
ଯେ ପ୍ରାଣୀ ଶୟନର କାଳେ । ନର୍ମଦା ନାମ ତିନି ବେଳେ ।।୧୧
ରାତ୍ର ଦିବସ ସନ୍ଧ୍ୟା ସ୍ମରେ । ସର୍ପଭୟରୁ ସେ ନିସ୍ତରେ ।।୧୨
ଏବେ ହୋ ପୁରୁକୁତ୍ସ ବଂଶେ । କହିବା ଶୁଣ ତୁ ହରଷେ ।।୧୩
ସର୍ବସମ୍ପଦ ଗୁଣଗ୍ରାମ । ତା' ସୁତ ତ୍ରସଦ୍ଦସ୍ୟୁ ନାମ ।।୧୪
ସେ ବିଷ୍ଣୁତେଜେ ଅନର୍ଗଳା । ଯେ ଅନରଣ୍ୟ ଜାତ ହେଲା ।।୧୫

ହର୍ଯଶ୍ୱ ତାହାର ନନ୍ଦନ । ତହୁଁ ପ୍ରାରୁଣ ତ୍ରିବନ୍ଧନ ।।୧୬
ତା'ର ତନୟ ସତ୍ୟବ୍ରତ । ତ୍ରିଶଙ୍କୁ ନାମେ ଯେ ବିଦିତ ।।୧୭
ପିତାଙ୍କ ଶାପ ସେହୁ ଘେନି । ଲଭିଲା ଚଣ୍ଡାଳର ଯୋନି ।।୧୮
ବଶିଷ୍ଠ ଶାପ ମହାଘୋର । କୌଶିକ ତେଜେ ହେଲା ପାର ।।୧୯
ଶରୀର ଘେନି ସ୍ୱର୍ଗେ ଗଲା । ଉତ୍ତର ଆକାଶେ ବସିଲା ।।୨୦
ଜଗତେ ରହିଲା ତା' ଯଶ । ଅଦ୍ୟାପି ରାତ୍ରେ ହୋଏ ଦୃଶ୍ୟ ।।୨୧
ଦେବେ ତାହାକୁ କୋପ କଲେ । ଭୂମିରେ ପଡ଼ ତୁ ବୋଇଲେ ।।୨୨
ତକ୍ଷଣେ ଆଧୋମୁଖ ହୋଇ । ପଡ଼ନ୍ତେ କୌଶିକ ଅନାଇଁ ।।୨୩
ସ୍ତମ୍ଭନ କଲେ ବେଦମନ୍ତ୍ରେ । ପୁଣି ବସିଲା ନିଜ କ୍ଷେତ୍ରେ ।।୨୪
ତାହାର ସୁତ ହରିଶ୍ଚନ୍ଦ୍ର । ସପତ ଦ୍ୱୀପେ ସେ ନରେନ୍ଦ୍ର ।।୨୫
ତାହାର ଅର୍ଥେ ଅନ୍ୟୋଅନି । ବଶିଷ୍ଠ ବିଶ୍ୱାମିତ୍ର ବେନି ।।୨୬
ବହୁ ବରଷ ଯୁଦ୍ଧ କଲେ । ପକ୍ଷୀଙ୍କ ପ୍ରାୟ ରୂପ ହେଲେ ।।୨୭
ସେ ପୁଣି ଅପୁତ୍ରିକ ହୋଇ । ନାରଦ ମୁନିଙ୍କି ଅନାଇଁ ।।୨୮
ସନ୍ତତି ଅର୍ଥେ ପ୍ରଶ୍ନକଲା । ବିକଳେ ତ୍ରିଶଙ୍କୁର ବଳା ।।୨୯
ନାରଦ ମୁନି ତା' ପ୍ରସ୍ତାବେ । କହିଲେ ଆତ୍ମା ପ୍ରିୟ ଭାବେ ।।୩୦
ତୁ ଯାଇ ବରୁଣ-ଚରଣେ । ବିଶ୍ୱାସେ ପଶ ତା' ଶରଣେ ।।୩୧
ସେ ତୋତେ ପ୍ରସନ୍ନ ହୋଇଲେ । ସନ୍ତତି ଲଭିବୁ ତୁ ଭଲେ ।।୩୨
ଏମନ୍ତେ ନାରଦ ବଚନେ । ମିଳିଲେ ବରୁଣ ଭୁବନେ ।।୩୩
ବରୁଣ ଚରଣରେ ପଡ଼ି । ରାଜନ କହେ କରଯୋଡ଼ି ।।୩୪
ହେ ପ୍ରଭୁ କର ଅନୁଗ୍ରହ । ମୋହର ହେଉ ଯେ ତନୟ ।।୩୫
ପୁତ୍ର ଉତ୍ପନ୍ନ ହେଲେ ମୋର । ଯଜ୍ଞେ ମୁଁ ଦେବି ତା'ର ଶିର ।।୩୬
ତା'ର ବଚନେ ତୁଷ୍ଟ ହେଲେ । ବରୁଣ ତୋଷେ ବର ଦେଲେ ।।୩୭
ବରୁଣ ବରେ ପୁତ୍ର ଜାତ । ନାମ ତା' ହୋଇଲା ରୋହିତ ।।୩୮
ଦେଖିଣ ପୁତ୍ରର ଜନମ । ରାଜାଙ୍କୁ କହନ୍ତି ବରୁଣ ।।୩୯
ହେ ନୃପ ମୋର ଯଜ୍ଞ କର । ଏବେ ତୋ' ହୋଇଲା କୁମର ।।୪୦
ବରୁଣ ବାକ୍ୟ ଶୁଣି କର୍ଣ୍ଣେ । ବିଚାରେ ହରିଶ୍ଚନ୍ଦ୍ର ମନେ ।।୪୧
ଏ ପୁତ୍ର ଅପବିତ୍ର ଶିଶୁ । ଯାଗେ କି ରୂପେ ହେବ ପଶୁ ।।୪୨
ଏହା ବିଚାରି ନରପତି । ବରୁଣେ କରଇ ବିନତି ।।୪୩
ଶୁଣିମା ହେଉ ପାଶହସ୍ତ । ଏ ପୁତ୍ର ମୋ'ର ଅପବିତ୍ର ।।୪୪



ମନୁଷ୍ୟ ପଶୁ ଭିଆଇଲେ । ଯଜ୍ଞ ମୁଁ କରିବଇଁ ଭଲେ ।।୪୫
ନିର୍ଦ୍ଦନ୍ତ ପଶୁ ଅସଂସ୍କାର । ଦନ୍ତ ନିର୍ଗମ ନାହିଁ ତା'ର ।।୪୬
ଦନ୍ତ ନ ଥିଲେ ଯଜ୍ଞ କାହିଁ । ଏମନ୍ତେ ଦିନାକେତେ ରହି ।।୪୭
ତୁଣ୍ଡେ ଜନ୍ମିଲା ତା'ର ଦନ୍ତ । ରାଜାକୁ ବୋଲେ ପାଶହସ୍ତ ।।୪୮
ଦନ୍ତ ହୋଇଲା ତୋ' କୁମର । ତା' ମାଂସେ ମୋର ଯଜ୍ଞକର ।।୪୯
ବରୁଣ ମୁଖୁଁ ଏହା ଶୁଣି । ସେ ହରିଶ୍ଚନ୍ଦ୍ର ମନେ ଗୁଣି ।।୫୦
ଦନ୍ତ ସମ୍ପୂର୍ଣ୍ଣେ ପଶୁ ଶୁଚି । ବରୁଣ ତାହା ଦେଖି ଘୁଞ୍ଚି ।।୫୧
ପୁଣି କେତେହେଁ ଦିନ ଗଲା । ସମ୍ପୂର୍ଣ୍ଣେ ଦନ୍ତ ଉପୁଜିଲା ।।୫୨
ଏବେ କି ବିଳମ୍ବ ତୋହର । ବରୁଣ ବୋଲେ ଯଜ୍ଞକର ।।୫୩
ବରୁଣେ ଚାହିଁ ରାଜା କହେ । ପ୍ରଥମ ଦନ୍ତ ଶୁଦ୍ଧ ନୋହେ ।।୫୪
ଏ ଦନ୍ତ ପଡ଼ି ଯେବେ ଉଠେ । ତେବେ ସେ ଯଜ୍ଞ ପଶୁ ଘଟେ ।।୫୫
ଏମନ୍ତେ କିଛି କାଳ ଅନ୍ତେ । ତୁଣ୍ଡୁ ପଡ଼ିଲେ ସର୍ବଦନ୍ତେ ।।୫୬
ପୁଣି ଉଠିଲେ ଏକ ତୁଲେ । ବରୁଣ ରାଜା ଚାହିଁ ବୋଲେ ।।୫୭
ଦନ୍ତ ହୋଇଲା ପୁନର୍ବାର । ଭୋ ରାଜା ଏବେ ଯଜ୍ଞକର ।।୫୮
ତା' ଶୁଣି ବୋଲେ ନୃପମଣି । ଏ ନୋହେ କୁଳଧର୍ମ ବାଣୀ ।।୫୯
କ୍ଷତ୍ରିୟ ବଂଶେ ହୋଇ ଜାତ । ଯାବତ ନୁହଁଇ ସମର୍ଥ ।।୬୦
ତାବତ୍ ମାଂସ ଶୁଦ୍ଧ ନୋହେ । ଏମନ୍ତ ବୋଲେ ପୁତ୍ର ସ୍ନେହେ ।।୬୧
ବରୁଣ ତା'ର ବାକ୍ୟ ମାନି । କିଛି ନ କହି ହେଲେ ତୁନି ।।୬୨
ଏମନ୍ତେ କାଳ ବଞ୍ଚାଇଲା । ତା' ଜାଣି ପୁତ୍ର ବିଚାରିଲା ।।୬୩
ପିତା ଯେ କରିଛନ୍ତି ସତ୍ୟ । ଅବଶ୍ୟ ଯଜ୍ଞେ ହେବି ହତ ।।୬୪
ପ୍ରାଣର ରକ୍ଷା ଚିନ୍ତା କଲା । ତକ୍ଷଣେ ଗ୍ରାମ ଉପେକ୍ଷିଲା ।।୬୫
ଧନୁ-କମାଣ ଘେନି କରେ । ପଶିଲା-ଗହନ ବନରେ ।।୬୬
ବନେ ବୁଲନ୍ତେ ଧର୍ମ ଗୁଣି । ଶୁଣିଲା ଅନ୍ତରୀକ୍ଷ ବାଣୀ ।।୬୭
ବରୁଣ ପିତା ବନ୍ଦି କଲା । ଯାବତ ଯଜ୍ଞ ନ ପାଇଲା ।।୬୮
ତେଣୁ ଉଦରେ ରୋଗ ଜାତ । ବରୁଣ ଶାପେ ହୋଇ ଗ୍ରସ୍ତ ।।୬୯
ଶୁଣି ରୋହିତ ଶୋକାକୁଳେ । ଗ୍ରାମକୁ ଆସିବାର ବେଳେ ।।୭୦
ଇନ୍ଦ୍ର ମିଳିଲା ଆସି ପଥେ । ବୋଲଇ ରୋହିତ ଅଗ୍ରତେ ।।୭୧
ଯଜ୍ଞ ନ କଲା ତୋ'ର ତାତ । କୋପେ ବରୁଣ କଲାଗ୍ରସ୍ତ ।।୭୨
ତୋତେ ଗ୍ରାସିବ କୋପ ବହି । ଏବେ ଅରଣ୍ୟେ ଥାଅ ତୁହି ।।୭୩

ଧର୍ମକୁ ଯେବେ ତୋ'ର ମନ । ଧରଣୀ କର ପର୍ଯ୍ୟଟନ ॥୭୪
ଅନେକ ପୁଣ୍ୟତୀର୍ଥ କର । ଧର୍ମେ ବିଶ୍ୱାସ ଯେବେ ତୋ'ର ॥୭୫
ଏମନ୍ତେ ଇନ୍ଦ୍ର ବଚନେ । ରୋହିତ ତୀର୍ଥ କରେ ବନେ ॥୭୬
ପୁଣି ଗ୍ରାମକୁ ଇଚ୍ଛାକରେ । ଆସନ୍ତେ ଇନ୍ଦ୍ର ତା' ନିବାରେ ॥୭୭
ଏକ ଦ୍ୱିତୀୟ ତ୍ରି ଚତୁର୍ଥେ । ପଞ୍ଚମ ବର୍ଷେ ତା'କୁ ପଥେ ॥୭୮
ବୃଦ୍ଧ ବ୍ରାହ୍ମଣ ରୂପ ଧରି । ଗ୍ରାମ ଗମନେ ବିଘ୍ନ କରି ॥୭୯
ଷଡ଼ବରଷ ବନେ ଥିଲା । ଅନେକ ତୀର୍ଥ ସେ ଭ୍ରମିଲା ॥୮୦
ସପ୍ତବରଷେ ନିଜ ଗ୍ରାମେ । ମିଳିଲା ଯାଇ ତୀର୍ଥାଶ୍ରମେ ॥୮୧
ଶୁଣିଲା ଅଜୀଗର୍ତ୍ତ ମୁନି । ବିକିବା ଅର୍ଥେ ପୁତ୍ର ତିନି ॥୮୨
ତାହାଙ୍କ ପାଶେ ସେ ମିଳିଲା । ମଧ୍ୟମ ପୁତ୍ରକୁ କିଣିଲା ॥୮୩
ସେ ପୁତ୍ର ଶୁନଃଶେଫ୍ ନାମ । ସକଳ ଗୁଣେ ଗୁଣଧାମ ॥୮୪
ପିତାର ଅଗ୍ରେ ନେଇ ଦେଲା । ତା' ଦେଖି ବରୁଣ ଛାଡ଼ିଲା ॥୮୫
ସେ ହରିଶ୍ଚନ୍ଦ୍ର ଆସି ପୁରେ । ଯଜ୍ଞ ଆରମ୍ଭିଲେ ସମ୍ଭାରେ ॥୮୬
ପୁରୁଷମେଧ ଯଜ୍ଞ ମତେ । ବିଷ୍ଣୁଙ୍କୁ ପୂଜି ବେଦପଥେ ॥୮୭
ଆଚାର୍ଯ୍ୟ ବିଶ୍ୱାମିତ୍ର କରି । ଜମଦଗ୍ନିଙ୍କୁ ବ୍ରହ୍ମା ବରି ॥୮୮
ବଶିଷ୍ଠ ସାମଗାନେ ବରି । ସମିଧ ହୋତା ତା'ଙ୍କୁ କରି ॥୮୯
ବରୁଣ ଅର୍ଥେ ଯଜ୍ଞ କଲା । ସକଳ ଦେବଙ୍କୁ ତୋଷିଲା ॥୯୦
ସନ୍ତୋଷ ହୋଇ ସୁରନାଥ । ଦେଲେ ସୁବର୍ଣ୍ଣମୟ ରଥ ॥୯୧
ଶୁନଃଶେଫର କଥା ଯେତେ । ପଛେ କହିବା ତୋ' ଅଗ୍ରତେ ॥୯୨
ଏମନ୍ତେ ମହାଯଜ୍ଞ ଅନ୍ତେ । ଦକ୍ଷିଣା ଦେଲା ବିଧିମତେ ॥୯୩
ବିଶ୍ୱାମିତ୍ରଙ୍କୁ ଭୂମି ଦେଲା । ସୁବର୍ଣ୍ଣ ରଥେ ବିଜେ କଲା ॥୯୪
ରାଜାର ସତ୍ୟବ୍ରତ ଚାହିଁ । ସନ୍ତୋଷ ବିଶ୍ୱାମିତ୍ର ହୋଇ ॥୯୫
ନିଶ୍ଚଳ ଗତି ଶୂନ୍ୟ ପଥେ । ନିଜ ଜନଙ୍କୁ ଘେନି ସାଥେ ॥୯୬
ଯେ ସ୍ଥାନେ ମନ ତା'ର ଧରେ । ଇଚ୍ଛାୟେ ଭ୍ରମଇ ଅମ୍ବରେ ॥୯୭
ତା'ର ଭକତି ଭାବ ଘେନି । ସନ୍ତୋଷେ ବିଶ୍ୱାମିତ୍ର ମୁନି ॥୯୮
ପରମ ଜ୍ଞାନ ତାକୁ ଦେଲେ । ଆକାଶେ ଥାଅ ତୁ ବୋଇଲେ ॥୯୯
ଆକାଶେ ଥାଅ ଦେବ ପ୍ରାୟେ । ଅନ୍ତେ ପଶିବୁ ବିଷ୍ଣୁ ଦେହେ ॥୧୦୦
ଭାଷା ପ୍ରବନ୍ଧେ ହରିବାଣୀ । ଶୁଣି ସଂସାରୁ ତର ପ୍ରାଣୀ ॥୧୦୧
ବୋଲଇ ଦାସ ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ॥୧୦୨

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ସପ୍ତମୋଽଧ୍ୟାୟଃ ॥



## ଅଷ୍ଟମ ଅଧ୍ୟାୟ

### ଶୁକ ଉବାଚ

ବୋଲନ୍ତି ଶୁକ ବ୍ରହ୍ମବେତ୍ତା । ଶୁଣ ରାଜନ ଶୁଦ୍ଧଚେତା ॥୧
ହରିତ ରୋହିତର ସୁତ । ଚମ୍ପ ତାହାର ତହୁଁ ଜାତ ॥୨
ଗ୍ରାମ ବସାଇ ନିଜ ନାମେ । ରହିଲା ଚମ୍ପାବତୀ ଗ୍ରାମେ ॥୩
ସୁଦେବ ତା'ର ସୁତ ହୋଏ । ବିଜୟ ତାହାର ତନୟେ ॥୪
ବୃକ ଯେ ତାହାର ସନ୍ତତି । ସ୍ୱଭାବେ ଅତି ଶୁଦ୍ଧମତି ॥୫
ବାହୁକ ତାହାର ନନ୍ଦନ । ତା' କଥା ଶୁଣ ହେ ରାଜନ ॥୬
ଶତ୍ରୁ ପୀଡ଼ିତ ବୃଦ୍ଧପଣେ । ଭୟେ ପଶିଲା ଘୋରବନେ ॥୭
ପତ୍ନୀ ସହିତେ ପଳାଇଲା । ଔର୍ବଙ୍କ ଆଶ୍ରମେ ମିଳିଲା ॥୮
ନମିଲା ମୁନିଙ୍କ ଚରଣେ । ବୃଦ୍ଧ ଶରୀରେ ଘୋରବନେ ॥୯
ସଭୟେ ଛାଡ଼ିଲା ଜୀବନ । ମୁନି ହୋଇଲେ ଦୁଃଖମନ ॥୧୦
ତା'ର କାମିନୀ ଶୋକମନେ । ପଶିବା ବେଳେ ହୁତାଶନେ ॥୧୧
ମୁନି ଜାଣିଲେ ତା'ର ଭାବ । ଉଦରେ ପାଞ୍ଚମାସ ଗର୍ଭ ॥୧୨
ବୋଇଲେ ଅନଳେ ନ ପଶ । ହୋଇବ ଏ ରାଜାର ବଂଶ ॥୧୩
ମୁନି ବଚନେ ସେ ଅବଳା । ଅନଳକୁଣ୍ଡେ ନ ପଶିଲା ॥୧୪
ଶୁଣ ରାଜନ ମନ ଦେଇ । ତା' ଗର୍ଭକଥା ତୋତେ କହି ॥୧୫
ସେ ଗର୍ଭ ସଞ୍ଚରଣ କାଳେ । ସପତ୍ନୀ ପାଞ୍ଚସାତ ମେଳେ ॥୧୬
ଗରଳ ଦେଲେ ଅନ୍ନସଙ୍ଗେ । ବିଷ ନ ଲାଗେ ତା'ର ଅଙ୍ଗେ ॥୧୭
ଗର୍ଭ ରଖିଲେ ଜଗନ୍ନାଥ । ଏବେ ହୋ ଶୁଣ ପରୀକ୍ଷିତ ॥୧୮
ସେ ଗର୍ଭ ପ୍ରସବର କାଳେ । ମୁନି ସକଳ କୁତୂହଳେ ॥୧୯
ବୋଲନ୍ତି ଗରଳ ସଙ୍ଗତେ । ଜନ୍ମ ଲଭିଲା ଏ ଯୁକତେ ॥୨୦
ଗରଳ ସଙ୍ଗେ ଜନ୍ମ ଯେଣୁ । ସଗର ନାମ ହେଉ ତେଣୁ ॥୨୧
ଏମନ୍ତେ ମୁନିଙ୍କ ସଙ୍ଗତେ । ସଗର ରାଜା ଦିନାକେତେ ॥୨୨
ଦିନକୁ ଦିନ ଅତି ତେଜା । ହୋଇଲା ଚକ୍ରବର୍ତ୍ତୀ ରାଜା ॥୨୩
ତା'ର ତନୁଜେ ବାହୁବଳେ । ସାଗର କଲେ ମହୀତଳେ ॥୨୪
ପିତା ଶତ୍ରୁକୁ ଯୁଦ୍ଧେ ଜିଣି । ସ୍ୱଗୃହେ ବନ୍ଦୀ କଲେ ଆଣି ॥୨୫
ଯେତେ ତାହାର ରିପୁମାନ । ଶୁଣ ହୋ ତାହାଙ୍କର ନାମ ॥୨୬
ଯବନ ତାଳଜଂଘ ଶକ । ହୈହୟ ବର୍ବର ଯେତେକ ॥୨୭

ଗୁରୁଙ୍କ ବାକ୍ୟେ ନ ମାଇଲା । ଶୁଣ ଯାହାକୁ ଯାହା କଲା ।।୨୮
ମୁଣ୍ଡିତକେଶ କାର କରି । କାହାକୁ କଲା ଶ୍ମଶ୍ରୁଧାରୀ ।।୨୯
କାହାର କଲା ମୁକ୍ତକେଶ । ଅର୍ଦ୍ଧମୁଣ୍ଡିତ କା'ର କେଶ ।।୩୦
କେତେକ ଅନ୍ତର୍ବାସ ହୀନ । ଅପରେ ବହିର୍ବାସ ଶୂନ୍ୟ ।।୩୧
କାହାର ବସନ ଉତ୍ତାରି । ବିକୃତବେଶ ତା'ଙ୍କୁ କରି ।।୩୨
ଯବନ ବେଶ କା'କୁ କରି । ସ୍ୱଧର୍ମ ମାର୍ଗରୁ ଉତ୍ତାରି ।।୩୩
ଏମନ୍ତ କରି ହୀନବେଶ । ଛାଡ଼ିଣ ଦେଲା ତା'ଙ୍କୁ ଦେଶ ।।୩୪
ସେ ପୁଣି ସଞ୍ଚି ନାନାବିଧି । କଲ୍ପିଲା ଶତେ ଅଶ୍ୱମେଧି ।।୩୫
ଔର୍ବ ମୁନିଙ୍କି ହୋତା କରି । ଯଜ୍ଞେ ପୂଜିଲା ନରହରି ।।୩୬
ଉତ୍ତମ ଅଶ୍ୱ ପଶୁ କଲା । ସେ ଅଶ୍ୱ ଇନ୍ଦ୍ର ଚୋରାଇଲା ।।୩୭
ଷାଠିଏ ସହସ୍ର କୁମର । ତା'ଙ୍କୁ ଡରଇ ସୁନାସୀର ।।୩୮
କଳ୍ପଇ ମରିବେ ଯେମନ୍ତେ । ଏମନ୍ତ ଭାଳି ସେ ଗୁପତେ ।।୩୯
କପିଳମୁନି ପାଦତଳେ । ଅଶ୍ୱ ବାନ୍ଧିଲା ରାତ୍ରକାଳେ ।।୪୦
ଅଶ୍ୱ ନ ଦେଖି ଯଜ୍ଞଦ୍ୱାରେ । ଖୋଜନ୍ତି ବ୍ରହ୍ମାଣ୍ଡ ଭିତରେ ।।୪୧
ସୁମତି ଗର୍ଭେ ଯେତେ ସୁତ । ବଳରେ ଅଟନ୍ତି ଦର୍ପିଷ୍ଟ ।।୪୨
ସେ ପୁଣି ପିତାଙ୍କ ଆଦେଶେ । ଅଶ୍ୱ ଖୋଜନ୍ତି ଦଶଦିଶେ ।।୪୩
ଖୋଳନ୍ତି ମହୀନବଖଣ୍ଡ । ଭକ୍ଷନ୍ତି ବିସ୍ତାରିଣ ତୁଣ୍ଡ ।।୪୪
ଉତ୍ତରଦିଗେ ଖୋଳିଗଲେ । କପିଳ ଆଶ୍ରମେ ମିଳିଲେ ।।୪୫
ଦେଖିଲେ ମୁନି ସନ୍ନିଧାନେ । ସେ ଅଶ୍ୱ ଅଛଇଁ ବନ୍ଧନେ ।।୪୬
କପିଳମୁନି ମୁଖ ଚାହିଁ । ବୋଲନ୍ତି ଅଶ୍ୱଚୋର ଏହି ।।୪୭
ଏହାକୁ ରଖି ନ ଯୋଗାଇ । ଏମନ୍ତ ଉଚ୍ଚବାଚ ହୋଇ ।।୪୮
ବୋଲନ୍ତି ଖଡ଼ଗ ଉଞ୍ଚାଇ । ଏହାର ଶିର ଛେଦ ନେଇ ।।୪୯
ଆମ୍ଭଙ୍କୁ ଦେଖି ଚକ୍ଷୁ ବୁଜେ । ଆମ୍ଭାକୁ ଦମ୍ଭ ପ୍ରାୟେ ବୁଝେ ।।୫୦
ଏମନ୍ତ ଘୋରନାଦ କରି । ଧାଇଁଲେ କରେ ଶସ୍ତ୍ର ଧରି ।।୫୧
ଭୂମି କମ୍ପିଲା ତା'ଙ୍କ ପାଦେ । ଧ୍ୟାନ ଭାଜିଲା ଘୋରନାଦେ ।।୫୨
ଚାହାଁନ୍ତେ ଉନ୍ମୀଳ ଲୋଚନେ । ଅନଳ ଉଠିଲା ତକ୍ଷଣେ ।।୫୩
ମହତ ଅତିକ୍ରମ ଦୋଷେ । ନୟନ ଅଗ୍ନି ମହାରୋଷେ ।।୫୪
ଦେଖନ୍ତ ସ୍ୱର୍ଗେ ଦେବଗଣେ । ଭସ୍ମ ହୋଇଲେ ତତ୍‌କ୍ଷଣେ ।।୫୫
ଷାଠି – ସହସ୍ର ଏକାଥରେ । ମରିଲେ ସଗର କୁମରେ ।।୫୬



କେଶିନୀ ଗର୍ଭେ ଏକସୁତ । ଅସମଞ୍ଜସ ନାମେ ଖ୍ୟାତ ।।୫୭
ତା'ର କୁମର ଅଂଶୁମାନ । ସକଳ ଗୁଣେ ଗୁଣଧାମ ।।୫୮
ସେ ଥାଇ ପିତାମହ ହିତେ । ମନ ବଚନ କାୟେ ନିତ୍ୟେ ।।୫୯
ଅସମଞ୍ଜସ ଯା'ର ନାମ । କରେ ନିନ୍ଦିତ ଆଚରଣ ।।୬୦
ସେ ପୂର୍ବଜନ୍ମେ ଯୋଗୀ ଥିଲା । ସଙ୍ଗ ଦୋଷରୁ ଭ୍ରଷ୍ଟ ହେଲା ।।୬୧
ଏଣୁ ନିନ୍ଦିତ କର୍ମ କରେ । ଜ୍ଞାତିଙ୍କ ଅପ୍ରିୟ ଆଚରେ ।।୬୨
ଅସମଞ୍ଜସ ନାମ ଯେଣୁ । ଲୋକଙ୍କୁ ହିଂସା କରେ ତେଣୁ ।।୬୩
ଯୋଗବଳରୁ ଜାତିସ୍ମର । ଏ ଜନ୍ମେ ଅଛଇ ତାହାର ।।୬୪
ତେଣୁ ସେ ସଙ୍ଗ ପରିହରି । ଲୋକେ ନିନ୍ଦିତ କର୍ମ କରି ।।୬୫
ଶିଶୁମାନଙ୍କୁ ଧରି ବଳେ । ପକାଏ ସରଯୂର ଜଳେ ।।୬୬
ଦେଖି ତାହାର ମନ୍ଦପଣ । ଅଯୋଧ୍ୟାବାସୀ ପ୍ରଜାଗଣ ।।୬୭
ସଗରେ ଜଣାଇଲେ ଯାଇ । ଅତି ଦୁଃଖିତ ରାଜା ହୋଇ ।।୬୮
ସଗର ହୋଇଣ ଦୁଃଖିତ । ପୁତ୍ର ସ୍ନେହକୁ କଲା ତ୍ୟକ୍ତ ।।୬୯
ଘରୁ ବାହାର କରି ଦେଲା । ଯେଣୁ ସେ ପ୍ରଜାଙ୍କୁ ପୀଡ଼ିଲା ।।୭୦
ସେ ପୁଣି ଯୋଗବଳ କଲା । ମୃତ ବାଳକମାନ ଦେଲା ।।୭୧
ବାଳକ ପାଇ ତୋଷମନେ । ଅଯୋଧ୍ୟାବାସୀ ପ୍ରଜାଜନେ ।।୭୨
ବିସ୍ମିତ ହୋଇଲେ ସକଳେ । ଅସମଞ୍ଜସ ଯୋଗବଳେ ।।୭୩
ତା'ର ଅଦ୍ଭୁତକର୍ମ ଦେଖି । ସଗର ହେଲେ ମହାସୁଖୀ ।।୭୪
ଏବେ ହୋ ଶୁଣ ନରନାଥ । ସେ ଅଂଶୁମାନର ଚରିତ ।।୭୫
ସଗର ତା'ର ମୁଖ ଚାହିଁ । ବୋଇଲେ ଅଶ୍ୱ ଆଣ ଯାଇ ।।୭୬
ଏମନ୍ତେ ପିତାମହ ବାକ୍ୟେ । ସେ ଅଂଶୁମାନ ଗଲା ଏକେ ।।୭୭
ପିତୃବ୍ୟ-ଖାତ-ପଥେ ଗଲା । ପାତାଳେ ଅଶ୍ୱକୁ ଦେଖିଲା ।।୭୮
ଦେଖିଲା କପିଳ-ସମ୍ମୁଖେ । ବାନ୍ଧିଲା-ଅଶ୍ୱ ଅଛି ସୁଖେ ।।୭୯
କପିଳ ପାଦତଳେ ପଡ଼ି । ସେ ଅଂଶୁମାନ କରଯୋଡ଼ି ।।୮୦
ଅନେକ ସ୍ତୁତିବାକ୍ୟ ବଳେ । ପୂଜିଲା ଚରଣ କମଳେ ।।୮୧
ବୋଲଇ ଶିରେ କର ଦେଇ । ଭୋ ନାଥ କର ମୋତେ ତ୍ରାହି ।।୮୨
ଶକ୍ର ବିରଞ୍ଚି-ମହାଦେବ । ସେ କାହିଁ ଜାଣିବେ ତୋ' ଭାବ ।।୮୩
ତୁ ଜ୍ଞାନଘନେ ମୋହ ନାଶୁ । ସଂସାର ସ୍ୱତେଜେ ପ୍ରକାଶୁ ।।୮୪
ସକଳ ଆଦି ମୁନି ଯେତେ । ବିଶେଷେ ଭାବନ୍ତି ସେ ତୋତେ ।।୮୫

ତୋ’ ରୂପ ଜୀବ-ମୋକ୍ଷ ଅର୍ଥେ । ମୁଁ ତୋତେ ଜାଣିବି କେମନ୍ତେ ।।୮୬
ତୋ’ ମାୟା ଜୀବ ଜ୍ଞାନ ହରେ । ସଂସାରେ ଜନ୍ମ-ମୃତ୍ୟୁ କରେ ।।୮୭
ଜୀବକୁ ଜ୍ଞାନ ଦେବା ଅର୍ଥେ । ତୋ’ର ପ୍ରକାଶ ଏ ଜଗତେ ।।୮୮
ଅବିଦ୍ୟା କର୍ମ ପଥେ ଜଡ଼େ । ତୋ’ ମାୟା ଗହନ ନିବିଡ଼େ ।।୮୯
ଜୀବନ ବନ୍ଧନ ବିଶ୍ୱାସେ । ଦାରା-ତନୟ ଗୃହବାସେ ।।୯୦
ଏଣୁ ତୋ’ ଚରଣ-କମଳେ । ତା’ ଚିତ୍ତ ନ ରହେ ନିଶ୍ଚଳେ ।।୯୧
ଆଜଟି ନିସ୍ତରିଲି ମୁହିଁ । ଭୋ ନାଥ ତୋ’ ଚରଣ ଚାହିଁ ।।୯୨

## ଶୁକ ଉବାଚ

ଏମନ୍ତେ ତା’ର ସ୍ତୁତି ଶୁଣି । ପ୍ରସନ୍ନଚିତ୍ତେ ମହାମୁନି ।।୯୩
ଅଂଶୁମାନର ମୁଖ ଚାହିଁ । ବୋଲନ୍ତି ଅନୁଗ୍ରହ ବହି ।।୯୪

## କପିଳ ଉବାଚ

ହେ ପୁତ୍ର ଅଶ୍ୱ ଘେନିଯାଅ । ତୋ’ ପିତାମହ ପାଶେ ଦିଅ ।।୯୫
ଏ ଅଶ୍ୱେ ଯଜ୍ଞ ପୂଜା କରି । ବିଷମ ସଙ୍କଟୁ ନିସ୍ତରି ।।୯୬
ଏ ଯେ ତୋହର ପିତୃକୂଳେ । ଭସ୍ମ ହୋଇଲେ କୋପାନଳେ ।।୯୭
ଏହାଙ୍କ ମୋକ୍ଷ ଗଙ୍ଗାଜଳେ । ଅନ୍ୟଥା ନାହିଁ ଏ ଶୟଳେ ।।୯୮
ଏମନ୍ତେ କପିଳ ବଚନେ । ସେ ଅଂଶୁମାନ ତୋଷମନେ ।।୯୯
ତକ୍ଷଣେ ଅଶ୍ୱକୁ ଆଣିଲେ । ପିତାମହର ପାଶେ ଦେଲେ ।।୧୦୦
ସେ ଅଶ୍ୱମାଂସେ ଯଜ୍ଞ କରି । ବିଷମ ସଙ୍କଟୁ ନିସ୍ତରି ।।୧୦୧
ଅଂଶୁମାନକୁ ରାଜ୍ୟ ଦେଇ । କର୍ମବନ୍ଧନୁ ମୋକ୍ଷ ହୋଇ ।।୧୦୨
ଔର୍ବ-ବଚନେ ବନେ ଗଲା । ଅନ୍ତେ ସେ ଗୋବିନ୍ଦ ଲଭିଲା ।।୧୦୩
ସୁଜନେ ଶୁଣିମା ଶ୍ରବଣେ । ଏ ହରିରସ ଅନୁକ୍ଷଣେ ।।୧୦୪
ଅବିଦ୍ୟା ବନ୍ଧୁ ପାର ହୋଇ । ଅନ୍ତେ ଲଭିବ ଭାବଗ୍ରାହୀ ।।୧୦୫
ବୋଲଇ ଦାସ ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୧୦୬

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଅଷ୍ଟମୋଽଧ୍ୟାୟଃ ।।



# ନବମ ଅଧ୍ୟାୟ

## ଶୁକ ଉବାଚ

ଏବେ ହୋ ଶୁଣ ନୃପମଣି । କପିଳ ମୁଖୁଁ ବାକ୍ୟ ଶୁଣି ।।୧
ସେ ଅଂଶୁମାନ ଘୋର ବନେ । ବସିଲା ନିଶ୍ଚଳ ଆସନେ ।।୨
ମନପବନ ସଂଯମନେ । ସଂକଳ୍ପ ଗଙ୍ଗାର ଆଗମେ ।।୩
ଅନେକ କାଳ ତପ କଲା । ସେ ବନେ ପ୍ରାଣ ଉତ୍ସର୍ଗିଲା ।।୪
ତଦନ୍ତେ ତା’ ପୁତ୍ର ଦିଲୀପ । ଗଙ୍ଗାର ଅର୍ଥେ କଲା ତପ ।।୫
ତଥାପି ଗଙ୍ଗା ନ ପାଇଲା । କାଳର ବଶେ ନାଶ ଗଲା ।।୬
ତା’ର କୁମର ଭଗୀରଥ । ଗଙ୍ଗା ଆଗମେ ତପଚିତ୍ତ ।।୭
ସେ ତପ କଲା ଘୋରବନେ । ବସିଲା ନିଶ୍ଚଳ ଆସନେ ।।୮
ତାହାର ତପବଳ ଭାବି । ସନ୍ତୋଷେ ମିଳିଲେ ଜାହ୍ନବୀ ।।୯
ବୋଲନ୍ତି ପ୍ରସନ୍ନ ବଦନେ । ବର ତୁ ମାଗ ତୋଷମନେ ।।୧୦
ତକ୍ଷଣେ ଶିରେ ଦେଇ କର । ବୋଲେ ମୋ’ ପିତୃଙ୍କୁ ଉଦ୍ଧର ।।୧୧
କପିଳ ତେଜେ ଦଗ୍ଧ ହୋଇ । ତୋ’ ବିନୁ ତା’ଙ୍କ ଗତି ନାହିଁ ।।୧୨
ଶୁଣି ବୋଲନ୍ତି ଭଗବତୀ । କେ ସହି ପାରିବ ମୋ’ ଗତି ।।୧୩
ଗଗନୁ ଭୂମିରେ ପଡ଼ନ୍ତେ । ମହୀ ନ ଶିବ ମୋ’ର ଘାତେ ।।୧୪
ପାତାଳେ ପଡ଼ିବି ଯେ ମୁହିଁ । ମୋ’ ଉଦ୍ଧାରଣେ କେହି ନାହିଁ ।।୧୫
କି ଅବା ଭୂମିକି ମୁଁ ଗଲେ । ମନୁଷ୍ୟେ ମୋ’ର ତହିଁ ଭଲେ ।।୧୬
ଧୋଇବେ ପାପ ତାହା ମୁହିଁ । ଧୋଇବି କାହିଁ ଚିନ୍ତ ତୁହି ।।୧୭
ବିଷ୍ଣୁଙ୍କ ଆଜ୍ଞାର ପ୍ରମାଣ । ନ ଗଲେ ନାହିଁ ପରିତ୍ରାଣ ।।୧୮
ଏମନ୍ତ ଗଙ୍ଗା ବାକ୍ୟ ଶୁଣି । ରାଜା ବୋଲନ୍ତି ମନେ ଗୁଣି ।।୧୯

## ଭାଗୀରଥ ଉବାଚ

ସାଧୁ ସନ୍ନ୍ୟାସୀ ଶାନ୍ତ ଦାନ୍ତ । ବ୍ରହ୍ମିଷ୍ଠ ଶୁଚି ଦୟାବନ୍ତ ।।୨୦
ଏହାଙ୍କ ଅଙ୍ଗସଙ୍ଗ ଫଳେ । ପାପ ହରଇ ଭୂମିତଳେ ।।୨୧
ତୁମ୍ଭର ପାପ ବିନାଶନେ । କ୍ଷମ କି ନୋହିବେ ସେମାନେ ।।୨୨
ତୋ’ ବେଗ ରୁଦ୍ର ଅବା ସହେ । ଯେ ହର ବିଶ୍ୱଆତ୍ମା ବହେ ।।୨୩
ରୁଦ୍ରର ଦେହେ ଏ ଜଗତ । ବସନ ପ୍ରାୟେ ଓତଃପ୍ରୋତ ।।୨୪

ତୋହର ବେଗ ସହିବାରେ । ତା' ବିନୁ ଅଛି କେ ଅପରେ ।।୨୫
ଗଙ୍ଗା ବୋଇଲେ ଏଟି ସତ୍ୟ । ବେଗେ ତୁ ସେବ ବିଶ୍ୱନାଥ ।।୨୬
ଏମନ୍ତ ଗଙ୍ଗ-ବାକ୍ୟ ଶୁଣି । ଆନନ୍ଦେ ଗଲା ନୃପମଣି ।।୨୭
ସେବିଲା ଈଶ୍ୱର ଚରଣେ । ପିତୃଙ୍କ ଉଦ୍ଧାର କାରଣେ ।।୨୮
ସେ ଭଗୀରଥ ପୁଣ୍ୟବଳେ । ଶିବ ସନ୍ତୋଷ ଅଳ୍ପକାଳେ ।।୨୯
ହେ ଭଗୀରଥ ମାଗ ବର । ଦେବଇଁ ସତ୍ୟ ଏ ମୋହର ।।୩୦
ହେ ଦେବ ଶୁଣ ଶୂଳପାଣି । ମୋ' ପିତାମହଙ୍କ କାହାଣୀ ।।୩୧
କପିଳ କୋପେ ସେ ଜଳିଲେ । ମୋତେ ସେ ପ୍ରସନ୍ନ ହୋଇଲେ ।।୩୨
ବୋଇଲେ ଗଙ୍ଗାଙ୍କୁ ଆଣିଲେ । ତୋ' ପିତୃ ନିସ୍ତରିବେ ଭଲେ ।।୩୩
ଗଙ୍ଗା ପ୍ରସନ୍ନେ ମୋତେ ଚାହିଁ । ମା' ତେଜ ଶିବ ପାରେ ସହି ।।୩୪

**ଶିବ ଉବାଚ**

ବୋଇଲେ ଧରିବି ମୁଁ ଶିରେ । ଜଟାକଳପ ଅଭ୍ୟନ୍ତରେ ।।୩୫
ଜାହ୍ନବୀ ରୁଦ୍ରର ବଚନେ । ତକ୍ଷଣେ ସ୍ରବିଲେ ଗଗନେ ।।୩୬
ସ୍ୱଭାବେ ବିଷ୍ଣୁପାଦଜଳ । ସୁପୁଣ୍ୟ ଶୁଚି ସୁନିର୍ମଳ ।।୩୭
ଜଳେ ପୂରିଲା ଜଟାଭାର । ଧାରାଏ ତିନ୍ତିଲା ଶରୀର ।।୩୮
ରୁଦ୍ର-ଶରୀରୁ ଜଳରାଶି । ବହିଲା ଭୂମିତଳେ ଆସି ।।୩୯
ଯେ ଗଙ୍ଗା ଭୁବନ-ପାବିନୀ । ତାହାଙ୍କୁ ଭଗୀରଥ ଘେନି ।।୪୦
ବସିଲା ବାୟୁବେଗ ରଥେ । ଗଙ୍ଗା ତାହାର ଅନୁପଥେ ।।୪୧
ପବିତ୍ର କରି ବେନିପାଶେ । ଲାଗିଲେ ଯେତେ ନଗ୍ର-ଦେଶେ ।।୪୨
ଧରଣୀ-ବିବରେ ପଶିଲେ । କପିଳ ଆଶ୍ରମେ ମିଳିଲେ ।।୪୩
ବିଷ୍ଣୁଙ୍କୁ ପ୍ରଦକ୍ଷିଣ କରି । ତହୁଁ ଚଳିଲେ ଶୀଘ୍ର କରି ।।୪୪
ସଗର-ସୁତେ ଯହିଁ ମିଳି । ଅନଳେ ଯାଇଥିଲେ ଜଳି ।।୪୫
ଜଳ ପଶିଲା ତା'ଙ୍କ ମଧ୍ୟେ । ତକ୍ଷଣେ ପରମ ଆନନ୍ଦେ ।।୪୬
ଜ୍ୟୋତି ସ୍ୱରୂପେ ସ୍ୱର୍ଗେ ଗଲେ । ଶୂନ୍ୟେ ଦେଖନ୍ତି ଦିଗପାଳେ ।।୪୭
କପିଳମୁନି କୋପାନଳ । ଦହଇ ଭୁବନ-ମଣ୍ଡଳ ।।୪୮
ଯେ ଜଳ ସ୍ପରଶନ ମାତ୍ରେ । ଦୁରିତ ନରହଇ ଗାତ୍ରେ ।।୪୯
ଅନନ୍ତ ଚରଣ ସ୍ମରଣେ । ଗଙ୍ଗା ସ୍ମରଣେ ପାପ ନାଶେ ।।୫୦
ସେ ଗଙ୍ଗାଜଳେ ଦେଇ ମନ । ଭବୁ ତରିଲେ ମୁନିଜନ ।।୫୧



ଏବେ ହୋ ଶୁଣ ପରୀକ୍ଷିତ । ସଗର-ବଂଶାନୁଚରିତ ।।୫୨
ସେ ଭଗୀରଥର ତନୟେ । ସ୍ୱଭାବେ ଶ୍ରୁତ ନାମ ବହେ ।।୫୩
ନାଭ ତାହାର ସୁତ ହୋଏ । ଅଶେଷ ଗୁଣ ଯା'ର ଦେହେ ।।୫୪
ସିନ୍ଧୁଦ୍ୱୀପ ତା'ର ନନ୍ଦନ । ତହୁଁ ଅୟୁତାୟୁ ଉତ୍ପନ୍ନ ।।୫୫
ତା' ସୁତ ରତୁପର୍ଣ୍ଣ ଲେଖା । ନଳ ଯାହାର ପ୍ରାଣସଖା ।।୫୬
ଅକ୍ଷବିଦ୍ୟାରେ ଗରୁଟାଣ । ନଳକୁ ଶିଖାଇ ରାଜନ ।।୫୭
ଅଶ୍ୱବିଦ୍ୟାକୁ ନଳୁଁ ନେଇ । ବନେ ପଶିଲା ତପଧ୍ୟାୟି ।।୫୮
ତା'ର କୁମର ସର୍ବକାମ । ସ୍ୱଭାବେ ସର୍ବ ଗୁଣଧାମ ।।୫୯
ସୁଦାସ ତାହାର ସନ୍ତତି । ତା' ପୁତ୍ର ମଦୟନ୍ତୀ ପତି ।।୬୦
ତାହାର ମିତ୍ର ସହ ନାମ । କଲ୍ମାଷପାଦ ପୁଣି ନାମ ।।୬୧
ବଶିଷ୍ଠ ଗୁରୁ ଶାପ ପାଇଁ । ବନେ ରାକ୍ଷସ ଦେହ ବହି ।।୬୨
ସ୍ୱକର୍ମେ ଅପୁତ୍ର ହୋଇଲା । କୋପେ ବ୍ରାହ୍ମଣୀ ଶାପ ଦେଲା ।।୬୩
ଏ କଥା ଶୁକମୁଖୁଁ ଶୁଣି । ବୋଲେ ପରୀକ୍ଷ ନୃପମଣି ।।୬୪
ମହାତ୍ମା ସୌଦାସ କେମନ୍ତେ । ରାକ୍ଷସ ହୋଇଲା ବନସ୍ତେ ।।୬୫
କିବା ଅନୀତି ଆଚରିଲା । ଅପୁତ୍ର କିଗୁଣେ ହୋଇଲା ।।୬୬
ଏ କଥା କହ ମୁନିବର । ମୁଁ ଯେବେ ସେବକ ତୁମ୍ଭର ।।୬୭

**ଶୁକ ଉବାଚ**

ଶୁକ କହନ୍ତି ରାଜା ଚାହିଁ । ଶୁଣ ହୋ ସାବଧାନ ହୋଇ ।।୬୮
ସୌଦାସ ଚରିତ ଅଦ୍ଭୁତ । ଭଜିଲା କର୍ମର ଆୟତ୍ତ ।।୬୯
ବନେ ରାକ୍ଷସ ବେନିଭାଇ । ବୁଲନ୍ତି ନରମାଂସ ଖାଇ ।।୭୦
ସୌଦାସ ରାଜା ଶସ୍ତ୍ରହସ୍ତେ । ବନେ ପଶିଲା ପଶୁ ଅର୍ଥେ ।।୭୧
ସେ ବନେ ଥିଲେ ବେନିଭାଇ । ରାକ୍ଷସ ବ୍ୟାଘ୍ରରୂପ ହୋଇ ।।୭୨
ସେ ଦୁଇ ରାକ୍ଷସଙ୍କୁ ଦେଖି । ବାଣ ମାଇଲା ରାଜା ଲକ୍ଷି ।।୭୩
ବାଣେ ରାକ୍ଷସ ମରେ ଏକ । ତା'ର ଭାଇର କର୍ମ ଦେଖ ।।୭୪
ରାକ୍ଷସ ଭ୍ରାତୃବଧ ଦେଖି । ଅତ୍ୟନ୍ତ ହୋଇଲାକ ଦୁଃଖୀ ।।୭୫
ମନରେ ବିଚାର କରଇ । ଏ ଯେ ମାଇଲା ମୋର ଭାଇ ।।୭୬
ଏବେ ଏ ନିଜପୁରେ ଗଲେ । କରିବି ପ୍ରତିଫଳ ହେଲେ ।।୭୭
ଚିନ୍ତିଲା ପ୍ରତିକାର ମନେ । ମିଳିଲା ରାଜା ସନ୍ନିଧାନେ ।।୭୮

ବୋଲଇ ରାଜମୁଖ ଚାହିଁ । ତୁ ଯେ ମାଇଲୁ ମୋର ଭାଇ ।।୭୯
ତୁ ଏବେ ନିଜପୁରେ ଚଳ । ମୁହିଁ କରିବି ପ୍ରତିକାର ।।୮୦
ତଦନ୍ତେ ରାଜା ଗୃହେ ଗଲା । ଶୁଣ ହେ ଅଭିମନ୍ୟୁବଳା ।।୮୧
ଏମନ୍ତେ ଗଲା ଦିନାକେତେ । ବଶିଷ୍ଠ ନୃପତି ଅଗ୍ରତେ ।।୮୨
ମିଳିଲେ କ୍ଷୁଧାର କଷଣେ । ଆମିଷ ଭୋଜନ କାରଣେ ।।୮୩
ବୋଲନ୍ତି ନୃପତି ଅଗ୍ରତେ । ମାଂସ ଭୋଜନ ଦିଅ ମୋତେ ।।୮୪
ଏମନ୍ତ କହି ମୁନିଗଲେ । ସନ୍ଧ୍ୟାର ଅର୍ଥେ ଗଙ୍ଗାଜଳେ ।।୮୫
ବଶିଷ୍ଠ ଆଗମନ ଚାହିଁ । ସୂପକାରଙ୍କୁ ସେ ଅଣାଇଁ ।।୮୬
ବୋଲଇ ମାଂସ ପାକ କର । ଭୁଞ୍ଜିବେ ବ୍ରହ୍ମାଙ୍କ କୁମର ।।୮୭
ଶୁଣି ସୂପକାର ସୁଚିତ୍ତେ । ଆମିଷ ରାନ୍ଧିଲେ ତ୍ୱରିତେ ।।୮୮
ଉତ୍ତମ ପଶୁଙ୍କର ମାଂସ । ଯେଣେ ବଶିଷ୍ଠ ମନ ତୋଷ ।।୮୯
ସେ ମଧ୍ୟେ ସୂପକାର ରୂପେ । ରାକ୍ଷସ ଭାଇ ଥିଲା ଗୋପ୍ୟେ ।।୯୦
ସେ ନରମାଂସ ପାକ କରି । ସୁବର୍ଣ୍ଣପାତ୍ରେ ତାହା ଭରି ।।୯୧
ତକ୍ଷଣେ ଅନ୍ତର୍ଦ୍ଧାନେ ଗଲା । ଏମନ୍ତେ ବଶିଷ୍ଠ ମିଳିଲା ।।୯୨
ଭୋଜନେ ବସିଲେ ଆସନେ । ରାଜା ସମୀପେ ବିଧି ମାନ୍ୟେ ।।୯୩
ଏମନ୍ତେ ସୂପକାର ନେଲେ । ସୁବର୍ଣ୍ଣପାତ୍ରେ ମାଂସ ଦେଲେ ।।୯୪
ତକ୍ଷଣେ ମନୁଷ୍ୟର ମାଂସ । କରେ ଘେନିଲେ ଏକଗ୍ରାସ ।।୯୫
ଆଘ୍ରାଣ ନାସାରନ୍ଧ୍ରେ କଲେ । ତକ୍ଷଣେ ତଳେ ପକାଇଲେ ।।୯୬
ରାଜାର ବଦନ ଅନାଇଁ । ବୋଲନ୍ତି କୋପଭର ହୋଇ ।।୯୭
ମୋତେ ଯେ ଦେଲୁ ନରମାଂସ । ଏ ପାପେ ହୁଅ ତୁ ରାକ୍ଷସ ।।୯୮
ଅରଣ୍ୟେ ଦ୍ୱାଦଶ-ବରଷ । ଭକ୍ଷଣ କର ନରମାଂସ ।।୯୯
ଏମନ୍ତ ମୁନିବାକ୍ୟ ଶୁଣି । କୋପେ କମ୍ପିଲା ନୃପମଣି ।।୧୦୦
ବୋଲେ ମୁଁ ନୁହେଁ ଜ୍ଞାନଭ୍ରଂଶ । କେମନ୍ତେ ଦେଲି ନରମାଂସ ।।୧୦୧
ନ ଜାଣି ଶାପ ଦେଲ ଗୁରୁ । କେ ବ୍ରହ୍ମଶାପ ଆନ କରୁ ।।୧୦୨
ମୁଁ ଏବେ ପ୍ରତିଶାପ ଦେବି । ଏମନ୍ତ ବୁଦ୍ଧି ଚିତ୍ତେ ଭାବି ।।୧୦୩
ଜଳଅଞ୍ଜଳି କରେ କଲା । ବଶିଷ୍ଠ ଅଗ୍ରତେ ମିଳିଲା ।।୧୦୪
ରାଜାର କୋପ ଦେଖି ମନେ । ପତ୍ନୀ ମିଳିଲା ସନ୍ନିଧାନେ ।।୧୦୫
ତାହାର ମଦୟନ୍ତୀ ନାମ । ସକଳଗୁଣେ ଗୁଣଧାମ ।।୧୦୬



ବୋଲନ୍ତି ସ୍ୱାମୀ ମୁଖ ଚାହିଁ । ଏ କଥା ତୋତେ ନଘଟଇ ।।୧୦୭
ଗୁରୁଙ୍କ ଶିଷ୍ୟ ଶାପ ଦେଲେ । ଅଧର୍ମ ହୋଇବଟି ଭଲେ ।।୧୦୮
ଏ କଥା କେବେ ହେଁ ନ କର । ତା'ର ବଚନେ ନୃପବର ।।୧୦୯
ମନ୍ତ୍ରିତ ଜଳ କୋପଭରେ । ସିଞ୍ଚିଲା ଆପଣା ପୟରେ ।।୧୧୦
ତକ୍ଷଣେ ଅଜ୍ଞାନ ହୋଇଲା । କଲ୍ମାଷପାଦ ବୋଲାଇଲା ।।୧୧୧
କୋପେ ଚାହିଁଲା ଦଶଦିଶେ । ସକଳ ମାଂସ ପ୍ରାୟେ ଦିଶେ ।।୧୧୨
ତକ୍ଷଣେ ରାକ୍ଷସ ଶରୀରେ । ରାଜା ପଶିଲା ବନଘୋରେ ।।୧୧୩
ବନେ ରାକ୍ଷସ ଦେହବହି । ଭ୍ରମଇ ନରମାଂସ ଖାଇ ।।୧୧୪
ଏମନ୍ତେ ଗଲା କେତେଦିନ । ଶୁଣ ହେ ପରୀକ୍ଷ ରାଜନ ।।୧୧୫
ବିପ୍ରଦମ୍ପତି ଏକଦିନେ । ଆସନ୍ତି ଗହନ କାନନେ ।।୧୧୬
ପତ୍ନୀ ଯେ ପିତାଗୃହେ ଥିଲା । ଏମନ୍ତେ ଋତୁ ଉପୁଜିଲା ।।୧୧୭
ସେ ବିପ୍ର ପୁଷ୍ପୋତ୍ସବ ଆଶେ । ପତ୍ନୀ ଆଣନ୍ତେ ଗୃହବାସେ ।।୧୧୮
ସେ ବନେ ବିଧାତାର ବଳେ । ରାକ୍ଷସ ନିକଟେ ମିଳିଲେ ।।୧୧୯
ସ୍ୱଭାବେ ନିର୍ଜନ ବନସ୍ତ । ବୁଲନ୍ତି ହରାଇଣ ପଥ ।।୧୨୦
ସେ ରାଜା ଭୟଙ୍କର ରୂପେ । ମିଳିଲା ତାହାଙ୍କ ସମୀପେ ।।୧୨୧
ଗର୍ଜନ କରି ଭୟଙ୍କରେ । ବିପ୍ରକୁ ଧରି ବେନିକରେ ।।୧୨୨
ଭକ୍ଷଣେ ତୁଣ୍ଡ ବିସ୍ତାରଇ । ବ୍ରାହ୍ମଣୀ ବୋଲେ ତା'କୁ ଚାହିଁ ।।୧୨୩
ହେ ନୃପ ଅଧର୍ମ ନ କର । ଇକ୍ଷ୍ୱାକୁ ବଂଶେ ଯଶସ୍କର ।।୧୨୪
ତୁ ନୋହୁ ରାକ୍ଷସ-ଶରୀର । ପ୍ରତ୍ୟକ୍ଷେ ଦମୟନ୍ତୀ ବର ।।୧୨୫
ମୋ'ର ସ୍ୱାମୀଙ୍କି ଛାଡ଼ ତୁହି । ପୁଷ୍ପଉତ୍ସବ ମୋର ହୋଇ ।।୧୨୬
ସ୍ୱାମୀର ସଙ୍ଗେ ସଙ୍ଗ କରି । ପୁତ୍ର ସନ୍ତତି ଗର୍ଭେ ଧରି ।।୧୨୭
ସଂସାର ହୋଇବ ମୋହର । ଦୁର୍ଲ୍ଲଭ ନର କଳେବର ।।୧୨୮
ଦେବେ ବାଞ୍ଛନ୍ତି ଯାହା ଚିତ୍ତେ । ଏ କର୍ମ କରିବୁ କେମନ୍ତେ ।।୧୨୯
ଦେଖ ପଣ୍ଡିତ ମୋ'ର ସ୍ୱାମୀ । ତପ ସାଧନେ ପଥଶ୍ରମୀ ।।୧୩୦
ଏ ସର୍ବଭୂତେ ଦୟା ବହେ । ଦେବେ ବସନ୍ତି ଏହା ଦେହେ ।।୧୩୧
ଏହାର ବଧେ ସୃଷ୍ଟି ବଧ । ଏ ମଲେ ଲଭିବୁ ପ୍ରମାଦ ।।୧୩୨
ଏ କଥା ଯେବେ ମଣୁ ମିଛ । ତୁ ମୋତେ ଆଗ କରି ଭକ୍ଷ ।।୧୩୩
ମୋହର ଆଗେ ସ୍ୱାମୀ ମଲେ । ଜୀବନ ନ ଧରିବି ଭଲେ ।।୧୩୪

ଏମନ୍ତେ ଅନେକ କହିଲା | ତାହାର ଚରଣେ ପଡ଼ିଲା ||୧୩୫
କାନ୍ଦଇ ପତିମୁଖ ଚାହିଁ | ତକ୍ଷଣେ ବ୍ୟାଘ୍ରପ୍ରାୟ ହୋଇ ||୧୩୬
ବଶିଷ୍ଠ ଶାପେ ଜ୍ଞାନ ଗଲା | ତକ୍ଷଣେ ବିପ୍ରକୁ ଭକ୍ଷିଲା ||୧୩୭
ସ୍ୱାମୀମରଣ ଦେଖି କୋପେ | ରାକ୍ଷସେ ଚାହିଁ ମନସ୍ତାପେ ||୧୩୮
ବୋଲଇ ଶୁଣରେ ପାମର | ସ୍ୱାମୀଙ୍କି ନାଶିଲୁ ମୋହର ||୧୩୯
ତୋହର ପତ୍ନୀ ସଙ୍ଗକାଳେ | ପ୍ରାଣ ତୁ ଛାଡ଼ ଅନ୍ତରାଳେ ||୧୪୦
ଏମନ୍ତ ଶାପ ତା'କୁ ଦେଇ | ପଶିଲା ଅଗ୍ନିକୁଣ୍ଡେ ଯାଇ ||୧୪୧
ତକ୍ଷଣେ ଜୀବନ ଛାଡ଼ିଲା | ସ୍ୱଧର୍ମେ ପତି ସଙ୍ଗେ ଗଲା ||୧୪୨
ଏମନ୍ତେ ମୁନି-ଶାପ-ଦୋଷ | ପୂରିଲା ଦ୍ୱାଦଶବରଷ ||୧୪୩
ଶାପୁଁ ମୁକତ ରାଜା ହୋଇ | ମିଳିଲା ଅନ୍ତଃପୁରେ ଯାଇ ||୧୪୪
ପତ୍ନୀ ସଙ୍ଗମ ଚିତ୍ତେ ଚିନ୍ତି | ତା' ଦେଖି ବୋଲେ ଦମୟନ୍ତୀ ||୧୪୫
ବ୍ରାହ୍ମଣୀ ଶାପ ଦେଲା ତୋତେ | ମୋ' ଅଙ୍ଗ ଛୁଇଁବୁ କେମନ୍ତେ ||୧୪୬
ସ୍ତିରୀ ମୈଥୁନ ଆଶା ତେଜ | ଜୀବନେ ଯେବେ ଅଛି କାର୍ଯ୍ୟ ||୧୪୭
ଏମନ୍ତେ ତାହାର ବଚନେ | ରାଜା ବିଚାରେ ଦୁଃଖମନେ ||୧୪୮
କେମନ୍ତେ ହୋଇବ ସନ୍ତତି | ନାନା ଉପାୟ ମନେ ଚିନ୍ତି ||୧୪୯
ବଶିଷ୍ଠ ସମୀପେ ମିଳିଲା | ମୋ' ବଂଶ ରଖ ତୁ ବୋଇଲା ||୧୫୦
ଏମନ୍ତେ ରାଜାର ବଚନେ | ତା'ର କାମିନୀ ଗର୍ଭଧାନେ ||୧୫୧
ବଶିଷ୍ଠ ସଙ୍ଗେ ସଙ୍ଗ କରି | ଗର୍ଭ ହୋଇଲା ତା'ର ନାରୀ ||୧୫୨
ସେ ଗର୍ଭ ସପତ-ବରଷେ | ଜନ୍ମ ନୋହିଲା ବୋଲି ରୋଷେ ||୧୫୩
ଅଶ୍ମ ପ୍ରହାର ଗର୍ଭେ କଲା | ତକ୍ଷଣେ ପୁତ୍ର ଉପୁଜିଲା ||୧୫୪
ନାମ ତା ଅଶ୍ମକ ହୋଇଲା | ଯେଣୁ ଅଶ୍ମଘାତ ବାଜିଲା ||୧୫୫
ମୂଳକ ଅଶ୍ମକ ନନ୍ଦନ | ନାରୀକବଚ ତା'ର ନାମ ||୧୫୬
ପରଶୁରାମ କ୍ଷୟ ବେଳେ | ସୁଖେ ରଖିଲା କ୍ଷତ୍ରିକୁଳେ ||୧୫୭
ତାହାର ପୁତ୍ର ଦଶରଥ | ଐଡ଼ବିଡ଼ ଯେ ତା'ର ସୁତ ||୧୫୮
ତା'ଠାରୁ ହେଲା ଉତପତ୍ତି | ଯେ ବିଶ୍ୱସହ ନରପତି ||୧୫୯
ଖଟ୍ୱାଙ୍ଗ ତାହାର କୁମର | ଯୁଦ୍ଧେ ରଖିଲା ପୁରନ୍ଦର ||୧୬୦
ସେ ମହୀତଳେ ଚକ୍ରବର୍ତ୍ତୀ | ଶୁଣ ରାଜନ ତା'ର ଗତି ||୧୬୧
ଅସୁର ଯୁଦ୍ଧେ ଦେବଗଣେ | ତା'ଙ୍କୁ ବରିଲେ ଯୋଦ୍ଧାପଣେ ||୧୬୨



ସେ ପୁଣି ରିପୁ ଜିଣି ଯୁଦ୍ଧେ | ମେଲାଣି ଇଚ୍ଛେ ଦେବମଧ୍ୟେ ||୧୬୩
ଦେବେ ବୋଲନ୍ତି ରାଜା ଚାହିଁ | ଯେ ବର ଇଚ୍ଛା ମାଗ ତୁହି ||୧୬୪
ରାଜା ବୋଲଇ ଇନ୍ଦ୍ର ଚାହିଁ | ବର କଳ୍ପିତ ମୋ'ର ନାହିଁ ||୧୬୫
ଇନ୍ଦ୍ର ତାହାର ମୁଖ ଚାହିଁ | ବୋଇଲେ ତୁ ଯିବୁ କିପାଇଁ ||୧୬୬
ମୁହୂର୍ତ୍ତେ ଅଛି ତୋ ଜୀବନ | ତା' ଶୁଣି ବୋଲଇ ରାଜନ ||୧୬୭
ମୋହର ସ୍ୱର୍ଗେ କାର୍ଯ୍ୟ ନାହିଁ | କର୍ମଭୂମିକି ଯିବି ମୁହିଁ ||୧୬୮
ଏମନ୍ତ ଇନ୍ଦ୍ର ଆଗ କହି | ମିଳିଲେ ନିଜପୁରେ ଯାଇ ||୧୬୯
ମନ ନିବେଶି ହରିପାଦେ | ରୋମପୁଲକେ ଗଦଗଦେ ||୧୭୦
ତକ୍ଷଣେ ରାଇ ଜନପ୍ରଜା | ଭୁଜ ଉଭାରି ବୋଲେ ରାଜା ||୧୭୧
ମୁଁ ଯେ  ବ୍ରହ୍ମଣ୍ୟ କୁଳେ ଜାତ | ବ୍ରାହ୍ମଣ ମୋର ଦଇବତ ||୧୭୨
ଯେବା ଅଛଇ ମୋର ଧନ | ଦାରା-ତନୟ-ବନ୍ଧୁଜନ ||୧୭୩
ଏ ସର୍ବ ହରି-ନିବେଦନ | ଶୁଣ ସକଳ ସାବଧାନ ||୧୭୪
ସତ୍ୟ ମୁଁ କିଛି ନ ଦେଖୁଛି | ବିଷ୍ଣୁଙ୍କ ଠାରୁ ଅନ୍ୟ କିଛି ||୧୭୫
ମୋ ମତି ଧର୍ମ ବ୍ୟତିରେକେ | ହରିଙ୍କି ସର୍ବଭୂତେ ଦେଖେ ||୧୭୬
ଯେ ତିନି ଭୁବନେ ଈଶ୍ୱର | ଇନ୍ଦ୍ର ଯାଚିଲେ ମୋତେ ବର ||୧୭୭
ଏ ବର ଯେବେ ସେ ପ୍ରମାଣେ | ମୋ' ଚିତ୍ତ ରହୁ ନାରାୟଣେ ||୧୭୮
ବିଷ୍ଣୁର ମାୟାରେ ଜଗତ | ଦିଶଇ ଇନ୍ଦ୍ରଜାଲ ମତ ||୧୭୯
ସେ ମାୟା ଛାଡ଼ି ହରିପାଦେ | ମୋ' ଚିତ୍ତ ରହୁ ଅପ୍ରମାଦେ ||୧୮୦
ଏମନ୍ତ କହି ନୃପରାଣ | ତକ୍ଷଣେ ହାରିଲା ଜୀବନ ||୧୮୧
ନିସ୍ତରି ଗଲା ମାୟାମୋହେ | ପଶିଲା ଗୋବିନ୍ଦର ଦେହେ ||୧୮୨
ନିର୍ମଳ ବିଷ୍ଣୁର ଚରିତ | ସୁଜନ ଶୁଣ ଅବିରତ ||୧୮୩
ବିଷୟା ବିଷକୁ ଅମୃତ | ଏଣେ ଯେ ହୋଇବ ମୁକତ ||୧୮୪
ଶୁଣି ପୁରାଣ ଭାଗବତ | ଭାବ ହୋଇବ କୃତକୃତ୍ୟ ||୧୮୫
ବୋଲଇ ବିପ୍ର ଜଗନ୍ନାଥ | ନବମସ୍କନ୍ଧେ ଭାଗବତ ||୧୮୬

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ନବମୋଽଧ୍ୟାୟଃ ||

# ଦଶମ ଅଧ୍ୟାୟ

## ଶୁକ ଉବାଚ

ଏବେ ହୋ ଶୁଣ ମହୀପତି । ଯେ ବଂଶେ ଯାହାର ସନ୍ତତି ।।୧
ଯେ କୁଳେ ଯେବା ଅଧିପତି । ଶୁଣନ୍ତେ ପାପ ବିନାଶନ୍ତି ।।୨
ଖଟ୍ୱାଙ୍ଗୁ ଦୀର୍ଘବାହୀ ନାମ । ପୁତ୍ର ହୋଇଲା ଗୁଣଧାମ ।।୩
ରଘୁ ତାହାର ତହୁଁ ଜାତ । ସକଳ ଗୁଣେ ସୁବିଖ୍ୟାତ ।।୪
ଅଜ ତାହାର ବୀର୍ଯ୍ୟେ ଜାତ । ତା'ର କୁମର ଦଶରଥ ।।୫
ସେ ଦଶରଥ ଘରେ ହରି । ଜନ୍ମିଲେ ନରଦେହ ଧରି ।।୬
ଚତୁର୍ଦ୍ଧା ରୂପେ ଦେବକାର୍ଯ୍ୟେ । ଜନ୍ମିଲେ ଦଶରଥ ବୀର୍ଯ୍ୟେ ।।୭
ରାମ ଲକ୍ଷ୍ମଣ ଶତ୍ରୁଘନ । ଭରତ ତୁଲେ ଚାରିଜଣ ।।୮
ସେ ରାମ ଚରିତ ତୁ ସୁଖେ । ଶୁଣିଛୁ ଋଷିଙ୍କର ମୁଖେ ।।୯
ପିତା ବଚନେ ରାଜ୍ୟ ଛାଡ଼ି । ପଦ୍ମ ଚରଣେ ଭୂମି ମାଡ଼ି ।।୧୦
ଲକ୍ଷ୍ମଣ ସୀତାର ସମେତେ । ଯେ ଦୁଃଖେ ବଞ୍ଚିଲେ ବନସ୍ତେ ।।୧୧
ସୁଗ୍ରୀବ ତୁଲେ ମିତ୍ର କରି । ବିରୂପ କଲେ ସେ ଅସୁରୀ ।।୧୨
ତା' ଶୁଣି ରାବଣ ଅଇଲା । ବନରୁ ସୀତା ହରି ନେଲା ।।୧୩
ପ୍ରିୟା ବିଚ୍ଛେଦେ ହୋଇ ଅନ୍ଧ । ସମୁଦ୍ରେ କଲେ ସେତୁବନ୍ଧ ।।୧୪
ପ୍ରଥମେ ବିଶ୍ୱାମିତ୍ର ସଙ୍ଗେ । ଯଜ୍ଞ ରଖିଲେ ଅନୁରାଗେ ।।୧୫
ମାରୀଚ ଆଦି ନିଶାଚରେ । ରାତ୍ରେ ମିଳିଲେ ଯଜ୍ଞଘରେ ।।୧୬
ଲକ୍ଷ୍ମଣ ତୁଲେ ତା ସଂହାରି । ମୁନିଙ୍କ ଯଜ୍ଞ ରକ୍ଷା କରି ।।୧୭
ସେ ପୁଣି ସୀତା ସ୍ୱୟମ୍ୱରେ । ମିଳିଲେ ବିଦେହ ନଗରେ ।।୧୮
ଭାଙ୍ଗିଲେ ଈଶ୍ୱର-କୋଦଣ୍ଡ । ବାଳକେ ଯେହ୍ନେ ଇକ୍ଷୁଦଣ୍ଡ ।।୧୯
ଅଶେଷ ରାଜାଗଣ ଜିଣି । ସୀତାଙ୍କୁ ସ୍ୱୟମ୍ୱରୁ ଆଣି ।।୨୦
ଅଯୋଧ୍ୟା ନଗରେ ଆସନ୍ତେ । ପରଶୁରାମ ବନପଥେ ।।୨୧
ବୋଲଇ ଶ୍ରୀରାମଙ୍କୁ ଚାହିଁ । ଧନୁ ଭାଙ୍ଗିଲୁ ବଳେ ତୁହି ।।୨୨
ମୋ' ଧନୁ ବେନିକରେ ବାହ । ନୋହିଲେ ସୀତା ମୋତେ ଦିଅ ।।୨୩
ଏମନ୍ତ ତା'ର ବାକ୍ୟଘୋରେ । ତା' ଧନୁ ଧରି ବାମକରେ ।।୨୪
ତକ୍ଷଣେ ଭୃଗୁପତି ବୋଲେ । ଜଂଘେ ବସାଇ ଗୁଣ ଦେଲେ ।।୨୫



ରାମର ଦେଖି ଘୋରତମ । ପାଦେ ନମିଲେ ପର୍ଶୁରାମ ।।୨୬
ସୀତାକୁ ଆଣି ନିଜପୁରେ । ପ୍ରବେଶ ହୋଇଲେ ସତ୍ୟରେ ।।୨୭
ପିତା ଯେ ପତ୍ନୀବଶ ହୋଇ । ଯାହା ବୋଇଲା କଇକେୟୀ ।।୨୮
ମୋର ତନୟ ରାଜା ହେଉ । ତୋ' ସୁତ ରାମ ବନେ ଯାଉ ।।୨୯
ସେ ରାମ ପିତାର ବଚନେ । ତକ୍ଷଣେ ଚଳିଲେ ବିପିନେ ।।୩୦
ବନେ ବୁଲନ୍ତି ବେନିଭାଇ । ଜନକ ସୁତା ସଙ୍ଗେ ଲଇ ।।୩୧
ରାବଣ ଭଗ୍ନୀ ସୂର୍ପଣଖା । ମାୟାରେ ବନେ ଦେଲା ଦେଖା ।।୩୨
ଲକ୍ଷ୍ମଣ ରଘୁନାଥ ବୋଲେ । ତା ନାସା ଶ୍ରବଣ ଛେଦିଲେ ।।୩୩
ତା' ଛଳେ ରାତ୍ରିଚରଗଣ । ଉଭାରି କଲେ ଘୋରରଣ ।।୩୪
ଖର ଦୂଷଣ ଯେ ତ୍ରିଶିର । ଯୁଦ୍ଧେ ମିଳିଲେ ମହାବୀର ।।୩୫
ସୂର୍ପଣଖାର ବନ୍ଧୁଗଣେ । ଯେତେ ମିଳିଲେ ଘୋରରଣେ ।।୩୬
ତା'ଙ୍କୁ ଛେଦିଲେ ତୀକ୍ଷ୍ଣ ଶରେ । ଅଶେଷଜନ ଉପକାରେ ।।୩୭
ଚଉଦ ସହସ୍ର ଯେ ବଳ । ଛେଦିଲେ ଦଶରଥ-ବାଳ ।।୩୮
ବରଷାଋତୁ ଆଗମନେ । ପଶିଲେ ରାମ ଘୋରବନେ ।।୩୯
ତିନ୍ତୁଳି ବୃକ୍ଷ ତଳେ ରହି । ପଲ୍ଲବେ କୁଟୀର ଭିଆଇ ।।୪୦
ସୀତାର ରୂପଗୁଣ କଥା । ଶୁଣି ରାବଣ ମନେ ବ୍ୟଥା ।।୪୧
ଚିତ୍ତ ପୀଡ଼ିତ କାମଶରେ । ରାକ୍ଷସ ପଶେ ଅନ୍ତଃପୁରେ ।।୪୨
ମାରୀଚ ରାବଣ ଆଦେଶେ । ମିଳିଲା ରଘୁନାଥ ପାଶେ ।।୪୩
ଅଦ୍ଭୁତ ବିଧାତାର ଯୋଗ । ବନେ ମିଳିଲା ମାୟାମୃଗ ।।୪୪
ବନେ ସୁବର୍ଣ୍ଣମୃଗ ଦେଖି । ରାମଙ୍କୁ ବୋଲେ ଚନ୍ଦ୍ରମୁଖୀ ।।୪୫
ଭୋ ନାଥ ମୋର କ୍ରୀଡ଼ା ଅର୍ଥେ । ସୁବର୍ଣ୍ଣ ମୃଗ ଦିଅ ମୋତେ ।।୪୬
ସେ ରାମ ନାରୀବଶ ହୋଇ । ଧନୁ-ନାରାଚ କରେ ନେଇ ।।୪୭
ଧାଇଁଲେ ମୃଗବଧ ଅର୍ଥେ । ସେ ପଶେ ଗହନ ବନସ୍ତେ ।।୪୮
ତାହାକୁ ମାରିବାର କାଳେ । ଶବଦ କଲା ସେ ବିକଳେ ।।୪୯
ରଖ ହେ ଲକ୍ଷ୍ମଣ ଶୁଭିଲା । ଜାନକୀ ଲକ୍ଷ୍ମଣେ କହିଲା ।।୫୦
ଲକ୍ଷ୍ମଣେ ଯାଅ ବେଗ ହୋଇ । ସ୍ୱାମୀଙ୍କି ବିପତ୍ତି ପଡଇ ।।୫୧
ତକ୍ଷଣେ ଧନୁ ଧରି ହସ୍ତେ । ଗଲେ ଶ୍ରୀରାମଚନ୍ଦ୍ର ପଥେ ।।୫୨
ରାବଣ ମିଳି ବୃକ୍ଷତଳେ । ସୀତାଙ୍କୁ ନେଲା ଅନ୍ତରାଳେ ।।୫୩

ସୀତା ବିଚ୍ଛେଦେ ଦୁଃଖମନେ । ତହୁଁ ଚଳିଲ ଅନ୍ୟବନେ ।।୫୪
ସ୍ତିରୀ ସଙ୍ଗତ ଦୋଷବାଦେ । ଅବଶ୍ୟ ପଡ଼ଇ ପ୍ରମାଦେ ।।୫୫
ତକ୍ଷଣେ ଏମନ୍ତ କହିଲେ । ଜଟାୟୁଶକୁ ଦଗ୍ଧ କଲେ ।।୫୬
କବନ୍ଧ ନାମେ ମହାସୁର । ବେଗେ ନାଶିଲେ ପ୍ରାଣ ତା'ର ।।୫୭
ତହୁଁ ଚଳିଲେ ଦୁଃଖମନେ । ମିଳିଲେ ଋଷ୍ୟମୂକ ବନେ ।।୫୮
ସୁଗ୍ରୀବ ତୁଲେ ମିତ୍ର କରି । ସେ ବନେ ବାଳିକି ସଂହାରି ।।୫୯
ଅଙ୍ଗଦ ହନୁମାନ ତୁଲେ । ସମୁଦ୍ର ନିକଟେ ମିଳିଲେ ।।୬୦
ପ୍ରିୟା ବିଚ୍ଛେଦେ ଦୁଃଖମନ । ଜାଣିଲେ ବରୁଣ ରାଜନ ।।୬୧
ସ୍ୱଭାବେ ଦୁର୍ଗମ ଗଭୀର । ଭ୍ରମନ୍ତି ମଗର କୁମ୍ଭୀର ।।୬୨
ତକ୍ଷଣେ ନିଜ ରୂପ ଧରି । ରାମର ପାଦେ ନମସ୍କାରି ।।୬୩
ଅନେକ ସ୍ତୁତିବାକ୍ୟ କଲା । ସେତୁବନ୍ଧନେ ମାର୍ଗ ଦେଲା ।।୬୪
ବୋଲଇ ଭାବଭକ୍ତି ବହି । ରାବଣ ବଧ କରି ତୁହି ।।୬୫
ସକଳ ଅସୁର ସଂହାରି । ବେଗେ ତୁ ଲଭ ନିଜ ନାରୀ ।।୬୬
ତୋ ଯଶ ରହୁ ଦଶଦିଶେ । ମୁନିଏ ଗାଇବେ ହରଷେ ।।୬୭
ସୁଗ୍ରୀବ ନୀଳ ହନୁମନ୍ତ । ଅଙ୍ଗଦ ତୁଲେ କପିଯୂଥ ।।୬୮
ଚଳନ୍ତୁ ରକ୍ଷବଳ ସଙ୍ଗେ । ଲଙ୍କା ଗମନ କର ବେଗେ ।।୬୯
ନିକୁମ୍ଭ କୁମ୍ଭ ଇନ୍ଦ୍ରଜିତ । ଧୂମ୍ରାକ୍ଷ ଆଦି ଯେତେ ଯୂଥ ।।୭୦
ଏ ଆଦି ଯେତେ ଘୋରସୈନ୍ୟ । କୁମ୍ଭକର୍ଣ୍ଣାଦି ବୀରମାନ ।।୭୧
ଶୂଳ ଖଡ଼ଗ ଗଦା ରିଷ୍ଟି । ଭୂଷଣ୍ଡି ତୀକ୍ଷ୍ଣ ଶରବୃଷ୍ଟି ।।୭୨
ପ୍ରହାର ଅସୁର ସମୂହେ । ସମୂଳେ ହୋନ୍ତି ଯେଣେ କ୍ଷୟେ ।।୭୩
ସୁଗ୍ରୀବ ଲକ୍ଷ୍ମଣ ସହିତେ । ଗନ୍ଧମାଦନ ହନୁମନ୍ତେ ।।୭୪
ଏ ଆଦି ରକ୍ଷବଳ ତୁଲେ । ରାବଣ ସଂହାର ତୁ ବଳେ ।।୭୫
ଏମନ୍ତ ବରୁଣର ବାଣୀ । ଶୁଣି ଚଳିଲେ ରଘୁମଣି ।।୭୬
ସଙ୍ଗତେ ଘେନି କପିବଳ । ଲଙ୍କାରେ ସଂଯୋଜି ଅନଳ ।।୭୭
ରାକ୍ଷସ ତୁଲେ ଯୁଦ୍ଧ କରି । ଅନେକ ବଳ ତା ସଂହାରି ।।୭୮
ସୀତାହରଣ ଦୋଷଫଳେ । ସଂଗ୍ରାମେ ନ ଶିଲେ ସକଳେ ।।୭୯
ଦେଖିଣ ବୀରଙ୍କ ମରଣ । ରଥ ଆରୋହିଲା ରାବଣ ।।୮୦
ମାତଳି ଘେନି ଦିବ୍ୟଯାନେ । ମିଳିଲା ରାମ ସନ୍ନିଧାନେ ।।୮୧



ରାମ ରାବଣ ମୁଖ ଚାହିଁ । କହନ୍ତି କୋପଭର ହୋଇ ।।୮୨
ମୋ' ନାରୀ ଆଣିଲୁ ଚୋରାଇ । ତପ ପ୍ରଭାବେ ଗର୍ବ ବହି ।।୮୩
ଆଜ ସରିଲା ତପ ଫଳ । ହେଲେ ଗଞ୍ଜିବି ତୋର ବଳ ।।୮୪
ଏମନ୍ତ କହି ରଘୁନାଥ । କୋପେ କୋଦଣ୍ଡ ଧରି ହସ୍ତ ।।୮୫
ବଜ୍ର ସମାନ ରାମଶର । ଭେଦିଲା ରାବଣ ହୃଦର ।।୮୬
ରଥୁଁ ପଡ଼ିଲା ଭୂମିତଳେ । ଦଶବଦନୁ ଶୋଣି ଗଳେ ।।୮୭
ଭୂମି କମ୍ପିଲା ଥରହର । ଶବଦ ଶୁଭେ ହାହାକାର ।।୮୮
ରାବଣ ହତ ଶୁଣି କର୍ଣ୍ଣେ । ସଂଭ୍ରମେ ଅନ୍ତଃପୁର ଜନେ ।।୮୯
ତକ୍ଷଣେ ମନ୍ଦୋଦରୀ ତୁଲେ । ରାକ୍ଷସୀଗଣ ଉଭାରିଲେ ।।୯୦
ରୋଦନ କରନ୍ତି ବିକଳେ । ଶବଦେ ଭୁବନ ଉଚ୍ଛୁଳେ ।।୯୧
ମିଳିଲେ ରଣଭୂମି ମଧ୍ୟେ । ସ୍ୱାମୀ ସମୀପେ ଶୋକନାଦେ ।।୯୨
ହୃଦରେ ବେନିକର ତାଡ଼ି । ହା ନାଥ ବୋଲି ପାଦେ ପଡ଼ି ।।୯୩
ରାକ୍ଷସ ନାରୀଙ୍କ ରୋଦନ । ପୁରିଲା ଧରଣୀ ଗଗନ ।।୯୪
କାନ୍ଦନ୍ତି ସ୍ୱାମୀ କୋଳେ ଧରି । ନାରୀଙ୍କ ତୁଲେ ମନ୍ଦୋଦରୀ ।।୯୫
ବଜ୍ର ସମାନ ରାମ ଶର । ଭେଦିଲା ତୋ'ର ହୃଦୟର ।।୯୬
ଭୋ ନାଥ ତୋହର ମରଣେ । ପଶିବୁ କାହାର ଶରଣେ ।।୯୭
ତିନିଭୁବନେ ବୀରପଣ । ଅନାଥ କଲୁ ନାରୀଗଣ ।।୯୮
ତୋ'ର ମରଣେ ଲଙ୍କାପୁରୀ । ଢାଳେ ହୋଇଲା ହତଶିରୀ ।।୯୯
ତୁ ନାଥ କାମେ ଭୋଳ ହୋଇ । ଛଳେ ହରିଲୁ ବଇଦେହୀ ।।୧୦୦
ସେ ଦୋଷ ତୋତେ ନାଶ କଲା । ମରଣଦଶା ଭିଆଇଲା ।।୧୦୧
ଅନାଥ କଲୁ ସର୍ବନାରୀ । ଆମ୍ଭ ସଙ୍ଗତେ ଲଙ୍କାପୁରୀ ।।୧୦୨
ଦେହକୁ କଲୁ ଗୃଧ୍ରଗ୍ରାସ । ନରକେ ହୋଇବୁ ପ୍ରବେଶ ।।୧୦୩
ଏମନ୍ତ କହି ନାରୀଗଣେ । ପ୍ରାଣ ଛାଡ଼ିଲେ ହୁତାଶନେ ।।୧୦୪
ରହିଲା ମନ୍ଦୋଦରୀ ଶେଷ । ଏବେ ହୋ ଶୁଣ କୁରୁଶିଷ ।।୧୦୫
ରାବଣ ଭାଇ ବିଭୀଷଣ । ଥିଲା ଯେ ଶ୍ରୀରାମେ ଶରଣ ।।୧୦୬
ତାହାକୁ ଦେଲେ ମନ୍ଦୋଦରୀ । ଲଙ୍କାରେ ଅଭିଷେକ କରି ।।୧୦୭
ବୋଇଲେ ପ୍ରଭୁ ରଘୁବୀର । ଏବେ ତୁ ପ୍ରେତକାର୍ଯ୍ୟ କର ।।୧୦୮
ଏମନ୍ତ ଆଜ୍ଞା ତା'କୁ ଦେଲେ । ଅଶୋକ ବିପିନେ ମିଳିଲେ ।।୧୦୯

ସୀତା ଦେଖିଲେ ବେନି ଡୋଳେ । ଅଧୋବଦନେ ବୃକ୍ଷ ମୂଳେ ।।୧୧୦
ରାମ-ବିଚ୍ଛେଦ ଦୁଃଖଭର । ଶୁଖିଛି ସୁରଙ୍ଗ ଅଧର ।।୧୧୧
ନୟନେ ଅଶ୍ରୁଜଳ ପୂରି । ହା ସୀତା ବୋଲି କରେ ଧରି ।।୧୧୨
ଜାନକୀ ପ୍ରଭୁ ମୁଖ ଚାହିଁ । ବେଗେ ଉଠିଲେ ଜ୍ଞାନ ପାଇ ।।୧୧୩
ଆଦିତ୍ୟ ଦେଖି ପଦ୍ମ ଯେହ୍ନେ । ଅନାଇଁ ଉନ୍ମୀଳ ଲୋଚନେ ।।୧୧୪
ଅଗ୍ନିରେ ପ୍ରବେଶ ହୋଇଲେ । ସ୍ୱାମୀର ସନ୍ତୋଷ ବିହିଲେ ।।୧୧୫
ଶ୍ରୀରାମହସ୍ତେ ହସ୍ତ ଦେଇ । କାଞ୍ଚନ ବିମାନ ଆରୋହି ।।୧୧୬
ଲକ୍ଷ୍ମଣ ହନୁମନ୍ତ ତୁଳେ । ରାମ ବିମାନେ ବିଜେ କଲେ ।।୧୧୭
ବିଭୀଷଣକୁ ଦାଶରଥି । ଲଙ୍କାରେ କରି ଅଧିପତି ।।୧୧୮
ବୋଇଲେ ହୁଅ ତୁ ଅମର । ଏ ଲଙ୍କା କଳ୍ପେ ଭୋଗ କର ।।୧୧୯
ବିଭୀଷଣକୁ ରାଜା କରି । ରାମ ବିଜୟେ ନିଜପୁରୀ ।।୧୨୦
ପିତା ଆଦେଶେ ବନବାସ । ପୂରିଲା ଚଉଦ ବରଷ ।।୧୨୧
ରାମ ବିଜୟେ ଇନ୍ଦ୍ର ଚାହିଁ । ସ୍ୱର୍ଗୁ କୁସୁମ ବରଷଇ ।।୧୨୨
ଗଗନେ ଦେବେ ପନ୍ତିପନ୍ତି । ରାମ-ବିଜୟ ଉଚ୍ଚାରନ୍ତି ।।୧୨୩
ରାମ-ବିଚ୍ଛେଦେ ଦୁଃଖମନେ । ଭରତ ଥିଲା ତପୋବନେ ।।୧୨୪
ତା'ର ଚରିତ ଶୁଣି କର୍ଣ୍ଣେ । ଯେବା କହିଲେ ମୁନିଜନେ ।।୧୨୫
କଠୋର ତପ ବନେ କରି । ସେ ବ୍ରହ୍ମଚାରୀ ରୂପ ଧରି ।।୧୨୬
ଯାବକ ଭକ୍ଷେ ଗୋମୂତ୍ରେ । ବଲ୍କଳ ପିନ୍ଧି କଟିସୂତ୍ରେ ।।୧୨୭
ପିଙ୍ଗଳ ଜଟା ଶିରେ ବହେ । ରାତ୍ରେ ଭୂମିରେ ବୀର ଶୋଏ ।।୧୨୮
ରାମପାଦୁକା ଅଗ୍ରେ ଥୋଇ । ନିଶ୍ଚଳ ଚିତ୍ତେ ନିତ୍ୟେ ଧ୍ୟାୟି ।।୧୨୯
ସେ ରାମ ମୁନିଗଣ ତୁଳେ । ଭରତ ଆଶ୍ରମେ ମିଳିଲେ ।।୧୩୦
ତାହାର ହସ୍ତ ରାମ ଧରି । ସଦୟଚିତ୍ତେ କୋଳ କରି ।।୧୩୧
ରାମ ଲକ୍ଷ୍ମଣ ହନୁମନ୍ତ । ସଙ୍ଗତେ ଚଳିଲେ ଭରତ ।।୧୩୨
ରାମପାଦୁକା ଶିରେ ଶୋହେ । ତପସ୍ୱୀରୂପେ ଜନ ମୋହେ ।।୧୩୩
ମିଳିଲେ ଅଯୋଧ୍ୟା ନିକଟେ । ସରଯୂନଦୀ ପୂର୍ବତଟେ ।।୧୩୪
ରାମର ଆଗମନ-ପଥେ । ମିଳିଲେ ପାତ୍ର-ପୁରୋହିତେ ।।୧୩୫
ବେଦ-ଶବଦେ ବିପ୍ରଜନେ । ଶଙ୍ଖ ଦୁନ୍ଦୁଭି ବାଦ୍ୟ ସ୍ୱନେ ।।୧୩୬
ଦିବ୍ୟବିମାନ ଶ୍ରେଣୀ ସାଥେ । ବୀରେଧାମନ୍ତି ବେଗେ ପଥେ ।।୧୩୭



ଧ୍ୱଜ ପତାକା ଶୋଭେ ସ୍ୱର୍ଣ୍ଣେ । ଉତ୍ତମ ବାଜି ଗଜ ଯାନେ ।।୧୩୮
ଗଣିକାଯୂଥ ଅଗ୍ରେ ଶୋହେ । ମାର୍ଗେ ଚଳନ୍ତେ ଜନମୋହେ ।।୧୩୯
ବିବିଧ ଉପାୟନ ହସ୍ତେ । ଜୟ ଶବଦ କରି ପଥେ ।।୧୪୦
ଯୁବତୀ ଘେନି ଦୀପାବଳୀ । ପଥେ ଦିଅନ୍ତ ହୁଳହୁଳି ।।୧୪୧
ବିପ୍ରଙ୍କୁ ଦେଖି ରଘୁନାଥ । ଶିରେ ନିବେଶି ବେନି ହସ୍ତ ।।୧୪୨
ତାହାଙ୍କୁ ନମସ୍କାର କଲେ । ସୀତା ଲକ୍ଷ୍ମଣ ଘେନି ତୁଲେ ।।୧୪୩
ଅଯୋଧ୍ୟାପୁର ଜନ ଯେତେ । ରାମ ଆଗମ ଦେଖି ପଥେ ।।୧୪୪
ରାମ ଲକ୍ଷ୍ମଣ ସୀତା ଚାହିଁ । ରଙ୍ଗେ ନାଚନ୍ତି ଗୀତ ଗାଇ ।।୧୪୫
ରାମ ପାଦୁକା ଘେନି ଶିରେ । ଭରତ ଚଳଇ ସଧୀରେ ।।୧୪୬
ଭରତ ଚଳେ ରାମ ପାଶେ । ବିବୁଧେ ଦେଖନ୍ତି ଆକାଶେ ।।୧୪୭
ଉତ୍ତମ ବ୍ୟଜନ-ରାମରେ । ସୁଗ୍ରୀବ ବିଭୀଷଣ ଧରେ ।।୧୪୮
ଅଞ୍ଜନାସୁତ ବୀରମଣି । ଚଳନ୍ତି ଶ୍ୱେତଛତ୍ର ଘେନି ।।୧୪୯
ଶତ୍ରୁଘ୍ନ କରେ ଧନୁଶର । ପଥେ ଦେଖନ୍ତି ସୁରନର ।।୧୫୦
ଜାନକୀ କରେ କମଣ୍ଡଳ । ପୂରିତ ନାନା ତୀର୍ଥଜଳ ।।୧୫୧
ଅଙ୍ଗଦ ହସ୍ତେ ଖଡ୍ଗ ଶୋହି । ସୁବର୍ଣ୍ଣ ଶତଚନ୍ଦ୍ର ଯହିଁ ।।୧୫୨
ସ୍ତୁବନ୍ତି ବନ୍ଦୀ ନାରୀଯୂଥ । ମଧ୍ୟେ ବିଜୟ ରଘୁନାଥ ।।୧୫୩
ନକ୍ଷତ୍ର ମଧ୍ୟେ ଯେହ୍ନେ ଶଶୀ । ତ୍ରିଦଶେ କୁସୁମ ବରଷି ।।୧୫୪
ସଙ୍ଗତେ ଘେନି ତିନିଭାଇ । ମିଳିଲେ ଅନ୍ତଃପୁରେ ଯାଇ ।।୧୫୫
ସେ ପୁର ମହିମା ବର୍ଣ୍ଣିତ । ମଣିହସ୍ତୀ ଦ୍ୱାରେ ସ୍ଥିତ ।।୧୫୬
ନାନା ସୁଗନ୍ଧେ ପରିମଳ । ନାନା ସୁବାସିତ ଶୀତଳ ।।୧୫୭
ପ୍ରାସାଦ ଗୋପୁରାଦି ଶୋଭା । ଚିତ୍ରଦେବତା ଗୃହ କିବା ।।୧୫୮
ପତାକା ସୁବର୍ଣ୍ଣ କଳସ । ଶୋଭିତ ଦିଶେ ଦଶଦିଶ ।।୧୫୯
ପୁନ୍ନାଗ ନାରିକେଳ ଆଦି । ବସ୍ତ୍ର-ଜାଳକେ ଦର୍ପଣାଦି ।।୧୬୦
ତୋରଣା ବିଚିତ୍ର ଦିଶନ୍ତି । ପ୍ରଜାଙ୍କୁ ହରଷ ଦିଅନ୍ତି ।।୧୬୧
ଘେନିଣ ନାନା ଦ୍ରବ୍ୟମାନ । ଆନନ୍ଦେ କରନ୍ତି ଦର୍ଶନ ।।୧୬୨
ଆଶିଷ କରିଣ ବୋଲନ୍ତି । ପୂର୍ବେ ବରାହ ରୂପେ ପୃଥ୍ୱୀ ।।୧୬୩
ଉଦ୍ଧରି ରଖିଲ ଗୋସାଇଁ । ଏବେ ଶ୍ରୀରାମ ରୂପେ ତୁହି ।।୧୬୪
ସ୍ତିରୀ ପୁରୁଷେ ଗୃହ ଛାଡ଼ି । ଆରୋହି ଅଟ୍ଟାଳୀ ପାଚେରୀ ।।୧୬୫

ଦେଖିବା ପାଇଁଣ ଉତ୍ସୁକ । ବୀର ଦର୍ଶନେ ଯେଉଁ ସୁଖ ।।୧୬୬
ସର୍ବେ ସନ୍ତୋଷ ମନ ହୋଇ । କୁସୁମ ବରଷନ୍ତି ନେଇ ।।୧୬୭
ନମିଲେ ଗୁରୁପତ୍ନୀ ପାଦେ । କୌଶଲ୍ୟା ଚରଣେ ଆନନ୍ଦେ ।।୧୬୮
ରାମଙ୍କୁ ଦେଖି ମାତୃଗଣ । ଆନନ୍ଦେ କରନ୍ତି କଲ୍ୟାଣ ।।୧୬୯
ପ୍ରାଣକୁ ପାଇ ତନୁ ଯେହ୍ନେ । ଉଠଇ ହରଷ ବଦନେ ।।୧୭୦
ଆନନ୍ଦେ ଅଶ୍ରୁଜଳ ନେତ୍ରେ । ସିଞ୍ଚନ୍ତି ଶ୍ରୀରାମର ଗାତ୍ରେ ।।୧୭୧
ଶ୍ରୀରାମ ଶିରେ ଜଟା ଦେଖି । ସର୍ବେହୋଇଲେ ମନେ ଦୁଃଖୀ ।।୧୭୨
ତକ୍ଷଣେ ମିଳିଲେ ବ୍ରାହ୍ମଣେ । ବଶିଷ୍ଠ ଆଦି ମୁନିଗଣେ ।।୧୭୩
ମୁଣ୍ଡନ କଲେ ଜଟାଭାର । ଘେନାଇଁ ନାନା ଉପହାର ।।୧୭୪
ସୁବର୍ଣ୍ଣକୁମ୍ଭ ତୀର୍ଥଜଳେ । ରାମଙ୍କୁ ଅଭିଷେକ କଲେ ।।୧୭୫
ଉତ୍ତମ ବସ୍ତ୍ର ଅଳଙ୍କାର । ରତ୍ନମୁକୁଟ ବାନ୍ଧି ଶିର ।।୧୭୬
ଜାନକୀ ତୁଲେ ଅଭିଷେକ । ମିଳି ସକଳ ପ୍ରଜାଲୋକ ।।୧୭୭
ରାମଙ୍କୁ ପାଇ ପ୍ରଜାଜନେ । ସକଳେ ହରିଷତ ମନେ ।।୧୭୮
ଅପୁତ୍ର ପୁତ୍ର ପାଇ ଯେହ୍ନେ । ଆନନ୍ଦେ ହରଷ ବଦନେ ।।୧୭୯
ତ୍ରେତୟା ବର୍ତ୍ତମାନ କାଳେ । ଯେସନେ ସତ୍ୟଯୁଗ ମିଳେ ।।୧୮୦
ରାମ ହୋଇଲେ ରାଜ୍ୟେ ରାଜା । ସତ୍ୟଯୁଗର ପ୍ରାୟେ ପ୍ରଜା ।।୧୮୧
କରନ୍ତି ସ୍ୱଧର୍ମ ଆଚାର । ଏବେ ହୋ ଶୁଣ କୁରୁବୀର ।।୧୮୨
ବନ ପର୍ବତ ନଦ ନଦୀ । ଦ୍ୱୀପ ବରଷ ସିନ୍ଧୁ ଭେଦି ।।୧୮୩
ପ୍ରଜାଙ୍କୁ କାମଧେନୁ ପ୍ରାୟ । ଭୂମି ହୋଇଲା ରସଦାୟ ।।୧୮୪
ନାଶିଲେ ଆଧିବ୍ୟାଧି ବ୍ୟଥା । ବୃଦ୍ଧ ହୋଇଲେ ସାମରଥା ।।୧୮୫
ସେ ରାମ ଏକପତ୍ନୀ ବ୍ରତ । ଆଚରେ ରାଜରଷି ମତ ।।୧୮୬
ଆଚରି ଗୃହମେଧି ଧର୍ମ । ଶୁଭେ ସକଳ କ୍ରିୟା କର୍ମ ।।୧୮୭
ଜାନକୀ ରାମର ଚରଣେ । ସ୍ୱଧର୍ମେ ଖଟେ ଅନୁକ୍ଷଣେ ।।୧୮୮
ପବିତ୍ର କଲେ ନିଜ ଅଂଶେ । ଜନମି ହରି ଯେଉଁ ବଂଶେ ।।୧୮୯
ସୁଜନେ ଚିନ୍ତ ଅବିରତ । ଆଦିତ୍ୟ ବଂଶାନୁଚରିତ ।।୧୯୦
ତରିବ ଏ ଭବ-ଜଳଧି । ଶ୍ରବଣେ ଶୁଣି ନିରବଧି ।।୧୯୧
କହଇ ଦାସ ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୧୯୨

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଦଶମୋଽଧ୍ୟାୟଃ ।।



## ଏକାଦଶ ଅଧ୍ୟାୟ

କହନ୍ତି ଶୁକ ମହାଯତି । ଶୁଣ ପରୀକ୍ଷ ଚକ୍ରବର୍ତ୍ତୀ ।।୧

### ଶୁକ ଉବାଚ

ଶ୍ରୀରାମ ରାଜ୍ୟେ ହୋଇ ରାଜା । ଆନନ୍ଦେ ପାଳି ଜନପ୍ରଜା ।।୨
ଉତ୍ତମ କଳ୍ପେ ଯଜ୍ଞ କଲେ । ବଶିଷ୍ଠ ଆଦି ମୁନି ତୁଲେ ।।୩
ବିପ୍ରଙ୍କୁ ଚାରିବେଦୁଁ ବରି । ଦକ୍ଷିଣା ଦେଲେ ଚିତ୍ତ ଭରି ।।୪
ଭୂମିକି କରି ଚାରିଭାଗେ । ଦକ୍ଷିଣା ଦେଲେ ଅନୁରାଗେ ।।୫
ହୋତାଙ୍କୁ ପୂର୍ବଦିଗ ଦେଲେ । ଅଧ୍ୱର୍ଯ୍ୟୁ ପଶ୍ଚିମେ କଳ୍ପିଲେ ।।୬
ଉତ୍ତର ଦିଗ ସାମଗାନେ । ବ୍ରହ୍ମାଙ୍କୁ ଦକ୍ଷିଣ ବିଧାନେ ।।୭
ବ୍ରାହ୍ମଣେ ଦେଲେ ଚାରିଦିଶ । ଆଚାର୍ଯ୍ୟେ ଦେଲେ ଅବଶେଷ ।।୮
ସୀତା ସଙ୍ଗତେ ରଘୁପତି । ଆଚରି ଗୃହସ୍ଥଙ୍କ ଗତି ।।୯
ଅନେକ ବସ୍ତ୍ର-ରତ୍ନ-ଧନେ । ସନ୍ତୋଷ କରି ସର୍ବଜନେ ।।୧୦
ଆଚରି ଗୃହମେଧି-ଧର୍ମ । ବେଦ ବିହିତ ଯେତେ କର୍ମ ।।୧୧
ବ୍ରାହ୍ମଣେ ଦେଖି ସାଧୁକଥା । ମନେ ନ କଳ୍ପି ଅନ୍ୟ ଚିନ୍ତା ।।୧୨
ରାମର ନିକଟେ ମିଳିଲେ । ଅନେକ ସ୍ତୁତି ବାକ୍ୟ କଲେ ।।୧୩
କହିଲେ ପ୍ରିୟଭାବେ ବହି । ଭୋ ନାଥ ଏତେ କାର୍ଯ୍ୟେ ନାହିଁ ।।୧୪
ଆମ୍ଭେ କହିଲୁ ବେଦଧର୍ମେ । ତୋତେ ନ ଜାଣି ମତିଭ୍ରମେ ।।୧୫
ତୋହର ରାଜ୍ୟ ତୁହି ନିଅ । ଆମ୍ଭର ହୃଦେ ସଦା ଥାଅ ।।୧୬
ଏମନ୍ତେ କିଛି ଦିନ ଗଲା । ଶୁଣ ହୋ ଗୋବିନ୍ଦର ଲୀଳା ।।୧୭
ଦିନେକ ରାମ ରାତ୍ରକାଳେ । ବୁଲନ୍ତି ନିଜ ଭୃତ୍ୟ ତୁଲେ ।।୧୮
ଯଶ ଅଯଶ କେ କି ଚିନ୍ତେ । ଏମନ୍ତେ ବିଚାରି ଗୁପତେ ।।୧୯
ଶୁଣିଲେ ଏକ ଗୃହାଶ୍ରମେ । ପତ୍ନୀକି ବୋଲେ ଗରୁତମେ ।।୨୦
ତୁ ଦୁଷ୍ଟା ନାରୀ ଘରୁ ଯାଅ । ମୁଁ ନ ଛୁଇଁବି ତୋ'ର ଦେହ ।।୨୧
ଅସତୀ ପରଗୃହାଶ୍ରମୀ । ମୁଁ ନୋହେ ରାମ ପ୍ରାୟେ କାମୀ ।।୨୨
ସେ ଯେହ୍ନେ ସୀତା ଘେନି ଘରେ । ଆନନ୍ଦେ ଗୃହାଶ୍ରମ କରେ ।।୨୩
ଏମନ୍ତ ଶୁଣି ତା'ର ମୁଖେ । ଗୃହେ ମିଳିଲେ ମନଦୁଃଖେ ।।୨୪
ଶୁଣିଣ ଲୋକ ଅପବାଦ । ଚିନ୍ତା ବସିଲା ରାମ ହୃଦ ।।୨୫
ଲୋକାପବାଦ ନ ସହିଲେ । ସୀତାରେ ରାମ କୋପ କଲେ ।।୨୬

ପ୍ରିୟାର ଗର୍ଭବାସ ଦେଖି । ତା'ର ବିଚ୍ଛେଦେ ହୋଇ ଦୁଃଖୀ ।।୨୭
ଏ ଲୋକ ଅପବାଦ ଭୟ । କରିବି କେବଣ ଉପାୟ ।।୨୮
ଲକ୍ଷ୍ମଣେ ରାଇ ରଘୁନାଥ । ତା' ସଙ୍ଗେ ଭାଳିଲେ ଏକାନ୍ତ ।।୨୯
ବୋଇଲେ ସୀତାଙ୍କୁ ବିପିନେ । ନିବେଶି ଆସ ତୁ ବହନେ ।।୩୦
ତକ୍ଷଣେ ରାଜା ଆଜ୍ଞା ପାଇ । ସୀତାଙ୍କୁ ବନେ ନିବେଶଇ ।।୩୧
ସେ ମିଳେ ବାଲମୀକ ସ୍ଥାନେ । ବେନିକୁମର ଜାତ ବନେ ।।୩୨
ବାଲ୍ମୀକି ଭ୍ରାନ୍ତି ଛାଡ଼ି ମନ । ନିଜ କୁଟୀରେ ଦେଲେ ସ୍ଥାନ ।।୩୩
ବାଲ୍ମୀକି ଜାତକର୍ମ କଲେ । ପୁତ୍ର ଦୁହିଙ୍କ ନାମ ଦେଲେ ।।୩୪
ପ୍ରଥମ କୁଶ ନାମେ ଖ୍ୟାତ । ଅନ୍ୟ ଲବ ନାମେ ବିଦିତ ।।୩୫
ଏମନ୍ତେ କିଛିଦିନ ଅନ୍ତେ । ରାମ ଚଳିଲେ ସୀତା ପଥେ ।।୩୬
ରାମ ଆଗମ ଶୁଣି କର୍ଣ୍ଣେ । ତକ୍ଷଣେ ବରୁଣ-ଭୁବନେ ।।୩୭
ଜାନକୀ ହୋଇଲେ ପ୍ରବେଶ । ମନେ ଅନେକ କରି ରୋଷ ।।୩୮
ସୀତାର ନ ପାଇଁ ସନ୍ଦେଶ । ରାମ ଚଳିଲେ ନିଜ ଦେଶ ।।୩୯
ଲବ କୁଶକୁ ସଙ୍ଗେ ନେଲେ । କୁଶକୁ ଅଧିକାର ଦେଲେ ।।୪୦
ଅଙ୍ଗଦ ଚିତ୍ରକେତୁ ଦୁଇ । ଲକ୍ଷ୍ମଣ ବୀର୍ଯ୍ୟେ ଜାତ ହୋଇ ।।୪୧
ତକ୍ଷ ପୁଷ୍କଳ ବେନି ଭାଇ । ଭରତ ପତ୍ନୀ ଗର୍ଭେ ହୋଇ ।।୪୨
ସୁବାହୁ ଶ୍ରୁତସେନ ବୀର । ହୋଇଲେ ଶତ୍ରୁଘ୍ନ କୁମର ।।୪୩
ଭରତ ଦିଗବିଜେ କରି । କୋଟି ଗନ୍ଧର୍ବବଳ ମାରି ।।୪୪
ଯୁଦ୍ଧେ ପାଇଲା ଯେତେ ଧନ । ଦେଲା ସେ ରାମ ସନ୍ନିଧାନ ।।୪୫
ଶତ୍ରୁଘ୍ନ ଦିଗବିଜେ କରି । ଲବଣ ମଧୁପୁତ୍ର ମାରି ।।୪୬
ମଥୁରାପୁର ମଧୁବନେ । ପୁରୀ ସ୍ଥାପିଲେ ପ୍ରଜାଜନେ ।।୪୭
ଧନ ଶ୍ରୀରାମ ଆଗେ ଦେଲା । ପୁତ୍ରକୁ ତହିଁ ରାଜା କଲା ।।୪୮
ଲକ୍ଷ୍ମଣ ଚନ୍ଦ୍ରଜ୍ୟୋତି ପୁରୀ । ପୁତ୍ରକୁ ତହିଁ ରାଜା କରି ।।୪୯
ରାମ ଯେ ଜାନକୀ ବିଚ୍ଛେଦେ । ମନ ନ କଲ୍ପେ ରାଜପଦେ ।।୫୦
ସୀତାର ଗୁଣ ଚିନ୍ତି ମନେ । ନିଦ୍ରା ନ ମାଡ଼ଇ ନୟନେ ।।୫୧
କଣ୍ଠ-କୁଣ୍ଠିତ ଶୋକେ ପୂରି । ଚିତ୍ତକୁ ନ ପାରନ୍ତି ଧରି ।।୫୨
ସ୍ତିରୀ ପୁରୁଷ ସଙ୍ଗ ଏହି । କେ ସହେ ନରଦେହ ବହି ।।୫୩
ସେ ଦିନୁ ବ୍ରହ୍ମଚର୍ଯ୍ୟ କରି । ରାମ ହୋଇଲେ ବ୍ରହ୍ମଚାରୀ ।।୫୪
ବର୍ଷସହସ୍ର ତ୍ରୟୋଦଶ । ନିରତେ ବ୍ରହ୍ମଚାରୀ ବେଶ ।।୫୫
ଅଖଣ୍ଡ ଅଗ୍ନିହୋତ୍ର କଲେ । ବଶିଷ୍ଠ ଆଦି ମୁନି ତୁଲେ ।।୫୬



ଦକ୍ଷିଣା ଦେଲେ ତୋଷ ଚିତ୍ତେ । ସନ୍ଧ୍ୟା-ମଧ୍ୟାହ୍ନେ ଅବିରତେ ।।୫୭
ସଂସାରେ ସ୍ଥାପି ନିଜ ଯଶ । ସ୍ୱଧାମେ ହୋଇଲେ ପ୍ରବେଶ ।।୫୮
ଲବକୁଶଙ୍କୁ ରାଜ୍ୟ ଦେଇ । ସକଳ ଜନପ୍ରଜା ରାଇ ।।୫୯
ଚତୁର୍ଦ୍ଧାରୂପେ ରଘୁନାଥ । ଚଳିଲେ ଉତ୍ତରର ପଥ ।।୬୦
ସ୍ଥାବର ଜଙ୍ଗମାଦି କୀଟ । ଘେନି ଚଳିଲେ ବଇକୁଣ୍ଠ ।।୬୧
ବୋଲନ୍ତି ଶୁକ ବ୍ରହ୍ମଋଷି । ଶୁଣ ହୋ ରାଜା କୁରୁବଂଶୀ ।।୬୨
ରାମ ଚରିତ ତୋ' ଅଗ୍ରତେ । ସଂକ୍ଷେପେ କହିଲି ମୁଁ ଯେତେ ।।୬୩
ଏହା ଯେ ଶ୍ରବଣେ ଶୁଣନ୍ତି । ଦୁର୍ଗମ ସଙ୍କଟୁ ତରନ୍ତି ।।୬୪
ରାମ ଚରିତ ପୁଣ୍ୟକଥା । ଯେଣେ ଖଣ୍ଡଇ ଭବବ୍ୟଥା ।।୬୫
ବୋଲଇ ଦାସ ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୬୬

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଏକାଦଶୋଽଧ୍ୟାୟଃ ।।

## ଦ୍ୱାଦଶ ଅଧ୍ୟାୟ

### ଶୁକ ଉବାଚ

ଶୁଣ ପରୀକ୍ଷ ମହୀପତି । ଶ୍ରୀରଘୁନାଥଙ୍କ ସନ୍ତତି ।।୧
ଅତିଥି କୁଶର ନନ୍ଦନ । ନିଷଧ ତା'ର ତହୁଁ ଜନ୍ମ ।।୨
ନଭ ତାହାର ହୁଏ ସୁତ । ତା' ପୁତ୍ର ପୁଣ୍ଡରୀକ ଖ୍ୟାତ ।।୩
ତା' ପୁତ୍ର କ୍ଷେମଧନ୍ୱା ନାମ । ରୂପେ ସୁନ୍ଦର ଅନୁପମ ।।୪
ତା'ର କୁମର ଦେବାନୀକ । ଅନୀହ ତା'ର ପୁତ୍ର ଏକ ।।୫
ତା'ର ତନୟ ପାରିପାତ୍ର । ବଳସ୍ଥଳ ନାମ ତା' ସୁତ ।।୬
ତା'ର ସନ୍ତତି ବଜ୍ରନାଭ । ଅର୍କର ଅଂଶେ ସେ ସମ୍ଭବ ।।୭
ସଗଣ ତାହାର ତନୟେ । ବିଧୃତି ତାର ବୀର୍ଯ୍ୟେ ହୋଏ ।।୮
ହିରଣ୍ୟନାଭ ତା' ସନ୍ତତି । ଯୋଗ ବିଦ୍ୟାରେ ତା'ର ଖ୍ୟାତି ।।୯
ତା' ଗୁରୁ ଅଟନ୍ତି ଜୈମିନି । ତା' ଶିଷ୍ୟ ଯାଜ୍ଞବଲ୍କ୍ୟ ମୁନି ।।୧୦
ଅଭ୍ୟାସ ଯା'ର ଚାରିବେଦେ । ତେଜେ ହୃଦୟଗ୍ରନ୍ଥି ଭେଦେ ।।୧୧
ହିରଣ୍ୟନାଭର କୁମର । ପୁଷ୍ପ ଅଭ୍ୟାସ ଯଜ୍ଞେ ଯା'ର ।।୧୨
ତା'ର କୁମର ଧ୍ରୁବସନ୍ଧି । ଯା' ବଂଶେ ଧାନ୍ତି ଅଷ୍ଟନିଧି ।।୧୩
ତା'ର କୁମର ସୁଦର୍ଶନ । ତାହାର ପୁତ୍ର ଅଗ୍ନିବର୍ଣ୍ଣ ।।୧୪

ଶୀଘ୍ର ଜନମ ତାହାଠାରୁ । ତାହାର ସୁତ ଅଟେ ମରୁ ।।୧୫
ମରୁ ଯେ ଶୀଘ୍ରର ତନୟେ । ଯେ ନିତ୍ୟେ ଯୋଗକର୍ମ ଧାୟେ ।।୧୬
କଳାପ ଗ୍ରାମେ ବସି ଧ୍ୟାନେ । ଯନ୍ତ୍ରିତ ନିତ୍ୟେ ତତ୍ତ୍ୱଜ୍ଞାନେ ।।୧୭
ଯୋଗ ସାଧଇ ଯେବା ଅର୍ଥେ । ଶୁଣ କହିବା ତୋ' ଅଗ୍ରତେ ।।୧୮
କଳିର ଅନ୍ତେ ସୂର୍ଯ୍ୟବଂଶ । ସେ ପୁଣି କରିବ ପ୍ରକାଶ ।।୧୯
ପ୍ରସୁଶ୍ରୁତ ତା'ର ତନୟେ । ତା' ସୁତ ସନ୍ଧିନାମ ବହେ ।।୨୦
ଅମର୍ଷଣ ଯେ ତା'ର ସୁତ । ମହସ୍ୱାନ ଯେ ତହୁଁ ଜାତ ।।୨୧
ତା'ର କୁମର ବିଶ୍ୱବାହୁ । ତା'ର ମହିମା କେବା କହୁ ।।୨୨
ପ୍ରସେନଜିତ ତା'ର ପୁତ୍ର । ତକ୍ଷକ ନାମେ ତା'ର ସୁତ ।।୨୩
ବୃହଦବଳ ତା'ର ସୁତ । ତୋ' ପିତା ଅର୍ଥେ ରଣେ ହତ ।।୨୪
ଇକ୍ଷ୍ୱାକୁ ବଂଶେ ଯେତେ ରାଜା । ଧର୍ମେ ପାଳିଲେ ଜନପ୍ରଜା ।।୨୫
ଶୁଣ ପରୀକ୍ଷ କହୁଁ ଏବେ । ଭବିଷ୍ୟେ ଯେତେ ଉପୁଜିବେ ।।୨୬
ବୃହଦବଳ ପୁତ୍ର ଶୁଣ । ନାମ ହୋଇବ ବୃହଦ୍ରଣ ।।୨୭
ତାହାର ପୁତ୍ର ଉରୁପ୍ରିୟ । ବତ୍ସବୃଦ୍ଧ ତା'ର ତନୟ ।।୨୮
ତା'ର କୁମର ପ୍ରତିବ୍ୟୋମ । ଭାନୁ ନାମେ ତା'ର ନନ୍ଦନ ।।୨୯
ଦିବାକ ତାହାର ସନ୍ତତି । ସେ ହେବ ଯୁଦ୍ଧେ ସେନାପତି ।।୩୦
ତା'ର ତନୟ ସହଦେବ । ତହୁଁ ବୃହଦଶ୍ୱ ସମ୍ଭବ ।।୩୧
ତା'ର କୁମର ଭାନୁମାନ । ପ୍ରତିକାଶ୍ୱ ତା'ର ନନ୍ଦନ ।।୩୨
ସୁପ୍ରତୀକ ତହୁଁ ସମ୍ଭବ । ତା' ପୁତ୍ର ହେବ ମରୁଦେବ ।।୩୩
ତା'ର ନନ୍ଦନ ସୁନକ୍ଷତ୍ର । ପୁଷ୍କର ହେବ ତା'ର ପୁତ୍ର ।।୩୪
ଅନ୍ତରୀକ୍ଷ ତା'ର ସନ୍ତତି । ତହୁଁ ସୁତପା ଉତପତ୍ତି ।।୩୫
ଅମିତ୍ରଜିତ ତା' ନନ୍ଦନ । ତା' ତହୁଁ ବୃହଦ୍ରାଜ ଜନ୍ମ ।।୩୬
ତା'ର ସନ୍ତାନ ରଣଞ୍ଜୟ । ତା' ପୁତ୍ର ନାମଟି ସଞ୍ଜୟ ।।୩୭
ତା' ସୁତ ଶାକ୍ୟ ନାମେ ଖ୍ୟାତ । ଶୁଦ୍ଧୋଦ ତାହାର ଅପତ୍ୟ ।।୩୮
ଲାଙ୍ଗଳ ତାହାର କୁମର । ପ୍ରସେନଜିତ ସୁତ ତା'ର ।।୩୯
ତାହାର ନନ୍ଦନ କ୍ଷୁଦ୍ରକ । ତା' ତହୁଁ ହୋଇବ ରଣକ ।।୪୦
ତା' ପୁତ୍ର ସୁରଥ ହୋଇବ । ସୁମିତ୍ର ପୁତ୍ରେ ଶେଷ ହେବ ।।୪୧
ଇକ୍ଷ୍ୱାକୁ ବଂଶେ ରାଜା ଯେତେ । ତୋତେ କହିଲି ଭବିଷ୍ୟତେ ।।୪୨
ସୁମିତ୍ର ଯାଏ କଳିଯୁଗେ । ଏତେ ନୃପତି ହେବେ ଭୋଗେ ।।୪୩



ଆଦିତ୍ୟବଂଶାନୁଚରିତ । ଯେ ଅବା ଭୂତ-ଭବିଷ୍ୟତ ।।୪୪
ତାହାଙ୍କ ଜନ୍ମ ଏ ସଂସାରେ । ଶୁଣନ୍ତେ ସର୍ବପାପ ହରେ ।।୪୫
ବୋଲଇ ବିପ୍ର ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୪୬

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଦ୍ୱାଦଶୋଽଧ୍ୟାୟଃ ।।

## ତ୍ରୟୋଦଶ ଅଧ୍ୟାୟ

### ଶୁକ ଉବାଚ

ନିମି ଯେ ଇକ୍ଷ୍ୱାକୁର ସୁତ । ତା'ବଂଶେ ଯେତେ ରାଜା ଜାତ ।।୧
ଯେ କର୍ମ କଲେ ଅନୁଭବେ । ଶୁଣ କହିବା ତୋତେ ଏବେ ।।୨
ସେ ନିମି ବଶିଷ୍ଠ ସଙ୍ଗତେ । ବସି ଭାଳିଲା ଯଜ୍ଞ ଅର୍ଥେ ।।୩
ବଶିଷ୍ଠ ମୋ'ର ଯଜ୍ଞ କର । ଋତ୍ୱିଜେ ଚାରିବେଦୁଁ ବର ।।୪
ବଶିଷ୍ଠ ତା'ର ମୁଖ ଚାହିଁ । କହିଲେ ପ୍ରିୟଭାବ ବହି ।।୫
ଇନ୍ଦ୍ର ବରଣ କଲା ମୋତେ । ତୋ' ଯଜ୍ଞ କରିବି କେମନ୍ତେ ।।୬
ମୁଁ ଆଗେ ଇନ୍ଦ୍ରଯଜ୍ଞ ସାରି । ଋତ୍ୱିଜେ ଚାରିବେଦୁଁ ବରି ।।୭
ପଛେ କରିବି ଯଜ୍ଞ ତୋ'ର । ସେ ନିମି ନ ଦେଲା ଉତ୍ତର ।।୮
ବଶିଷ୍ଠ ଇନ୍ଦ୍ରଯଜ୍ଞେ ଗଲେ । ଅନ୍ୟ ବ୍ରାହ୍ମଣେ ନିମି ବୋଲେ ।।୯
ଯଜ୍ଞ ଆରମ୍ଭିଲେ ହରଷେ । ସଙ୍କଳ୍ପି ସହସ୍ର ବରଷେ ।।୧୦
ଏମନ୍ତେ ଇନ୍ଦ୍ରଯଜ୍ଞ ସାରି । ନିମିର ବାକ୍ୟ ସେ ସୁମରି ।।୧୧
ସେ ଯଜ୍ଞ କରିବାର ଆଶେ । ବେଗେ ମିଳିଲେ ନିମି ପାଶେ ।।୧୨
ଯଜ୍ଞ ଆରମ୍ଭ ଦେଖି ତା'ର । କୋପିଲେ ବ୍ରହ୍ମାଙ୍କ କୁମର ।।୧୩
ବୋଇଲେ କୋପଭର ହୋଇ । ମୋତେ ଅବଜ୍ଞା କଲୁ ତୁହି ।।୧୪
ତୋର ଜୀବନେ ନାହିଁ କାର୍ଯ୍ୟ । ମରଣ ହେଉ ତୋତେ ଆଜ ।।୧୫
ତା' ଶୁଣି ନିମି କୋପ ବହି । ବୋଇଲେ ଜୀବ ଛାଡ଼ ତୁହି ।।୧୬
ତକ୍ଷଣେ ନିମି ଶାପ ଫଳେ । ବଶିଷ୍ଠ ବସିଲେ ନିଶ୍ଚଳେ ।।୧୭
ଜୀବନ ଗଲା ଦେହୁ ଛାଡ଼ି । ତକ୍ଷଣେ ଶୂନ୍ୟମାର୍ଗେ ଉଡ଼ି ।।୧୮
ଉର୍ବଶୀ ଗର୍ଭେ ହେଲେ ଜନ୍ମ । ମିତ୍ରାବରୁଣଙ୍କ ନନ୍ଦନ ।।୧୯
ନିମି ଯେ ଯଜ୍ଞଶାଳେ ଥିଲେ । ତକ୍ଷଣେ ଜୀବନ ଛାଡ଼ିଲେ ।।୨୦
ଜୀବନ ଯଜ୍ଞଶାଳେ ପଶି । ରହିଲା ଯଜ୍ଞସ୍ତମ୍ଭେ ଗ୍ରାସି ।।୨୧

ନିମି ଶରୀରେ ବିପ୍ରଜନେ । ବିଚାର କଲେ ଅନୁମାନେ ।।୨୨
ତୈଳ ସୁଗନ୍ଧଦ୍ରବ୍ୟ ଦେଇ । ନିମି ଶରୀର ତହିଁ ଥୋଇ ।।୨୩
ବୋଇଲେ ପୂର୍ଣ୍ଣାହୁତି ଗଲେ । ଶରୀର ଦହିବା ଅନଳେ ।।୨୪
ଏମନ୍ତ ବୋଲି ଯଜ୍ଞ କଲେ । ସମ୍ପୂର୍ଣ୍ଣେ ପୂର୍ଣ୍ଣାହୁତି ଦେଲେ ।।୨୫
ଇନ୍ଦ୍ରାଦି ଦେବେ ଯେତେ ଥିଲେ । ସନ୍ତୋଷେ ସୋମପାନ କଲେ ।।୨୬
ବିପ୍ରେ ଯେ ଦକ୍ଷିଣା ପାଇଲେ । ଅନଳେ ଦହିବା ବୋଇଲେ ।।୨୭
ଦେବତା ଋଷି ତୋଷମନେ । ବର ଯାଚିଲେ ଯଜମାନେ ।।୨୮
ନିମିର ଦେହେ ପଶୁ ପ୍ରାଣ । ଆମ୍ଭେ କରିବା ପରିତ୍ରାଣ ।।୨୯
ନିମି ଜୀବନ ସ୍ତମ୍ଭେ ଥିଲା । ଦେବଙ୍କୁ ପ୍ରତିବାକ୍ୟ କଲା ।।୩୦
ମୋ'ର ଶରୀରେ କାର୍ଯ୍ୟ ନାହିଁ । ଅସାର ଅନିତ୍ୟ ଏ ଦେହୀ ।।୩୧
ସକଳ ଦୁଃଖ ଏ ଶରୀରେ । ମରଣ ଭୟ ନିରନ୍ତରେ ।।୩୨
ଜନ୍ମ-ମରଣ ରାତ୍ରଦିନେ । ଅଶେଷ ବ୍ୟାଧି ଅନୁକ୍ଷଣେ ।।୩୩
ମୂତ୍ର ପୂରୀଷ କୃମିସ୍ଥାନ । ମାୟାରେ ହୋଏ ହତଜ୍ଞାନ ।।୩୪
କାମାଦିଶତ୍ରୁ ମଧ୍ୟେ ରହେ । ନିରତେ ଅହଙ୍କାର ବହେ ।।୩୫
ମାୟା-ସମୁଦ୍ରେ ନିତ୍ୟେ ବୁଡ଼େ । ଅନ୍ତେ ନରକ ପଥେ ପଡ଼େ ।।୩୬
ପୂରୀଷ ଭସ୍ମକୀଟ ଅନ୍ତେ । ଦୁର୍ଗନ୍ଧ କରଇ ନିରତେ ।।୩୭
ରୋଗଙ୍କ ମନ୍ଦିର ମାତର । ସ୍ୱଭାବେ ଦୁଃଖ ଏ ଶରୀର ।।୩୮
ଏମନ୍ତେ ନିମିର ବଚନେ । ସର୍ବଦେବତା ତୋଷମନେ ।।୩୯
ବୋଇଲେ ପ୍ରମାଣ ଏ ବାଣୀ । ପୁଣି କ୍ଷଣକେ ମନେ ଗୁଣି ।।୪୦

## ଦେବଗଣ ଉବାଚ

ବୋଇଲେ ଶୁଣ ନରନାଥ । ଆମ୍ଭର ବର ନୋହେ ବ୍ୟର୍ଥ ।।୪୧
ସକଳ ଜନ୍ତୁଙ୍କ ଲୋଚନେ । ବସ ତୁ ନିମିଷ ବିଧାନେ ।।୪୨
ନିମିଷମତେ ସଂଖ୍ୟାକର । କାଳର ଗଣନା ବେଭାର ।।୪୩
ଏମନ୍ତ ଦେବଙ୍କ ବଚନେ । ବସିଲା ଜନ୍ତୁଙ୍କ ନୟନେ ।।୪୪
ଅଧ୍ୟାତ୍ମଗତି ନିତ୍ୟେ ତା'ର । ଏବେ ହୋ ଶୁଣ କୁରୁବୀର ।।୪୫
ଅରାଜ୍ୟଭୟେ ମହାଜନେ । ସକଳେ ବିଚାରିଲେ ମନେ ।।୪୬
ଆମ୍ଭେ ଯେ ବେଦ-ମନ୍ତ୍ରସ୍ୱରେ । କୁଶେ ମନ୍ଥିବା ଏ ଶରୀରେ ।।୪୭
ଯେମନ୍ତେ ପୁତ୍ର ଜନ୍ମ ହେବ । ନିର୍ଭୟେ ପ୍ରଜାଙ୍କୁ ପାଳିବ ।।୪୮
ଏମନ୍ତ ବିଚାରି ମନରେ । ତକ୍ଷଣେ ଜନ୍ମିଲା କୁମରେ ।।୪୯



କୁଶେ ମନ୍ଥିଲେ ବେଦସ୍ୱରେ । ତକ୍ଷଣେ ଜନ୍ମିଲା କୁମରେ ।।୫୦
ଜନ୍ମନ୍ତେ ଜନକ ହୋଇଲା । ବୈଦେହ ନାମ ବୋଲାଇଲା ।।୫୧
ମନ୍ଥନେ ମିଥିଳ ତା' ନାମ । ବହେ ଅଶେଷ ଗୁଣଗ୍ରାମ ।।୫୨
ଏମନ୍ତେ ନିମିରାଜବଳା । ମିଥିଳାପୁର ବସାଇଲା ।।୫୩
ତା' ସୁତ ଉଦାବସୁ ନାମ । ନନ୍ଦିବର୍ଦ୍ଧନ ତା' ନନ୍ଦନ ।।୫୪
ସୁକେତୁ ନାମେ ତା'ର ସୁତ । ତା'ର ସନ୍ତତି ଦେବରାତ ।।୫୫
ଦେବରାତରୁ ବୃହଦ୍ରଥ । ତା' ତହୁଁ ମହାବୀର୍ଯ୍ୟ ଜାତ ।।୫୬
ସୁଧୃତି ତାହାର କୁମର । ତା' ପୁତ୍ର ଧୃଷ୍ଟକେତୁ ବୀର ।।୫୭
ହର୍ଯ୍ୟଶ୍ୱ ତାହାର କୁମର । ମରୁ ତାହାଙ୍କ ବଂଶଧର ।।୫୮
ମରୁରୁ ପ୍ରତୀପକ ଜନ୍ମ । ତା' ସୁତ କୃତରଥ ନାମ ।।୫୯
ତା'ର କୁମର ଦେବମୀଢ଼ । ଯା' ଚିତ୍ତ ଯୋଗାଭ୍ୟାସେ ଦୃଢ଼ ।।୬୦
ବିଶ୍ରୁତ ତାହାର ସନ୍ତତି । ତା'ର କୁମର ମହାଧୃତି ।।୬୧
ତା' ସୁତ କୃତିରାତ ନାମ । ଜୀବେ ଅଶେଷ ଗୁଣଗ୍ରାମ ।।୬୨
ତା'ର ସନ୍ତତି ମହାରୋମ । ରୂପେ ଶଶାଙ୍କ ନୋହେ ସମ ।।୬୩
ସୁବର୍ଣ୍ଣରୋମା ତା' ତନୟେ । ତା' ତହୁଁ ହ୍ରସ୍ୱରୋମା ହୋଏ ।।୬୪
ତା'ର କୁମର ସୀରଧ୍ୱଜ । ତା'ର ମହିମା ମହାତେଜ ।।୬୫
ବିପ୍ରେ ଯେ ତା'ର ଯଜ୍ଞକାଳେ । ଭୂମିକି ଚଷିଲେ ଲଙ୍ଗଳେ ।।୬୬
ଲଙ୍ଗଳ ଅଗ୍ରେ ସୀତା ଜାତ । ଏଣୁ ସେ ସୀରଧ୍ୱଜ ଖ୍ୟାତ ।।୬୭
ତା'ର କୁମର କୁଶଧ୍ୱଜ । ଧର୍ମଧ୍ୱଜ ତା'ର ତନୁଜ ।।୬୮
ତା' ତହୁଁ ବେନିପୁତ୍ର ଜାତ । ଶୁଣ ହୋ ତାହାଙ୍କ ଚରିତ ।।୬୯
ସେ କୃତଧ୍ୱଜ ମିତଧ୍ୱଜ । ଶୁଣ ତାହାଙ୍କର ତନୁଜ ।।୭୦
କୃତଧ୍ୱଜର କେଶିଧ୍ୱଜ । ଖାଣ୍ଡିକ୍ୟ ଆନର ତନୁଜ ।।୭୧
ଖାଣ୍ଡିକ୍ୟ କେଶିଧ୍ୱଜ ବେନି । ସାଧିଲେ ଯୋଗବିଦ୍ୟା ଘେନି ।।୭୨
କେଶିଧ୍ୱଜର ଠାରୁ ଭୟେ । ପଳାଇ ଗଲା ଆନଠାଏ ।।୭୩
କେଶି ଧ୍ୱଜରୁ ଭାନୁମାନ । ତା'ର ତନୁଜ ଶତଦ୍ୟୁମ୍ନ ।।୭୪
ଶୁଚି ନାମରେ ତା' ତନୁଜ । ତା'ର ତନୁଜ ସନଦ୍ୱାଜ ।।୭୫
ଉର୍ଜ୍ଜକେତୁ ଯେ ତହୁଁ ଜାତ । ତାହାର ପୁତ୍ର ପୁରୁଜିତ ।।୭୬
ଅରିଷ୍ଟ ନେମି ସୁତ ତା'ର । ଶ୍ରୁତାୟୁ ତାହାର କୁମର ।।୭୭
ତା'ର ତନୟ ସୁପାର୍ଶ୍ୱକ । ତା' ସୁତ ଚିତ୍ରରଥ ଲେଖ ।।୭୮

କ୍ଷେମାଧି ନାମେ ତା'ର ସୁତ । ତା'ର ତନୟ ସମରଥ ।।୭୯
ତାହାର ପୁତ୍ର ସତ୍ୟରଥ । ଉପଗୁରୁ ଯେ ତା'ର ସୁତ ।।୮୦
ତାହାର ପୁତ୍ର ଉପଗୁପ୍ତ । ବସ୍ୱନନ୍ତ ଯେ ତା'ର ସୁତ ।।୮୧
ଯୁଯୁଧ ତା'ର ପୁତ୍ର ନାମ । ତା' ତହୁଁ ହେଲା ସୁଭାଷଣ ।।୮୨
ତା' ସୁତ ଶ୍ରୁତ ତହୁଁ ଜୟ । ତାହାର ତନୟ ବିଜୟ ।।୮୩
ତା' ତହୁଁ ଋତ ହେଲା ଜାତ । ଶୁନକ ତାହାର ଯେ ସୁତ ।।୮୪
ବୀତହବ୍ୟ ଯେ ତା' ସନ୍ତତି । ତାହାର ତହୁଁ ଜାତ ଧୃତି ।।୮୫
ତାହାର ପୁତ୍ର ବହୁଳାଶ୍ୱ । ତା' ସୁତ କୃତି ମହାଯଶ ।।୮୬
ଜନକବଂଶେ ରାଜା ଯେତେ । କହିଲୁ ଭୂତ ଭବିଷ୍ୟତେ ।।୮୭
ସେ ସର୍ବେ ଯୋଗବିଦ୍ୟା ସାଧି । ତରିଲେ ସଂସାର ଜଳଧି ।।୮୮
ରବିର ବଂଶେ ରାଜା ଯେତେ । ସେ କଥା ବଂଶାନୁଚରିତେ ।।୮୯
ତୋତେ କହିଲି ପ୍ରିୟଭାବେ । ସୋମର ବଂଶ ଶୁଣ ଏବେ ।।୯୦
ବୋଲଇ ଦାସ ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୯୧

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ତ୍ରୟୋଶୋଽଧ୍ୟାୟଃ ।।

## ଚତୁର୍ଦ୍ଦଶ ଅଧ୍ୟାୟ

### ଶୁକ ଉବାଚ

ଏବେ ହୋ ସୋମବଂଶ ଶୁଣ । ଯେବେ ତରିବ ତିନିଗୁଣ ।।୧
ସେ ବଂଶେ ପୁରୁରବା ଆଦି । ଯେ ଭାବେ ଯେ ଅବା ସମ୍ପାଦି ।।୨
ଯଶ ରହିଲା ମହୀତଳେ । ସର୍ବେ ଚଳିଲେ କାଳବଳେ ।।୩
ସହସ୍ରଶିର ଯେ ଅନନ୍ତ । ତା' ନାଭିପଦ୍ମୁଁ ବ୍ରହ୍ମାଜାତ ।।୪
ସୃଷ୍ଟିର ଅର୍ଥେ ସପ୍ତପୁତ୍ରେ । ଜନ୍ମ ହୋଇଲେ ବ୍ରହ୍ମାଗାତ୍ରେ ।।୫
ମରୀଚି ଆଦି ସପ୍ତଋଷି । ଧ୍ରୁବମଣ୍ଡଳ ରଥେ ବସି ।।୬
ଭ୍ରମନ୍ତି ଧ୍ରୁବଚକ୍ର-ବଳେ । ଉତ୍ତର-ଆକାଶ-ମଣ୍ଡଳେ ।।୭
ତାହାଙ୍କ ମଧ୍ୟେ ଅତ୍ରିମୁନି । ତପ କରନ୍ତି ଯୋଗ ଘେନି ।।୮
ଧ୍ୟାନ କରନ୍ତେ ଯୋଗବଳେ । ତା'ଙ୍କ ଲୋଚନ ଅଶ୍ରୁଜଳେ ।।୯
ପୁରୁଷେ ହୋଇଲା ପ୍ରକାଶ । ତେଜେ ଗଞ୍ଜିଲା ଦଶଦିଶ ।।୧୦
ଅମୃତମୟ ମନୋରମ । ତାହାର ନାମ ଦେଲେ ସୋମ ।।୧୧



ବିପ୍ର-ଔଷଧି-ଉଡୁଗଣେ । ବ୍ରହ୍ମା ସ୍ଥାପିଲେ ରାଜାପଣେ ।।୧୨
ସେ ସୋମ ରାଜସୂୟ କରି । ତିନି ଭୁବନେ ଅଧିକାରୀ ।।୧୩
ବଳେ ଜିଣିଲା ତିନିପୁର । ଏବେ ହୋ ଶୁଣ ନୃପବର ।।୧୪
ସୁନ୍ଦର ରୂପେ ମତ୍ତଗର୍ବେ । ନିରତେ ଭ୍ରମେ ସେ ସ୍ୱଭାବେ ।।୧୫
ଏମନ୍ତେ ବୃହସ୍ପତି ନାରୀ । ଗଙ୍ଗାର ଜଳେ ସ୍ନାନ କରି ।।୧୬
ରୂପେ ସୁନ୍ଦରୀ ମନୋହରା । ସ୍ୱବଭାବେ ନାମ ତା'ର ତାରା ।।୧୭
ତାହାର ରୂପଗୁଣ ଚାହିଁ । ଅନଙ୍ଗବାଣେ ମୋହ ଯାଇ ।।୧୮
ସ୍ୱଭାବେ ଋତୁସ୍ନାନ କାଳେ । ସୋମ ହରିଲା ତା'କୁ ବଳେ ।।୧୯
ସେ କଥା ଶୁଣି ବୃହସ୍ପତି । ପତ୍ନୀ ହରଣେ ଦୁଃଖମତି ।।୨୦
ସୋମର ଦ୍ୱାରେ ରାତ୍ରେ ଗଲେ । ଅନେକ ପ୍ରକାରେ ମାଗିଲେ ।।୨୧
କେବେ ହେଁ ତାରାକୁ ନ ଦେଲା । ଅନେକ ଅପମାନ କଲା ।।୨୨
ସେ ଗୁରୁ ଦେବ ମଧ୍ୟେ ଆସି । ଇନ୍ଦ୍ରଙ୍କୁ କହିଲେ ବିଶେଷି ।।୨୩
ଇନ୍ଦ୍ରର ତୁଲେ ଦେବବଳ । ଚଳନ୍ତେ ଶୁଭେ ମୁଖଗୋଳ ।।୨୪
ଏ କଥା ଶୁଣି ଶୁକ୍ରବାଦେ । ମିଳିଲା ଅସୁରଙ୍କ ମଧ୍ୟେ ।।୨୫
ଅସୁରବଳ ସଙ୍ଗ କରି । ଧାଇଁଲେ ସୋମପକ୍ଷ ଧରି ।।୨୬
ଇନ୍ଦ୍ରର ତୁଲେ ଦେବଗଣ । ଏମନ୍ତେ ଦେବାସୁର ରଣ ।।୨୭
ପ୍ରକୋପେ ବଢ଼ିଲା ସଂଗ୍ରାମ । ତାରକାମୟ ଯୁଦ୍ଧନାମ ।।୨୮
ତାରାର ଅର୍ଥେ ଯୁଦ୍ଧ ଯେଣୁ । ତାରକାମୟ ନାମ ତେଣୁ ।।୨୯
ଏମନ୍ତେ ଘୋର ଯୁଦ୍ଧ କଲେ । ଅନେକ ଦେବାସୁର ମଲେ ।।୩୦
ଦେବ ଅସୁର ଘୋରରଣେ । ବ୍ରହ୍ମା ମିଳିଲେ ତତ୍କ୍ଷଣେ ।।୩୧
ରଣ ନିବାରି ଚତୁର୍ମାଥ । ମିଳିଲେ ସୋମର ଅଗ୍ରତ ।।୩୨
ଅନେକ ଭର୍ତ୍ସନା ସେ କଲେ । ବୃହସ୍ପତିଙ୍କି ତାରା ଦେଲେ ।।୩୩
ସେ ଗୁରୁ ତାରାମୁଖ ଚାହିଁ । ବୋଲନ୍ତି ବ୍ରହ୍ମାଙ୍କୁ ଅନାଇଁ ।।୩୪
ଭୋ ତାତ ଦେଖ ତୋ' ଅଗ୍ରତେ । ଗର୍ଭ ଏ ଧରିଛି ଗୁପତେ ।।୩୫
କେମନ୍ତେ ଛୁଇଁବି ଶରୀର । ଏହାରେ କାର୍ଯ୍ୟ ନାହିଁ ମୋ'ର ।।୩୬
କାହାର ବୀର୍ଯ୍ୟ ଗର୍ଭେ ଅଛି । କେମନ୍ତେ ଜାଣିବା ତା' ଲକ୍ଷି ।।୩୭
ତାରାର ଗର୍ଭ ଚାହିଁ କୋପେ । ଗୁରୁ ବୋଲନ୍ତି ମନସ୍ତାପେ ।।୩୮
ତୁ ମୋତେ ଛୁଇଁବୁ କେମନ୍ତେ । ଭସ୍ମ କରିବି ଆଜ ତୋତେ ।।୩୯
ଏମନ୍ତେ ଶୁଣି ସେ ଉତ୍ତର । କମ୍ପଇ ତାରାର ଶରୀର ।।୪୦

ତକ୍ଷଣେ ଗର୍ଭ ପ୍ରସବିଲା । ସୁନ୍ଦରେ ଜଗତ ମୋହିଲା ।।୪୧
କାନ୍ଦଇ ପଡ଼ି ଭୂମିଗତେ । ଆଶ୍ଚର୍ଯ୍ୟେ ଦେଖନ୍ତି ସମସ୍ତେ ।।୪୨
ସୁନ୍ଦର ଦେଖି ତା' ବଦନ । କଳ୍ପିଲା ବୃହସ୍ପତି ମନ ।।୪୩
ବୋଲଇ ମୋର ପୁତ୍ର ଏହି । ସୋମ ବୋଲଇ ତାହା ଚାହିଁ ।।୪୪
ଦେଖ ଏ ମୋହର କୁମର । ମୋହର ପ୍ରାୟେକ ସୁନ୍ଦର ।।୪୫
ଗୁରୁ ବୋଲନ୍ତି ମୋ'ର ସୁତ । ଏମନ୍ତେ ହୋଇଲା ଅନର୍ଥ ।।୪୬
ସକଳ ମୁନିଗଣ ତୁଲେ । ତାରାକୁ ବିଶ୍ୱାସେ ପୁଚ୍ଛିଲେ ।।୪୭
ତା' ଶୁଣି ଅଧୋମୁଖୀ ହୋଇ । ତାରା ରହିଲା ଲଜ୍ଜା ପାଇ ।।୪୮
କୁମର ଭୂମିଗତେ ଥାଇ । ବୋଲେ ଜନନୀ ମୁଖ ଚାହିଁ ।।୪୯
ଦୁର୍ବୃତ୍ତପଣ ଏ ତୋହର । କହ ମୁଁ କାହାର କୁମର ।।୫୦
ନୋହିଲେ ଶାପ ଦେବି ତୋତେ । ଲଜ୍ଜା ହୋଇଲା ବଡ଼ ମୋତେ ।।୫୧
ଏମନ୍ତ ପୁତ୍ରବାକ୍ୟ ଶୁଣି । ତାରାକୁ ରାଇ କୁଶପାଣି ।।୫୨
ବୋଲନ୍ତି କୋମଳ ବଚନ । ନିର୍ଭୟ କରି ତାରା ମନ ।।୫୩
ଭୋ ମାତ ଲଜ୍ଜା ତୁ ନ କର । କହ ଏ କାହାର କୁମର ।।୫୪
ତା' ଶୁଣି ଅଧୋମୁଖୀ ହୋଇ । ବୋଲେ ସୋମର ପୁତ୍ର ଏହି ।।୫୫
ତକ୍ଷଣେ ସୋମ କୋଳ କଲା । ବ୍ରହ୍ମା ତାହାକୁ ନାମ ଦେଲା ।।୫୬
ବୋଧିଲା ରୂପଗୁଣେ ଯେଣୁ । ନାମ ହୋଇଲା ବୁଧ ତେଣୁ ।।୫୭
ସେ ବୁଧ ଇଳାକନ୍ୟା ଗର୍ଭେ । ମୁଁ ତୋତେ କହିଅଛି ପୂର୍ବେ ।।୫୮
ପୁରୁରବାକୁ ଜନ୍ମ କଲା । ଯେ କାଳେ ତପୋବନେ ଥିଲା ।।୫୯
ଏବେ ହୋ ଶୁଣ ନରନାଥ । ସୋମର ବଂଶାନୁଚରିତ ।।୬୦
ସୁରଭୁବନେ ଏକ ଦିନେ । ଉର୍ବଶୀ ଗନ୍ଧର୍ବ-ଗାୟନେ ।।୬୧
ମିତ୍ରାବରୁଣଙ୍କୁ ଲଙ୍ଘିଲା । ସେ ତା'କୁ କୋପେ ଶାପ ଦେଲା ।।୬୨
ବୋଇଲା ନରଲୋକେ ଯାଅ । ସ୍ୱର୍ଗ-ଭୁବନେ ତୁ ନ ଥାଅ ।।୬୩
ତକ୍ଷଣେ ଅଧୋମୁଖ ହୋଇ । ମିଳିଲା ନରଲୋକେ ଯାଇ ।।୬୪
ଗିରି-କନ୍ଦର-ବନେ ବୁଲେ । ସ୍ୱାମୀ ନ ଲଭେ ଆମ୍ ତୁଲେ ।।୬୫
ଏମନ୍ତେ ଭ୍ରମନ୍ତେ ତରୁଣୀ । ପୁରୁରବାକୁ ଦେଖେ ପୁଣି ।।୬୬
କନ୍ଦର୍ପପ୍ରାୟ ରୂପରାଶି । ତେଜେ ଗଞ୍ଜଇ ରବିଶଶୀ ।।୬୭
ଏମନ୍ତେ ତାହାର ସଙ୍ଗତେ । ଉର୍ବଶୀ ମିଳିଲା ଏକାନ୍ତେ ।।୬୮
ଉତ୍ଫୁଲ୍ଲ ହରଷ ଲୋଚନେ । ପୁରୁରବାର ସନ୍ନିଧାନେ ।।୬୯



ସେ ରାଜା ତା'ର ମୁଖ ଚାହିଁ । ତକ୍ଷଣେ କାମବଶ ହୋଇ ।।୭୦
ଗଭୀର-ବାକ୍ୟେ ତା'କୁ କହେ । ରୋମ-ହରଷ ସର୍ବଦେହେ ।।୭୧

## ରାଜା ଉବାଚ

ଆସ ସୁନ୍ଦରି ବସ ଏଥେ । ଭଲେ ଅଇଲୁଟିକି ପଥେ ।।୭୨
ମିଳିଲୁ ମୋହର ସଙ୍ଗତେ । କହ ମୁଁ କି କରିବି ତୋତେ ।।୭୩
ମୋ' ସଙ୍ଗେ ରମ ତୁ ଏକାନ୍ତେ । ସୁନ୍ଦରି ରହି ଦିନାକେତେ ।।୭୪
ଉର୍ବଶୀ ବୋଲଇ ତୁରିତେ । ମୋହର ସଧ ଅଛି ତୋତେ ।।୭୫
ତୋ' ରୂପ ଦେଖି ହେ ରାଜନ । ଅନଙ୍ଗ ବାଧିଲା ମୋ 'ମନ ।।୭୬
ତୁ ମୋ'ର ତୁଲେ ସତ୍ୟକର । ନିଶ୍ଚେଁ ବରିବି ତୋତେ ବର ।।୭୭
ଦେଖ ଏ ମେଷପୁତ୍ର ଦୁଇ । ତୁଲେ ଅଛନ୍ତି ବେନିଭାଇ ।।୭୮
ଅତ୍ୟନ୍ତ ପ୍ରିୟ ଏ ମୋହର । ଏହାଙ୍କୁ ଯତ୍ନେ ରକ୍ଷାକର ।।୭୯
ଉଲଗ୍ନ ନ ଦେଖିବି ତୋତେ । ଘୃତ ଆହାର ମୋ'ର ନିତ୍ୟେ ।।୮୦
ଏ ସତ୍ୟ ପ୍ରତିପାଳୁ ଯେବେ । ତୋ' ସଙ୍ଗେ ରମିବଇଁ ତେବେ ।।୮୧
ଏମନ୍ତ ତା'ର ମୁଖୁଁ ଶୁଣି । ସତ୍ୟ ଯେ କଲା ନୃପମଣି ।।୮୨
ଉର୍ବଶୀରୂପେ ହୋଇ ବଶ । କଲା ସେ ଅନେକ ବିଶ୍ୱାସ ।।୮୩
ବିମାନେ ବସି ତା'ର ପାଶେ । ଗିରି-କାନନ-ନାନା ଦେଶେ ।।୮୪
ରମିଲା ହରଷିତ ମନେ । ଚଇତ୍ରରଥ ଆଦି ବନେ ।।୮୫
ଜଳ ବିହାର ନାନା ଦେଶେ । ପଦ୍ମ କୁମୁଦ ଗନ୍ଧ ବାସେ ।।୮୬
ଉର୍ବଶୀ ସଙ୍ଗେ ସଙ୍ଗ କଲା । ରାତ୍ର-ଦିବସ ନ ଜାଣିଲା ।।୮୭
ଏବେ ହୋ ଶୁଣ କୁରୁବଂଶୀ । ଇନ୍ଦ୍ର ଯେ ନ ଦେଖି ଉର୍ବଶୀ ।।୮୮
ବୋଲେ ଗନ୍ଧର୍ବଗଣ ଚାହିଁ । ଉର୍ବଶୀ ମୋର ଗଲା କାହିଁ ।।୮୯
ଗନ୍ଧର୍ବେ ବେନିକର ଯୋଡ଼ି । କହିଲେ ଇନ୍ଦ୍ରପାଦେ ପଡ଼ି ।।୯୦
ମିତ୍ରାବରୁଣ ଶାପ ଫଳେ । ଉର୍ବଶୀ ଅଛି ମର୍ତ୍ତ୍ୟପୁରେ ।।୯୧
ରମଇ ପୁରୁରବା ତୁଲେ । ତା' ଶୁଣି ପୁରନ୍ଦର ବୋଲେ ।।୯୨
ତୁମ୍ଭେ ହୋ ମର୍ତ୍ତ୍ୟପୁରେ ଯାଇ । ଉର୍ବଶୀ ଆଣ ବେଗ ହୋଇ ।।୯୩
ସ୍ୱର୍ଗ ନ ଶୋହେ ତା' ବିହୀନେ । ଚନ୍ଦ୍ର ନ ଥିଲେ ରାତ୍ର ଯେହ୍ନେ ।।୯୪
ତକ୍ଷଣେ ଇନ୍ଦ୍ରଆଜ୍ଞା ଶିରେ । ଘେନି ଚଳିଲେ ମର୍ତ୍ତ୍ୟପୁରେ ।।୯୫
ରାତ୍ରେ ନିବିଡ଼ ଅନ୍ଧକାରେ । ମିଳିଲେ ପୁରୁରବା ପୁରେ ।।୯୬
ତକ୍ଷଣେ ଦେବମାୟାବଳେ । ଉର୍ବଶୀ ମେଷ ଚୋରାଇଲେ ।।୯୭

ସେ ବେନିମେଷ ଶୂନ୍ୟେ ଯା'ନ୍ତେ । ଉଚ୍ଚେ ରୋଦନ କଲେ ପଥେ ।।୯୮

ତା' ଶୁଣି ନିଦ୍ରାଭଙ୍ଗ ହୋଇ । ବିକଳେ ଉର୍ବଶୀ କାନ୍ଦଇ ।।୯୯

ବୋଲଇ ଶିରେ କର ଦେଇ । ମୋ' ପୁତ୍ର କେନେଲା ଚୋରାଇ ।।୧୦୦

ମୁଁ ଏଡ଼େ ହୀନେ ଆଶ୍ରେ କଲି । ଏ ପୁରେ ଅନାଥା ହୋଇଲି ।।୧୦୧

ଭୁଲିଲି ନପୁଂସକ ବୋଲେ । ପୁତ୍ରେମୋହର କେଣେ ଗଲେ ।।୧୦୨

ଏ ରାଜା ନାରୀଙ୍କର ପ୍ରାୟେ । ଶୋଇଛି ନିଦ୍ରାସୁଖ ମୋହେ ।।୧୦୩

ଯେସନେ ନ ପୁଂସକ ଶୋଇ । ଏମନ୍ତ ଦେଖିଲା ତ ନାହିଁ ।।୧୦୪

## ଶୁକ ଉବାଚ

ଏମନ୍ତେ ରୋଦନ କରନ୍ତେ । ରାଜାର ଶୟନ ଏକାନ୍ତେ ।।୧୦୫

ଉର୍ବଶୀ କଟୁବାକ୍ୟ ଶୁଣି । ନିଦ୍ରା ତେଜିଲା ନୃପମଣି ।।୧୦୬

ବ୍ୟଥିତ ଉର୍ବଶୀ ବଚନେ । ଅଙ୍କୁଶେ କୁଞ୍ଜର ଯେସନେ ।।୧୦୭

ତକ୍ଷଣେ ଶୟନରୁ ଉଠି । ଖଡ଼ଗ କଲା ଦୃଢ଼ମୁଷ୍ଟି ।।୧୦୮

ଉଲଗ୍ନେ ରାଜା ଥିଲା ଶୋଇ । ଅନ୍ଧାରେ ଦେହ ନ ଦିଶଇ ।।୧୦୯

ପଥେ ସେ ରେରେକାର ରାବେ । ମେଷକୁ ଛାଡ଼ିଲେ ଗନ୍ଧର୍ବେ ।।୧୧୦

ସେ ମେଷ ଘେନି ବାମହସ୍ତେ । ମିଳିଲେ ଉର୍ବଶୀ ଅଗ୍ରତେ ।।୧୧୧

ଗନ୍ଧର୍ବେ ଶୂନ୍ୟମାର୍ଗେ ଥିଲେ । ବିଜୁଳି ତେଜ ପ୍ରକାଶିଲେ ।।୧୧୨

ରାଜା କଟୀରେ ବସ୍ତ୍ର ନାହିଁ । ଉଲଗ୍ନ ଦେଖି କୋପବହି ।।୧୧୩

ମେଷକୁ ଦେଖି ରାଜା ହସ୍ତେ । ଉର୍ବଶୀ ଗଲା ଶୂନ୍ୟପଥେ ।।୧୧୪

ସେ ରାଜା ମେଷ ଘେନିକରେ । ଆସି ମିଳିଲା ଅନ୍ତଃପୁରେ ।।୧୧୫

ବୋଲଇ ନିଅ ତୋ' ନନ୍ଦନ । ନ ଜାଣି କଲୁ ଯେ ରୋଦନ ।।୧୧୬

ଶୟନ ସ୍ଥାନେ ସେ ମିଳିଲା । ଖଟେ ଉର୍ବଶୀ ନ ଦେଖିଲା ।।୧୧୭

ଦୀପ ଆଣିଲା ତତ୍କ୍ଷଣେ । ଦେଖେ ଉର୍ବଶୀ ଗଲା କେଣେ ।।୧୧୮

ନ ଦେଖି ମୋହଗତେ ପଡ଼ି । କାନ୍ଦଇ ହୃଦେ କର ତାଡ଼ି ।।୧୧୯

ଉନ୍ମତ୍ତ ପ୍ରାୟେ ମହୀଭ୍ରମେ । ଗିରି-କାନନ-ଦୁର୍ଗ-ଗ୍ରାମେ ।।୧୨୦

ଭ୍ରମନ୍ତେ ଅତ୍ୟନ୍ତ ବ୍ୟାକୁଳେ । ଅଭୁତେ କୁରୁକ୍ଷେତ୍ରେ ମିଳେ ।।୧୨୧

ଉର୍ବଶୀ ସଖୀଜନ ମେଳେ । ଦେଖିଲା ସରସ୍ୱତୀ କୂଳେ ।।୧୨୨

ରାଜାଙ୍କୁ ଚାହିଁ ଅଧୋମୁଖୀ । ମନେ ହୋଇଲା ମହାଦୁଃଖୀ ।।୧୨୩

ରାଜା ଉର୍ବଶୀ ମୁଖ ଚାହିଁ । ବୋଲଇ ସ୍ନେହଭର ହୋଇ ।।୧୨୪



ରାଜାଙ୍କୁ ଦେଖି କୋପଭରେ । ଉର୍ବଶୀ ଗଲା କିଛି ଦୂରେ ।।୧୨୫

ପଛେ ଗୋଡ଼ାଇ କାମବଶେ । ସେ ରାଜା ବୋଲଇ ବିଶ୍ୱାସେ ।।୧୨୬

## ରାଜା ଉବାଚ

ହେ ସଖି କ୍ଷଣେ ରହରହ । ନ ଛାଡ଼ ମୋହର ସେନେହ ।।୧୨୭

ତୁ ଘୋର କର୍ମ କିପାଁ କରୁ । ଭାବ ଅଭାବ ନବିଚାରୁ ।।୧୨୮

ମୋତେ ନ ଛାଡ଼ କୋପମନେ । ମୁଁ ଅଛି ତୋହର ବଚନେ ।।୧୨୯

ତୁ ମୋତେ ଦୂର କରି ଗଲେ । ଜୀବନ ଛାଡ଼ିବି ମୁଁ ଭଲେ ।।୧୩୦

ତୋ'ର ବିହୁନେ ମୋ' ଶରୀର । ଭକ୍ଷିବେ ଶୃଗାଳ କୁକୁର ।।୧୩୧

ଏମନ୍ତେ ରାଜାବାକ୍ୟ ଶୁଣି । ଉର୍ବଶୀ କହେ ମଧୁବାଣୀ ।।୧୩୨

## ଉର୍ବଶୀ ଉବାଚ

ଭୋ ନାଥ ଶୁଣ ମୋ' ଉତ୍ତର । ସଂସାରେ ସ୍ତିରୀଙ୍କ ବେଭାର ।।୧୩୩

ସ୍ୱଭାବେ ଯେବା ଦୁଷ୍ଟା ନାରୀ । ତା'ସଙ୍ଗେ ବିଶ୍ୱାସ ନ କରି ।।୧୩୪

ବ୍ୟାଘ୍ର ଭଲ୍ଲୁକ ସଙ୍ଗେ ନର । ଯେସନେ ବିଶ୍ୱାସ-ବେଭାର ।।୧୩୫

ସ୍ତିରୀଙ୍କ ଦେହେ ଯେତେ ଗୁଣ । ରାଜନ ସାବଧାନେ ଶୁଣ ।।୧୩୬

ନିର୍ଦ୍ଦୟ କପଟ କଠିନ । ସାହସ ଆଦି ଚାରିଗୁଣ ।।୧୩୭

ଅଳପ କ୍ରୋଧେ ପ୍ରାଣ ନ୍ୟନ୍ତି । ପତି-ଭ୍ରାତାଙ୍କୁ ନଗଣନ୍ତି ।।୧୩୮

ଅଜ୍ଞାନ ଭାବେ ଥା'ନ୍ତି ନିତ୍ୟେ । ବାଞ୍ଛନ୍ତି କାମଭୋଗ ଚିତ୍ତେ ।।୧୩୯

ସ୍ୱଭାବେ ନିତ୍ୟେ ହୋନ୍ତି କାମୀ । ଇଚ୍ଛନ୍ତି ନବନବ ସ୍ୱାମୀ ।।୧୪୦

ନାରୀଙ୍କ ସ୍ୱଭାବ ଏମନ୍ତ । କିପାଁ ତୁ କରୁ ଦୁଃଖଚିତ୍ତ ।।୧୪୧

ଏବେ ତୁ ନିଜ ପୁରେ ଯାଅ । ଅବଶ୍ୟ ଲଭିବି ତୋ' ସ୍ନେହ ।।୧୪୨

ଆସିବି ସମ୍ବତ୍ସର ଅନ୍ତେ । ରମିବି ତୋହର ସଙ୍ଗତେ ।।୧୪୩

ଋତୁସ୍ନାନାନ୍ତେ ଏକଦିନେ । ରମିବି ତୋ'ର ସନ୍ନିଧାନେ ।।୧୪୪

ଅବଶ୍ୟ ହୋଇବ ସନ୍ତତି । ଏବେ ଉପାୟ କର ଚିନ୍ତି ।।୧୪୫

ଗନ୍ଧର୍ବଗଣ ପୂଜା କର । ସେ ତୋତେ ତୋଷେ ଦେବେବର ।।୧୪୬

ଏହାଙ୍କ ପ୍ରସନ୍ନେ ତୁ ମୋତେ । ପାଇବୁ ବରଷକ ଅନ୍ତେ ।।୧୪୭

## ଶୁକ ଉବାଚ

ଏମନ୍ତେ ତା'ର ବାକ୍ୟ ଶୁଣି । ଆନନ୍ଦମନେ ନୃପମଣି ।।୧୪୮

ଗନ୍ଧର୍ବଗଣେ ପୂଜା କଲା । ଅନେକ ବଳିଭୋଜା ଦେଲା ।।୧୪୯

ସ୍ତୁତି କରଇ କରଯୋଡ଼ି । ଚରଣେ ଦଣ୍ଡବତେ ପଡ଼ି ।।୧୫୦

ତା'ର ଭକତି ଦେଖି ମନେ । ଗନ୍ଧର୍ବେ ପ୍ରସନ୍ନ ବଦନେ ।।୧୫୧
ମୃତ୍ତିକାଭାଣ୍ଡେ ଅଗ୍ନି ଥୋଇ । ରାଜା ସମୀପେ ଦେଲେ ନେଇ ।।୧୫୨
ବୋଇଲେ ଏଥେ ଯଜ୍ଞ କର । ଉର୍ବଶୀ ଆସିବ ତୋହର ।।୧୫୩
ଏମନ୍ତେ ଅଗ୍ନିଭାଣ୍ଡ ଦେଲେ । ରାଜାର ମନ ତୋଷ କଲେ ।।୧୫୪
ଗନ୍ଧର୍ବେ ଉର୍ବଶୀର ତୁଲେ । ତକ୍ଷଣେ ଶୂନ୍ୟମାର୍ଗେ ଗଲେ ।।୧୫୫
ସେ ରାଜା ଅଗ୍ନିଭାଣ୍ଡ ଘେନି । ଗନ୍ଧର୍ବଗଣ ବାକ୍ୟ ମାନି ।।୧୫୬
ରାତ୍ରେ ବୁଲନ୍ତେ ବୃକ୍ଷମୂଳେ । ଥୋଇଲେ ନିଶା ଅନ୍ତଃକାଳେ ।।୧୫୭
ଅଗ୍ନିକି ବୃକ୍ଷମୂଳେ ଥୋଇ । ମିଳିଲା ନିଜପୁରେ ଯାଇ ।।୧୫୮
ରହିଲା ପ୍ରଜାଜନ ହିତେ । ଏମନ୍ତେ ଗଲା ଦିନା କେତେ ।।୧୫୯
ଉର୍ବଶୀ ବାକ୍ୟେ ମନଦେଇ । ନିଶ୍ଚଳେ ମନ ନ ରହଇ ।।୧୬୦
ଏମନ୍ତେ ସତ୍ୟଯୁଗ ଗଲା । ଶୁଣ ହୋ ଗୋବିନ୍ଦର ଲୀଳା ।।୧୬୧
ତ୍ରେତୟା ଯୁଗ ପ୍ରବେଶନେ । ରାଜା ଉର୍ବଶୀ ସ୍ମରି ମନେ ।।୧୬୨
ଅଗ୍ନି ଉଦ୍ଦେଶ୍ୟ ଦିନେ ଗଲା । ବନେ ଅନଳ ନ ଦେଖିଲା ।।୧୬୩
ଯେ ବୃକ୍ଷ ମୂଳେ ଥୋଇଗଲା । ସେ ବୃକ୍ଷ ଅଶ୍ୱତ୍ଥ ହୋଇଲା ।।୧୬୪
ଅଶ୍ୱତ୍ଥ ବୃକ୍ଷ ଶମୀ ବୃକ୍ଷେ । ରାଜନ ଦେଖିଲା ପ୍ରତ୍ୟକ୍ଷେ ।।୧୬୫
ସେ ବୃକ୍ଷ କାଷ୍ଠ ଗୃହେ ଆଣି । ସଞ୍ଚିଲା ଯଜ୍ଞର ଅରଣି ।।୧୬୬
ଅରଣି ମନ୍ଥନ ସେ କରି । ନିଗମ-ମନ୍ତ୍ରକୁ ଉଚ୍ଚାରି ।।୧୬୭
ଉର୍ବଶୀ ଧ୍ୟାନ କରି ମନେ । ଆହୁତି ଦେଲା ହୁତାଶନେ ।।୧୬୮
ଉର୍ବଶୀ ଯଜ୍ଞବଳେ ଆସି । ରାଜା ସଦନେ ମିଳେ ନିଶି ।।୧୬୯
ଯଜ୍ଞପୁରୁଷ ପରସନେ । ଉର୍ବଶୀ ମିଳେ ତା' ଭୁବନେ ।।୧୭୦
ଉର୍ବଶୀ ପୁରୁରବା ସଙ୍ଗେ । ପୁତ୍ରେ ଜନ୍ମିଲେ ରତିରଙ୍ଗେ ।।୧୭୧
ଅଗ୍ନିର ବର୍ଣ୍ଣପ୍ରାୟ ହୋଇ । ଜନ୍ମ ଲଭିଲେ ଷଡ଼ଭାଇ ।।୧୭୨
ରାଜା ବଞ୍ଚିଲେ ମନସୁଖେ । ନିଶ୍ଚିନ୍ତେ ତ୍ରେତାଯୁଗ ମୁଖେ ।।୧୭୩
ଆୟୁଷ ଅନ୍ତେ ପୁରୁରବା । ଅନଳ ପ୍ରାୟ ହୋଇ ପ୍ରଭା ।।୧୭୪
ଉର୍ବଶୀ ଧ୍ୟାନେ ମନ ଥିଲା । ଗନ୍ଧର୍ବ ଲୋକେ ସେ ମିଳିଲା ।।୧୭୫
ସୁଜନ ଜନଙ୍କର ହିତେ । ଭାଷା ପ୍ରବନ୍ଧେ ଭାଗବତେ ।।୧୭୬
ବୋଲଇ ବିପ୍ର ଜଗନ୍ନାଥ । ନବମେ ବଂଶାନୁଚରିତ ।।୧୭୭

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଚତୁର୍ଦ୍ଦଶୋଽଧ୍ୟାୟଃ ।।



# ପଞ୍ଚଦଶ ଅଧ୍ୟାୟ

## ଶୁକ ଉବାଚ

ଏବେ ହୋ ଶୁଣ ନରନାଥ । ସୋମର ବଂଶାନୁଚରିତ ।।୧
ଉର୍ବଶୀ ଗର୍ଭେ ବିଷ୍ଣୁ ତେଜେ । ଜନ୍ମିଲେ ପୁରୁରବା ବୀର୍ଯ୍ୟେ ।।୨
ସୁନ୍ଦର ପଣେ ନାହିଁ ସମ । ଶୁଣ ସେ ଷଡ଼ପୁତ୍ର ନାମ ।।୩
ଆୟୁ ଶ୍ରୁତାୟୁ ପୁଣି ରୟ । ସତ୍ୟାୟୁ ବିଜୟ ଯେ ଜୟ ।।୪
ଶ୍ରୁତାୟୁ ସୁତ ବସୁମାନ । ଏକନାମ ରୟ ନନ୍ଦନ ।।୫
ଶ୍ରୁତଞ୍ଜୟ ସତ୍ୟାୟୁ ସୁତ । ଜୟର ତନୟ ଅମିତ ।।୬
ବିଜୟ ତନୟ ଯେ ଭୀମ । ଭୀମର ପୁତ୍ର ଯେ କାଞ୍ଚନ ।।୭
ତା' ସୁତ ହେତ୍ରୁ ଜହ୍ନୁ ହୋଏ । ଗଣ୍ଡୂଷେ ଗଙ୍ଗା ଜଳ ପିଏ ।।୮
ଜହ୍ନୁର ସୁତ ପୁରୁ ନାମ । ବଳାକ ତାହାଙ୍କ ନନ୍ଦନ ।।୯
ଅଜକ ବଳାକର ସୁତ । କୁଶ ତା' ଠାରୁ ହେଲା ଜାତ ।।୧୦
ବଳାକସୁତ କୁଶ ହୋଇ । ସେ ଚାରି ପୁତ୍ରକୁ ଜନ୍ମାଇ ।।୧୧
କୁଶାମ୍ବୁପୁତ୍ର ଯେ ପ୍ରଥମ । ତନୟ ଦ୍ୱିତୀୟ ସନ୍ତାନ ।।୧୨
ତୃତୀୟ ବସୁ ନାମେ ଖ୍ୟାତ । କୁଶନାଭ ଅଟେ ଚତୁର୍ଥ ।।୧୩
କୁଶ୍ୱାମ୍ବୁ ସୁତ ଗାଧି ନାମ । ଅତି ସୁନ୍ଦର ଗୁଣଧାମ ।।୧୪
ତାହାର କନ୍ୟା ସତ୍ୟବତୀ । ତା' କଥା ଶୁଣ ହୋ ନୃପତି ।।୧୫
ଋଚୀକ ନାମେ ବ୍ରହ୍ମଋଷି । କନ୍ୟା ମାଗିଲେ ତା'କୁ ଆସି ।।୧୬
ଦେଖିଣ ବୃଦ୍ଧ ତା' ଶରୀର । ସେ ଗାଧି ନ ବରିଲା ବର ।।୧୭
ବୋଲେ ଋଚୀକ ମୁଖ ଚାହିଁ । କନ୍ୟା ଲଭିବୁ ଯେବେ ତୁହି ।।୧୮
ହୋଇବୁ ମୋ'ର କନ୍ୟାବର । ତୁ ଏବେ ମୋ'ର ବୋଲ କର ।।୧୯
ସହସ୍ରଅଶ୍ୱ ମୋତେ ଦିଅ । ଚନ୍ଦ୍ରର ପ୍ରାୟ ଯା'ର ଦେହ ।।୨୦
କର୍ଣ୍ଣ ହୋଇବ ଶ୍ୟାମବର୍ଣ୍ଣ । ତେବେ ମୁଁ ଦେବି କନ୍ୟାଦାନ ।।୨୧
ଏମନ୍ତେ ରାଜାର ବଚନେ । ଋଚୀକ ବରୁଣ ଭୁବନେ ।।୨୨
ମିଳି ବରୁଣକୁ ମାଗିଲେ । ବରୁଣ ସହସ୍ରେଅଶ୍ୱ ଦେଲେ ।।୨୩
ସେ ଅଶ୍ୱ ଆଣି ମୁନି ଦେଲା । ସତ୍ୟବତୀକି ବିଭା ହେଲା ।।୨୪
ଋଚୀକ ପତ୍ନୀ ପୁତ୍ର ଅର୍ଥେ । ବିଚାରି ମାତାର ସହିତେ ।।୨୫
ପୁତ୍ର କାମନା କରି ବେନି । କାମନା କଲେ ଚରୁ ଘେନି ।।୨୬

ଯଜ୍ଞ ଆରମ୍ଭେ ପୁତ୍ର ଅର୍ଥେ । ଚରୁ ସଞ୍ଚିଲା ବେଦମନ୍ତ୍ରେ ।।୨୭
ମାତା ଦୁହିତା ଅର୍ଥେ ବେନି । ଚରୁ ସାଧିଲା ମହାମୁନି ।।୨୮
ସେ ଚରୁ ଦେଇ ପତ୍ନୀ ହସ୍ତେ । ଋଚୀକ ଗଲେ ସ୍ନାନ ଅର୍ଥେ ।।୨୯
ଯେ ଚରୁ କଲା ମହାତମା । ଶୁଣ ସେ ଚରୁର ମହିମା ।।୩୦
ଏକ କ୍ଷତ୍ରିୟ ବିପ୍ର ଏକ । ସେ ଚରୁ ବିପରୀତ ଦେଖ ।।୩୧
ସତ୍ୟବତୀର ମୁଖ ଚାହିଁ । ମାତା ବୋଲଇ ଭ୍ରାନ୍ତି ବହି ।।୩୨
ତୋ' ଚରୁ ମୋର ହସ୍ତେ ଦିଅ । ମୋଠାରେ ଯେବେ ଅଛି ସ୍ନେହ ।।୩୩
ଏମନ୍ତ ମାତା ମୁଖୁଁ ଶୁଣି । ତକ୍ଷଣେ ରାଜାର ଦୁଲଣୀ ।।୩୪
ଆପଣା ଚରୁ ମାତା ହସ୍ତେ । ଦେଲା ସେ ପ୍ରିୟଭାବ ମତେ ।।୩୫
ଚରୁ ଭୁଞ୍ଜିଲେ ବେନି ନାରୀ । ଏବେ ହୋ ଶୁଣ ଦଣ୍ଡଧାରୀ ।।୩୬
ଋଚୀକ ସ୍ନାନ ସାରି ଜଳେ । ଗୃହେ ମିଳିଲେ ରାତ୍ରକାଳେ ।।୩୭
ମିଳିଲେ ସତ୍ୟବତୀ ସଙ୍ଗେ । ପ୍ରଚଣ୍ଡ ତେଜ ତା'ର ଅଙ୍ଗେ ।।୩୮
ନିକଟେ ବସି ନ ପାରଇ । ବୋଲଇ ପତ୍ନୀମୁଖ ଚାହିଁ ।।୩୯
ତୁ ଘୋରକର୍ମ କିପାଁ କଲୁ । ତୋ' ଚରୁମାତା ହସ୍ତେ ଦେଲୁ ।।୪୦
ପ୍ରଚଣ୍ଡ ହୋଇବ ତୋ' ସୁତ । ତା' ତେଜେ କମ୍ପିବ ଜଗତ ।।୪୧
ଭ୍ରାତା ହୋଇବ ବ୍ରହ୍ମମୁନି । ସନ୍ତୋଷ-ଶମ-ଦମ ଘେନି ।।୪୨
ତା' ଶୁଣି ସତ୍ୟବତୀ ଭାଳେ । ପଡ଼ିଲା ସ୍ୱାମୀ ପାଦତଳେ ।।୪୩
କହେ କପୋଳେ ଦେଇ ହସ୍ତ । ପ୍ରଚଣ୍ଡ ନୋହୁ ମୋର ସୁତ ।।୪୪
ଋଚୀକ ପତ୍ନୀର ବଚନେ । ଭବିଷ୍ୟ ସୁମରିଲେ ମନେ ।।୪୫
ବୋଇଲେ ସୁତ ତୋ' ସୁତର । ହେଉ କ୍ଷତ୍ରିୟ ମହାବୀର ।।୪୬
ଏମନ୍ତେ ଋଚୀକ ବଚନେ । ପୁତ୍ର ଜନ୍ମିଲା ବିପ୍ରବର୍ଣ୍ଣେ ।।୪୭
ଅତି ସୁନ୍ଦର ସୁକୁମାର । ରୂପେ ମୋହିଲା ତିନିପୁର ।।୪୮
ତାହାର ଜମଦଗ୍ନି ନାମ । ତେଜେ ବିରାଜେ ଅଗ୍ନିସମ ।।୪୯
ପୁତ୍ର ପ୍ରସବି ସତ୍ୟବତୀ । ଭଜିଲା ନଦୀଙ୍କର ଗତି ।।୫୦
ସେ ନଦୀରୂପେ ବହିଗଲା । କୌଶିକୀ ନାମ ପୁଣ୍ୟଜଳା ।।୫୧
ରେଣୁକା ରେଣୁର ଦୁହିତା । ପୁଣ୍ୟ ପବିତ୍ର ଶୁଦ୍ଧଚିତ୍ତା ।।୫୨
ଅତି ସୁନ୍ଦରୀ ସୁକୁମାରୀ । ସେ କନ୍ୟା ଜମଦଗ୍ନି ବରି ।।୫୩
ତା' ଗର୍ଭେ ଜମଦଗ୍ନି ବୀର୍ଯ୍ୟେ । ପୁତ୍ରେ ଜନ୍ମିଲେ ବିଷ୍ଣୁତେଜେ ।।୫୪
ବସୁମଦାଦି ପୁତ୍ର ତୁଲେ । ପରଶୁରାମ ଉପୁଜିଲେ ।।୫୫



ସେ ବାସୁଦେବ ଅଂଶେ ଏକ । ହୈହୟ ରାଜା କୁଳାନ୍ତକ ।।୫୬
ପରଶୁ ଦକ୍ଷକରେ ଧରି । କୋପେ ଭ୍ରମିଲା ବସୁନ୍ଧରୀ ।।୫୭
ଯେ ଦୁଷ୍ଟ କ୍ଷତ୍ରିୟ ରାଜନ । ବ୍ରାହ୍ମଣେ ନ କରନ୍ତି ମାନ୍ୟ ।।୫୮
କ୍ଷତ୍ରିୟ ଗର୍ବେ ମତ୍ତ ଭ୍ରମେ । ଆବୃତ ହୋଇ ରଜ ତମେ ।।୫୯
ଏକବିଂଶ ବାର ଭ୍ରମିଲା । ଧରଣୀ କ୍ଷତ୍ରିହୀନ କଲା ।।୬୦

## ପରୀକ୍ଷିତ ଉବାଚ

ଭୋ ମୁନି କହ ମୋ' ଅଗ୍ରତେ । ଦୁଷ୍ଟ କ୍ଷତ୍ରିୟ ଏ ଜଗତେ ।।୬୧
କ୍ଷତ୍ରିୟ ହଇହୟବଂଶ । କିବା ବିଷ୍ଣୁରେ କଲେ ଦୋଷ ।।୬୨
ଯେ ଦୋଷେ କରେ ଶସ୍ତ୍ର ଧରି । ନିକ୍ଷତ୍ର କଲେ ବସୁନ୍ଧରୀ ।।୬୩

## ଶୁକ ଉବାଚ

କହନ୍ତି ଶୁକ ମୁନିବର । ଶୁଣ ହେ ଉତ୍ତରାକୁମର ।।୬୪
ଅର୍ଜ୍ଜୁନ ନାମେ ବୀର ଅଂଶେ । ଜନ୍ମିଲେ ହଇହୟ ବଂଶେ ।।୬୫
ଦତ୍ତ ଯେ ନାରାୟଣ ଅଂଶ । ତା'ପାଦେ ହୋଇଲେ ବିଶ୍ୱାସ ।।୬୬
ଅନେକ ଆରାଧନା କଲେ । ସେ ତା'ଙ୍କୁ ତୋଷେ ବର ଦେଲେ ।।୬୭
ତପେ ସହସ୍ରଭୁଜ ଧରି । ତେଜ ସାମର୍ଥ୍ୟ ଯଶ ଶିରୀ ।।୬୮
ଅଣିମା ଆଦି ଅଷ୍ଟସିଦ୍ଧି । ଲଭିଲା ଅନେକ ସମୃଦ୍ଧି ।।୬୯
ଭ୍ରମଇ ଏ ତିନିଭୁବନେ । ପ୍ରଚଣ୍ଡ ଯେସନେ ପବନେ ।।୭୦
ଦିନେକ ସ୍ତିରୀଗଣ ସଙ୍ଗେ । ଦିଗବିଜୟ କଲା ରଙ୍ଗେ ।।୭୧
କାମିନୀ ସଙ୍ଗେ ରସ ଭୋଳେ । ପଶିଲା ରେବାନଦୀ ଜଳେ ।।୭୨
ବଇଜୟନ୍ତୀ ମାଳା ଗଳେ । ନାରୀଙ୍କ ସଙ୍ଗେ ଜଳେ ଖେଳେ ।।୭୩
ଜଳ ନିଷେଧି କ୍ରୀଡ଼ା କାଳେ । ନଦୀ ବାନ୍ଧିଲା ଭୁଜ ବଳେ ।।୭୪
ଭୁଜ ଉପରେ ଭୁଜ ଦେଲା । ନଦୀ ଜଳକୁ ବନ୍ଦୀ କଲା ।।୭୫
ନଦୀ ବହିଲା ପ୍ରତିସ୍ରୋତେ । ବାମ ଦକ୍ଷିଣେ ଗ୍ରାମ ଯେତେ ।।୭୬
ପର୍ବତ ଆଦି ଘୋରବନ । ସ୍ଥଳ-ଗଭୀର-ଦେବସ୍ଥାନ ।।୭୭
ପ୍ରଳୟ ପ୍ରାୟ ଜଳ ପୁରେ । କାମିନୀଗଣେ କ୍ରୀଡ଼ା କରେ ।।୭୮
ଏହି ସମୟେ ଦଶାନନ । ଦିଗବିଜୟେ କରି ମନ ।।୭୯
ମହିଷ୍ମତୀପୁର ସମୀପେ । ଶିବିର ନେଇ ତହିଁ ସ୍ଥାପେ ।।୮୦
ଜଳରେ ପ୍ଲାବିତ ଶିବିର । ଦେଖି କୁପିତ ଦଶଶିର ।।୮୧
ଅର୍ଜ୍ଜୁନ ପାଶେ ସେ ମିଳିଲା । ନିନ୍ଦିତ ବାକ୍ୟେ ଗାଳି ଦେଲା ।।୮୨

ତା’ ଶୁଣି ସହସ୍ର ଅର୍ଜୁନ । ହେଳେ ବାନ୍ଧିଲା ଦଶାନନ ।।୮୩
ମର୍କଟ ପ୍ରାୟ ବାନ୍ଧି କରି । ବନ୍ଧନାଗାରେ ନେଇ ଭରି ।।୮୪
ଅନେକ ଦିନ ସେ ରଖିଲା । ଅବଜ୍ଞା କରି ଛାଡ଼ିଦେଲା ।।୮୫
ପୁଣି ଅର୍ଜୁନ ଏକ ଦିନେ । ମୃଗୟା ଅର୍ଥେ ଗଲା ବନେ ।।୮୬
ତାହାର ଅଶ୍ୱବଳ ଯେତେ । ରବିର କିରଣେ ତୃଷିତେ ।।୮୭
ବୁଲନ୍ତେ ଗିରି-ଘୋରବନେ । ମିଳିଲେ ଜମଦଗ୍ନି ସ୍ଥାନେ ।।୮୮
ରାଜାଙ୍କୁ ଦେଖି ମୁନିଜନେ । ବସାଇ ସୁବର୍ଣ୍ଣ ଆସନେ ।।୮୯
ପୂଜିଲେ ନାନା ଉପହାରେ । କଳ୍ପିତ-ଯଜ୍ଞ-ଧେନୁ କ୍ଷୀରେ ।।୯୦
ସର୍ବ ସୁବର୍ଣ୍ଣମୟ ଚାହିଁ । ଯେ କାମେ କାମଧେନୁ ଦୁହିଁ ।।୯୧
ଅଦ୍ଭୁତ ଦେଖି ନୃପମଣି । ସଙ୍କୋଚେ ମନେ ମନେ ଗୁଣି ।।୯୨
ଭୃତ୍ୟଙ୍କୁ ରାଇ ଆଜ୍ଞା ଦେଲା । ଏ ଧେନୁ ଘେନରେ ବୋଇଲା ।।୯୩
ମୁନିଙ୍କି ଅନାଦର କରି । ତକ୍ଷଣେ ଗଲା ଦଣ୍ଡଧାରୀ ।।୯୪
ସେ ଧେନୁ ବତ୍ସା ସଙ୍ଗେ ବାନ୍ଧେ । ପଥେ ଚଳନ୍ତେ ଧେନୁ କାନ୍ଦେ ।।୯୫
ରାଜା ଚଳିଲା ନିଜ ଗ୍ରାମ । ବନେ ଯେ ଥିଲେ ପର୍ଶୁରାମ ।।୯୬
ଯଜ୍ଞ ଆହୁତି ଭଙ୍ଗ ଶୁଣି । ଗୃହେ ମିଳିଲେ ଭୃଗୁମଣି ।।୯୭
ବତ୍ସା ସହିତେ ଧେନୁ ନେଲା । ପିତାଙ୍କୁ ଅନାଦର କଲା ।।୯୮
ଏ କଥା ଶୁଣି କୋପଭରେ । ତୀକ୍ଷ୍ଣ ପରଶୁ ଧରି କରେ ।।୯୯
କବଚେ ଆବୋରି ଶରୀର । କାନ୍ଧେ କାର୍ମୁକ ତୀକ୍ଷ୍ଣ ଶର ।।୧୦୦
ପଛେ ଧାଇଁଲେ କୋପମନେ । କୁଞ୍ଜର ଦେଖି ସିଂହ ଯେହ୍ନେ ।।୧୦୧
ପଛେ ଗୋଡ଼ାନ୍ତେ ପର୍ଶୁରାମ । ରାଜା ଦେଖିଲେ ଘୋରତମ ।।୧୦୨
ପରଶୁ ଦକ୍ଷକରେ ଧରି । ହରିଣଚର୍ମ ଦେହେ ଭରି ।।୧୦୩
ସୂର୍ଯ୍ୟର ପ୍ରାୟେ ତେଜ ଦେହେ । କପିଳ ଜଟା ଶିରେ ଶୋହେ ।।୧୦୪
ଦେଖି ପରଶୁରାମ ତେଜ । ପଥେ ରହିଲା ମହାରାଜ ।।୧୦୫
ସୈନ୍ୟଙ୍କୁ ଚାହିଁ ଆଜ୍ଞା ଦେଲା । ଅନେକ ଶସ୍ତ୍ର ପ୍ରହାରିଲା ।।୧୦୬
ଅଶ୍ୱ କୁଞ୍ଜର ସେନା ଯେତେ । ଶସ୍ତ୍ର ପେଷିଲେ ଅପ୍ରମିତେ ।।୧୦୭
ଗଦା ଖଡ଼ଗ ଶକ୍ତି ଯଷ୍ଟି । କୋପେ କରନ୍ତି ଶର ବୃଷ୍ଟି ।।୧୦୮
ଯୁଝନ୍ତି ଅତି କୋପମନେ । ସମୁଦ୍ରେ ମନ୍ଦର ଯେସନେ ।।୧୦୯
ପରଶୁ କୋପରେ ପ୍ରହାରି । ଅର୍ଦ୍ଧନିମିଷେ ସର୍ବ ମାରି ।।୧୧୦
ଭୁଜ କନ୍ଧର ଉର ଛିଡ଼ି । ସର୍ବେ ପଡ଼ିଲେ ଭୂମି ମାଡ଼ି ।।୧୧୧



ରୁଧିର ନଦୀ ଉଛେ ବହେ । ମାଂସ ଶୋଣିତ ମେଦମୟେ ।।୧୧୨
ମଲେ କ୍ଷଉଣୀ ସପ୍ତଦଶ । ରହିଲା ସସ୍ରବାହୁ ଶେଷ ।।୧୧୩
ସୈନ୍ୟ ମରଣେ ବହି ମନ୍ୟୁ । ଧଇଲା ପଞ୍ଚଶତ ଧନୁ ।।୧୧୪
ନାରାଚ ଯୋଚି ପଞ୍ଚଶତେ । ରହିଲା ରାମର ଅଗ୍ରତେ ।।୧୧୫
ବୃକ୍ଷରୁ ପତ୍ର ଯେହ୍ନେ ଝଡ଼େ । ରାମ ଉପରେ ଶସ୍ତ୍ର ପଡ଼େ ।।୧୧୬
ଦେଖି ତାହାର ବୀରଗତି । ବେଗେ ଧାଇଁଲେ ଭୃଗୁପତି ।।୧୧୭
କୁଠାରେ ସହସ୍ରେକ ଭୁଜ । ହେଳେ ଛେଦିଲେ ଭୃଗୁରାଜ ।।୧୧୮
ତୀକ୍ଷ୍ଣ କୁଠାରେ ମୁଣ୍ଡ ହାଣି । ଭାରା ଉଶ୍ୱାସିଲେ ଧରଣୀ ।।୧୧୯
ପିତା ମରଣ ପୁତ୍ରେ ଦେଖି । ଭାଜିଲେ ସମର ଉପେକ୍ଷି ।।୧୨୦
ରାମ ସଂହରି ମହାମନ୍ୟୁ । ସଙ୍ଗତେ ଘେନି ଯଜ୍ଞଧେନୁ ।।୧୨୧
ଆନନ୍ଦମନେ ଯଜ୍ଞବାଟେ । ମିଳିଲେ ପିତାର ନିକଟେ ।।୧୨୨
ପିତା ସମୀପେ ଧେନୁ ଦେଇ । ଚରଣେ ଗଡ଼ଘାଲି ଶୋଇ ।।୧୨୩
ସଙ୍ଗତେ ଘେନି ତିନି ଭ୍ରାତେ । ଯୁଦ୍ଧକରଣ କଥା ଯେତେ ।।୧୨୪
କହିଲେ ପିତାର ଅଗ୍ରତେ । ତା’ ଶୁଣି ପିତା ତୋଷଚିତ୍ତେ ।।୧୨୫
ବୋଇଲେ ରାମର ଅଗ୍ରତେ । ଭୋ ପୁତ୍ର ଶୁଣ ଏକଚିତ୍ତେ ।।୧୨୬
ହେ ରାମ ରାମ ମହାବାହୁ । ଶୁଣ ସୁମନେ ତୋତେ କହୁଁ ।।୧୨୭
ଶୁଭ ଅଶୁଭ ତୁ ନଜାଣି । ପାତକ କଲୁ ରାଜା ହାଣି ।।୧୨୮
ସର୍ବଦେବତା ରାଜା ଦେହେ । ବସନ୍ତି ସୂର୍ଯ୍ୟଜ୍ୟୋତି ପ୍ରାୟେ ।।୧୨୯
ଆମ୍ଭେ ଯେ ଜାତିରେ ବ୍ରାହ୍ମଣ । ସ୍ୱଭାବେ କ୍ଷମା ଆଚରଣ ।।୧୩୦
ବ୍ରହ୍ମା ଯେ ସର୍ବଦେବଗୁରୁ । କ୍ଷମା ପୂରିତ ଯେହ୍ନେ ମେରୁ ।।୧୩୧
ତେଣୁ ବସିଲା ସତ୍ୟଲୋକେ । ଅଶେଷ ଲକ୍ଷ୍ମୀ ଭୁଞ୍ଜେ ଏକେ ।।୧୩୨
କ୍ଷମା ଯାହାର ହୃଦେ ରହେ । ବିଷ୍ଣୁ ବସନ୍ତି ତା’ର ଦେହେ ।।୧୩୩
ଏଣୁ ଯେ ନୃପ ବଧ କରେ । ଦୁରିତୁଁ କେବେହେଁ ନ ତରେ ।।୧୩୪
ଏବେ ତୁ ତୀର୍ଥ ସେବା କର । ତୋ’ଠାରୁ ପାପ ହେବ ଦୂର ।।୧୩୫
ଚିତ୍ତେ ଚିନ୍ତିବୁ ନାରାୟଣ । ଅନ୍ୟଥା ନାହିଁ ପରିତ୍ରାଣ ।।୧୩୬
ପରଶୁରାମର କାହାଣୀ । ଯେ ନର ଶ୍ରୁତିପଥେ ଶୁଣି ।।୧୩୭
ନରକ ପଥେ ନାହିଁ ଭ୍ରାନ୍ତି । ହେଳେ ସେ ସଂସାରୁ ତରନ୍ତି ।।୧୩୮
ବୋଲଇ ବିପ୍ର ଜଗନ୍ନାଥ । ନବମେ ବଂଶାନୁଚରିତ ।।୧୩୯

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ପଞ୍ଚଦଶୋଽଧ୍ୟାୟଃ ।।

## ଷୋଡ଼ଶ ଅଧ୍ୟାୟ

### ଶୁକ ଉବାଚ

ଏବେ ହୋ ଶୁଣ ନରନାଥ । ପରଶୁରାମର ଚରିତ ।।୧
ପିତା ବଚନେ ବନେ ଗଲେ । ଅନେକ ତୀର୍ଥେ ସ୍ନାନ କଲେ ।।୨
ପୁଣି ସେ ବରଷକ ଅନ୍ତେ । ଗୃହେ ମିଳିଲେ ଶୁଦ୍ଧଚିତ୍ତେ ।।୩
ପିତା ଚରଣେ ନମସ୍କାର । କରି ରହିଲେ ନିଜପୁର ।।୪
ଏବେ ହୋ ଶୁଣ ନୃପମଣି । ରେଣୁକା ଗଲେ ଜଳ ଆଣି ।।୫
ଗଙ୍ଗାର ନିକଟେ ମିଳିଲେ । ସେ ଜଳେ ଗନ୍ଧର୍ବ ଦେଖିଲେ ।।୬
ଇନ୍ଦ୍ରକୁମର ଚିତ୍ରରଥ । ସଙ୍ଗତେ ଘେନି ନାରୀଯୂଥ ।।୭
ଅପସରାଗଣ ଘେନି ଜଳେ । କ୍ରୀଡ଼ା ସେ କରେ କୁତୂହଳେ ।।୮
ଦଣ୍ଡେ ରହିଲେ ତାହା ଦେଖି । ଜଳ ଆନୟନ ଉପେକ୍ଷି ।।୯
ହୋମର ବେଳ ନ ସୁମରି । ଗନ୍ଧର୍ବ କ୍ରୀଡ଼ା ଅନୁସରି ।।୧୦
ପୁଣି କ୍ଷଣକେ ଜ୍ଞାନ ପାଇ । ତକ୍ଷଣେ ଜଳକୁମ୍ଭ ନେଇ ।।୧୧
ସ୍ୱାମୀଙ୍କି ଶଙ୍କା ମନେ କଲେ । ତକ୍ଷଣେ ମନ୍ଦିରେ ମିଳିଲେ ।।୧୨
ଜଳ-କଳସ ଯଜ୍ଞ ଘରେ । ଥୋଇଲେ ସ୍ୱାମୀଙ୍କ ଗୋଚରେ ।।୧୩
ଅଞ୍ଜଳି କରି ବେନିକରେ । ରେଣୁକା ରହେ ଯଜ୍ଞଘରେ ।।୧୪
ରେଣୁକା ମୁଖ ଚାହିଁ ମୁନି । ପ୍ରଚଣ୍ଡ-କୋପେ ଜମଦଗ୍ନି ।।୧୫
ଜାଣିଲେ ଗନ୍ଧର୍ବର ମେଳେ । ମନ କଳ୍ପିଲା ଗଙ୍ଗାଜଳେ ।।୧୬
ପୁତ୍ରଙ୍କୁ କୋପମୁଖେ ଚାହିଁ । ବୋଇଲେ ଶିର ଛେଦ ନେଇ ।।୧୭
ଗନ୍ଧର୍ବ ଦେଖି ଏହା ମନ । କଳ୍ପିଲା ତାହାର ସଙ୍ଗମ ।।୧୮
ସ୍ୱଭାବେ ଦୁଷ୍ଟାନାରୀ ଏହି । ଏହାର ବଦନ ନ ଚାହିଁ ।।୧୯
ସେ ପୁତ୍ରେ ମାତୃସ୍ନେହ କଲେ । ମାତାର ଶିର ନ ଛେଦିଲେ ।।୨୦
ଅଧିକ କୋପଭର ହୋଇ । ବୋଲେ ପରଶୁରାମେ ଚାହିଁ ।।୨୧
ମାତା ସହିତେ ତିନିଭାଇ । କୁଠାରେ ଶିର ଛେଦ ନେଇ ।।୨୨
ସେ ରାମ ପିତା ଗୁଣ ଜାଣେ । ତପ ସମାଧି ପରମାଣେ ।।୨୩
ତକ୍ଷଣେ ପ୍ରହାରି କୁଠାର । ଛେଦିଲେ ମାତା ଭ୍ରାତା ଶିର ।।୨୪
ଦେଖିଣ ମୁନି ତୋଷ ହୋଇ । ପରଶୁରାମ ମୁଖ ଚାହିଁ ।।୨୫
ବୋଇଲେ ବର ଦେବି ତୋତେ । ଯେ ବାଞ୍ଛା କର ତୋ'ର ଚିତ୍ତେ ।।୨୬



ତକ୍ଷଣେ ପିତାପାଦେ ପଡ଼ି । ରାମ ବୋଲନ୍ତି କରଯୋଡ଼ି ।।୨୭
ଭୋ ତାତ ବର ଦେବ ଯେବେ । ଏ ସର୍ବେ ଜୀବନ ପାଇବେ ।।୨୮
ଶିର ଲାଗିବ ଯେଝା କନ୍ଧ । ମନେ ନ ଥିବ ତା'ଙ୍କ ବଧ ।।୨୯
ଅସ୍ତୁ ବୋଇଲେ ତପୋଧନ । ସେ ସର୍ବେ ପାଇଲେ ଜୀବନ ।।୩୦
ନିଦ୍ରିତଜନ ନିଦ୍ରା ଅନ୍ତେ । ଶରୀର ସମ୍ଭାଳେ ଯେମନ୍ତେ ।।୩୧
ପିତାର ତପୋବଳ ଜାଣି । ମାତା ଭ୍ରାତାଙ୍କ ଶିର ହାଣି ।।୩୨
ଏମନ୍ତେ କରି ଘୋର କର୍ମ । ରାମ ରଖିଲେ ନିଜ ଧର୍ମ ।।୩୩
ରାମର ଅଙ୍ଗସଙ୍ଗ ତୁଳେ । ମରଣୁଁ ସମସ୍ତେ ବଞ୍ଚିଲେ ।।୩୪
ଭାଇଙ୍କି ଘେନି ଏକଦିନେ । ରାମ ଯେ ଗଲେ ତପୋବନେ ।।୩୫
ତପ ଆରାଧି ବିଷ୍ଣୁଧ୍ୟାନେ । ନିଶ୍ଚଳେ ବସିଲେ ଆସନେ ।।୩୬
ତାହାଙ୍କ ଧ୍ୟାନ ଦେଖି ବନେ । ପଶୁପତଙ୍ଗ କୀଟମାନେ ।।୩୭
ଭୟେ ଶବଦ ନ କରନ୍ତି । ଏବେ ହୋ ଶୁଣ ନରପତି ।।୩୮
ସହସ୍ରାର୍ଜୁନର କୁମରେ । ପିତାର ମରଣର କାଳେ ।।୩୯
ଭାଜି ଯେ ଥିଲେ ଯେଝାମତେ । ସେ ପୁଣି ମିଳିଲେ ଏକାନ୍ତେ ।।୪୦
ମନେ ସୁମରି ଜମଦଗ୍ନି । ସଙ୍ଗେ ଅନେକ ବଳ ଘେନି ।।୪୧
ଛିଦ୍ର ଉଣ୍ଡିବା ସେ ବେଭାରେ । ରାତ୍ରେ ମିଳିଲେ ଅନ୍ଧକାରେ ।।୪୨
ହୃଦେ ସୁମରି ଘୋରତମ । ରୁନ୍ଧିଲେ ମୁନିଙ୍କ ଆଶ୍ରମ ।।୪୩
ମୁନି ଯେ ଥିଲେ ଯଜ୍ଞଶାଳେ । ବିଷ୍ଣୁଚରଣ ପୂଜା କାଳେ ।।୪୪
ବଇରୀ ସାଧିବାର ରୋଷେ । ବନ୍ଧନ କଲେ ଦୃଢ଼ପାଶେ ।।୪୫
ରେଣୁକା ରଖ ରଖ ବୋଲେ । ପଡ଼ି ତାହାଙ୍କ ପାଦତଳେ ।।୪୬
ରେଣୁକା ବଚନ ନ ଶୁଣି । ତୀକ୍ଷଣ ଖଡ଼ଗେ ମୁଣ୍ଡହାଣି ।।୪୭
ତକ୍ଷଣେ ଗଲେ ନିଜ ପୁରୀ । ଧନ ସମ୍ପଦ ଳୂଟ କରି ।।୪୮
ରେଣୁକା ଦୁଃଖ ଶୋକଭରେ । ରୋଦନ କଲେ ଉଚ୍ଚସ୍ୱରେ ।।୪୯
ଶିର-ହୃଦୟେ କରତାଡ଼ି । କାନ୍ଦଇ ଭୂମିଗତେ ପଡ଼ି ।।୫୦
ଉଚ୍ଚେ ଡାକଇ ରାମ ରାମ । ଭୋ ପୁତ୍ର ଆସ ତୁ ଆଶ୍ରମ ।।୫୧
ସଙ୍ଗତେ ଘେନି ତିନିଭାଇ । ଭୋ ପୁତ୍ର ବେଗେ ଆସ ଧାଇଁ ।।୫୨
ମାତା ରୋଦନ ବାୟୁବଳେ । ଶୁଭିଲା ରାମ କର୍ଣ୍ଣମୂଳେ ।।୫୩
ହେ ରାମ ରାମ ବାଣୀ ଶୁଣି । ସମାଧି ତେଜି ବୀର ମଣି ।।୫୪
ଭ୍ରାତାଙ୍କ ଘେନି ବେଗେ ଧାଇଁ । ମିଳିଲେ ନିଜାଶ୍ରମେ ଯାଇ ।।୫୫

ଯଜ୍ଞଭୁବନେ ଚାରିଭ୍ରାତ । ଦେଖିଲେ ଜମଦଗ୍ନି ହତ ।।୫୬
ପିତାଙ୍କ ଶିରଛେଦ ଦେଖି । ଭାଇଙ୍କ ତୁଲେ ରାମ ଦୁଃଖୀ ।।୫୭
ବିମୋହ-ଶୋକ-ଗୁରୁତରେ । ରୋଦନ କଲେ ଉଚ୍ଚସ୍ୱରେ ।।୫୮
ଭୋ ତାତ ସାଧୁ ତୁ ଧାର୍ମିକ । ସୁଜ୍ଞାନୀ ପଣ୍ଡିତ ବିବେକ ।।୫୯
ଆମ୍ଭଙ୍କୁ ଅରକ୍ଷିତ କରି । ନିଶ୍ଚିନ୍ତେ ଗଲ ସ୍ୱର୍ଗ ପୁରୀ ।।୬୦
ପିତାର ଶିର ନ ଦେଖିଲେ । ଭାଇଙ୍କି ଚାହିଁ ଆଜ୍ଞା ଦେଲେ ।।୬୧
ତୁମ୍ଭେ ହୋ ପ୍ରେତକାର୍ଯ୍ୟ କର । ଏମନ୍ତ କହି ବୀରବର ।।୬୨
ପରଶୁ ଧରି ଦକ୍ଷକରେ । ଦୁଃସହ-କୋପ ଗୁରୁତରେ ।।୬୩
ସଙ୍କଳ୍ପ କଲେ ଜଳ ଘେନି । ନିକ୍ଷତ୍ର କରିବି ମେଦିନୀ ।।୬୪
କ୍ଷତ୍ରିୟ ଅନ୍ତ କରିବାରେ । ପଥେ ଧାଇଁଲେ କୋପଭରେ ।।୬୫
ମିଳିଲେ ମାହିଷ୍ମତୀ ପୁରେ । ଦେଖନ୍ତି ଶୂନ୍ୟପଥେ ସୁରେ ।।୬୬
ଅର୍ଜୁନ ସ୍ୱବଂଶ ଛେଦିଲେ । ସଂଗ୍ରାମେ ମୁଣ୍ଡ ରୁଣ୍ଡ କଲେ ।।୬୭
ପର୍ବତ ପ୍ରାୟେ ମୁଣ୍ଡରାଶି । ଗ୍ରାମେ ସ୍ଥାପିଲେ ଭୃଗୁବଂଶୀ ।।୬୮
କ୍ଷତ୍ରିୟ-ମରଣ-ରୁଧିରେ । ନଦୀ ବଢ଼ିଲା ଭୟଙ୍କରେ ।।୬୯
ପିତୃ ତର୍ପଣ କରି ବିଧି । ନଦୀରେ ସେହୁ ବନ୍ଧ ବାନ୍ଧି ।।୭୦
ସ୍ଥାପି ନିକ୍ଷତ୍ର କରି ରୋଷେ । ପୁଣି ଧାଇଁଲେ ଅନ୍ୟଦେଶେ ।।୭୧
ତ୍ରିସପ୍ତବାର ମହୀଭ୍ରମି । କୋପେ ନୋହିଲେ ପଥଶ୍ରମୀ ।।୭୨
କ୍ଷତ୍ରିୟଗଣ ଧରି ଆଣି । କୁଠାର ଧାରେ ଶିର ହାଣି ।।୭୩
ରୁଧିରେ ନବକୁଣ୍ଡ କଲେ । ପିତାଙ୍କୁ ତର୍ପଣେ ତୋଷିଲେ ।।୭୪
ସେ କୁରୁକ୍ଷେତ୍ରେ ଯଜ୍ଞ କରି । ବିପ୍ରଙ୍କୁ ଚାରିବେଦୁଁ ବରି ।।୭୫
ଦକ୍ଷିଣା ଦେଲେ ବିପ୍ରହସ୍ତେ । ଶୁଣ ରାଜନ କହୁଁ ତୋତେ ।।୭୬
ଶ୍ରୀକରେ ଘେନି ଜଳ କୁଶ । ହୋତାଙ୍କୁ ଦେଲେ ପୂର୍ବଦେଶ ।।୭୭
ଦକ୍ଷିଣ ବ୍ରହ୍ମା ହସ୍ତେ ଦେଲେ । ପଶ୍ଚିମ ଅଧ୍ୱର୍ଯ୍ୟୁ ବରିଲେ ।।୭୮
ଉତ୍ତର ଉଦ୍‌ଗାତା ହସ୍ତେ । ପ୍ରଦାନ କଲେ ସେ ପ୍ରଶସ୍ତେ ।।୭୯
ବେଦ ଉଚ୍ଚାରି ଚାରିକୋଣେ । ଦକ୍ଷିଣା ଦେଲେ ସେ ବ୍ରାହ୍ମଣେ ।।୮୦
ମଧ୍ୟକୁ କୁରୁକ୍ଷେତ୍ର ତୁଲେ । କଶ୍ୟପ ହସ୍ତେ ରାମ ଦେଲେ ।।୮୧
ଏ ଆର୍ଯ୍ୟାବର୍ତ୍ତ ପୁଣ୍ୟଭୂମି । ଉପଦେଷ୍ଟାଙ୍କୁ ଦେଲେ ସ୍ୱାମୀ ।।୮୨
ସଭାପତିଙ୍କି କରି ତୋଷ । ଆଦରେ ଦେଲେ ଅବଶେଷ ।।୮୩
ତା'ପରେ ସରସ୍ୱତୀ କୂଳେ । ଯଜ୍ଞବଭୃଥ ସ୍ନାନ କଲେ ।।୮୪



ସେ ବ୍ରହ୍ମନଦୀ ଜଳେ ପଶି । ରବିର ତେଜ ପ୍ରାୟେ ଦିଶି ।।୮୫
ସେ ଯଜ୍ଞପୂର୍ଣ୍ଣେ ଜମଦଗ୍ନି । ଜ୍ଞାନ-ଲକ୍ଷଣ-ଦେହ ଘେନି ।।୮୬
ସପ୍ତଋଷିଙ୍କ ମଧ୍ୟେ ଧାମ । ସ୍ଥାପିଲେ ତାଙ୍କୁ ପର୍ଶୁରାମ ।।୮୭
ସେ ରାମ କମଳଲୋଚନ । ସ୍ୱଭାବେ ଭୃଗୁର ନନ୍ଦନ ।।୮୮
ଭବିଷ୍ୟ ମନ୍ୱନ୍ତର କାଳେ । ବ୍ରହ୍ମ-ବିସ୍ତାରେ ଯୋଗବଳେ ।।୮୯
ସିଦ୍ଧ ଗନ୍ଧର୍ବେ ସ୍ତୁତି କଲେ । ମହେନ୍ଦ୍ର ପର୍ବତେ ରହିଲେ ।।୯୦
ଏମନ୍ତେ ଭୃଗୁବଂଶେ ହରି । ନରଶରୀରେ ଅବତରି ।।୯୧
ଦୁଷ୍ଟ କ୍ଷତ୍ରିୟ ନାଶ କରି । ହେଲେ ଧରଣୀ ଭାରା ହରି ।।୯୨
ଗାଧିର ପୁତ୍ର ହୋଇ ଜନ୍ମ । ସଂସାରେ କଲେ ଯେତେ କର୍ମ ।।୯୩
କ୍ଷତ୍ରିୟ କର୍ମ ଏ ଶୟଳେ । ତେଜିଲେ ତପସ୍ୟାର ବଳେ ।।୯୪
ବ୍ରହ୍ମବର୍ଚ୍ଚସେ ଶ୍ରଦ୍ଧା କଲେ । ବିଶ୍ୱାମିତ୍ର ସେ ବୋଲାଇଲେ ।।୯୫
ବିଶ୍ୱାମିତ୍ରର ଶତେପୁତ୍ର । ସେହୁ ଜନ୍ମିଲେ ସପ୍ତଗୋତ୍ର ।।୯୬
ସେ ଗୋତ୍ରେ ମଧୁଛନ୍ଦ ଆଦି । ସର୍ବେ ଜନ୍ମିଲେ ବେଦବାଦୀ ।।୯୭
ଶୁନଃଶେଫଙ୍କୁ ପୁତ୍ର କରି । ଭାର୍ଗବବଂଶେ ତା'କୁ ବରି ।।୯୮
ନିଜ ସୁତଙ୍କୁ ରାଇ ଧୀରେ । କହିଲେ ନିଗମ ବେଭାରେ ।।୯୯
ଏହାକୁ ଜ୍ୟେଷ୍ଠ ବୋଲି ମଣ । ଏ ତୁମ୍ଭ ଗୋତ୍ରର ବର୍ଦ୍ଧନ ।।୧୦୦
ଏ ହରିଶ୍ଚନ୍ଦ୍ର ଯଜ୍ଞ କାଳେ । ପିତା ବିକ୍ରୟ କଲା ବଳେ ।।୧୦୧
ରୋହିତ ପଶୁ ଅର୍ଥେ ନେଲା । ଏହାର ମାଂସେ ଯଜ୍ଞ କଲା ।।୧୦୨
ଏହାକୁ ଦେବେ ତୋଷ ହୋଇ । ତକ୍ଷଣେ ମରଣୁଁ ଜିଆଇ ।।୧୦୩
ଥୋଇଲେ ମୋ' ପୁତ୍ରଙ୍କ ମେଳେ । ଦେବରାତ ତା' ନାମ ଦେଲେ ।।୧୦୪
ବିଶ୍ୱାମିତ୍ରଙ୍କ ଶତସୁତେ । ଜ୍ୟେଷ୍ଠ ଯେ ଥିଲେ ପଞ୍ଚାଶତେ ।।୧୦୫
ବୋଇଲେ ଏ ନୋହେ ଉଚିତ । ଏ ଜ୍ୟେଷ୍ଠ ହୋଇବ କେମନ୍ତ ।।୧୦୬
ପିତା ତାହାଙ୍କୁ ଦେଲେ ଶାପ । ମ୍ଳେଚ୍ଛ ହୁଅରେ ତୁମ୍ଭେ ପାପ ।।୧୦୭
ଆର ପଞ୍ଚାଶପୁତ୍ର ସାନ । ତାହାକୁ କଲେ ଜ୍ୟେଷ୍ଠେମାନ୍ୟ ।।୧୦୮
ସନ୍ତୋଷେ ବୋଲେ ବିଶ୍ୱାମିତ୍ର । ସକଳେ ହୁଅ ପୁତ୍ରବନ୍ତ ।।୧୦୯
ଏ ଶୁନଃଶେଫ ଅଟେ ବୀର । ଏହାକୁ ସର୍ବେ ଅନୁସର ।।୧୧୦
ଶୁଣ ହୋ ରାଜା ପରୀକ୍ଷିତ । ଆବର ବିଶ୍ୱାମିତ୍ର ପୁତ୍ର ।।୧୧୧
ଅଷ୍ଟକ ଜୟ ହେ ହାରୀତ । କ୍ରତୁମତାଦି ଥିଲେ ସୁତ ।।୧୧୨
ଏ ରୂପେ କଉଶିକ ଗୋତ୍ର । ଦୁଇଭାଗରେ ହେଲା ଖ୍ୟାତ ।।୧୧୩

କୌଶିକ ଗୋତ୍ରର ପ୍ରବର । ଏଣୁ ଯେ ସପତ ପ୍ରକାର ।।୧୧୪
ସେ ପୁଣି ମନ୍ୱନ୍ତର କାଳେ । ଗୋତ୍ର ସ୍ଥାପିଲେ ରବିତଳେ ।।୧୧୫
ସୁଜନେ ଶୁଣ ତୋଷ ଚିତ୍ତେ । ଭାଷା ପ୍ରବନ୍ଧେ ଭାଗବତେ ।।୧୧୬
ଭୃଗୁର ବଂଶେ ହୋଇ ଜନ୍ମ । ସେ ହରି କଲେ ଯେତେ କର୍ମ ।।୧୧୭
ଶୁଣନ୍ତେ ସର୍ବ ପାପ ହରେ । ଅଶେଷ କର୍ମବନ୍ଧୁଁ ତରେ ।।୧୧୮
ବୋଲଇ ଦାସ ଜଗନ୍ନାଥ । ନବମେ ବଂଶାନୁଚରିତ ।।୧୧୯

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଷୋଡ଼ଶୋଽଧ୍ୟାୟଃ ।।

## ସପ୍ତଦଶ ଅଧ୍ୟାୟ

### ଶୁକ ଉବାଚ

ଆୟୁ ଯେ ପୁରୁରବା ସୁତ । ଶୁଣ ହୋ ତାହାର ଚରିତ ।।୧
ନହୁଷ ତାହାର ତନୟେ । ଆବର କ୍ଷତ୍ରବୃଦ୍ଧ ହୋଏ ।।୨
ରଜୀ ରମ୍ଭ ଯେ ବୀର୍ଯ୍ୟବନ୍ତ । ଅନେନା ଆଦି ପଞ୍ଚସୁତ ।।୩
କ୍ଷତ୍ରବୃଦ୍ଧର ବଂଶ ଶୁଣ । ସୁହୋତ୍ର ତାହାର ନନ୍ଦନ ।।୪
ତାହାର ହେଲେ ତିନିସୁତ । କାଶ୍ୟ ଯେ କୁଶ ଗୃତ୍ସମଦ ।।୫
ଗୃତ୍ସମଦର ଯେ ସନ୍ତାନ । ଶୁନକ ବୋଲି ତା'ର ନାମ ।।୬
ଶୁନକ ମହାତେଜବନ୍ତ । ଶୌନକ ମୁନି ତହୁଁ ଜାତ ।।୭
ଜନ୍ମିଲେ ପିତୃତେଜ ଘେନି । ବେଦପାରଗ ମହାମୁନି ।।୮
କାଶ୍ୟର କାଶୀ ନାମେ ସୁତ । ରାଷ୍ଟ୍ର ତା' ତହୁଁ ହେଲା ଜାତ ।।୯
ଦୀର୍ଘତମା ତା'ର ନନ୍ଦନ । ତା' ପୁତ୍ର ଧନ୍ୱନ୍ତରୀ ନାମ ।।୧୦
ସେ ଆୟୁର୍ବେଦ ଭିଆଇଲା । ପ୍ରାଣୀଙ୍କ ବ୍ୟାଧି ନାଶ କଲା ।।୧୧
ସେ ଯଜ୍ଞଭୋଜୀ ବିଷ୍ଣୁ ଅଂଶ । ସ୍ମରଣେ ସର୍ବରୋଗ ନାଶ ।।୧୨
ତା'ର ସନ୍ତତି କେତୁମାନ । ଭୀମରଥ ତା'ର ନନ୍ଦନ ।।୧୩
ତାହାର ବୀର୍ଯ୍ୟେ ଦିବୋଦାସ । ଦ୍ୟୁମାନ ତାହାର ଯେ ଶିଷ ।।୧୪
ତା' ନାମ ପ୍ରତର୍ଦ୍ଦନ ଖ୍ୟାତ । କେ ଅବା ବୋଲେ ଶତ୍ରୁଜିତ ।।୧୫
ଋତଧ୍ୱଜ କୁବଳୟାଶ୍ୱ । ବୋଲନ୍ତି ପୁଣି ତା'କୁ ବତ୍ସ ।।୧୬
ଅଳର୍କ ଆଦି ତହୁଁ ଜନ୍ମ । ଶୁଣ ହୋ ତା'ର ଗୃହକର୍ମ ।।୧୭
ଷାଠିଏ ସହସ୍ର ବରଷ । ଅଧିକେ ଷଷ୍ଟିଶତ ଶେଷ ।।୧୮



ଅବନୀ ତଳେ ହୋଇ ରାଜା । ଧର୍ମେ ପାଳିଲେ ଜନପ୍ରଜା ।।୧୯
ସନ୍ତତି ଅଳର୍କର ପୁତ୍ର । ସୁନୀଥ ତା' ତହୁଁ ସମ୍ଭୂତ ।।୨୦
ପୁତ୍ର ତାହାର ସୁକେତନ । ଧର୍ମକେତୁ ତା'ର ନନ୍ଦନ ।।୨୧
ସତ୍ୟକେତୁ ତାହାର ସୁତ । ଧୃଷ୍ଟକେତୁ ତା'ର ଅପତ୍ୟ ।।୨୨
ସୁକୁମାର ତା'ର ତନୁଜ । ଅନେକ ଦିନ କଲା ରାଜ୍ୟ ।।୨୩
ତହୁଁ ଜନ୍ମିଲା ବୀତିହୋତ୍ର । ଭର୍ଗ ଯେ ତା'ର ତହୁଁ ଜାତ ।।୨୪
ତାହାର ପୁତ୍ର ଭାର୍ଗଭୂମି । ଏବେହୋ ଶୁଣ ନୃପମଣି ।।୨୫
ଏମାନେ କାଶୀବଂଶେ ରାଜା । ଧର୍ମେ ପାଳିଲେ ଜନପ୍ରଜା ।।୨୬
ତାହାଙ୍କ ନାମେ କମ୍ପେ ଭୂମି । ଯମ ନ ପାରେ ଯହିଁ ଭ୍ରମି ।।୨୭
ରମ୍ଭର ପୁତ୍ର ଯେ ରଭସ । ଗମ୍ଭୀର ହୁଏ ତା'ର ବଂଶ ।।୨୮
ଅକ୍ରିୟ ଗମ୍ଭୀରର ସୁତ । ତା'କ୍ଷେତ୍ରେ ବିପ୍ର ହେଲେ ଜାତ ।।୨୯
ଅନେନା ଆୟୁର କୁମର । ଶୁଣ କହିବା ବଂଶ ତା'ର ।।୩୦
ଶୁଦ୍ଧ ଯେ ଅନେନାର ସୁତ । ତା' ତହୁଁ ଶୁଚି ହେଲା ଜାତ ।।୩୧
କହିବା ତାହାର ସନ୍ତତି । ତ୍ରିକକୁଦ ଧର୍ମ ସାରଥି ।।୩୨
ତା'ଠାରୁ ଶାନ୍ତରୟ ଜାତ । ସେ କୃତକୃତ୍ୟ ଆତ୍ମବନ୍ତ ।।୩୩
ଏ ଗୋତ୍ରେ ବ୍ରହ୍ମଜ୍ଞାନୀ ସୁତେ । ଜନ୍ମ ଲଭିଲେ ଏ ଜଗତେ ।।୩୪
ଏବେ ରଜୀର ପୁତ୍ର ଯେତେ । ଭାବେ କହିବା ତୋ' ଅଗ୍ରତେ ।।୩୫
ତା'ର କୁମର ପଞ୍ଚଶତ । ତେଜ ପ୍ରତାପ ଅପ୍ରମିତ ।।୩୬
ଅସୁରେ ଆସି ଅନ୍ତରାଳେ । ଇନ୍ଦ୍ରକୁ ଉଭାରିଲେ ବଳେ ।।୩୭
ଇନ୍ଦ୍ର ଦେବଙ୍କ ତୁଲେ ଆସି । ରଜୀକୁ କହିଲେ ବିଶ୍ୱାସି ।।୩୮
ଭୋ ରାଜା ତୋ'ର ପୁତ୍ରଗଣେ । ଜିଣିବେ ଅସୁରଙ୍କୁ ରଣେ ।।୩୯
ମୋତେ କହିଲେ ବୃହସ୍ପତି । ଅନ୍ୟଥା ନାହିଁ ଜୟେ ଗତି ।।୪୦
ଏମନ୍ତ କହି ଦେବଯୂଥ । ଘେନାଇ ପଞ୍ଚଶତ ସୁତ ।।୪୧
ସ୍ୱର୍ଗ ଆବୋରି ଯୁଦ୍ଧ କରି । ଅନେକ ଅସୁର ସଂହାରି ।।୪୨
ଇନ୍ଦ୍ରଙ୍କୁ ସ୍ୱର୍ଗରାଜ୍ୟ ଦେଲେ । ତା' ଦେଖି ଇନ୍ଦ୍ର ତୁଷ୍ଟ ହେଲେ ।।୪୩
ପୁଣି ସେ ରାଜ୍ୟ ରଜୀ ହସ୍ତେ । ନ୍ୟାସ କରିଲେ ସେ ବିଶ୍ୱସ୍ତେ ।।୪୪
ଇନ୍ଦ୍ରର ତୁଲେ ତା'ର ସୁତେ । ସ୍ୱର୍ଗେ ରହିଲେ ଦିନା କେତେ ।।୪୫
ଏମନ୍ତେ କେତେଦିନ ଅନ୍ତେ । ରଜୀ ଯେ ଗଲେ ସ୍ୱର୍ଗପଥେ ।।୪୬
ପିତାର ମରଣ ଅନ୍ତର । ଇନ୍ଦ୍ର ମାଗିଲେ ସ୍ୱର୍ଗପୁର ।।୪୭

ତଦନ୍ତେ ତାହାର ତନୁଜ । ଇନ୍ଦ୍ରଙ୍କୁ ନ ଦେଲେ ସେ ରାଜ୍ୟ ।।୪୮
ସ୍ୱର୍ଗ ସେ କଲେ ଅଧିକାର । ଇନ୍ଦ୍ରଙ୍କୁ କରି ଅନାଦର ।।୪୯
ରଜୀର ପୁତ୍ରେ ତା ନ ଦେଲେ । ଯାଗାର ଭାଗମାନ ନେଲେ ।।୫୦
ରଜୀ ତନୟଙ୍କର ମତି । ନାଶ କରିଲେ ବୃହସ୍ପତି ।।୫୧
ସ୍ଥାପିଲେ ଇନ୍ଦ୍ର ଅଧିକାରେ । ସୁଧର୍ମା ସଭାରେ ବେଭାରେ ।।୫୨
ଇନ୍ଦ୍ର ପାଇଲେ ସ୍ୱର୍ଗେ ସ୍ଥାନ । ଏବେ ତୁ ଶୁଣ ନୃପରାଣ ।।୫୩
କୁଶ ଯେ କ୍ଷତ୍ରବୃଦ୍ଧ ନାତି । ତାହାର ସୁତ ନାମ ପ୍ରତି ।।୫୪
ତାହାର ସନ୍ତାନ ସଞ୍ଜୟ । ତା'ର ତନୟ ହୋଏ ଜୟ ।।୫୫
ହର୍ଯ୍ୟବଳ ତାହାର ସୁତ । ତହୁଁ ସହଦେବ ସମ୍ଭୂତ ।।୫୬
ସହଦେବର ପୁତ୍ର ହୀନ । ତାହାର ସୁତ ଜୟସେନ ।।୫୭
ସଂକୃତି ତାହାର ତନୟ । ତାହାର ପୁତ୍ର ଅଟେ ଜୟ ।।୫୮
ସେ କ୍ଷାତ୍ରଧର୍ମେ ନିତ୍ୟେ ରତ । ମହାରଥୀ ନାମରେ ଖ୍ୟାତ ।।୫୯
ଏ ସର୍ବ କ୍ଷତ୍ରବୃଦ୍ଧ ବଂଶ । କହିଲୁ ଶୁଣିଲ ନରେଶ ।।୬୦
ଏବେ ନହୁଷ ବଂଶମାନ । କହିବୁ ଭବିଷ୍ୟ ପୁରାଣ ।।୬୧
ବଂଶାନୁଚରିତ ଏ ବାଣୀ । ଶୁଣି ସଂସାରୁ ତରପ୍ରାଣୀ ।।୬୨
ବୋଲଇ ବିପ୍ର ଜଗନ୍ନାଥ । ନବମସ୍କନ୍ଧେ ଭାଗବତ ।।୬୩

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ସପ୍ତଦଶୋଽଧ୍ୟାୟଃ ।।

## ଅଷ୍ଟାଦଶ ଅଧ୍ୟାୟ

### ଶୁକ ଉବାଚ

କହନ୍ତି ଶୁକ ବ୍ରହ୍ମବେତ୍ତା । ନବମେ ବଂଶାନୁବ୍ୟବସ୍ଥା ।।୧
ନହୁଷ ବୀର୍ଯ୍ୟେ ଷଟସୁତେ । ତାହାଙ୍କ ନାମ କହୁଁ ତୋତେ ।।୨
ଯତି ଯଯାତି ଯେ ସଂଯାତି । ଆୟତି ବିୟତି ଯେ କୃତି ।।୩
ଦେହୀର ଇନ୍ଦ୍ରିୟ ଯେସନେ । ଜନ୍ମିଲେ ନହୁଷ ନନ୍ଦନେ ।।୪
ଯତିକି ରାଜପଣ ଦେଲା । ସେ ରାଜଭୋଗ ନ ଇଚ୍ଛିଲା ।।୫
ବୋଲଇ ଦୁଃଖମୟ ଏହି । ଏଣେ ମୋହର କାର୍ଯ୍ୟ ନାହିଁ ।।୬
ଆତ୍ମା ନ ମଜ୍ଜେ ରାଜସୁଖେ । ନିରତେ ରହେ ମନଦୁଃଖେ ।।୭
ଜାଣଇ ପିତାର ଆଚାର । ଋଷିଙ୍କି ବୁହାଇଲା ଭାର ।।୮



ଇନ୍ଦ୍ରାଣୀ ଅର୍ଥେ ପଥେ ଯା'ନ୍ତେ । କୋପ ବସିଲା ଋଷିଚିତ୍ତେ ।।୯
ବହି ନ ପାରି ମହାଭାର । ବୋଇଲେ ହୁଅ ଅଜଗର ।।୧୦
ଏମନ୍ତେ ଅଜଗର ହୋନ୍ତେ । ନିର୍ଜନ ଗହନ ବନସ୍ତେ ।।୧୧
ପଡ଼ି ଡାକିଲା କରି ଶୋକ । ଭୋ ଋଷିଗଣେ ମୋତେ ରଖ ।।୧୨
ତା'ର ବିକଳେ ମୁନିଗଣ । ବୋଇଲେ ଶୁଣ ଭୋ ରାଜନ ।।୧୩
ଦ୍ୱାପର ଯୁଗ ଅବଶେଷେ । ଧର୍ମନନ୍ଦନ କୁରୁବଂଶେ ।।୧୪
ଭୀମକୁ ବନେ ଖୋଜି ଯା'ନ୍ତେ । ଭେଟ ହୋଇବ ତୋ' ସଙ୍ଗତେ ।।୧୫
ଭୀମକୁ ବାନ୍ଧିଥିବୁ ତୁହି । ସେ ପୁଣି ତୋ'ର ପାସେ ଯାଇ ।।୧୬
ଧର୍ମ କହିବେ ତୋତେ ଯେବେ । ନିସ୍ତାର ତୋ'ର ହେବ ତେବେ ।।୧୭
ଏମନ୍ତ ନହୁଷଙ୍କୁ କହି । ସେ ମୁନି ଗଲେ ଦୟାବହି ।।୧୮
ସେ ପୁଣି ଯୁଧିଷ୍ଠିର ତୁଲେ । ଧର୍ମ ବିଚାର କରି ଭଲେ ।।୧୯
ସର୍ପ ଯୋନିରୁ ମୋକ୍ଷ ହୋଇ । ନିଜ ମନ୍ଦିରେ ମିଳେ ଯାଇ ।।୨୦
ସେ କଥା ଯତି ସ୍ମରି ମନେ । ନବସେ ନୃପତି ଆସନେ ।।୨୧
ଯଯାତି ଭ୍ରାତୃଗଣ ତୁଲେ । ରାଜା ହୋଇଲା ପିତୃ ବୋଲେ ।।୨୨
ସକଳ ରାଜ୍ୟେ ହୋଇ ରାଜା । ଧର୍ମେ ପାଳିଲା ଜନପ୍ରଜା ।।୨୩
ଶୁକ୍ର ଦୁହିତା ଦେବଯାନୀ । ଶର୍ମିଷ୍ଠା ବୃଷର ଦୁଲଣୀ ।।୨୪
ଯଯାତି ବରି ବରପଣେ । ବିବାହ କଲେ ଶୁଭକ୍ଷଣେ ।।୨୫
ଏମନ୍ତେ ଶୁକବାକ୍ୟ ଶୁଣି । ବୋଲେ ପରୀକ୍ଷ ନୃପମଣି ।।୨୬

### ରାଜା ଉବାଚ

ଭୋ ମୁନି ଅସମ୍ଭବ ବାଣୀ । ସଂଶୟ ଲାଗିଲା ତ ଶୁଣି ।।୨୭
ଶୁକ୍ର ସ୍ୱଭାବେ ବ୍ରହ୍ମଋଷି । ପୁଣି ଅଟନ୍ତି ଭୃଗୁବଂଶୀ ।।୨୮
ବ୍ରାହ୍ମଣ କ୍ଷତ୍ରିୟ କେମନ୍ତେ । ବିବାହ କଲେ ବେଦମତେ ।।୨୯
ଏ ପ୍ରତିଲୋମ ପ୍ରାୟେ ମଣି । ଶୁକ ବୋଲନ୍ତି ତାହା ଶୁଣି ।।୩୦

### ଶୁକ ଉବାଚ

ଦିନେକ ବୃଷପର୍ବା ଘରେ । ଶର୍ମିଷ୍ଠା କନ୍ୟା ଅନ୍ତଃପୁରେ ।।୩୧
ସଖୀ ସହସ୍ରେ ଘେନି ସଙ୍ଗେ । ଜଳେ କ୍ରୀଡ଼ନ୍ତି ନାନା ରଙ୍ଗେ ।।୩୨
ସ୍ୱଭାବେ ନିଦାଘର କାଳେ । ଶୁକ୍ରଦୁହିତା ସଖୀମେଳେ ।।୩୩
କୁସୁମବନ ମଧ୍ୟେ ମିଳେ । ପୁଷ୍ପିତ ଦ୍ରୁମ ଶୀତ ଜଳେ ।।୩୪
ପୁଷ୍ପଭୂଷିତ ଭୂମି ଜଳେ । କ୍ରୀଡ଼ନ୍ତି ପକ୍ଷୀ କୁତୂହଳେ ।।୩୫

କହ୍ଲାର-ପଦ୍ମ-ପୁଷ୍ପ ଗନ୍ଧେ । ଭ୍ରମରଗଣ ମକରନ୍ଦେ ।।୩୬
ପୁଷ୍ପକ ଗନ୍ଧେ ବାୟୁ ସ୍ଫୁରେ । ଶୀତଳ ଲାଗଇ ଶରୀରେ ।।୩୭
ସେ ଜଳେ ପଶି ସର୍ବକନ୍ୟା । ସ୍ୱଭାବେ କମଳଲୋଚନା ।।୩୮
ବସ୍ତ୍ର ପାଲଟି ହ୍ରଦ କୂଳେ । ଝାସି ପଶିଲେ ଶୀତଜଳେ ।।୩୯
କ୍ରୀଡ଼ନ୍ତି ଜଳେ ନାନାରଙ୍ଗେ । ଜଳ ସିଞ୍ଚନ୍ତି ଅଙ୍ଗୁ ଅଙ୍ଗେ ।।୪୦
ଏମନ୍ତେ ଉମା ମହେଶ୍ୱର । ଆରୋହି ବୃଷଭ ଉପର ।।୪୧
ବନେ ଚଳନ୍ତେ ତା'ଙ୍କୁ ଦେଖି । ବେଗେ ଉଠିଲେ ଶଶୀମୁଖୀ ।।୪୨
ସକଳେ ଉଠି ତା'ର ତୁଲେ । ସଂଭ୍ରମେ ବସନ ପିନ୍ଧିଲେ ।।୪୩
ଶର୍ମିଷ୍ଠା ସଂଭ୍ରମେ ନ ଜାଣି । ଦେବଯାନୀର ବସ୍ତ୍ର ଆଣି ।।୪୪
ସତ୍ୱରେ କଲା ପରିଧାନ । ତା' ଦେଖି ଦେବଯାନୀ ମନ ।।୪୫
କୋପେ କମ୍ପଇ ଥରହର । କଠୋର ବୋଲଇ ଉତ୍ତର ।।୪୬
ଦେଖ ଏ ଦାସୀମାତ୍ର ହୋଇ । ବସ୍ତ୍ର ପିନ୍ଧିଲା ମୋ'ର ନେଇ ।।୪୭
ଅବଜ୍ଞା କରି ମୋ' ବସନ । ଯଜ୍ଞର ହବି ଯେହ୍ନେ ଶ୍ୱାନ ।।୪୮
ଦେବେ ଯେ ଅତି ତପୋବଳେ । ବିଷ୍ଣୁବଦନୁ ଭୂମି ତଳେ ।।୪୯
ବ୍ରାହ୍ମଣ ହୋଇ ଜାତ ହେଲେ । ସର୍ବେ ତରନ୍ତି ତା'ଙ୍କ ବୋଲେ ।।୫୦
ଗୋବିନ୍ଦ ଯାହାର ବଚନେ । ନିତ୍ୟେ ସେବନ୍ତି ସନ୍ନିଧାନେ ।।୫୧
ତହିଁ ମୁଁ ଭୃଗୁବଂଶେ ଜାତ । ଆମ୍ଭର ଶିଷ୍ୟ ଏହା ତାତ ।।୫୨
ମୋ' ବସ୍ତ୍ର ପିନ୍ଧି ଗର୍ବ ମନେ । ଶୂଦ୍ରକୁ ବେଦବାକ୍ୟ ଯେହ୍ନେ ।।୫୩
ଏମନ୍ତେ ଦେବଯାନୀ କଥା । ଶୁଣି ଶର୍ମିଷ୍ଠା ମନେ ବ୍ୟଥା ।।୫୪
ବୋଲଇ ପୁରୁଷ ବଚନ । ସିଂହକୁ ଶୃଗାଳ ଯେସନ ।।୫୫
ଆପଣା ବୃତ୍ତାନ୍ତ ନ ଜାଣି । ମୋ' ଆଗେ କହୁ କଟୁବାଣୀ ।।୫୬
ସ୍ୱଭାବେ ଭିକ୍ଷୁକ ବୋଲାଉ । ଲଜ୍ଜା କି ମୁଖେ ତୁ ନପାଉ ।।୫୭
କାକମାନଙ୍କ ପ୍ରାୟ ହୋଇ । ଥାଅ ତୁ ଆମ୍ଭ ଘରେ ଚାହିଁ ।।୫୮
ରାଜାର ଦୁହିତାଟି ମୁହିଁ । ତୁ ମୋତେ କହୁ ଗର୍ବ ବହି ।।୫୯
ଏମନ୍ତେ ବହୁ କୋପକଲା । ସଖୀଙ୍କି ଚାହିଁ ଆଜ୍ଞା ଦେଲା ।।୬୦
ମାର ବୋଇଲା କୋପମନେ । ଶର୍ମିଷ୍ଠା ଧରି ତା' ବସନେ ।।୬୧
ଓଷ୍ଠ କାମୋଡ଼ି ଅତି କୋପେ । ତା' ବସ୍ତ୍ର ପକାଇଲା କୂପେ ।।୬୨
ପୁଣି ତାହାରି ହସ୍ତ ଧରି । କୂପେ କ୍ଷେପିଲା କୋପ କରି ।।୬୩
ଗଲା ସେ ଆପଣା ମନ୍ଦିର । ଏବେ ହୋ ଶୁଣ ନୃପବର ।।୬୪



ଯଯାତି ମୃଗୟାର ଅର୍ଥେ । ଥିଲା ସେ ଗହନ ବନସ୍ତେ ।।୬୫
ତୃଷିତେ ଜଳ ଅନ୍ୱେଷଣେ । କୂପ ଦେଖିଲା ତତ୍‌କ୍ଷଣେ ।।୬୬
କୂପକୁ ଚାହିଁ ନୃପମଣି । ଦେଖିଲା ଶୁକ୍ରର ଦୁଲଣୀ ।।୬୭
ଉଲଗ୍ନେ ବସ୍ତ୍ର ଖୋଜେ ଜଳେ । ତା' ଦେଖି ରାଜା ଅବହେଳେ ।।୬୮
ଉତ୍ତରୀବସ୍ତ୍ର ତା'କୁ ଦେଲା । କନ୍ୟାକୁ ଜଳୁ ଉଦ୍ଧରିଲା ।।୬୯
ଆନନ୍ଦେ ହସ୍ତେ ହସ୍ତ ଦେଇ । କୂଳେ ସ୍ଥାପିଲା ଦୟାବହି ।।୭୦
ସେ କନ୍ୟା ରାଜା ମୁଖ ଚାହିଁ । ଗଦ୍‌ଗଦେ ପ୍ରେମଭର ହୋଇ ।।୭୧
ବୋଲଇ ଶୁଣ ନୃପମଣି । ତୁ ଯେ ଧଇଲୁ ମୋର ପାଣି ।।୭୨
ତୁ ଅଟୁ ପର-ପୁରଞ୍ଜୟ । ଶୁଣ ତୁ ନିଗମ-ନିର୍ଣ୍ଣୟ ।।୭୩
ଯେ କନ୍ୟା ହସ୍ତ ହସ୍ତେ ଧରି । ସେ ନିଷ୍ଟେ ହୁଏ ତା'ର ନାରୀ ।।୭୪
ହସ୍ତ ତୁ ଦେଲୁ ମୋ'ର ହସ୍ତେ । ମୋ' ସ୍ୱାମୀ ଅନ୍ୟକେ ଜଗତେ ।।୭୫
ଦେଖିଲୁ ଶରୀର ମୋହର । କାହିଁ ଧରିବି ଆନ କର ।।୭୬
ଏ ଯେ ସମ୍ବନ୍ଧ କନ୍ୟାବର । ନିଷ୍ଟୟେ ସଞ୍ଚିଲେ ଈଶ୍ୱର ।।୭୭
ମୁଁ କନ୍ୟା ଥିଲି କୂପଜଳେ । ତୁ ମୋ'ର ହସ୍ତ ଧରି ବଳେ ।।୭୮
କୂଳେ ସ୍ଥାପିଲୁ ଦୟାବହି । ତୋ' ତହୁଁ ଅନ୍ୟ ବର ନାହିଁ ।।୭୯
ଏ ଶାସ୍ତ୍ରମତେ ବିଚାରନ୍ତେ । ବ୍ରାହ୍ମଣେ ନ ବରିବେ ମୋତେ ।।୮୦
କଚ ଯେ ବୃହସ୍ପତି-ବଳା । ପୂର୍ବେ ସେ ମୋତେ ଶାପ ଦେଲା ।।୮୧
ସେ ଶାପ ନୋହିଲା ଅନ୍ତର । ଏଣୁ କ୍ଷତ୍ରିୟ ବର ମୋ'ର ।।୮୨
ଶର୍ମିଷ୍ଠା ମୋ'ର ଭୁଜ ଧରି । କୂପେ କ୍ଷେପିଲା କୋପକରି ।।୮୩
ଗଲା ସେ ଆପଣା ମନ୍ଦିର । ଏବେ ହୋ ଶୁଣ ନୃପବର ।।୮୪
ଦଇବ ସଞ୍ଚିତ ଏ କଥା । କେ କରି ପାରିବ ଅନ୍ୟଥା ।।୮୫
ତା'ର ବଚନ ରାଜା ଘେନି । ସମ୍ମତ କରି ହୋଇ ତୁନି ।।୮୬
ଯଯାତି ନିଜପୁରେ ଗଲା । ସେ କନ୍ୟା ମନେ ବିଚାରିଲା ।।୮୭
କହିବି ପିତା ଆଗେ ମୁହିଁ । ଯେମନ୍ତେ ବର ଲଭିବଇଁ ।।୮୮
ରୋଦନ କରି ମନଦୁଃଖେ । କହିଲା ପିତାର ସମ୍ମୁଖେ ।।୮୯
ଶର୍ମିଷ୍ଠା ଯେତେ କର୍ମ କଲା । ଯେମନ୍ତେ କୂପେ ପକାଇଲା ।।୯୦
ରାଜା ଉଦ୍ଧରିଲା ଯେମନ୍ତେ । କୂପୁଁ ତୋଳିଲା ଦକ୍ଷହସ୍ତେ ।।୯୧
ଏ କଥା ଯେମନ୍ତ ବିଧାନେ । କହିଲା ପିତା ସନ୍ନିଧାନେ ।।୯୨
ଶୁକ୍ର ଯେ ତା'ର ବୋଲ ଶୁଣି । ଭବିଷ୍ୟ କଥା ମନେ ଗୁଣି ।।୯୩

ବୋଲଇ ମୁଣ୍ଡେ ଦେଇ ହସ୍ତ । ଧିକ ମୋହର ପୌରୋହିତ୍ୟ ।।୯୪
ଏମନ୍ତେ ମନେ କୋପ କରି । ଦୁହିତା କର କରେ ଧରି ।।୯୫
ବୃଷପର୍ବାର ପୁରେ ଗଲେ । ସକୋପେ ରାଜାଙ୍କୁ ଭେଟିଲେ ।।୯୬
ଗୁରୁ ବଦନେ କୋପ ଦେଖି । ସଂଭ୍ରମେ ଆସନ ଉପେକ୍ଷି ।।୯୭
ଅନେକ ସ୍ତୁତିବାକ୍ୟ କହି । ଚରଣେ ଗଡ଼ଘାଲି ଶୋଇ ।।୯୮
ଶୁକ୍ରଙ୍କ କ୍ରୋଧ କ୍ଷଣମାତ୍ର । ରହଇ ସଂସାରେ ବିଦିତ୍ ।।୯୯
ବୋଲଇ ତା'ର ମୁଖ ଚାହିଁ । ଆମ୍ଭର ଦୁହିତା ଯେ ଏହି ।।୧୦୦
ଏ କନ୍ୟା ବାକ୍ୟ ତୁମେ ଘେନ । ଏହାର ଇଚ୍ଛା କର ପୂର୍ଣ୍ଣ ।।୧୦୧
ଯଯାତି କୂପୁଁ ଉଦ୍ଧରିଲା । ଏ କନ୍ୟା ହସ୍ତେ ହସ୍ତ ଦେଲା ।।୧୦୨
ମୁଁ ଏବେ ବେଦବାକ୍ୟ ମତେ । ବ୍ରାହ୍ମଣେ ବରିବି କେମନ୍ତେ ।।୧୦୩
ଯେପରି କନ୍ୟା ହୁଏ ଶାନ୍ତି । ତା' ବେଗେ କର ତୁ ନୃପତି ।।୧୦୪
ଭୃଗୁଙ୍କ ବାକ୍ୟ ମନେ ଗୁଣି । ସେ ବୃଷପର୍ବା ନୃପମଣି ।।୧୦୫
ଦେବଯାନୀର ପାଶେ ଗଲା । ବିନୟ ହୋଇଣ କହିଲା ।।୧୦୬
ନିଜ କନ୍ୟାର ଦୋଷମାନ । ସମସ୍ତ କଲା ନିବେଦନ ।।୧୦୭
ତାହାର ସ୍ତୁତିବାକ୍ୟ ଶୁଣି । ସନ୍ତୁଷ୍ଟ ହୋଇ ଦେବଯାନୀ ।।୧୦୮
ନିଜର ଯାହା ଅଭିଳାଷ । ତା' ଆଗେ କଲାକ ପ୍ରକାଶ ।।୧୦୯
ବୋଲଇ ଶୁକ୍ରର ଦୁହିତା । ଶୁଣ ତୁ ଆମ୍ଭର ବାରତା ।।୧୧୦
ମୋ' ପିତା ଯହିଁ ମୋତେ ଦେବ । ଶର୍ମିଷ୍ଠା ମୋ'ର ସଙ୍ଗେ ଥିବ ।।୧୧୧
ମୁଁ ତା'ର ହେବି ଶ୍ରେଷ୍ଠ ନାରୀ । ତୋ' କନ୍ୟା ହେବ ପରିବାରୀ ।।୧୧୨
କନ୍ୟାର ଠାରୁ ବାଣୀ ଶୁଣି । ଅସୁରରାଜ ହେଲା ତୁନି ।।୧୧୩
ଭାଳନ୍ତି ବୃଷପର୍ବା ରାୟେ । ବିପଦ ପଡ଼ିଲା ଥୋକାଏ ।।୧୧୪
ସଖୀ ସମେତ କନ୍ୟା ଆଣି । ବୋଲଇ ନିଅ ଦେବଯାନୀ ।।୧୧୫
ଏମନ୍ତେ ଶର୍ମିଷ୍ଠା ଅଇଲା । ଦେବଯାନୀର ଦାସୀ ହେଲା ।।୧୧୬
ଶର୍ମିଷ୍ଠା ଦେବଯାନୀ ତୁଲେ । ଯଯାତି ବରି ବିଭା କଲେ ।।୧୧୭
ଶୁକ୍ର ଯଯାତି ମୁଖ ଚାହିଁ । କହନ୍ତି ଶୁଣ ନୃପସାଇଁ ।।୧୧୮
ଶର୍ମିଷ୍ଠା ସଙ୍ଗେ ସହବାସ । କଲେ ଲଭିବୁ ଅତିକ୍ଳେଶ ।।୧୧୯
ଶର୍ମିଷ୍ଠା ତୁଲେ ଦିବ୍ୟନାରୀ । ଘେନି ଶତେକ ପରିବାରୀ ।।୧୨୦
ଖଟଇ ଦେବଯାନୀ ତୁଲେ । ଯଯାତି ସଙ୍ଗେ ଭାବଭୋଳେ ।।୧୨୧
ଶର୍ମିଷ୍ଠା ରୂପ-ଗୁଣ ଦେହେ । ଯଯାତି ଦେଖି କାମେ ମୋହେ ।।୧୨୨



ଦେବଯାନୀର ପୁତ୍ର ଦେଖି । ଶର୍ମିଷ୍ଠା ନିତ୍ୟେ ମନେ ଦୁଃଖୀ ।।୧୨୩
ମିଳିଲା ରାଜାରେ ଏକାନ୍ତେ । ପ୍ରାର୍ଥନା କଲା ପୁତ୍ର ଅର୍ଥେ ।।୧୨୪
ତେଣୁ ସେ ହୋଇଲେ ମୋହିତ । ଦଇବ ବଶେ ବୁଦ୍ଧି ହତ ।।୧୨୫
ଦେବଯାନୀକି ନ ସୁମରି । ଶର୍ମିଷ୍ଠା ବାକ୍ୟ ମନେ ଧରି ।।୧୨୬
ଶର୍ମିଷ୍ଠା ସଙ୍ଗେ ଏକମେଳେ । ରାଜା ଶୟନ ଋତୁକାଳେ ।।୧୨୭
ଶୁକ୍ରଙ୍କ ବାକ୍ୟ ହେଳା କଲା । ଶର୍ମିଷ୍ଠା ସଙ୍ଗେ ସଙ୍ଗ କଲା ।।୧୨୮
ଯଦୁ ତୁର୍ବସୁ ବେନିଭାଇ । ଦେବଯାନୀର ଗର୍ଭୁ ହୋଇ ।।୧୨୯
ଆବର ଶର୍ମିଷ୍ଠା ଗର୍ଭରୁ । ଜନ୍ମିଲେ ଦ୍ରୁହ୍ୟୁ ଅନୁ ପୁରୁ ।।୧୩୦
ସେ ଦେବଯାନୀ କୋପଭରେ । କହିଲା ପିତାର ଆଗରେ ।।୧୩୧
ପିତା ଚରଣତଳେ ପଡ଼ି । କାନ୍ଦଇ ବେନିକର ଯୋଡ଼ି ।।୧୩୨
ଶର୍ମିଷ୍ଠା ତୁଲେ ରାଜା ନିତ୍ୟେ । ରାତ୍ରଦିବସ ତା' ସଙ୍ଗତେ ।।୧୩୩
ତାହାର ବଶ ପ୍ରାୟେ ରହେ । କୋପନୟନେ ମୋତେ ଚାହେଁ ।।୧୩୪
ଶର୍ମିଷ୍ଠା ପ୍ରେମବନ୍ଧ ଆଶେ । କେବେହେଁ ନମିଳେ ମୋ' ପାଶେ ।।୧୩୫
ଏମନ୍ତେ ଦୁହିତା ବଚନେ । କୋପ ବସିଲା ଶୁକ୍ରମନେ ।।୧୩୬
ମିଳିଲା ରାଜାର ସମୀପେ । ଗରୁଡ଼ ମିଳେ ଯେହ୍ନେ ସର୍ପେ ।।୧୩୭
ବୋଇଲେ କୋପଭର ହୋଇ । ଅଧର୍ମ ଆଚରିଲୁ ତୁହି ।।୧୩୮
ମୋ'ର ଦୁହିତା କଲୁ ଦୂର । ଶର୍ମିଷ୍ଠା ମନୋହାରୀ ତୋ'ର ।।୧୩୯
ତୁ ଏବେ ଜରାରୂପ ହୋଇ । ମନ୍ଦିରେ ଥାଅ ନିତ୍ୟେ ଶୋଇ ।।୧୪୦
ଏମନ୍ତ ଶାପ ଦେଲେ ମୁନି । ତକ୍ଷଣେ ବୃଦ୍ଧଦେହ ଘେନି ।।୧୪୧
ଯଯାତି ରହିଲା ଶୟନେ । ଉଠି ନ ପାରେ ରାତ୍ରଦିନେ ।।୧୪୨
ଏମନ୍ତେ ତା'ର ପାଞ୍ଚସୁତ । ବେନିକନ୍ୟାର ଗର୍ଭୁ ଜାତ ।।୧୪୩
ହୋଇ ବଢ଼ିଲେ ଦିନେଦିନେ । ତେଜ ପ୍ରଚଣ୍ଡସୂର୍ଯ୍ୟ ଯେହ୍ନେ ।।୧୪୪
ଏମନ୍ତେ କିଛିଦିନ ଅନ୍ତେ । ଯଯାତି ଭୋଗ ମନେ ଚିନ୍ତେ ।।୧୪୫
ଭୋମୁନି ମୋତେ ଦୟାକର । ଏ କଷ୍ଟ ଯେଣେ ହୋଏ ପାର ।।୧୪୬
କାନ୍ଦିଣ ଜୀବନ ବିକଳେ । ପଡ଼ି ଭୃଗୁର ପାଦତଳେ ।।୧୪୭
ସ୍ୱଭାବେ ଦୁହିତାର ପତି । ବୋଲଇ ମୋତେ କର ଗତି ।।୧୪୮
ତା'ର ବିକଳ ଦେଖି ମୁନି । ବୋଇଲେ ଚିତ୍ତେ ଦୟା ଘେନି ।।୧୪୯
ବୋଲନ୍ତି ଶୁଣ ନୃପବର । ମୋର ବଚନ ଏବେ କର ।।୧୫୦
ସୁତକୁ ଜରାରୂପ ଦେଇ । ସଂସାର ଭୋଗକର ତୁହି ।।୧୫୧

ସେ ରାଜା ପୁତ୍ରଙ୍କୁ ଅଣାଇ । ବୋଲଇ ସମୀପେ ବସାଇ ।।୧୫୨
ହେ ପୁତ୍ରେ ଦେଖ ମୋ'ର ରୂପ । ଗୁରୁ ଯେ ମୋତେ ଦେଲେଶାପ ।।୧୫୩
ବୃଦ୍ଧ ହୋଇଲି ଯୁବାକାଳେ । ସୂର୍ଯ୍ୟ ଯେସନେ ସାୟଂକାଳେ ।।୧୫୪
ଦେଖ ଏ ମନୁଷ୍ୟ ଶରୀର । ବିଷ୍ଣୁର ଭୋଗର ମନ୍ଦିର ।।୧୫୫
ଇନ୍ଦ୍ରିୟଭୋଗେ ଜୀବ ରହେ । ଯଜ୍ଞପୁରୁଷ ବସେ ଦେହେ ।।୧୫୬
ଦେବେ ଇଚ୍ଛନ୍ତି ଯେ ଶରୀର । ନିସ୍ଫଳ ହୋଇଲା ମୋହର ।।୧୫୭
ଯଦୁକୁ ବୋଲେ ନୃପବର । ତୁ ପୁତ୍ର ମୋ'ର ବୋଲକର ।।୧୫୮
ମୋ' ଜରା ଶରୀର ତୁ ନିଅ । ତୋ'ର ବୟସ ମୋତେ ଦିଅ ।।୧୫୯
ଭୋଗ ମୁଁ କରି ଦିନା କେତେ । ତୋ'ର ବୟସ ଦେବି ତୋତେ ।।୧୬୦
ଏମନ୍ତ ରାଜାର ବଚନେ । ଯଦୁ ବୋଲଇ କୋପମନେ ।।୧୬୧
ଦୁର୍ଲ୍ଲଭ ମନୁଷ୍ୟ ଶରୀର । ବିଷ୍ଣୁର ପୂଜାର ମନ୍ଦିର ।।୧୬୨
ଯଜ୍ଞପୁରୁଷ ଏହା ମଧ୍ୟେ । ବିଷୟ ଭୁଞ୍ଜଇ ଆନନ୍ଦେ ।।୧୬୩
ଦେବେ ନ ପାନ୍ତି ଯାହା ଭାବି । ମୁଁ ତାହା କେମନ୍ତେ ଛାଡ଼ିବି ।।୧୬୪
ଏମନ୍ତ ଯଦୁମୁଖୁଁ ଶୁଣି । କୋପେ ବୋଲଇ ନୃପମଣି ।।୧୬୫
ମୋ'ର ବଚନ ତୁ ନ କଲୁ । ରାଜଭୋଗକୁ ଇଚ୍ଛା କଲୁ ।।୧୬୬
ତୋ'ବଂଶେ ରାଜା ଯେ ହୋଇବ । ମୂର୍ଦ୍ଧନା ଫାଟି ପ୍ରାଣ ଯିବ ।।୧୬୭
ଏମନ୍ତ ଶାପ ତାକୁ ଦେଇ । ପୁତ୍ରଙ୍କୁ ଜଣେ ଜଣେ ରାଇ ।।୧୬୮
ତୁର୍ବସୁ ଦ୍ରୁହ୍ୟୁ ଅନୁ ତିନି । ରାଜା ବଚନେ ହେଲେ ତୁନି ।।୧୬୯
ପୁରୁ ଯେ ଥିଲା ରାଜା ପଛେ । ତକ୍ଷଣେ ମିଳିଲା ପ୍ରତ୍ୟକ୍ଷେ ।।୧୭୦
କପୋଳେ ବେନିକର ଯୋଡ଼ି । କହେ ନୃପତି ପାଦେ ପଡ଼ି ।।୧୭୧
ଭୋ ତାତ ମୋତେ ଆଜ୍ଞା ଦିଅ । ମୋ'ର ବୟସ ତୁମ୍ଭେ ନିଅ ।।୧୭୨
ତୋ' ବୃଦ୍ଧରୂପ ଦିଅ ମୋତେ । ମୋ' ରୂପେ ବଞ୍ଚ ଦିନାକେ ।।୧୭୩
ଏଦେହେ ଶୁଣ ନରରାଣ । କେ ବୁଝିପାରେ ପିତୃରଣ ।।୧୭୪
ପିତାର ମନ ଜାଣି କରେ । ଉତ୍ତମ ପୁତ୍ର ସେ ବେଭାରେ ।।୧୭୫
ଶ୍ରଦ୍ଧାରେ ଆଜ୍ଞା ଯେ ପାଳଇ । ମଧ୍ୟମପୁତ୍ର ସେ ବୋଲାଇ ।।୧୭୬
ଶ୍ରଦ୍ଧା ବିହୀନେ ଯେହୁ ପାଳେ । ଅଧମପୁତ୍ର ସେ ଶୟଳେ ।।୧୭୭
ପିତାକୁ ଲଂଘେ ଯେ ଅଜ୍ଞାନ । ସେ ପିତା ମଳମୂତ୍ର ଜାଣ ।।୧୭୮
ଏମନ୍ତ କହି ନୃପବଳା । ପିତାଙ୍କୁ ନିଜରୂପ ଦେଲା ।।୧୭୯
ନିଶ୍ଚଳେ ରହିଲା ତା' ମନ । ଏମନ୍ତେ ଗଲା କେତେ ଦିନ ।।୧୮୦



ପୁରୁକୁ ଜରାରୂପ ଦେଇ । ରାଜା ହୋଇଲା ଦିବ୍ୟଦେହୀ ।।୧୮୧
ଭୋଗ ସେ କଲା ନାନାମତେ । ଇନ୍ଦ୍ରିୟଲାଳସା ଆୟତ୍ତେ ।।୧୮୨
ହୋଇଲା ସାତଦ୍ୱୀପେ ରାଜା । ଧର୍ମେ ପାଳିଲା ଜନପ୍ରଜା ।।୧୮୩
ନିଶ୍ଚିନ୍ତେ ଦେବଯାନୀ ସଙ୍ଗେ । ଭୋଗ ସେ କଲା ନାନାରଙ୍ଗେ ।।୧୮୪
ଅନେକ ଦାନଯଜ୍ଞ ମତେ । ସେବିଲା ବିଷ୍ଣୁପାଦ ଗତେ ।।୧୮୫
ଯେ ହରି ଦେହ ଏ ଜଗତ । ଆକାଶେ ଜଳଧର ମତ ।।୧୮୬
ସେ ହରିପାଦ ଦୃଢ଼େ ଚିନ୍ତି । ବିଷୟଭୋଗେ ନରପତି ।।୧୮୭
ଇନ୍ଦ୍ରୟ ନ ପାରିଲା ଜିଣି । ବିଷୟ ଭୋଗ ମନେ ଗୁଣି ।।୧୮୯
ସୁଜନଜନେ ଏହା ଶୁଣି । ତରିବ ଭବତରଙ୍ଗିଣୀ ।।୧୯୦
କହଇ ବିପ୍ର ଜଗନ୍ନାଥ । ନବମେ ବଂଶାନୁଚରିତ ।।୧୯୧

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଅଷ୍ଟାଦଶୋଽଧ୍ୟାୟଃ ।।

## ଉନବିଂଶ ଅଧ୍ୟାୟ

### ଶୁକ ଉବାଚ

ଯଯାତି ବସି ଏକଦିନେ । ଜ୍ଞାନ ପ୍ରକାଶିଲା ତା' ମନେ ।।୧
ଦେବଯାନୀର ମେଳେ ଥାଇ । ବୋଲଇ ତା'ର ମୁଖ ଚାହିଁ ।।୨
ଶୁଣ ସୁନ୍ଦରି ତୋ' ଅଧୀନ । ବିଷୟରସେ ମୋ'ର ମନ ।।୩
ପଶିଲା କାମ-ଅନ୍ଧକାରେ । ଭାସ୍କର ଯେହ୍ନେ ତମଘୋରେ ।।୪
ଶୁଣ ଭାର୍ଗବି ମୋ'ର କଥା । ପୂର୍ବେ ଯେ ଇତିହାସ ଗାଥା ।।୫
କହନ୍ତି ତତ୍ତ୍ୱଜ୍ଞାନୀ ଜନେ । ଗ୍ରାମ୍ୟଭୋଗକୁ ନିନ୍ଦି ମନେ ।।୬
ସେ କଥା କହୁ ତୋ'ର ଆଗେ । ଯେବା ବିଷୟ ଅନୁରାଗେ ।।୭
ଛାଗ ଛାଗୀଏ ଏକଦିନେ । ଚରିବା ଅର୍ଥେ ଗଲେ ବନେ ।।୮
ଛାଗୀ ଯେ ଜଳପାନ ଅର୍ଥେ । କୂପେ ପଡ଼ିଲା ଅନାୟତ୍ତେ ।।୯
ସ୍ୱଭାବେ କାମୀ ଛାଗ ଜାତି । ତା'ର ଉଦ୍ଧାରେ କଲା ମତି ।।୧୦
କେବେହେଁ ଉଦ୍ଧାରି ନପାରେ । ନିରାଶେ ଗଲା ନିଜପୁରେ ।।୧୧
ସେ ବନେ ବୃଦ୍ଧଛାଗେ ଥିଲା । କୂପେ ସେ ଛାଗୀକି ଦେଖିଲା ।।୧୨
ବିଷାଣ ଅଗ୍ରେ ତା' ଉଦ୍ଧରି । କୂଳେ ସ୍ଥାପିଲା ଯତ୍ନକରି ।।୧୩

ସେ ଛାଗୀ କୂପରୁ ଅଇଲା । ଛାଗରେ ଅଭିଳାଷ କଲା ।।୧୪
ସେ ଛାଗ ତା'ର ସଙ୍ଗମେଳେ । ରମଣ କରେ ଅତିଭୋଳେ ।।୧୫
ଦିବା ରଜନୀ ନ ଜାଣଇ । ନିରତେ ତା'ର ସଙ୍ଗେ ଥାଇ ।।୧୬
ତଥାପି ନ ଲଭିଲା ତୃପ୍ତି । ଅଗ୍ନିରେ ଯେହ୍ନେ ଘୃତାହୁତି ।।୧୭
ଅନ୍ୟାନ୍ୟ ଛାଗୀ କାମବଶେ । ମିଳିଲେ ସେହି ଛାଗ ପାଶେ ।।୧୮
ସ୍ଥୂଳଶରୀର ଶ୍ମଶ୍ରୁମୁଖ । ରେତ ସେଚନେ ଅତି ଦକ୍ଷ ।।୧୯
ବଳିଷ୍ଠ ଦେଖି ସର୍ବଛାଗୀ । ତାହାର ପ୍ରତି ଅନୁରାଗୀ ।।୨୦
ସେ ଏକ ପୁରୁଷ ଯେ ଛାଗ । କଲାଛାଗୀଙ୍କି ଅନୁରାଗ ।।୨୧
ହୋଇଣ କାମ-ଗ୍ରହ-ଗ୍ରସ୍ତ । ଛାଗୀଙ୍କ ସଙ୍ଗେ ହେଲା ମତ୍ତ ।।୨୨
ଯେ ଛାଗୀ କୂପେ ପଡ଼ିଥିଲା । ଦେଖି ନିଜର ଅବହେଳା ।।୨୩
କାମୀଛାଗକୁ କଲା ତ୍ୟାଗ । ତା' ପ୍ରତି ହୋଇଣ ବିରାଗ ।।୨୪
ସତ୍ୱରେ ଛାଗୀ କଲା ଚଳି । ଛାଗ ଯେ ପକାଇ ବୋବାଳି ।।୨୫
ତାହାର ପଛେ ଗୋଡ଼ାଇଲା । ପଥେ ଛାଗୀକୁ ନ ଭେଟିଲା ।।୨୬
ଛାଗର ଅଧିସ୍ୱାମୀ ଘରେ । ସେ ଦୁହେଁ ମିଳିଲେ ସତ୍ୱରେ ।।୨୭
ଛାଗର ଲମ୍ବିତ ବୃଷଣ । ବ୍ରାହ୍ମଣେ କଲେକ ଛେଦନ ।।୨୮
ସେ କଥା ତତ୍ତ୍ୱଜ୍ଞାନୀ ଜନେ । କାମର ଭୋଗ ସ୍ମରି ମନେ ।।୨୯
ତାହାର ବୃଷଣକୁ ନେଲେ । ପୁଣି ତା' ଦେହେ ଲଗାଇଲେ ।।୩୦
ସେ କଥା କହୁଁ ତୋ'ର ଆଗେ । ଯେବା ବିଷୟେ ଅନୁରାଗେ ।।୩୧
ସେ ଛାଗୀ ଛାଗର ସହିତେ । ବିଷୟଭୋଗେ ଦିନା କେତେ ।।୩୨
କାଟିଲା ଆପଣା ଇଚ୍ଛାରେ । ତେବେ ସନ୍ତୋଷ ନୁହେଁ ଥରେ ।।୩୩
ସେ ଛାଗ ପ୍ରାୟେ ତୋ'ର ସଙ୍ଗେ । ମୁହିଁ ବୁଡ଼ିଲି ପ୍ରେମ ରଙ୍ଗେ ।।୩୪
ତୋହର ମାୟାରେ ମୋହିତ । ହୋଇ ନ ଜାଣେ ମୋର ହିତ ।।୩୫
ସପତ ଦ୍ୱୀପେ ରାଜା ହୋଇ । ଅଜ୍ଞାନେ ବଞ୍ଚାଇଲି ଦେହୀ ।।୩୬
ଭୂମିରେ ଯେତେ ଶସ୍ୟ ଥା'ନ୍ତି । ସୁବର୍ଣ୍ଣେ ସ୍ତିରୀ ପଶୁଜାତି ।।୩୭
ଯେ ପ୍ରାଣୀ କାମବଶ ହୋଇ । ଏ ସବୁ ତା'କୁ ନ ଅଣ୍ଟଇ ।।୩୮
କାମୀ ପୁରୁଷଙ୍କର ମନ । କେବେହେଁ ନୋହେ ସଞ୍ଜମନ ।।୩୯
ନିତ୍ୟେ ରମନ୍ତି କାମଭୋଗେ । ଅଗ୍ନି ଯେସନେ ଘୃତ ଯୋଗେ ।।୪୦
ସକଳଭୂତ ସଙ୍ଗ ଛାଡ଼ି । ଯେ ଆତ୍ମାଭାବେ ସୁଖେ ବୁଡ଼ି ।।୪୧



ଆତ୍ମାକୁ ଦେଖେ ସର୍ବଦେହେ । ତା' ସର୍ବଦିଗ ସୁଖମୟେ ।।୪୨
ଦୁର୍ଜନଜନଙ୍କର ମତି । ତୃଷ୍ଣାକୁ ଛାଡ଼ି ନ ପାରନ୍ତି ।।୪୩
ଯେ କରିପାରେ ସର୍ବଭକ୍ଷ । ତୃଷ୍ଣା ମାରଣେ ନୋହେ ଦକ୍ଷ ।।୪୪
ମାତା ଭଗିନୀ କନ୍ୟା ମେଳେ । କେବେହେଁ ନ ଥିବ ନିରୋଳେ ।।୪୫
ମନ ଯେ ଇନ୍ଦ୍ରିୟଙ୍କ ଗ୍ରାମ । ବଳେ ତାହାକୁ ନାହିଁ ସମ ।।୪୬
ପଣ୍ଡିତଜନ ମନ ହରେ । ଏଣୁ କେ ନାରୀ ସଙ୍ଗୁ ତରେ ।।୪୭
ଦେଖ ମୁଁ ସହସ୍ର ବରଷେ । ନିତ୍ୟେ ରମିଲି କାମବଶେ ।।୪୮
ନିରତେ ବିଷୟ ବ୍ୟସନେ । ମନ ରହିଲା ରାତ୍ରଦିନେ ।।୪୯
ମୁଁ ଏବେ ତୃଷ୍ଣା ଦୂର କରି । କୃଷ୍ଣ ଚରଣେ ମନ ଧରି ।।୫୦
ନିର୍ମୋହ ହୋଇ ବନସ୍ଥଳେ । ରହିବି ପଶୁଗଣ ମେଳେ ।।୫୧
ଦୃଷ୍ଟ ଶ୍ରୁତକୁ ମିଥ୍ୟା କରି । ଧ୍ୟାନେ ସମ୍ଭାଷି ନରହରି ।।୫୨
ଯେ ନୋହେ ଆତ୍ମାର ବିନାଶୀ । ତାହାକୁ କହି ଆତ୍ମଦର୍ଶୀ ।।୫୩
ଏମନ୍ତ ପ୍ରିୟା ଆଗେ କହି । ପୁରୁକୁ ସମୀପେ ବସାଇ ।।୫୪
ତା'ର ବୟସ ତା'କୁ ଦେଲା । ବୃଦ୍ଧ ଶରୀର ଆବୋରିଲା ।।୫୫
ପୁରୁକୁ ରାଜ୍ୟେ କଲା ରାଜା । ଭଲେ ପାଳିବ ଜନପ୍ରଜା ।।୫୬
ଦ୍ରୁହ୍ୟୁକୁ ପୂର୍ବଦିଗ ଦେଲା । ଅନୁକୁ ଉତ୍ତରେ ସ୍ଥାପିଲା ।।୫୭
ଯଦୁକୁ ଦକ୍ଷିଣେ ବସାଇ । ପଶ୍ଚିମ ତୁର୍ବସୁକୁ ଦେଇ ।।୫୮
ଏମନ୍ତେ ରାଜ୍ୟ ବାଣ୍ଟିଦେଇ । ପୁତ୍ରଙ୍କୁ ପ୍ରିୟବାକ୍ୟ କହି ।।୫୯
ଆନନ୍ଦ ଦେଇ ସର୍ବମନେ । ତକ୍ଷଣେ ପଶିଲା ଅରଣ୍ୟେ ।।୬୦
ଆତ୍ମାରେ ଆତ୍ମା ଧ୍ୟାନ କରି । ଯୋଗ ଅଭ୍ୟାସେ ମନ ଧରି ।।୬୧
ପରମବ୍ରହ୍ମେ ସେ ପଶିଲା । ଶୁଣ ହେ ଅଭିମନ୍ୟୁବଳା ।।୬୨
ସେ କଥା ଦେବଯାନୀ ଶୁଣି । ସ୍ୱାମୀର ପଥ ମନେ ଗୁଣି ।।୬୩
ସଂସାର ସ୍ୱପ୍ନ ପ୍ରାୟ ମଣି । ଏମନ୍ତ ଭାଳି ସେ ତରୁଣୀ ।।୬୪
କୃଷ୍ଣଚରଣେ ମନ ଦେଲା । ବିଷ୍ଣୁମାୟାରୁ ତରିଗଲା ।।୬୫
ନବମସ୍କନ୍ଧେ ଭାଗବତ । ଯେ ଧର୍ମ ବଂଶାନୁଚରିତ ।।୬୬
ଭାଷା ପ୍ରବନ୍ଧେ ହରିକଥା । ଶୁଣନ୍ତେ ତୁଟେ ଭବବ୍ୟଥା ।।୬୭
ବ୍ରାହ୍ମଣ ଜଗନ୍ନାଥ କହେ । ସୁଜନେ ଏଣେ କର ଲୟେ ।।୬୮

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଏକୋନବିଂଶୋଽଧ୍ୟାୟଃ ।।

## ବିଂଶ ଅଧ୍ୟାୟ

### ଶୁକ ଉବାଚ

ଶୁଣ ପରୀକ୍ଷ ନୃପମଣି । ଯେ ପୁରୁବଂଶର କାହାଣୀ ।।୧
ଯେବା ଯେମନ୍ତ କଲେ କର୍ମ । ଯେ ବଂଶମଧ୍ୟେ ତୋ'ର ଜନ୍ମ ।।୨
ସେ ବଂଶେ ରାଜଋଷି ଯେତେ । ସଂକ୍ଷେପେ କହିବି ମୁଁ ତୋତେ ।।୩
ଯେ ପୁତ୍ର ଜନ୍ମେଜୟ ନାମ । ସେ ପୁରୁବଂଶ ଗୁଣଧାମ ।।୪
ତାହାର ହୋଇଲା ନନ୍ଦନ । ନାମ ତାହାର ପ୍ରଚିନ୍ୱାନ ।।୫
ପ୍ରବୀର ତାହାର କୁମର । ମନସ୍ୟୁ ତା'ର ବଂଶଧର ।।୬
ତା'ର ତନୟ ଚାରୁପଦ । ସୁଦ୍ୟୁ ଯେ ତାହାର ଦାୟାଦ ।।୭
ତା'ର କୁମର ବହୁଗବ । ସଂଯାତି ତାହାର ସମ୍ଭବ ।।୮
ଅହଂଜାତି ତା'ର ତନୟେ । ରୌଦ୍ରାଶ୍ୱ ତା'ର ପୁତ୍ର ହୋଏ ।।୯
ଘୃତାଚୀ ଅପସରା ଗର୍ଭେ । ରୌଦ୍ରାଶ୍ୱ ପୁତ୍ରେ ବହୁଭାବେ ।।୧୦
ଏକୁ ଆରେକ ଅନୁପମ । ଶୁଣ ହୋ ତାହାଙ୍କର ନାମ ।।୧୧
ଋତେୟୁ କୁକ୍ଷେୟୁ ଏ ବେନି । ସ୍ଥଣ୍ଡିଳେୟୁ କୃତେୟୁ ଘେନି ।।୧୨
ଜଳେୟୁ ସନ୍ତତେୟୁ ଦୁଇ । ଧର୍ମେୟୁ ସତ୍ୟେୟୁ ବୋଲାଇ ।।୧୩
ବ୍ରତେୟୁ ବନେୟୁ ଏ ଦଶ । ଅପ୍‌ସରା ଗର୍ଭେ ପୁରୁବଂଶ ।।୧୪
ବିଷ୍ଣୁର ଅଂଶେ ଜାତ ହୋଇ । ସ୍ୱଧର୍ମେ ପାଳିଲେ ଏ ମହୀ ।।୧୫
ଋତେୟୁ ସୁତ ରନ୍ତିନାବ । ତହୁଁ ସୁମତି ଆର ଧ୍ରୁବ ।।୧୬
ଅପ୍ରତିରଥ ତିନି ଜାଣ । ଅପ୍ରତିରଥ ସୁତ କଣ୍ୱ ।।୧୭
ତା'ର ତନୟ ମେଧାତିଥି । ପ୍ରସ୍କଣ୍ୱ ତାହାର ସନ୍ତତି ।।୧୮
କଣ୍ୱର ବଂଶେ ଜାତ ହୋଇ । ସଂସାରେ ବ୍ରାହ୍ମଣ ବୋଲାଇ ।।୧୯
ରେଭି ଯେ ସୁମତିର ପୁତ୍ର । ଦୁଷ୍ମନ୍ତ ତା'ର ବୀର୍ଯ୍ୟେ ଜାତ ।।୨୦
ସୁନ୍ଦରେ ନାହିଁ ରୂପ ସୀମା । ଶୁଣ ହୋ ତାହାର ମହିମା ।।୨୧
ଦୁଷ୍ମନ୍ତ ରାଜା ଏକଦିନେ । ମୃଗୟା ଅର୍ଥେ ଗଲା ବନେ ।।୨୨
କଣ୍ୱଙ୍କ ଆଶ୍ରମେ ମିଳିଲା । ଅଦ୍ଭୁତ କନ୍ୟାଏ ଦେଖିଲା ।।୨୩
ଅଙ୍ଗ ଭୂଷଣ ଝଟକନ୍ତି । ଲକ୍ଷ୍ମୀଙ୍କ ପ୍ରାୟେ ଦିଶେ କାନ୍ତି ।।୨୪
ତାହାକୁ ଦେଖି କାମବଶେ । ସମ୍ଭୋଗ କରିବାର ଆଶେ ।।୨୫
ତା' ରୂପ ଦେବ-ମାୟାମୟୀ । ଦେଖିଣ ମନ ନରହଇ ।।୨୬



ଅଳପ ବଳ ଘେନି ସଙ୍ଗେ । ଦୁଷ୍ମନ୍ତ ମିଳେ ତା'ର ଆଗେ ।।୨୭
ଆନନ୍ଦେ ତା'ର ଦରଶନେ । ବୋଲଇ ପରିଗ୍ରହ ମନେ ।।୨୮
ହାସ୍ୟବଦନେ ତା'ର ପାଶେ । ମଧୁର ବାକ୍ୟେ ମନତୋଷେ ।।୨୯
ହେ ଶୁଭେ କମଳ ନୟନି । କହ ତୁ କାହାର ନନ୍ଦିନୀ ।।୩୦
ନିର୍ଜନବନେ କିପାଁ ଅଛୁ । କହ କାହାକୁ ବର ଇଚ୍ଛୁ ।।୩୧
ତୋ' ରୂପେ ଅଛି କେବା ସମ । କହ ତୋହାର କିସ ନାମ ।।୩୨
ନିଶ୍ଚେ ତୁ ରାଜାର ନନ୍ଦିନୀ । ଜାଣିଲି ତୋ'ର ରୂପ ଚିହ୍ନି ।।୩୩
ମୁଁ ଯେ ପୁରୁର ବଂଶେ ଜାତ । ଅଧର୍ମେ ନବଳେ ମୋ' ଚିତ୍ତ ।।୩୪
ଏମନ୍ତ ରାଜାମୁଖୁଁ ଶୁଣି । ସେ କନ୍ୟା କହେ ପରିମାଣି ।।୩୫

### ଶକୁନ୍ତଳା ଉବାଚ

ଶୁଣ ରାଜନ ଚୂଡ଼ାମଣି । ମୁଁ ବିଶ୍ୱାମିତ୍ରଙ୍କ ନନ୍ଦିନୀ ।।୩୬
ମେନକା ନାମେ ମୋ' ଜନନୀ । ଦଇବେ ମୋର କର୍ମ ଘେନି ।।୩୭
ମୋତେ ପକାଇଗଲା ବନ । ପକ୍ଷୀଏ ମୋହର ଜୀବନ ।।୩୮
ପାଳିଲ ମୋତେ ସ୍ନେହ ବହି । ଏ ବନେ ଭକ୍ଷ୍ୟ ଭୋଜ୍ୟ ଦେଇ ।।୩୯
ମୁହିଁ ଯେ ଶକୁନ୍ତର ବାଳା । ତେଣୁ ମୋ' ନାମ ଶକୁନ୍ତଳା ।।୪୦
ମୋହର ଜନ୍ମ କର୍ମମାନ । ସବୁ ଜାଣନ୍ତି ମୁନି କଣ୍ୱ ।।୪୧
ଜନ୍ମ ମୋ' କଉଶିକ କୁଳେ । ମୁଁ ଏହା ଜାଣେ ଯୋଗବଳେ ।।୪୨
ତୁ ଯେବେ ମୋହର ବିଶ୍ୱାସ । ଆସ ମୋହର ପାଶେ ବସ ।।୪୩
ମୋହର ପୂଜା ଘେନ ତୁହି । ନୀବାର ଭୁଞ୍ଜି ଏଥେ ରହି ।।୪୪
ଏମେନ୍ତେ ତା'ର ମଞ୍ଜୁବାଣୀ । ଆନନ୍ଦମନେ ରାଜା ଶୁଣି ।।୪୫

### ଦୁଷ୍ମନ୍ତ ଉବାଚ

ବୋଲଇ କନ୍ୟାମୁଖ ଚାହିଁ । ଭୋ ଶଶୀମୁଖି ଶୁଣ ତୁହି ।।୪୬
ତୁ ଜାତ କୌଶିକର ବଂଶେ । ତୋହର ଇଚ୍ଛା ମନତୋଷେ ।।୪୭
ଯେବେ ବରିବୁ ତୁହି ମୋତେ । ଏ ମୋର ସତ୍ୟ ବେଦମତେ ।।୪୮
ଏସନ ସତ୍ୟ ତା'କୁ କରି । ଗନ୍ଧର୍ବମତେ କନ୍ୟା ବରି ।।୪୯
ସ୍ୱଭାବେ ପଣ୍ଡିତ ରାଜନ । ଜାଣଇ ସକଳ ବିଧାନ ।।୫୦
ବିବାହ କରି ତା'ର ସଙ୍ଗେ । ରାତ୍ରେ ବଞ୍ଚିଲା ରତିରଙ୍ଗେ ।।୫୧
ଆମୋଘବୀର୍ଯ୍ୟ ତା' ସ୍ୱଭାବେ । ରହିଲା ଶକୁନ୍ତଳା ଗର୍ଭେ ।।୫୨
ପ୍ରଭାତେ ରାଜା ଗଲା ପୁର । କାଳେ ତା ଜନ୍ମିଲା କୁମର ।।୫୩

ସେ ବନେ କଣ୍ୱଋଷି ଥିଲେ । ବିଧାନେ ଜାତକର୍ମ କଲେ ।।୫୪
ତକ୍ଷଣେ ଉଠି ରାଜବଳା । ସ୍ୱଭାବେ ତେଜ ଅନର୍ଗଳା ।।୫୫
ସିଂହକୁ ବାମଭୁଜେ ଧରି । କ୍ରୀଡ଼ାକନ୍ଦୁକ ପ୍ରାୟେ କରି ।।୫୬
ରଜ୍ଜୁ ନିବେଶି ତା'ର ଗଳେ । କ୍ରୀଡ଼ାକନ୍ଦୁକ ପ୍ରାୟେ ଖେଳେ ।।୫୭
ପୁତ୍ରର ଦେଖି ବାଳଲୀଳା । ଅତ୍ୟନ୍ତ ତେଜ ଅନର୍ଗଳା ।।୫୮
ବିଷ୍ଣୁର ଅଂଶ ପ୍ରାୟେ ମଣି । ତକ୍ଷଣେ ଋଷିଙ୍କ ଦୁଲଣୀ ।।୫୯
ପୁତ୍ରର ହସ୍ତ ଧରି ବେଗେ । ମିଳିଲା ନିଜ ସ୍ୱାମୀ ଆଗେ ।।୬୦
ରାଜା ସେ ମାତାପୁତ୍ର ଦେଖି । ତକ୍ଷଣେ ବୁଜି ବେନିଆଖି ।।୬୧
ପତ୍ନୀ ପୁତ୍ରଙ୍କୁ ନ ଚିହ୍ନିଲା । ଭାବ ନ ଜାଣି ଉପେକ୍ଷିଲା ।।୬୨
ତକ୍ଷଣେ ଆକାଶର ବାଣୀ । ସେଠାରେ ସର୍ବଲୋକେ ଶୁଣି ।।୬୩
ଆତ୍ମାର ରୂପେ ପୁତ୍ରଜାତ । ଏ ନିଷ୍ଟେ ତୋ'ର ଦାରା ସୁତ ।।୬୪
ଯେ ପୁତ୍ର ଜାତ ନିଜଠାରୁ । ଉଦ୍ଧାର କରେ ସେ ନର୍କରୁ ।।୬୫
ତୁମ୍ଭେ କରିଛ ଗର୍ଭାଧାନ । ଏ କଥା ନୁହଁଇ ଯେ ଆନ ।।୬୬
ଆକାଶବାଣୀ ଶୁଣି କର୍ଣ୍ଣେ । ତକ୍ଷଣେ ରାଜା ତୋଷମନେ ।।୬୭
ଆଶ୍ୱାସ କରି ପୁତ୍ର ନାରୀ । ଗୃହେ ସ୍ଥାପିଲା ଦଣ୍ଡଧାରୀ ।।୬୮
ଏମନ୍ତେ ଦୁଷ୍ମନ୍ତର ଅନ୍ତେ । ସେ ରାଜା ହୋଇଲା ଜଗତେ ।।୬୯
ନାମ ଭରତ ନୃପବର । ପ୍ରକାଶେ ଯେହ୍ନେ ଦିବାକର ।।୭୦
ବିଷ୍ଣୁର ଅଂଶ ଯେ ରାଜନ । ଶରୀରେ ଦିଶେ ବିଷ୍ଣୁଚିହ୍ନ ।।୭୧
ଚକ୍ର ଦକ୍ଷିଣକରେ ଦିଶେ । ଚରଣେ କମଳ ପ୍ରକାଶେ ।।୭୨
ତାହାଙ୍କୁ ମିଳି ଋଷିଯୂଥେ । ସ୍ଥାପିଲେ ଅଭିଷେକ ମତେ ।।୭୩
ସେ ରାଜା ଅଭିଷିକ୍ତ ହୋଇ । ଧର୍ମେ ସେ ପୃଥିବୀ ପାଳଇ ।।୭୪
ଭରଦ୍ୱାଜଙ୍କ ଆଦେଶରେ । ସେ ରାଜା ଅଶ୍ୱମେଧ କରେ ।।୭୫
ପଞ୍ଚପଞ୍ଚାଶ ଅଶ୍ୱମେଧେ । କ୍ରମେ ସେ ଗଙ୍ଗାତଟେ ସାଧେ ।।୭୬
ଯଜ୍ଞରେ ବରି ଦ୍ୱିଜଗଣ । ଅନେକ ଦେଲା ଧନ ଦାନ ।।୭୭
ସେ ପୁଣି ଯମୁନାର ତୀରେ । ଅଷ୍ଟସପ୍ତତି ଯଜ୍ଞ କରେ ।।୭୮
ଅଗ୍ନିକୁ ବିଧିରେ ତୋଷିଲା । ବ୍ରାହ୍ମଣେ ଧେନୁଦାନ ଦେଲା ।।୭୯
ଏମନ୍ତ ନୃପ ଏକାବେଳେ । ଶତେ ତେତିଶ ଯଜ୍ଞ କଲେ ।।୮୦
ତେର ସହସ୍ର ଚଉରାଶୀ । ଧେନୁ ଉତ୍ସର୍ଗି ବିପ୍ରେ ତୋଷି ।।୮୧
ସହସ୍ର ସହସ୍ର ବ୍ରାହ୍ମଣ । ଯଜ୍ଞେ ପାଇଲେ ଗୋରୁଦାନ ।।୮୨



ଚଉଦ ନିୟୁତ ଯେ ହସ୍ତୀ । ସେ ଯଜ୍ଞେ ଦେଲାକ ନୃପତି ।।୮୩
ତେତିଶ ଶତ ଅଶ୍ୱ ଦେଲା । ସେ ପୁଣି ଦୁଷ୍ମନ୍ତର ବଳା ।।୮୪
ଅନେକ ଦାନ ଯଜ୍ଞମତେ । ଧେନୁ କାଞ୍ଚନ ବସ୍ତ୍ର ଯୁକ୍ତେ ।।୮୫
ଭରତ କର୍ମକଲା ଯେତେ । ନୋହିବ ଭୂତ-ଭବିଷ୍ୟତେ ।।୮୬
କିରାତ ହୂଣ ଯେ ଯବନ । ପୌଣ୍ଡ୍ରକ କଙ୍କ ରାଜାଗଣ ।।୮୭
ଶକ ଖଗାଦି ମ୍ଲେଚ୍ଛ ଯେତେ । ସବୁ ଛେଦିଲା ଏ ଜଗତେ ।।୮୮
ପୂର୍ବେ ଯେ ଦାନବ ସକଳେ । ଦେବଗଣଙ୍କୁ ଜିଣି ବଳେ ।।୮୯
ଦେବାଙ୍ଗନାଙ୍କୁ ହରି ନେଇ । ପାତାଳେ ଲୁଚିଥିଲେ ଯାଇ ।।୯୦
ଭରତ ସେମାନଙ୍କୁ ମାରି । ପାତାଳୁ ଆଣିଲା ଉଦ୍ଧରି ।।୯୧
ଭରତରାଜା ରାଜ୍ୟକାଳେ । ପୃଥିବୀ ସ୍ୱର୍ଗ ଏକତୁଲେ ।।୯୨
ପୃଥିବୀ ସର୍ବଶସ୍ୟ ଦେଲା । ଯେଣୁ ଅନେକ ଯଜ୍ଞ କଲା ।।୯୩
ପ୍ରଜାଙ୍କ ଅଭିଳାଷମାନ । ସମସ୍ତ କଲା ସମ୍ପାଦନ ।।୯୪
ସପ୍ତବିଂଶତି ଯେ ସହସ୍ର । ବତ୍ସର ପାଳିଲାକ ଦେଶ ।।୯୫
ସୈନ୍ୟ ସମ୍ପତ୍ତି ନିଜ ପ୍ରାଣ । ସମସ୍ତ କଲା ମିଥ୍ୟାଜ୍ଞାନ ।।୯୬
ଏବେ ହୋ ଶୁଣ ନରନାଥ । ଭରତ ରାଜାର ଚରିତ ।।୯୭
ସେହି ରାଜାର ତିନି ନାରୀ । ପୁତ୍ରମାନଙ୍କୁ ଜାତ କରି ।।୯୮
ରାଜା ବୋଲଇ ପୁତ୍ରେ ଚାହିଁ । ମୋ' ପୁତ୍ର ପରି ନ ଦିଶଇ ।।୯୯
ବ୍ୟଭିଚାରିଣୀ ଭୟେ ନାରୀ । ବାଳ-ପୁତ୍ରଙ୍କୁ ବଧ କରି ।।୧୦୦
ଦେଖି ସେ ରାଜବଂଶ ହତ । ଅତ୍ୟନ୍ତ ହୋଇଲା ଦୁଃଖିତ ।।୧୦୧
ମୋହର ଅନୁରୂପ ପୁତ୍ର । କେଉଁ ଉପାୟେ ହେବ ଜାତ ।।୧୦୨
ଏମନ୍ତ ମନେ ବିଚାରିଲା । ମରୁତ ସୋମଯାଗ କଲା ।।୧୦୩
ମରୁତଗଣ ତୁଷ୍ଟ ହେଲେ । ରାଜାଙ୍କୁ ପୁତ୍ରଦାନ ଦେଲେ ।।୧୦୪
ସେ ପୁତ୍ର ନାମ ଭରଦ୍ୱାଜ । ପୂର୍ବେ ସେ ଉତଥ୍ୟକ୍ଷେତ୍ରଜ ।।୧୦୫
ଏବେ ହୋ ଶୁଣ ନରନାଥ । ସେ ଭରଦ୍ୱାଜଙ୍କ ଚରିତ ।।୧୦୬
ଭ୍ରାତୃବଧୂ ଯେ ଗର୍ଭବତୀ । ପୂର୍ବେ ରମିଲେ ବୃହସ୍ପତି ।।୧୦୭
ମୈଥୁନେ ହୁଅନ୍ତେ ପ୍ରବୃତ୍ତ । ଅଜ୍ଞାନ କାମେ ହୋଇ ମତ୍ତ ।।୧୦୮
ଗର୍ଭେ ଯେ ଶିଶୁ ତା'ର ଥିଲା । ବୃହସ୍ପତିଙ୍କି ନିଷେଧିଲା ।।୧୦୯
ବଳାତ୍କାରେଣ ବୃହସ୍ପତି । ବୀର୍ଯ୍ୟଆଧାନ କଲେ ତଥି ।।୧୧୦
ଗର୍ଭ-ବାଳକ ପଦାଘାତେ । ବୀର୍ଯ୍ୟ ପଡ଼ିଲା ଭୂମିଗତେ ।।୧୧୧

ତେଣୁ ସେ ଲଜ୍ଜିତ ହୋଇଲେ । ଗର୍ଭ-ଶିଶୁକୁ ଶାପ ଦେଲେ ।।୧୧୨
ମୋ’ ବୀର୍ଯ୍ୟ ଯେଣୁ କଲୁ ରୋଧ । ତେଣୁ ତୁ ହୁଅ ଜନ୍ମ ଅନ୍ଧ ।।୧୧୩
ତକ୍ଷଣେ ପୁତ୍ର ହେଲା ଜାତ । ତା’ ଦେଖି ତା’ ମାତା ଚକିତ ।।୧୧୪
ତହୁଁ ଯେ ଭରଦ୍ୱାଜ ଜାତ । ତାହାଙ୍କୁ ପାଳିଲେ ମରୁତ ।।୧୧୫
ଭରତ-ଯଜ୍ଞେ ତୋଷ ହେଲେ । ସେ ପୁତ୍ର ଏବେ ତା’କୁ ଦେଲେ ।।୧୧୬
ଭରତ କର୍ମ ଶୁଣି ପ୍ରାଣୀ । ତରିବେ ଭବ-ତରଙ୍ଗିଣୀ ।।୧୧୭
କହିଲା ବିପ୍ର ଜଗନ୍ନାଥ । ନବମେ ବଂଶାନୁଚରିତ ।।୧୧୮

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ବିଂଶୋଽଧ୍ୟାୟଃ ।।

## ଏକବିଂଶ ଅଧ୍ୟାୟ

### ଶୁକ ଉବାଚ

ଶୁକ କହନ୍ତି ଜ୍ଞାନଭାବେ । ଭରତବଂଶ ଶୁଣ ଏବେ ।।୧
ଭରଦ୍ୱାଜ ତା’ ଦତ୍ତପୁତ୍ର । ଏଣୁ ବିତଥ ନାମେ ଖ୍ୟାତ ।।୨
ବିତଥ ପୁତ୍ର ମନ୍ୟୁଜାତ । ତା’ ସୁତ ଜୟ ବୃହତ୍ କ୍ଷତ୍ର ।।୩
ତୃତୀୟେ ମହାବୀର୍ଯ୍ୟେ ନାମ । ଚତୁର୍ଥେ ନର ହେଲା ଜନ୍ମ ।।୪
ପଞ୍ଚମ ଗର୍ଗ ନାମେ ଖ୍ୟାତ । ଏମନ୍ତେ ହେଲେ ପଞ୍ଚସୁତ ।।୫
ନରର ତନୟ ସଂସ୍କୃତି । ତାହାର ଦୁଇଟି ସନ୍ତତି ।।୬
ପ୍ରଥମ ଗୁରୁ ନାମେ ଖ୍ୟାତ । ରନ୍ତିଦେବ ଦ୍ୱିତୀୟ ସୁତ ।।୭
ଯା’ ଯଶ ଇହ-ପରଲୋକେ । ବିପ୍ରେ କହନ୍ତି ଏକେ ଏକେ ।।୮
ସ୍ୱଧର୍ମେ ଧନ ଲଭେ ଯେତେ । ନିତ୍ୟେ ଭୁଞ୍ଜାଏ ବୁଭୁକ୍ଷିତେ ।।୯
ନିରତେ ଅକିଞ୍ଚନ ପ୍ରିୟ । କୁଟୁମ୍ବେ ନ କରଇ ସ୍ନେହ ।।୧୦
କୁଟୁମ୍ବ କ୍ଲେଶେ ଦିନ ବଞ୍ଚେ । ଅତିଥି ଅର୍ଥେ ଧନ ସଞ୍ଚେ ।।୧୧
ଘୃତ ପାୟସ ରସ ପାଣି । ନିତ୍ୟେ ପ୍ରୀତିରେ ସଞ୍ଚେ ଆଣି ।।୧୨
ଅତିଥି ଅର୍ଥେ ଧନ ସଞ୍ଚେ । କ୍ଷୁଧାର୍ତ୍ତ ଦେହେ ଗୃହେ ବଞ୍ଚେ ।।୧୩
ନିତ୍ୟେ ସଞ୍ଚଇ ପ୍ରାତଃକାଳେ । ଯେବା ମିଳଇ ଯେତେବେଳେ ।।୧୪
ତେଣୁ ସେ ହୋଇ ଧନହୀନ । କଷ୍ଟରେ ବଞ୍ଚୁଥାଇ ଦିନ ।।୧୫
କ୍ଷୁଧାର୍ତ୍ତ ହୋଇ ବଞ୍ଚେ ନିତ୍ୟେ । କୁଟୁମ୍ବଗଣଙ୍କ ସହିତେ ।।୧୬



ଅନ୍ନ ଅଭାବେ ତନୁ କ୍ଷୀଣ । ହେଲେ କୁଟୁମ୍ବେ ଅବସନ୍ନ ।।୧୭
ଅଠଚାଳିଶ ଦିନ ଗଲା । ଜଳମାତ୍ର ସେ ନ ପାଇଲା ।।୧୮
କ୍ଷୁଧାରେ କମ୍ପେ କଳେବର । ଜୀର୍ଣ୍ଣ ହୋଇଲା ତା’ ଶରୀର ।।୧୯
ଶୁଣ ରାଜନ ଶୁଦ୍ଧମନେ । ତା’ର ମନ୍ଦିରେ ଏକଦିନେ ।।୨୦
ବିପ୍ର ମିଳିଲା ସନ୍ଧ୍ୟାକାଳେ । ତା’ର ଅତିଥି ପୂଜାବେଳେ ।।୨୧
ଆନନ୍ଦେ ଭିକ୍ଷା ତା’କୁ ଦେଲା । ତା’ ଅନ୍ତେ ଶୂଦ୍ରେକ ମିଳିଲା ।।୨୨
ଯେ ଅବା ଅବଶେଷ ଅନ୍ନ । କୁଟୁମ୍ବ କରନ୍ତେ ଭୋଜନ ।।୨୩
ତାହାକୁ ବିଷ୍ଣୁପ୍ରାୟେ ମଣି । ବେଗେ ସେ ଭିକ୍ଷାଦେଲା ଆଣି ।।୨୪
ସେ ପୁଣି ଗୃହେ ଭୁଞ୍ଜି ଯା’ନ୍ତେ । ଶବର ଶ୍ୱାନର ସଙ୍ଗତେ ।।୨୫
ଦ୍ୱାରେ ମିଳିଲା ରାତ୍ରେ ଆସି । ବୋଲଇ ତା’ର ଦ୍ୱାରେ ବସି ।।୨୬
ଭୋ ରାଜା ଭିକ୍ଷା ଦିଅ ମୋତେ । ଭୁଞ୍ଜିବି ଶ୍ୱାନର ସଙ୍ଗତେ ।।୨୭
ଯେବା କୁଟୁମ୍ବ ଅର୍ଥେ ଥିଲା । ତକ୍ଷଣେ ତା’ର ହସ୍ତେ ଦେଲା ।।୨୮
ଶ୍ୱାନ ସମେତ ଅନ୍ନ ଖାଇ । ସେ ପୁଣି ଯା’ନ୍ତେ ତୋଷ ହୋଇ ।।୨୯
ଥିଲାକ ଜଳ ମାତ୍ର ଶେଷ । ଜଳେ ହୋଇବ ଜଣେ ତୋଷ ।।୩୦
ତାହାକୁ ଛଳିବା ନିମନ୍ତେ । ବିଷ୍ଣୁ ମିଳିଲେ ଜଳ ଅର୍ଥେ ।।୩୧
ବୋଇଲେ ଜାତି ମୋ’ ଚଣ୍ଡାଳ । କର ପ୍ରଦାନ ମୋତେ ଜଳ ।।୩୨
କ୍ଷୁଧାରେ ଅତିଥି କାତର । କମ୍ପଇ ତା’ର କଳେବର ।।୩୩
ତା’ଠାରେ ଅତି ଦୟାବହି । ଅମୃତମୟ ବାକ୍ୟ କହି ।।୩୪
ଜଗଦୀଶ୍ୱରଠାରେ ମୁହିଁ । ଏମନ୍ତ ପ୍ରାର୍ଥନା କରଇ ।।୩୫
ଅଣିମା ଆଦି ନିଧି ଯେତେ । ମୁକ୍ତି ମୁଁ ନ ଇଚ୍ଛଇ ଚିତ୍ତେ ।।୩୬
ପ୍ରାଣୀର ଦୁଃଖରେ ଦୁଃଖିତ । ସର୍ବଦା ହେଉ ମୋ’ର ଚିତ୍ତ ।।୩୭
ହେ ପ୍ରଭୁ ମୋତେ ଦୟାକର । ମୁଁ କରେ ଲୋକ ଉପକାର ।।୩୮
ଏମନ୍ତେ ସ୍ତୁତିବାକ୍ୟ କହି । ସେ ରନ୍ତିଦେବ ନରସାଇଁ ।।୩୯
କ୍ଷୁଧା ତୃଷ୍ଣାରେ ହୋଇ ଶ୍ରାନ୍ତ । ଦେହ ଘୂର୍ଣ୍ଣନେ ଅତିକ୍ଳାନ୍ତ ।।୪୦
ତଥାପି ଦୁଃଖ ନ ବିଚାରି । ଶୋକ ବିଷାଦ ପରିହରି ।।୪୧
ପୁଲ୍କଶ ଜୀବନ ଧାରଣେ । ଉପାୟ ଚିନ୍ତିଲାକ ମନେ ।।୪୨
ଯେ ଥିଲା ତା’ର ଜଳଅନ୍ନ । ପୁଲ୍କଶେ କଲା ସମର୍ପଣ ।।୪୩
ନିଜେ ସେ ମୃତ ପ୍ରାୟେ ହେଲା । ତଥାପି ଅତିଥି ପୂଜିଲା ।।୪୪

ଏମନ୍ତେ ତା'ର ଭାବ ଚାହିଁ । ସନ୍ତୋଷ ଚିତ୍ତେ ଭାବଗ୍ରାହୀ ।।୪୫
ବୋଇଲେ ଅତି ଦୟାଚିତ୍ତେ । ତୋ' ଯଶ ରହୁ ଏ ଜଗତେ ।।୪୬
ଅନ୍ତେ ପାଇବୁ ମୋତେ ତୁହି । ଏମନ୍ତେ ବିଷ୍ଣୁ ବର ଦେଇ ।।୪୭
ଶୂନ୍ୟେ ଯେ ଗଲେ ଚକ୍ରଧର । ଏବେ ହୋ ଶୁଣ ନୃପବର ।।୪୮
ଦେଖି ତାହାର ଧୈର୍ଯ୍ୟପଣ । ବାସବ ଆଦି ଦେବଗଣ ।।୪୯
ସମ୍ମୁଖେ ତାହାର ମିଳିଲେ । ଆପଣା ମାୟା ଦୂର କଲେ ।।୫୦
ସନ୍ତୋଷେ ତା'ର ମୁଖ ଚାହିଁ । କହନ୍ତି ଶୁଣ ନରସାଇଁ ।।୫୧
ବ୍ରାହ୍ମଣ ଆଦି ବେଶ ଯେତେ । ମାୟାରେ ଦେଖାଇଲୁ ତୋତେ ।।୫୨
ତୋହର ଧୈର୍ଯ୍ୟପଣ ଦେଖି । ଆମ୍ଭେ ଅତ୍ୟନ୍ତ ହେଲୁ ସୁଖୀ ।।୫୩
ଦେବଙ୍କ ବାକ୍ୟ ଶୁଣି ରାଜା । ପ୍ରଣାମ କରି କଲା ପୂଜା ।।୫୪
କିଛି ହିଁ ତା'ଙ୍କୁ ନମାଗିଲା । ହରିଙ୍କ ପାଦେ ଚିତ୍ତ ଦେଲା ।।୫୫
ଏବେ ହୋ ଶୁଣ ନୃପବର । ସେ ରନ୍ତିଦେବ ନରେଶ୍ୱର ।।୫୬
ସେ ବାସୁଦେବଙ୍କ ଚରଣେ । ଚିତ୍ତ ନିବେଶି ଅନୁକ୍ଷଣେ ।।୫୭
ସର୍ବ ବିଷୟ କଲା ତ୍ୟାଗ । ଚିତ୍ତରେ ଜନ୍ମାଇ ବୈରାଗ୍ୟ ।।୫୮
ମାୟା ତାହାକୁ ନ ଲାଗିଲା । ଯେଣୁ ଈଶ୍ୱରେ ଚିତ୍ତ ଦେଲା ।।୫୯
ତାହାର ନିଜ ଆତ୍ମଜନ । ସକଳେ ବିଷ୍ଣୁପାଦେ ମଗ୍ନ ।।୬୦
ପରମଯୋଗ ସେ ଲଭିଲେ । ପରଂବ୍ରହ୍ମରେ ଲୀନ ହେଲେ ।।୬୧
ଗର୍ଗଙ୍କ ଠାରୁ ଶିନି ଜାତ । ଗାର୍ଗ୍ୟ ତାହାଙ୍କ ହେଲେ ପୁତ୍ର ।।୬୨
କ୍ଷତ୍ରିୟ ହୋଇ ଦ୍ୱିଜ ହେଲେ । ତପସ୍ୟା-ଆରାଧନା ଫଳେ ।।୬୩
ମନ୍ୟୁ-ନୃପର ଆର ପୁତ୍ର । ଯା' ନାମ ମହାବୀର୍ଯ୍ୟ ଖ୍ୟାତ ।।୬୪
ତାହାର ହୋଇଲା କୁମର । ଦୁରିତକ୍ଷୟ ନାମ ତା'ର ।।୬୫
ତା'ଠାରୁ କବି ତ୍ରୟାରୁଣି । ପୁଷ୍କରାରୁଣି ପୁତ୍ର ତିନି ।।୬୬
ସେ ତିନିଜଣ ତପବଳେ । ବ୍ରାହ୍ମଣ ଭାବକୁ ବହିଲେ ।।୬୭
ମନ୍ୟୁର ଯେହୁ ପଞ୍ଚପୁତ୍ର । ଜ୍ୟେଷ୍ଠ ତହିଁରେ ବୃହତ୍କ୍ଷତ୍ର ।।୬୮
ହସ୍ତୀ ଯେ ତାହାର କୁମର । ବସାଇ ହସ୍ତିନା ନଗର ।।୬୯
ହସ୍ତୀର ହେଲେ ତିନିସୁତ । ଦ୍ୱିମୀଢ଼ ଅଜମୀଢ଼ ଖ୍ୟାତ ।।୭୦
ଅପର ପୁରୁମୀଢ଼ ଘେନି । ଏମନ୍ତେ ହେଲେ ପୁତ୍ର ତିନି ।।୭୧
ପ୍ରିୟ ମେଧାଦି ଦ୍ୱିଜଗଣ । ଅଜମୀଢ଼ ବଂଶେ ଉତ୍ପନ୍ନ ।।୭୨



ବୃହଦିଷୁ ଅଜମୀଢ଼ର । ତା' ସୁତ ବୃହଦ୍ଧନୁ ବୀର ।।୭୩
ତା'ର କୁମର ବୃହତ୍କାୟ । ଜୟଦ୍ରଥ ତା'ର ତନୟ ।।୭୪
ବିଶଦ ତା'ର ବୀର୍ଯ୍ୟେ ଜାତ । ତା'ର ତନୟ ସେନଜିତ ।।୭୫
ସେନଜିତରୁ ରୁଚିରାଶ୍ୱ । ବସ୍ତ ଯେ ଦୃଢ଼ହନୁ କାଶ୍ୟ ।।୭୬
ରୁଚିରାଶ୍ୱର ପୁତ୍ର ପାର । ପୃଥୁସେନ ତା'ର କୁମର ।।୭୭
ପାରର ନୀପ ନାମେ ପୁତ୍ର । ତାହାର ହେଲେ ଶତେ ସୁତ ।।୭୮
ଶୁକ କନ୍ୟା କୃତି ଗର୍ଭରେ । ସେ ଏକପୁତ୍ର ଲାଭ କରେ ।।୭୯
ଯାହାର ନାମ ବ୍ରହ୍ମଦତ୍ତ । ଯେ ନିତ୍ୟେ ଯୋଗଜ୍ଞାନେ ରତ ।।୮୦
ତାହାର ପତ୍ନୀ ସରସ୍ୱତୀ । ବିଷ୍ୱକ୍ସେନ୍ ତା'ର ସନ୍ତତି ।।୮୧
ସେ ବିଷ୍ୱକ୍ସେନ୍ ଯୋଗ କଲା । ଜୈଗୀଷବ୍ୟଙ୍କୁ ଆରାଧିଲା ।।୮୨
ଯୋଗଶାସ୍ତ୍ରର ତନ୍ତ୍ରମାନ । ଅନେକ କଲା ପ୍ରଣୟନ ।।୮୩
ତାହାର ସୁତ ଉଦ୍‌କସ୍ୱନ । ଭଲ୍ଲାଟ ତା'ଠାରୁ ଜନମ ।।୮୪
ବୃହଦିଷୁର ବଂଶ ଏତେ । କହିଲୁ ତୋହର ଅଗ୍ରତେ ।।୮୫
ଏବେ ତୁ ଶୁଣ ନରନାଥ । ଦ୍ୱିମୀଢ଼ ବଂଶର ଚରିତ ।।୮୬
ଦ୍ୱିମୀଢ଼ ପୁତ୍ର ଯବୀନର । କୃତିମାନ ତା'ର କୁମର ।।୮୭
ସତ୍ୟଧୃତି ତା'ର ନନ୍ଦନ । ଦୃଢ଼ନେମି ତା ତହୁଁ ଜନ୍ମ ।।୮୮
ସୁପାର୍ଶ୍ୱ ତାହାର କୁମର । ସୁମତି ନାମେ ସୁତ ତା'ର ।।୮୯
ତା'ର ସୁତ ସନ୍ନତିମାନ । କୃତି ଯେ ତାହାର ନନ୍ଦନ ।।୯୦
ହିରଣ୍ୟନାଭ ତହୁଁ ଦୀକ୍ଷା । ପାଇ ଯେ ଯୋଗ କଲା ଶିକ୍ଷା ।।୯୧
ପ୍ରାଚ୍ୟ ସାମସଂହିତା ମାନ । କୃତି ତା' କଲା ଭିନ୍ନଭିନ୍ନ ।।୯୨
ସଂହିତା ଷଡ଼ଭାଗ କଲା । ଶିଷ୍ୟପ୍ରଶିଷ୍ୟେ ଶିକ୍ଷା ଦେଲା ।।୯୩
ଉଗ୍ରାୟୁଧ କୃତି ନନ୍ଦନ । କ୍ଷେମ୍ୟ ତା' ତହୁଁ ହେଲା ଜନ୍ମ ।।୯୪
ସୁବୀର କ୍ଷେମ୍ୟର ତନୟ । ତାହାର ପୁତ୍ର ରିପୁଞ୍ଜୟ ।।୯୫
ବହୁରଥ ଯେ ତା'ର ସୁତ । ଦ୍ୱିମୀଢ଼ ବଂଶେ ଏତେ ଖ୍ୟାତ ।।୯୬
ପୁରୁମୀଢ଼ ଯେ ନିଃସନ୍ତାନ । ଅଜମୀଢ଼ର ବଂଶ ଶୁଣ ।।୯୭
ନଳିନୀ ପତ୍ନୀ ଗର୍ଭେ ତା'ର । ନୀଳ ନାମେ ହେଲା କୁମର ।।୯୮
ନୀଳର ପୁତ୍ର ନାମ ଶାନ୍ତି । ତା'ଠାରୁ ଜନମ ସୁଶାନ୍ତି ।।୯୯
ସୁଶାନ୍ତି ତନୟ ପୁରୁଜ । ଅର୍କ ଯେ ତାହାର ତନୁଜ ।।୧୦୦

ଭର୍ମ୍ୟାଶ୍ୱ ତାହାର ନନ୍ଦନ । ପୁତ୍ର ତାହାର ପାଞ୍ଚଜଣ ।।୧୦୧

ମୁଦଗ୍‌ଲ ଯବନୀର ବେନି । ବୃହଦିଷୁ କାମ୍ପିଲ୍ୟ ଘେନି ।।୧୦୨

ଆବର ସଞ୍ଜୟ ସହିତେ । ଏ ରୂପେ ହେଲେ ପଞ୍ଚ ସୂତେ ।।୧୦୩

ପଞ୍ଚବିଷୟେ ସେ ସମର୍ଥ । ତେଣୁ ପାଞ୍ଚାଳ ନାମେ ଖ୍ୟାତ ।।୧୦୪

ମୁଦ୍‌ଗଲ ତହୁଁ ହେଲା ଖ୍ୟାତ । ମୌଦ୍‌ଗଲ୍ୟ ବ୍ରହ୍ମଣଙ୍କ ଗୋତ୍ର ।।୧୦୫

ମୁଦ୍‌ଗଲ ତହୁଁ ଉତ୍ପନ୍ନ । ହୋଇଲେ ଯମଜ ସନ୍ତାନ ।।୧୦୬

ମୁଦ୍‌ଗଲ ପୁତ୍ର କନ୍ୟା ଦେଖି । ଅତ୍ୟନ୍ତ ହୋଇଲାକ ସୁଖୀ ।।୧୦୭

ମୁଦ୍‌ଗଲ ପୁତ୍ର ଦିବୋଦାସ । କନ୍ୟାଏ ଅହଲ୍ୟା ପ୍ରକାଶ ।।୧୦୮

ଗୌତମ ହେଲେ ତା'ର ପତି । ଶତାନନ୍ଦ ତା'ର ସନ୍ତତି ।।୧୦୯

ସତ୍ୟଧୃତି ତାହାର ସୁତ । ସେ ଧନୁର୍ବେଦେ ସୁପଣ୍ଡିତ ।।୧୧୦

ତା'ର କୁମର ଶରଦ୍ୱାନ । ଅତି ସୁନ୍ଦର ବିଦ୍ୟମାନ ।।୧୧୧

ଉର୍ବଶୀ ଦେଖି ବନଦେଶେ । ତାହାର ରେତ କାମବଶେ ।।୧୧୨

ଧରି ନ ପାରି ରେତ ଦମ୍ଭେ । ତକ୍ଷଣେ ପଡ଼େ ଶର ଖମ୍ଭେ ।।୧୧୩

ପୁତ୍ର ଦୁହିତା ହୋଇ ଜାତ । ବନେ ହୋଇଲେ ଅରକ୍ଷିତ ।।୧୧୪

ଏମନ୍ତେ ପାହିଲା ରଜନୀ । ଶାନ୍ତନୁ କରେ ଧନୁ ଘେନି ।।୧୧୫

ମୃଗୟା ଅର୍ଥେ ବନେ ଗଲା । ସେ କନ୍ୟାପୁତ୍ରଙ୍କୁ ଦେଖିଲା ।।୧୧୬

ମନ ସନ୍ଦେହେ ବିଚାରଇ । ଅଦ୍ଭୁତ କନ୍ୟାପୁତ୍ର ଏହି ।।୧୧୭

କିଏ କାହାର କନ୍ୟା ସୁତେ । ବନେ ଅଛନ୍ତି ଅରକ୍ଷିତେ ।।୧୧୮

ଏମନ୍ତେ ଚିତ୍ତେ କୃପା କରି । କନ୍ୟାକୁମର କୋଳେ ଧରି ।।୧୧୯

ମନ୍ଦିରେ ମିଳି ସେ ରାଜନ । କନ୍ୟା କୁମରେ ଦେଲା ନାମ ।।୧୨୦

କୃପାବଶରୁ କୃପ ନାମ । ଅତି ସୁନ୍ଦର ଅନୁପମ ।।୧୨୧

କନ୍ୟାର ନାମ କୃପୀ ଦେଲା । ଦ୍ରୋଣେ ତାହାକୁ ବିଭା କଲା ।।୧୨୨

ଶୁଣ ସୁଜନେ ଏକଚିତ୍ତେ । ସଂସାରୁ ତରିବ ଯେମନ୍ତେ ।।୧୨୩

କୃଷ୍ଣଚରିତ ଅନୁସର । ଦୁର୍ଲ୍ଲଭ ମନୁଷ୍ୟ ଶରୀର ।।୧୨୪

ବୋଲଇ ବିପ୍ର ଜଗନ୍ନାଥ । ନବମେ ବଂଶାନୁଚରିତ ।।୧୨୫

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଏକବିଂଶୋଽଧ୍ୟାୟଃ ।।



## ଦ୍ୱାବିଂଶ ଅଧ୍ୟାୟ

ବ୍ୟାସକୁମର ଅତି ତୋଷେ । କହନ୍ତି ପରୀକ୍ଷିତ ପାଶେ ।।୧

### ଶୁକ ଉବାଚ

ମିତ୍ରାୟୁ ଦିବୋଦାସ ସୁତ । ଚ୍ୟବନ ତା'ର ତହୁଁ ଜାତ ।।୨

ସୁଦାସ ତାହାର ନନ୍ଦନ । ତା' ସୁତ ସହଦେବ ଘେନ ।।୩

ସୋମକ ସହଦେବ ସୁତ । ତା' ବୀର୍ଯ୍ୟୁ ହେଲେ ଶତେପୁତ୍ର ।।୪

ତାହାଙ୍କ ମଧ୍ୟେ ଜନ୍ତୁ ଜ୍ୟେଷ୍ଠ । ପୃଷତ ଅଟଇ କନିଷ୍ଠ ।।୫

ଦ୍ରୁପଦ ତାହାର ନନ୍ଦନ । ତା'ର ତନୟ ଧୃଷ୍ଟଦ୍ୟୁମ୍ନ ।।୬

ଦ୍ରୌପଦୀ କନ୍ୟା ତା'ଙ୍କ ଘରେ । ସେ ଆଦିଶକ୍ତି ଜନ୍ମାନ୍ତରେ ।।୭

ସେ ଧୃଷ୍ଟଦ୍ୟୁମ୍ନଙ୍କର ରେତୁଁ । ଜନ୍ମ ଲଭିଲେ ଧୃଷ୍ଟକେତୁ ।।୮

ଭର୍ମ୍ୟାଶ୍ୱ ବଂଶେ ଏତେ ଜାତ । ପାଞ୍ଚାଳ ନାମେ ହେଲେ ଖ୍ୟାତ ।।୯

ପାଞ୍ଚାଳ ଦେଶ ରାଜା ପଣେ । ପ୍ରଜା ପାଳିଲେ ଶୁଭକ୍ଷଣେ ।।୧୦

ଅଜମୀଢ଼ର ସୁତ ଋକ୍ଷ । ତହୁଁ ସମ୍ବରଣ ପ୍ରତ୍ୟକ୍ଷ ।।୧୧

ସେ ପୁଣି କାଳିନ୍ଦୀର ଜଳେ । ସୂର୍ଯ୍ୟର କନ୍ୟା ସଙ୍ଗମେଳେ ।।୧୨

କୁରୁ ହୋଇଲା ତା'ର ବଂଶେ । ଏ କଥା ଶୁଣିଛୁ ଭବିଷ୍ୟେ ।।୧୩

କୁରୁର ପୁତ୍ର ହୋଏ ଚାରି । ପରୀକ୍ଷିତ ସୁଧନୁ ଆହୁରି ।।୧୪

ଜହ୍ନୁ ନିଷଧାଶ୍ୱ ସହିତେ । ଏ ରୂପେ ହେଲେ ଚାରିସୂତେ ।।୧୫

ସୁହୋତ୍ର ସୁଧନୁ ନନ୍ଦନ । ତାହାର ସୁତ ଯେ ଚ୍ୟବନ ।।୧୬

ଚ୍ୟବନ ସୁତ କୃତୀ ନାମ । ବସୁ ତାହାର ବୀର୍ଯ୍ୟେ ଜନ୍ମ ।।୧୭

ବସୁ ତନୟ ବୃହଦ୍ରଥ । କୁଶାମ୍ବ ଦ୍ୱିତୀୟ ଯେ ପୁତ୍ର ।।୧୮

ମତ୍ସ୍ୟ ତୃତୀୟ ପୁତ୍ର ହୁଏ । ପ୍ରତ୍ୟଗ୍ର ଚତୁର୍ଥ ବୋଲାଏ ।।୧୯

ଚେଦିପ ଆଦି ବହୁ ଭ୍ରାତ । ଉପରିଚର ବସୁ ପୁତ୍ର ।।୨୦

କୁଶାଗ୍ର ବୃହଦ୍ରଥ ସୁତ । ଋଷଭ ତା'ର ତହୁଁ ଜାତ ।।୨୧

ଋଷଭ ପୁତ୍ର ସତ୍ୟହିତ । ପୁଷ୍ପବାନ ଯେ ତା'ର ସୁତ ।।୨୨

ବୃହଦ୍ରଥର ବେନିନାରୀ । ଦୁର୍ବାସା ପାଦେ ସେବା କରି ।।୨୩

ଗର୍ଭର ଅର୍ଥେ ଚ୍ୟୁତ ଫଳ । ବାଣ୍ଟି ଖାଇଲେ ବେନିଫାଳ ।।୨୪

ଋଷି ବଚନେ ତା'ଙ୍କ ବାଳେ । ଜନ୍ମ ହୋଇଲେ ବେନି ଫାଳେ ।।୨୫

ଜୀବନ ନାହିଁ ତା'ଙ୍କ ଦେହେ । କେ ଛାଡ଼ି ପାରି ପୁତ୍ର ସ୍ନେହେ ।।୨୬

ନିଶି ପର୍ଯ୍ୟନ୍ତେ କୋଳେ ବହି । ଶ୍ମଶାନେ ପକାଇଲେ ନେଇ ।।୨୭

ଏମନ୍ତେ ଶୁଣ ନରନାଥ । ଜରାରାକ୍ଷସୀ ଉପଗତ ॥୨୮
କ୍ଷୁଧା-ପୀଡ଼ନେ ଦେଶବନେ । ବୁଲଇ ଦୁର୍ଗମ ଶ୍ମଶାନେ ॥୨୯
ସ୍ୱଭାବେ ନରମାଂସ ଖାଇ । ଶ୍ମଶାନେ ମିଳିଲାକ ଯାଇ ॥୩୦
ଆନନ୍ଦେ ବେନିଖଣ୍ଡ ଧରି । କ୍ଷେପନ୍ତେ ବଦନ ବିସ୍ତାରି ॥୩୧
ଦେଖେ ବାଳକ ବେନିଖଣ୍ଡ । ତେଜେ ବିରାଜେ ମାରତଣ୍ଡ ॥୩୨
ବେନିଫାଳକୁ ଏକ କଲା । ସ୍ୱମନ୍ତ୍ରେ ଜୀବନ୍ୟାସ ଦେଲା ॥୩୩
ଡାକଇ ଜୀବ ଜୀବ ରାବେ । ସେ ବେନିଖଣ୍ଡ ଏକଭାବେ ॥୩୪
ତକ୍ଷଣେ କୁମର ହୋଇଲା । ସୁନ୍ଦରେ ଜଗତ ମୋହିଲା ॥୩୫
ପୁଣି ସେ ତା'ର ମୁଖ ଚାହିଁ । ବୋଲଇ ଶିରେ ହସ୍ତ ଦେଇ ॥୩୬
ଅଜୟ ହୁଅ ନରଲୋକେ । ଅନେକ ରାଜା ଜିଣି ଏକେ ॥୩୭
ଯେ ତୋତେ କରି ବେନିଫାଳ । କ୍ଷେପିବ ଭୂମି ଅନ୍ତରାଳ ॥୩୮
ଖଣ୍ଡେ ପଡ଼ିବ ସିନ୍ଧୁଜଳେ । ଦହିବ ବଡ଼ବା ଅନଳେ ॥୩୯
ତେବେ ପୂରିବ କାଳ ତୋ'ର । ଏବେ ତୁ ଅଜର ଅମର ॥୪୦
ଏମନ୍ତେ ଅସୁରୀ ସାଧନେ । ସେ ଜରାସନ୍ଧ ଅନୁଦିନେ ॥୪୧
ଅନେକ ରାଜ୍ୟ ଭୋଗ କଲା । ଅନ୍ତେ ଭୀମର ହସ୍ତେ ମଲା ॥୪୨
ତା'ର କୁମର ସହଦେବ । ତା' ବୀର୍ଯ୍ୟେ ସୋମାପି ସମ୍ଭବ ॥୪୩
ଶ୍ରୁତଶ୍ରବା ତାହାର ବଳା । ପରୀକ୍ଷିତ ନିଃସନ୍ତାନ ଥିଲା ॥୪୪
ଜହ୍ନୁର ତନୟ ସୁରଥ । ତା'ର ତନୟ ବିଦୁରଥ ॥୪୫
ତା'ର କୁମର ସାର୍ବଭୌମ । ତା' ତେଜେ କେହି ନୋହେ ସମ ॥୪୬
ତା'ର କୁମର ଜୟସେନ । ରାଧିକ ତାହାର ନନ୍ଦନ ॥୪୭
ତା ଠାରୁ ଅତାୟୁ ହୋଏ । ଅକ୍ରୋଧନ ତା'ର ତନୟେ ॥୪୮
ତା'ର କୁମର ଦେବାତିଥି । ଋଷ୍ୟ ତା' ତହୁଁ ଉତ୍ପତ୍ତି ॥୪୯
ତାହାର ଆତ୍ମଜ ଦିଲୀପ । ତା' ପୁତ୍ର ନାମଟି ପ୍ରତୀପ ॥୫୦
ପ୍ରତୀପ ବୀର୍ଯ୍ୟେ ପୁତ୍ର ତିନି । ହୋଇଲେ ନିଜରୂପ ଘେନି ॥୫୧
ଦେବାପି ଶାନ୍ତନୁ ବାହ୍ଲୀକ । ସ୍ୱଭାବେ ସୁଜ୍ଞାନୀ ବିବେକ ॥୫୨
ଦେବାପି ପୂର୍ବଜାତି ସ୍ମରି । ରାଜ୍ୟେ ନୋହିଲା ଅଧିକାରୀ ॥୫୩
ସଂଯମେ ଯୋଗ-ଅଭ୍ୟାସନେ । ନିଶ୍ଚଳେ ରହିଲା ସେ ବନେ ॥୫୪
ପିତାର ବଚନ ନ କଲା । ଅରଣ୍ୟେ ନିର୍ଭୟେ ରହିଲା ॥୫୫
ସେ ପୁଣି କଳିଯୁଗ ଶେଷେ । ରାଜା ହୋଇବ ସୋମବଂଶେ ॥୫୬



ଶାନ୍ତନୁ ରାଜ୍ୟେ ହୋଇ ରାଜା । ଧର୍ମେ ପାଳିଲା ଜନପ୍ରଜା ॥୫୭
ପୂର୍ବଜନ୍ମରେ ତା'ର ନାମ । ମହାଭିଷ ବୋଲି ପ୍ରଧାନ ॥୫୮
ତା'ର ମହିମା ଶୁଣ ରାୟେ । ସେ ଯାକୁ ହସ୍ତ ଘେନି ଛୁଏଁ ॥୫୯
ସେ ଯେବେ ହୋଇଥିବ ଜୀର୍ଣ୍ଣ । ତକ୍ଷଣେ ଲଭିବ ଯୌବନ ॥୬୦
ଶାନ୍ତି ଲଭି ଯେ ସୁଖେ ରହେ । ତେଣୁ ସେ ଶାନ୍ତନୁ ବୋଲାଏ ॥୬୧
ଏମନ୍ତେ ତା'ର ରାଜ୍ୟ କାଳେ । ମେଘ ନଦିଶେ ଅନ୍ତରାଳେ ॥୬୨
ବୃଷ୍ଟି ନ କରେ ବଳାହକ । କ୍ଷୁଧା ପୀଡ଼ିତ ସର୍ବଲୋକ ॥୬୩
ଏମନ୍ତେ ଦ୍ୱାଦଶ ବରଷ । ବୃଷ୍ଟି ବିହୀନ ତା'ର ଦେଶ ॥୬୪
ଶାନ୍ତନୁ ବ୍ରାହ୍ମଣଙ୍କୁ ଚାହିଁ । ବୋଲଇ ଶିରେ କର ଦେଇ ॥୬୫
ଦେଖ ଦୁଃଖିତ ନରଲୋକ । ଜଳ ନ ମୁଞ୍ଚେ ବଳାହକ ॥୬୬
କିବା କଲ୍ମଷ ମୋ'ର ଅଛି । ଇନ୍ଦ୍ର ନ ବରଷେ ତା' ଲକ୍ଷି ॥୬୭
ଏମନ୍ତ ଶୁଣି ତା'ର ବାଣୀ । ବିପ୍ରେ ନିଗମେ ପରିମାଣି ॥୬୮
ବୋଇଲେ ପରବେତ୍ତା ଦୋଷେ । ଇନ୍ଦ୍ର ନ ବରଷେ ତୋ' ଦେଶେ ॥୬୯
ଜ୍ୟେଷ୍ଠେ ନ ଦେଇ ରାଜ୍ୟ ଶିରୀ । କନିଷ୍ଠ ଯେବେ ରାଜ୍ୟ କରି ॥୭୦
ଜ୍ୟେଷ୍ଠକୁ ବିବାହ ନ କରି । କନିଷ୍ଠ ଯେବେ କନ୍ୟା ବରି ॥୭୧
ଜ୍ୟେଷ୍ଠ ଭ୍ରାତାର ରାଜ୍ୟଭାଗ । ତୁମ୍ଭେ କରୁଛ ନିଜେ ଭୋଗ ॥୭୨
ସେ ପରିବେତ୍ତା ଅତି ଦୋଷେ । ତୋ' ଦେଶେ ଇନ୍ଦ୍ର ନ ବରଷେ ॥୭୩
ଏମନ୍ତ ବିପ୍ରମୁଖୁଁ ଶୁଣି । ଭୟେ ବୋଲଇ ନୃପମଣି ॥୭୪
ରାଜ୍ୟ ମୁଁ ଜ୍ୟେଷ୍ଠଭ୍ରାତେ ଦେଇ । ତପ ସାଧିବି ବନେ ରହି ॥୭୫
ସୁଖେ ଜୀଅନ୍ତୁ ଜନପ୍ରଜା । ଦେବାପି ରାଜ୍ୟେ ହେଉ ରାଜା ॥୭୬
ସଙ୍ଗେ ଘେନାଇ ବିପ୍ରଗଣେ । ଦେବାପି ରାଜ୍ୟ ସମର୍ପଣେ ॥୭୭
ଶାନ୍ତନୁ ଜ୍ୟେଷ୍ଠଭ୍ରାତା ପାଦେ । ପଡ଼ି ବୋଲଇ ଶୋକନାଦେ ॥୭୮
ହେ ଭ୍ରାତ ରାଜ୍ୟେ ହୁଅ ରାଜା । ସୁଖେ ଜୀଅନ୍ତୁ ଜନପ୍ରଜା ॥୭୯
ଦେବାପି ତା'ର ବୋଲ ଶୁଣି । କହିଲା ଧର୍ମ ପରିମାଣି ॥୮୦
ଦେଶୁଁ ବାହାର ହୋଇ ମୁହିଁ । ରାଜ୍ୟେ ମୋ' ପ୍ରୟୋଜନ ନାହିଁ ॥୮୧
ଏ ଅନ୍ତେ ରାଜା ମନ୍ତ୍ରୀଗଣ । କଲେ କପଟ ଆଚରଣ ॥୮୨
ବିଶ୍ୱାସୀ ବ୍ରାହ୍ମଣେ ରାଇଲେ । ତାହାଙ୍କୁ କୁମନ୍ତ୍ରଣା ଦେଲେ ॥୮୩
ବୋଇଲେ ଶୁଣ ବିପ୍ରଗଣ । ଦେବାପି କାର୍ଯ୍ୟେ କର ବିଘ୍ନ ॥୮୪
ଶୁଣି ସେ ବିପ୍ରେ ବେଗେ ଗଲେ । ଦେବାପି ନିକଟେ ମିଳିଲେ ॥୮୫

ପାଷଣ୍ଡ ମତ ପୃଷ୍ଟ ପୋଷ । କରି ସେ ଦେଲେ ଉପଦେଶ ।।୮୬

ତେଣୁ ତା' ବୁଦ୍ଧି ହେଲା ନଷ୍ଟ । ବେଦମାର୍ଗର ହେଲା ଭ୍ରଷ୍ଟ ।।୮୭

ବେଦକୁ ଯେଣୁ ନିନ୍ଦା କଲା । ତେଣୁ ସେ ପତିତ ହୋଇଲା ।।୮୮

ରାଜ୍ୟେ ନୋହିଲା ଅଧିକାରୀ । ପୁଣି ଶାନ୍ତନୁ ରାଜ୍ୟ କରି ।।୮୯

ତାହାର ଦୋଷ ନ ରହିଲା । ଦେବାପି ବେଦନିନ୍ଦା କଲା ।।୯୦

ତକ୍ଷଣେ ନିଗମ ବଚନେ । ଜୀମୂତେ ମିଳିଲେ ଗଗନେ ।।୯୧

ଗମ୍ଭୀର ଘୋରନାଦ କରି । ତକ୍ଷଣେ ବରଷିଲେ ବାରି ।।୯୨

ଦେବାପି ମନେ ଜ୍ଞାନଭରି । କଳାପ ଗ୍ରାମ ଆଶ୍ରେ କରି ।।୯୩

ବିଶ୍ୱ ସଂସାରେ କାଳବଳେ । ସୋମବଂଶ ବିନାଶ ବେଳେ ।।୯୪

କଳିର ଥିବ ଅବଶେଷ । ସେ ପୁଣି ସ୍ଥାପି ସୋମବଂଶ ।।୯୫

ରାଜା ହୋଇବ ଦିନାକେତେ । ପ୍ରଜା ପାଳିବ ଧର୍ମଚିତ୍ତେ ।।୯୬

ମର୍ତ୍ତ୍ୟେ ସ୍ଥାପିବ ସୋମବଂଶ । ଯେ ଅବା ଥିବ ଅବଶେଷ ।।୯୭

ବହ୍ଲୀକ ବୀର୍ଯ୍ୟେ ସୋମଦତ୍ତ । ଭୂରି ଭୂରିଶ୍ରବା ତା' ସୁତ ।।୯୮

ଶଲକୁ ଘେନି ପୁତ୍ର ତିନି । ସୋମଦତ୍ତର ବୀର୍ଯ୍ୟେ ଜନ୍ମି ।।୯୯

ଶାନ୍ତନୁ ବୀର୍ଯ୍ୟେ ପୁତ୍ର ଜାତ । ଭୀଷ୍ମ ନାମରେ ଗଙ୍ଗାସୁତ ।।୧୦୦

ସେ ସର୍ବ ବୀର-ଶିରୋମଣି । ପରଶୁରାମେ ଯୁଦ୍ଧେ ଜିଣି ।।୧୦୧

ଶାନ୍ତନୁ ଦାସକନ୍ୟା ଗର୍ଭେ । ଚିତ୍ରାଙ୍ଗଦ ଯେ ଜାତ ପୂର୍ବେ ।।୧୦୨

ଯେ ଚିତ୍ରାଙ୍ଗଦ ନାମେ ସୁତ । ସେହି ଗନ୍ଧର୍ବେ ହେଲା ହତ ।।୧୦୩

ବିଚିତ୍ରବୀର୍ଯ୍ୟ ଅବରଜ । ଏବେ ହୋ ଶୁଣ କୁରୁରାଜ ।।୧୦୪

ସେ କନ୍ୟା ଗର୍ଭେ ଗଙ୍ଗାଜଳେ । ଧରି ଯେ ପରାଶର ବଳେ ।।୧୦୫

ବ୍ୟାସମୁନିଙ୍କି ଜନ୍ମ କରି । ସଂଭ୍ରମେ ତା'କୁ କୋଳେ ଧରି ।।୧୦୬

ବଦରୀ ବନେ ପକାଇଲେ । ଗୋବିନ୍ଦ ତାହାଙ୍କୁ ରଖିଲେ ।।୧୦୭

ସେ ବିଷ୍ଣୁ ଅଂଶେ ମହାମୁନି । ପ୍ରତ୍ୟକ୍ଷେ ବିଷ୍ଣୁତେଜ ଘେନି ।।୧୦୮

ହରିର ଅଂଶେ ଉତପନ୍ନ । ନାମ ତା' କୃଷ୍ଣ ଦ୍ୱୈପାୟନ ।।୧୦୯

ପଇଲ ଆଦି ଶିଷ୍ୟଗଣେ । ବିଦ୍ୟା ଅଭ୍ୟାସି ଜଣେ ଜଣେ ।।୧୧୦

ହୋଇଲେ ସର୍ବଶାସ୍ତ୍ର ବେତ୍ତା । ସକଳ ଗୁଣେ ଗୁଣବନ୍ତା ।।୧୧୧

ସେ ମୋତେ ରେତୁଁ ଜାତକଲେ । ଏ ଭାଗବତ ଶିକ୍ଷା ଦେଲେ ।।୧୧୨

ଏମନ୍ତେ କାଶୀରାଜ ଘରେ । ଭୀଷ୍ମ ଯେ କନ୍ୟା ସ୍ୱୟମ୍ବରେ ।।୧୧୩

ଦୁର୍ଗମ ଲାଖ ବିନ୍ଧି ବଳେ । ଅନେକ ନୃପତିଙ୍କ ମେଳେ ।।୧୧୪



ରାଜାଙ୍କୁ ଲାଖବିନ୍ଧି ଜିଣି । ଲଭିଲେ ନୃପତି ଦୁଲଣୀ ।।୧୧୫

ଅମ୍ବିକା ଆଉ ଅମ୍ବାଳିକା । କନ୍ୟାଏ ବର ବରି ଏକା ।।୧୧୬

ତାହାଙ୍କୁ ନିଜପୁରେ ଥୋଇ । ବିଚିତ୍ରବୀର୍ଯ୍ୟେ ବିଭା ଦେଇ ।।୧୧୭

ଅମ୍ବା ଯେ ଅନ୍ୟେ ନ ବରିଲା । ଭୀଷ୍ମଙ୍କୁ ମହାକ୍ରୋଧ କଲା ।।୧୧୮

ତପ ସାଧିଲା ନାନାମତେ । ପୂର୍ବେ ମୁଁ କହିଅଛି ତୋତେ ।।୧୧୯

ଦୁଇ ଭାର୍ଯ୍ୟାରେ ହୋଇ ରତ । ବିଚିତ୍ର ବୀର୍ଯ୍ୟେ କାମେ ମତ୍ତ ।।୧୨୦

ଯକ୍ଷ୍ମାରୋଗରେ ହୋଇ ଗ୍ରସ୍ତ । ଅଳ୍ପ କାଳରେ ହେଲା ହତ ।।୧୨୧

ସନ୍ତାନହୀନ କୁଳ ଦେଖି । ସମସ୍ତେ ହୋଇଲେକ ଦୁଃଖୀ ।।୧୨୨

ମାତାଙ୍କ ଆଦେଶକୁ ମାନି । ତା'ର ସୋଦର ବ୍ୟାସମୁନି ।।୧୨୩

ବିଚିତ୍ରବୀର୍ଯ୍ୟର କ୍ଷେତ୍ରରେ । ପୁଣି ସେ ଗର୍ଭାଧାନ କରେ ।।୧୨୪

ବ୍ୟାସଙ୍କ ବୀର୍ଯ୍ୟେ ତା'ଙ୍କ ଗର୍ଭେ । ପୁତ୍ରେ ଉପୁଜିଲେ ସ୍ୱଭାବେ ।।୧୨୫

ଜ୍ୟେଷ୍ଠକୁମର ଧୃତରାଷ୍ଟ୍ର । ପାଣ୍ଡୁ ଯେ ତାହାର କନିଷ୍ଠ ।।୧୨୬

ଦାସୀର ଉଦରେ ତାହାର । ପୁଣି ଯେ ଜନ୍ମିଲା ବିଦୁର ।।୧୨୭

ଧୃତରାଷ୍ଟ୍ରର ଶତେପୁତ୍ର । ଗାନ୍ଧାରୀ ଗର୍ଭେ ହେଲେ ଜାତ ।।୧୨୮

କନ୍ୟାଏ ଜନ୍ମେ ଅନୁପମ । ଦୁଃଶୀଳା ସେ କନ୍ୟାର ନାମ ।।୧୨୯

ଭ୍ରାତୃଗଣଙ୍କ ମଧ୍ୟେ ଶ୍ରେଷ୍ଠ । ସେ ଦୁର୍ଯ୍ୟୋଧନ ଅଟେ ଜ୍ୟେଷ୍ଠ ।।୧୩୦

ଅଗ୍ନିକାଋଷି ଶାପ ଫଳେ । ପଞ୍ଚବାଳକ ପାଣ୍ଡୁକୋଳେ ।।୧୩୧

ଜନ୍ମିଲେ ଅତି ଗୁଣବନ୍ତ । ତାହାଙ୍କ ସଖା ଯେ ଅନନ୍ତ ।।୧୩୨

ତା ପତ୍ନୀ କୁନ୍ତୀ ଗର୍ଭେ ଜାତ । ଯୁଧିଷ୍ଠିରାଦି ତିନି ସୁତ ।।୧୩୩

ଧର୍ମ ପବନ ଇନ୍ଦ୍ର ବୀର୍ଯ୍ୟେ । ତିନି ବାଳକ ମହାତେଜେ ।।୧୩୪

ମାଦ୍ରୀର ଗର୍ଭେ ପୁତ୍ର ଦୁଇ । ନକୁଳ ସହଦେବ ହୋଇ ।।୧୩୫

ଅଶ୍ୱିନୀକୁମାରଙ୍କ ବୀର୍ଯ୍ୟେ । ଜନ୍ମ ହୋଇଲେ ମହାତେଜେ ।।୧୩୬

ଏ ଯେ ହୋଇଲେ ପଞ୍ଚଭ୍ରାତ । ଏହାଙ୍କ ହେଲା ପାଞ୍ଚସୁତ ।।୧୩୭

ଦ୍ରୌପଦୀ ଗର୍ଭେ ହେଲେ ଜନ୍ମ । ଶୁଣ ହୋ ତାହାଙ୍କର ନାମ ।।୧୩୮

ଯୁଧିଷ୍ଠି ପୁତ୍ର ପ୍ରତିବିନ୍ଧ୍ୟ । ତା'କୁ ନଲାଗେ ବ୍ୟାଧି ଦ୍ୱନ୍ଦ୍ୱ ।।୧୩୯

ଭୀମର ପୁତ୍ର ଶ୍ରୁତସେନ । ଶ୍ରୁତକୀର୍ତ୍ତି ତାତ ଅର୍ଜୁନ ।।୧୪୦

ନକୁଳ ସୁତ ଶତାନୀକ । ସୁଜ୍ଞାନୀ ପଣ୍ଡିତ ବିବେକ ।।୧୪୧

ସହଦେବର ଯେ ନନ୍ଦନ । ତାହାର ଶ୍ରୁତକର୍ମା ନାମ ।।୧୪୨

ପୌରବୀଗର୍ଭେ ଧର୍ମସୁତ । ଦେବକ ସୁତ କଲେ ଜାତ ।।୧୪୩

ହିଡ଼ିମ୍ବୀ ଗର୍ଭେ ଭୀମବୀର୍ଯ୍ୟେ । ଜନ୍ମିଲା ଘଟୋତ୍କଚ ତେଜେ ।।୧୪୪
ପୁଣି ଭୀମର ବୀର୍ଯ୍ୟେ ଜାତ । କାଳୀର ଗର୍ଭେ ସର୍ବଗତ ।।୧୪୫
ସହଦେବର ପୁତ୍ର ଜାତ । ବିଜୟା ଗର୍ଭରେ ସୁହୋତ୍ର ।।୧୪୬
କରେଣୁମତୀ ଗର୍ଭେ ପୁତ୍ର । ନକୁଳ ବୀର୍ଯ୍ୟେ ନରମିତ୍ର ।।୧୪୭
ଉଲୁପୀ ଗର୍ଭେ ଇରାବନ୍ତ । ଅର୍ଜ୍ଜୁନ ବୀର୍ଯ୍ୟେ ହେଲା ଜାତ ।।୧୪୮
ମଣି ପୁରେଶ କନ୍ୟାଠାରେ । ପୁଣି ଅର୍ଜ୍ଜୁନର ଅଂଶରେ ।।୧୪୯
ବଭ୍ରୁବାହନ ଜନମିଲା । ପୁତ୍ରିକା ତନୟ ସେ ହେଲା ।।୧୫୦
ପୁତ୍ରିକା ଧର୍ମେ ଯେଣୁ ବରେ । ତେଣୁ ସେ ରାଜା ମଣିପୁରେ ।।୧୫୧
ସୁଭଦ୍ରା ଗର୍ଭେ ତୋ'ର ତାତ । ହୋଇଲେ ଅଭିମନ୍ୟୁ ଜାତ ।।୧୫୨
ସେ ମହାବୀର ବାହୁବଳେ । ଜିଣନ୍ତା ନାହିଁ ଭୂମି ତଳେ ।।୧୫୩
ଯେ କୁରୁବଂଶ ନିପାତନେ । ଦ୍ରୋଣନନ୍ଦନ ମହାବାଣେ ।।୧୫୪
ଯେ ଶର ବ୍ରହ୍ମଶିରା ନାମେ । ତୋ' ମାତା ଗର୍ଭେ ଅତି ତମେ ।।୧୫୫
ପେଷିଲା ଅପାଣ୍ଡବ ଅର୍ଥେ । ଉତ୍ତରା ଆସୁଥିଲା ପଥେ ।।୧୫୬
ବାଣ ଆସନ୍ତେ ଶୂନ୍ୟପଥେ । ତୋ' ମାତା ଡାକିଲା ଆରତେ ।।୧୫୭
ତକ୍ଷଣେ ବିଷ୍ଣୁ ଗର୍ଭଗତେ । ପଶିଲେ ଚକ୍ର ଘେନି ହସ୍ତେ ।।୧୫୮
ବ୍ରହ୍ମଶିରାକୁ ନାଶ କରି । ତୋତେ ରଖିଲେ ନରହରି ।।୧୫୯
ଏବେ ହୋ କହୁଁ ତୋ' ଅଗ୍ରତେ । ଯେ କର୍ମ ହେବ ଭବିଷ୍ୟତେ ।।୧୬୦
ଏ ଯେ ତୋହର ଚାରିସୁତେ । ଜନମେଜୟର ସମେତେ ।।୧୬୧
ଯେ ଶ୍ରୁତସେନ ଭୀମସେନ । କନିଷ୍ଠ ନାମ ଉଗ୍ରସେନ ।।୧୬୨
ଏ ଚାରିପୁତ୍ରେ ମିଳି ଏକେ । ତେଜେ ପ୍ରତାପ ଅତିରେକେ ।।୧୬୩
ବ୍ରାହ୍ମଣ ତେଜ ଶାପଗ୍ରସ୍ତେ । ତକ୍ଷକେ ଦଂଶିବେ ଯେତୋତେ ।।୧୬୪
ସେ କୋପେ ସର୍ପଯଜ୍ଞ କରି । ତିନିଭୁବନୁ ସର୍ପ ମାରି ।।୧୬୫
ପୁଣି କରିବ ଅଶ୍ୱମେଧି । ଆଗମ ନିଗମ ସମ୍ପାଦି ।।୧୬୬
ସପତଦ୍ୱୀପେ ହୋଇ ରାଜା । ସୁଖେ ପାଳିବ ଜନପ୍ରଜା ।।୧୬୭
ତା'ର ତନୟ ଶତାନୀକ । ହୋଇବ ସୁଜ୍ଞାନୀ ବିବେକ ।।୧୬୮
ଯାଜ୍ଞବଲ୍କ୍ୟର ତହୁଁ ବେଦ । ପଢ଼ିବ ସେ ଉପନିଷଦ ।।୧୬୯
ଶୌନକ ତହୁଁ ଜ୍ଞାନକ୍ରିୟା । ଶାସ୍ତ୍ର ସାଧିବ ପୁଣ୍ୟଦେହା ।।୧୭୦
କୃପାଚାର୍ଯ୍ୟର ସନ୍ନିଧାନ । ଲଭିବ ଯେତେ ଅସ୍ତ୍ରଜ୍ଞାନ ।।୧୭୧
ସହସ୍ରାନୀକ ତା' ନନ୍ଦନ । ଅଶ୍ୱମେଧଜ ତହୁଁ ଜନ୍ମ ।।୧୭୨



ତହୁଁ ଅସୀମକୃଷ୍ଣ ଜାତ । ନେମିଚକ୍ର ତାହାର ସୁତ ।।୧୭୩
ହସ୍ତିନାପୁର ନଦୀସ୍ରୋତେ । କାଳେ ଯେ ବିନଷ୍ଟ ହୁଅନ୍ତେ ।।୧୭୪
ସେ ପୁଣି କୌଶାମ୍ବୀ ନଗରେ । ବାସ କରିବ ଭବିଷ୍ୟରେ ।।୧୭୫
ହରିହରଙ୍କ ତୋଷ ଅର୍ଥେ । କରିବ ସାଧୁକର୍ମ ଯେତେ ।।୧୭୬
ଉପୁଜେ ନେମିଚକ୍ର ସୁତ । ତା'ର ସନ୍ତତି ଚିତ୍ରରଥ ।।୧୭୭
ତା'ର କୁମର କବିରଥ । ତାହାର ବୃଷ୍ଟିମାନ ସୁତ ।।୧୭୮
ସୁଷେଣ ତା'ର ତହୁଁ ଜାତ । ତାହାର କୁମର ସୁନୀଥ ।।୧୭୯
ନୃଚକ୍ଷୁ ତାହାର କୁମର । ତା' ପୁତ୍ର ହେବ ସୁଖୀନଳ ।।୧୮୦
ତାହାର ପୁତ୍ର ପରିପ୍ଳବ । ତା' ତହୁଁ ସୁନୟ ସମ୍ଭବ ।।୧୮୧
ମେଧାବୀ ତାହାର ତନୟ । ତା' ପୁତ୍ର ହେବ ନୃପଞ୍ଜୟ ।।୧୮୨
ତାହାର ପୁତ୍ର ନାମ ଦୂର୍ବ । ତା' ପୁତ୍ର ତିମି ନାମ ହେବ ।।୧୮୩
ତିମିର ପୁତ୍ର ବୃହଦ୍ରଥ । ସୁଦାସ ହେବ ତା'ର ସୁତ ।।୧୮୪
ଶତାନୀକ ଯେ ତା'ର ସୁତ । ଦୁର୍ଦ୍ଦମନ ଯେ ତହୁଁ ଜାତ ।।୧୮୫
ତା'ର କୁମର ବହୀନର । ଦଣ୍ଡପାଣି ତା'ର କୁମର ।।୧୮୬
ତାହାର ପୁତ୍ର ନିମି ନାମ । ତା' ତହୁଁ କ୍ଷେମକ ଜନମ ।।୧୮୭
ଏମନ୍ତ ବ୍ରହ୍ମକ୍ଷତ୍ର ଯୋନି । ଜନ୍ମ ହୋଇବେ ଦେହ ଘେନି ।।୧୮୮
କ୍ଷେମକ ଠାଇଁ ସୋମବଂଶ । ହୋଇବ କଳିଯୁଗେ ଶେଷ ।।୧୮୯
ଏବେ ହୋ ଶୁଣ କୁରୁରାଣ । ମଗଧ ଦେଶ ପରିମାଣ ।।୧୯୦
ମାର୍ଜାରି ସହଦେବ ସୁତ । ତା' ତହୁଁ ଶ୍ରୁତଶ୍ରବା ଜାତ ।।୧୯୧
ଆୟୁତାୟୁ ତା'ର ନନ୍ଦନ । ତା' ସୁତ ନିରମିତ୍ର ନାମ ।।୧୯୨
ତା'ର ସନ୍ତତି ସୁନକ୍ଷତ୍ର । ବୃହତ୍‌ସେନ ଯେ ତା'ର ପୁତ୍ର ।।୧୯୩
କର୍ମଜିତ ତା'ର ତନୟ । ତାହାର ପୁତ୍ର ସୃତଞ୍ଜୟ ।।୧୯୪
ତା' ପୁତ୍ର ବିପ୍ର ତା'ର ସୁତ । ଶୁଚିରୁ ହେବ କ୍ଷେମ ଜାତ ।।୧୯୫
କ୍ଷେମ ଶୁଚିର ପୁତ୍ର ଜାଣ । ସୁବ୍ରତ କ୍ଷେମର ନନ୍ଦନ ।।୧୯୬
ସୁବ୍ରତ ସୁତ ଧର୍ମସୂତ୍ର । ଶମ ହୋଇବ ତା'ର ସୁତ ।।୧୯୭
ଶମର ପୁତ୍ର ଦ୍ୟୁମତ୍ସେନ । ସୁମତି ତାହାର ନନ୍ଦନ ।।୧୯୮
ସୁବଳ ତା'ର ପୁତ୍ର ନାମ । ସୁନୀଶ ତାହାର ନନ୍ଦନ ।।୧୯୯
ତାହାର ପୁତ୍ର ସତ୍ୟଜିତ । ତା' ପୁତ୍ର ହେବ ବିଶ୍ୱଜିତ ।।୨୦୦
ତା' ଠାରୁ ରିପୁଞ୍ଜୟ ଜନ୍ମ । ବୃହଦ୍ରଥର ବଂଶ ଜାଣ ।।୨୦୧

ଏହି ଯେ ବୃହଦ୍ରଥ ବଂଶ । ଭବିଷ୍ୟେ ସହସ୍ର ବରଷ ।।୨୦୨
ରାଜା ହୋଇବେ ଏ ଜଗତେ । ସଂକ୍ଷେପି କହିଲି ମୁଁ ତୋତେ ।।୨୦୩
ସେ ହରିକଥା ଶୁଣି କର୍ଣ୍ଣେ । ସଂସାରୁ ତର ଜ୍ଞାନୀ ଜନେ ।।୨୦୪
କହିଲା ବିପ୍ର ଜଗନ୍ନାଥ । ନବମେ ବଂଶାନୁଚରିତ ।।୨୦୫

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଦ୍ୱାବିଂଶୋଽଧ୍ୟାୟଃ ।।

# ତ୍ରୟୋବିଂଶ ଅଧ୍ୟାୟ

## ଶୁକ ଉବାଚ

ଅନୁର ବଂଶେ ତିନିସୁତ । ଶୁଣ ରାଜନ ପରୀକ୍ଷିତ ।।୧
ଚକ୍ଷୁ ପରେକ୍ଷୁ ବେନି ସୁତ । ତୃତୀୟେ ସଭାନର ଜାତ ।।୨
ସଭାନରରୁ କାଳନର । ସୃଞ୍ଜୟ ତାହାର କୁମର ।।୩
ଜନମେଜୟ ତା'ର ସୁତ । ତା'ଠାରୁ ମହାଶାଳ ଜାତ ।।୪
ତହୁଁ ଯେ ମହାମନା ଜାତ । ତାହାର ହେଲେ ଦୁଇ ସୁତ ।।୫
ସେ ମହାମନା ବୀର୍ଯ୍ୟେ ଘେନି । ତିତିକ୍ଷୁ ଉଶୀନର ବେନି ।।୬
ଶିବି ଯେ କୃମି ଦକ୍ଷ ବର । ଉଶୀନର ଚାରି କୁମର ।।୭
ଉଶୀନରର ବୀର୍ଯ୍ୟେ ଜାତ । ହୋଇଲେ ଜଗତେ ବିଦିତ ।।୮
ହୋଇଲେ ଶିବି ବୀର୍ଯ୍ୟେ ଜନ୍ମ । ଅଦ୍ଭୁତ ତାହାଙ୍କର କର୍ମ ।।୯
ବୃଷାଦର୍ଭ ସୁବୀର ଦୁଇ । ମଦ୍ର କେକୟ ଚାରିଭାଇ ।।୧୦
ତିତିକ୍ଷୁ ପୁତ୍ର ରଷଦ୍ରଥ । ଅଦ୍ଭୁତ ତାହାର ଚରିତ ।।୧୧
ତାହାର ପୁତ୍ର ନାମ ହୋମ । ସୁତପା ତାହାର ନନ୍ଦନ ।।୧୨
ସୁତପା ପୁତ୍ର ବଳି ହୋଇ । ବନେ ତପସ୍ୱୀ ରୂପ ବହି ।।୧୩
ରହିଲା ସଂସାର ଉପେକ୍ଷି । ସ୍ୱପନ ପ୍ରାୟେ ସର୍ବ ଦେଖି ।।୧୪
ବଳିର କ୍ଷେତ୍ରେ ଷଡ଼ାତ୍ମଜେ । ଜନ୍ମିଲେ ଦୀର୍ଘତମା ବୀର୍ଯ୍ୟେ ।।୧୫
ଅଙ୍ଗବଙ୍ଗ କଳିଙ୍ଗ ତିନି । ସୁହ୍ମ ପୁଣ୍ଡ୍ର ଯେ ଉଡ୍ର ଘେନି ।।୧୬
ଆପଣା ନାମେ ରାଜ୍ୟ କରି । ସୁଖେ ପାଳିଲେ ବସୁନ୍ଧରୀ ।।୧୭
ଏ ଷଡ଼ଦେଶେ ହୋଇ ରାଜା । ଧର୍ମେ ପାଳିଲେ ଜନପ୍ରଜା ।।୧୮
ଅଙ୍ଗ ତନୟ ଖନପାନ । ଦିବିରଥ ତା'ର ନନ୍ଦନ ।।୧୯
ଧର୍ମତଥ ଯେ ତା'ର ସୁତ । ତା' ତହୁଁ ଜନ୍ମ ଚିତ୍ରରଥ ।।୨୦



ସେ ଚିତ୍ରରଥ ବଂଶହୀନ । ରୋମପାଦ ତା' ଖ୍ୟାତ ନାମ ।।୨୧
ଦଶରଥର ସଖା ସେହି । ଅପୁତ୍ର ତା'ର ବଂଶ ଚାହିଁ ।।୨୨
ଶାନ୍ତା କନ୍ୟାକୁ ଦେଲା ନେଇ । ଅତି ଆନନ୍ଦେ ତୋଷ ହୋଇ ।।୨୩
ସେ ତା'କୁ ଋଷ୍ୟଶୃଙ୍ଗ ତୁଲେ । ବେଦବିଧାନେ ବିଭା ଦେଲେ ।।୨୪
ପୂର୍ବେ ସେ ରୋମପାଦ ଦେଶେ । ତା' ଦେଶେ ଇନ୍ଦ୍ର ନ ବରଷେ ।।୨୫
ମନ୍ତ୍ରୀ ବଚନେ ଜ୍ଞାନ ପାଇ । ହରିଣୀସୁତକୁ ଅଣାଇ ।।୨୬
ରାଜା ଆଦେଶେ ବେଶ୍ୟାଗଣ । ଗଲେ ସେ ମୁନି ତପୋବନ ।।୨୭
ତାହାଙ୍କ ନୃତ୍ୟବାଦ୍ୟ ଗୀତେ । ବିଭ୍ରମ ଜନ୍ମେ ଋଷି ଚିତ୍ତେ ।।୨୮
ଗଣିକା ନୃତ୍ୟଗୀତ ବଳେ । ଚିତ୍ତ ମଜ୍ଜିଲା କାମଭୋଳେ ।।୨୯
ଇନ୍ଦ୍ର ନିମନ୍ତେ ଯଜ୍ଞ ପୁଣ । ସେ ଋଷି କଲେ ନାନା କର୍ମ ।।୩୦
ଏମନ୍ତେ ଇନ୍ଦ୍ର ବରଷିଲା । ରାଜାର ସନ୍ତତି ହୋଇଲା ।।୩୧
ସନ୍ତାନ ହୀନ ଦଶରଥ । ତା'ର ସକାଶୁଁ ପୁତ୍ରପ୍ରାପ୍ତ ।।୩୨
ରୋମପାଦର ଯେଉଁ ସୁତ । ସେ ଚତୁରଙ୍ଗ ନାମେ ଖ୍ୟାତ ।।୩୩
ତା' ପୁତ୍ର ପୃଥୁଳାକ୍ଷ ହେଲା । ତାହାର ବୃହଦ୍ରଥ ବଳା ।।୩୪
ଆବର ବୃହଦ୍‌ଭାନୁ ନାମ । ତୃତୀୟେ ପୁଣି ବୃହତ୍‌କର୍ମ ।।୩୫
ବୃହଦ୍ରଥରୁ ବୃହନ୍ମନ । ତା' ପୁତ୍ର ଜୟଦ୍ରଥ ନାମ ।।୩୬
ବିଜୟ ତାହାର କୁମର । ତହୁଁ ଜନ୍ମିଲା ଧୃତିବୀର ।।୩୭
ତା'ର କୁମର ଧୃତବ୍ରତ । ସତ୍‌କର୍ମା ହେଲା ତା'ର ସୁତ ।।୩୮
ଅଧିରଥ ତା'ର ନନ୍ଦନ । ବନେ ଭ୍ରମୁଁ ସେ ଏକଦିନ ।।୩୯
ଗଙ୍ଗାର ତୀରେ କ୍ରିଡ଼ାକାଳେ । ଦେଖେ ମଞ୍ଜୁଷା ଭାସେ ଜଳେ ।।୪୦
ମଞ୍ଜୁଷା ମଧ୍ୟେ ଶିଶୁ ଦେଖି । ରାଜା ହୋଇଲା ଅତି ସୁଖୀ ।।୪୧
ସେ ଶିଶୁ କୁନ୍ତୀ ଗର୍ଭଜାତ । କୁନ୍ତୀ ତାହାକୁ କଲା ତ୍ୟକ୍ତ ।।୪୨
ସେ ରାଜା ନିଃସନ୍ତାନ ଥିଲା । ଶିଶୁପୁତ୍ରକୁ ସେ ପାଳିଲା ।।୪୩
କନ୍ୟା କାଳରେ ଜନ୍ମିଥିଲା । କାନୀନ ସଞ୍ଜ୍ଞା ତେଣୁ ହେଲା ।।୪୪
ସେ ଅଧିରଥର ନନ୍ଦନ । ତାହାର ନାମ ହେଲା କର୍ଣ୍ଣ ।।୪୫
ତାହାର ବୃଷସେନ ସୁତ । ଏବେ ତୁ ଶୁଣ ନରନାଥ ।।୪୬
ଏବେ ତୁ ଦ୍ରୁହ୍ୟୁବଂଶ ଶୁଣ । ବଭ୍ରୁ ଯେ ତାହାର ନନ୍ଦନ ।।୪୭
ତା'ର ତନୟ ସେତୁ ନାମ । ଆରବ୍ଧ ତାହାର ନନ୍ଦନ ।।୪୮
ତାହାର ପୁତ୍ର ଯେ ଗାନ୍ଧାର । ଧର୍ମ ଯେ କୁମର ତାହାର ।।୪୯
ଧର୍ମର ପୁତ୍ର ନାମ ଧୃତ । ଦୁର୍ମନା ତାହାର ଯେ ପୁତ୍ର ।।୫୦

ତାହାର ପୁତ୍ର ଯେ ପ୍ରଚେତ । ହେଲେ ତାହାର ଶତେ ପୁତ୍ର ।।୫୧
ଉତ୍ତରେ ସେ ନାନା ଦେଶରେ । ରହିଲେ ମ୍ଲେଚ୍ଛ ଅଧିକାରେ ।।୫୨
ତୁର୍ବସୁ ତହୁଁ ବହ୍ନି ଜାତ । ଭର୍ଗ ତାହାର ହେଲା ସୁତ ।।୫୩
ତା'ର ପୁତ୍ର ଯେ ଭାନୁମାନ । ତ୍ରିଭାନୁ ତାହାର ନନ୍ଦନ ।।୫୪
କରନ୍ଧମ ଯେ ତା'ର ସୁତ । ତାହାର ତନୟ ମରୁତ ।।୫୫
ପୁରୁବଂଶରେ ହୋଇ ଜାତ । ଯା' ନାମ ଅଟଇ ଦୁଷ୍ୟନ୍ତ ।।୫୬
ମରୁତ ତା'କୁ କଲା ପୁତ୍ର । ସେପୁଣି ରାଜ୍ୟ ଲୋଭେ ଗ୍ରସ୍ତ ।।୫୭
ପୁଣି ସେ ବଂଶେ ପ୍ରବେଶିଲା । ଉଭୟ ରାଜ୍ୟ ଭୋଗ କଲା ।।୫୮
ଏମନ୍ତେ ଅନୁବଂଶ ଯେତେ । କହିଲି ବଂଶାନୁଚରିତେ ।।୫୯
ଯହିଁ ଅଶେଷ ନୃପଗଣ । ଏବେ ହୋ ଯଦୁବଂଶ ଶୁଣ ।।୬୦
ଯେ ବଂଶେ ପ୍ରଭୁ ଭାବଗ୍ରାହୀ । ଜନ୍ମିଲେ କୃଷ୍ଣ ଦେହ ବହି ।।୬୧
ଏ ବଂଶ ମହିମା ଶୁଣନ୍ତେ । ପାପ ନରହେ ହୃଦଗତେ ।।୬୨
ଯଦୁରାଜାର ଚାରି ସୁତେ । ଶୁଣ ତାହାଙ୍କ ନାମ ଯେତେ ।।୬୩
ସହସ୍ରଜିତ ରିପୁ ବେନି । ଆବର କ୍ରୋଷ୍ଟା ନଳ ଘେନି ।।୬୪
ସହସ୍ରଜିତ ତହୁଁ ଜାତ । ଶତଜିତ ନାମରେ ସୁତ ।।୬୫
ସହସ୍ରଜିତ ସୁତ ତିନି । ରୂପ ଲାବଣ୍ୟ ଗୁଣ ଘେନି ।।୬୬
ଯେ ମହାହୟ ବେଣୁହୟ । ହୈହୟ ନାମେ ମହାଶୟ ।।୬୭
ଧର୍ମ ଯେ ହୈହୟର ସୁତ । ନେତ୍ର ତାହାର ବୀର୍ଯ୍ୟେ ଜାତ ।।୬୮
କୁନ୍ତି ତାହାର ପୁତ୍ର ହୋଏ । ସୋହଞ୍ଜି କୁନ୍ତିର ତନୟେ ।।୬୯
ତାହାର ପୁତ୍ର ମହୀଷ୍ମାନ । ତା'ର କୁମର ଭଦ୍ରସେନ ।।୭୦
ଭଦ୍ରସେନର ତହୁଁ ଜନ୍ମି । ଦୁର୍ମଦ ଧନକ ଏ ବେନି ।।୭୧
କୃତାଗ୍ନି କୃତବୀର୍ଯ୍ୟେ ବେନି । କୃତୌଜା କୃତବର୍ମା ଘେନି ।।୭୨
ଧନକ ପୁତ୍ର ଏ ଜଗତେ । ବିଷ୍ଣୁର ତେଜ ଅପ୍ରମିତେ ।।୭୩
କୃତବୀର୍ଯ୍ୟ ସୁତ ଅର୍ଜ୍ଜୁନ । ସପତଦ୍ୱୀପେ ସେ ରାଜନ ।।୭୪
ଦତ୍ତାତ୍ରେୟଙ୍କୁ ସେବା କରି । ଯୋଗେ ହୋଇଲା ଅଧିକାରୀ ।।୭୫
ସେ କାର୍ତ୍ତବୀର୍ଯ୍ୟର ମହିମା । କେ କହିପାରେ ଗୁଣସୀମା ।।୭୬
ହୈହୟ ବଂଶେ ରାଜା ଯେତେ । ତପସ୍ୟା ଯଜ୍ଞ ଦାନ ମତେ ।।୭୭
ନାନା ପ୍ରକାରେ ଯେତେ ସାଧି । ଅଣିମା ଆଦି ଅଷ୍ଟନିଧି ।।୭୮
ପଞ୍ଚାଶୀ ସହସ୍ର ବରଷ । ସମ୍ପଦ ଭୁଞ୍ଜିଲା ଅଶେଷ ।।୭୯
ତାହାର ସମ ଏ ସଂସାରେ । କେହି ନୋହିଲେ ଅଧିକାରେ ।।୮୦



ତାହାର ସହସ୍ରେ ନନ୍ଦନ । ଯୁଦ୍ଧେ ସେ ହୋଇଲେ ନିଧନ ।।୮୧
ତା' ମଧ୍ୟେ ପାଞ୍ଚ ଯେ କୁମର । କ୍ଷତ୍ରିୟ ବଳେ ବଳୀୟାର ।।୮୨
ଜୟଧ୍ୱଜ ଯେ ଶୂରସେନ । ବୃଷଭ ମଧୁ ବିଦ୍ୟମାନ ।।୮୩
ଉର୍ଜ୍ଜିତ ଅଟଇ ପଞ୍ଚମେ । ଅଇରୀ କମ୍ପନ୍ତି ଯା' ନାମେ ।।୮୪
ଜୟଧ୍ୱଜର ତହୁଁ ଜାତ । ନାମ ତା' ତାଳଜଂଘ ଖ୍ୟାତ ।।୮୫
ଶତେ ନନ୍ଦନ ତା'ର ହୋଏ । ଯା' ନାମେ ରିପୁ କରେ ଭୟେ ।।୮୬
ଔର୍ବ ଋଷିଙ୍କ ବ୍ରହ୍ମତେଜେ । କ୍ଷତ୍ରିୟ ପଣେ ତା'ଙ୍କ ରାଜ୍ୟେ ।।୮୭
ସଗର ତା'ଙ୍କୁ କଲେ ହତ । ଏ ଯେ କ୍ଷତ୍ରିୟ ବୀର ସୁତ ।।୮୮
ତାହାଙ୍କ ମଧ୍ୟେ ଜ୍ୟେଷ୍ଠସୁତ । ତାହାର ନାମ ବୀତିହୋତ୍ର ।।୮୯
ମଧୁର ଶତେ ପୁତ୍ର ହୋଇ । ବୃଷ୍ଣି ତା' ମଧ୍ୟେ ଜ୍ୟେଷ୍ଠ ଥାଇ ।।୯୦
ମାଧବ ବୃଷ୍ଣି ଯେ ଯାଦବ । ଏଣୁ ଏ ଘୋଷନ୍ତି ସାଧବ ।।୯୧
ଯଦୁପୁତ୍ର କ୍ରୋଷ୍ଟାର ବୀର୍ଯ୍ୟେ । ବୃଜିନବାନ ଯେ ଉପୁଜେ ।।୯୨
ତା' ପୁତ୍ର ଶ୍ୱାହିତ ହୋଇଲା । ରୁଶେକୁ ଅଟେ ତାର ବଳା ।।୯୩
ତା'ର କୁମର ଚିତ୍ରରଥ । ତାହାର ଶଶବିନ୍ଦୁ ସୁତ ।।୯୪
ସେ ମହାଯୋଗୀ ମହାଭୁଜ । ଭୁବନଜିତ ତା'ର ତେଜ ।।୯୫
ଦଶସହସ୍ର ତା'ର ନାରୀ । ଅଶେଷ ଯଶେ ଅଧିକାରୀ ।।୯୬
ନାରୀ ଗୋଟିକେ ଲକ୍ଷେ ସୁତ । ଶଶବିନ୍ଦୁର ହେଲେ ଜାତ ।।୯୭
ଏମନ୍ତେ ଦଶସସ୍ର ଲକ୍ଷ । କୁମରେ ହୋଇଲେ ପ୍ରତ୍ୟକ୍ଷ ।।୯୮
ତାହାଙ୍କ ମଧ୍ୟେ ଷଡ଼ସୁତେ । ପୃଥୁଶ୍ରବାଦି ଏ ଜଗତେ ।।୯୯
ଧର୍ମ ଯେ ପୃଥୁଶ୍ରବା ବଳା । ତହୁଁ ଉଶନା ଜନମିଲା ।।୧୦୦
ଅଶ୍ୱମେଧରେ ସେ ଦୀକ୍ଷିତ । ହୋଇ କଲାକ ଯଜ୍ଞ ଶତ ।।୧୦୧
ରୁଚକ ନାମେ ତା'ର ସୁତ । ତା'ର କୁମର ପାଞ୍ଚ ଜାତ ।।୧୦୨
ରୁକ୍ମ ରୁକ୍ମେଷୁ ପୁରୁଜିତ । ପୃଥୁ ଜ୍ୟାମଘ ପାଞ୍ଚସୁତ ।।୧୦୩
ଜ୍ୟାମଘ ପତ୍ନୀ ଶୈବ୍ୟା ହୋଇ । କେବେହେଁ ପୁତ୍ର ନ ଲଭଇ ।।୧୦୪
ଜ୍ୟାମଘ ତା'କୁ କରି ଭୟ । ନ କଲା ଦାର ପରିଗ୍ରହ ।।୧୦୫
ସେ ରାଜା ଦିଗବିଜେ କରି । ଅନେକ ରିପୁବଳ ମାରି ।।୧୦୬
ନାନା ପ୍ରକାରେ ରିପୁ ଜିଣି । ଅନେକ ଧନରତ୍ନ ଆଣି ।।୧୦୭
କନ୍ୟାଏ ପାଇ ରୂପରାଶି । ତାହାଙ୍କ ସଙ୍ଗେ ରଥେ ବସି ।।୧୦୮
ମିଳିଲା ଆପଣା ଭୁବନେ । ଅନେକ ବାଦ୍ୟ ନାଦ ସ୍ୱନେ ।।୧୦୯
ଶୈବ୍ୟା ନାମେଣ ତା'ର ରାଣୀ । ଉତ୍ସବ ବାଦ୍ୟନାଦ ଶୁଣି ।।୧୧୦

ମନ୍ଦିରୁ ହୋଇଲା ବାହାର । ଭୁଷିତ ନାନା ଅଳଙ୍କାର ।।୧୧୧
ରଥକୁ ଚାହେଁ ବେନି ଢ଼ୋଳେ । କନ୍ୟାଏ ଅଛି ତା'ର କୋଳେ ।।୧୧୨
ଅତି ସୁନ୍ଦର ତା'ର ତନୁ । ଦେଖି ପାଇଲା ହୃଦେ ମନ୍ୟୁ ।।୧୧୩
ବୋଇଲା ରାଜାମୁଖ ଚାହିଁ । ଏ କନ୍ୟା ପାଇଲୁ ତୁ କାହିଁ ।।୧୧୪
ଶୈବ୍ୟା ବଚନ ଶୁଣି ରାୟେ । ହୃଦେ ପାଇଲା ମହାଭୟେ ।।୧୧୫
ବୋଇଲେ ମଧୁର ଉତ୍ତର । ଏ କନ୍ୟା ବଧୂ ଯେ ତୋହର ।।୧୧୬
ଶୈବ୍ୟା ବୋଲଇ କୋପ ବହି । ଏ ଜନ୍ମେ ତୋ'ର ପୁତ୍ର ନାହିଁ ।।୧୧୭
ଆଣିଲୁ ସପତଣୀ ଅର୍ଥେ । ଏବେ ତୁ ଭଣ୍ଡୁ ମୋ' ଅଗ୍ରତେ ।।୧୧୮
ଶୁଣି ସେ ଶୈବ୍ୟାର ବଚନ । ମଧୁରେ ବୋଇଲେ ରାଜନ ।।୧୧୯
ଏବେ ଯେ ପୁତ୍ର ଉପୁଜିବ । ଏ କନ୍ୟା ସେ ବିଭା ହୋଇବ ।।୧୨୦
ଅନେକ ହୋଇବ ମୋ' ବଂଶ । ତୁ ଶୁଣି ଶୈବ୍ୟା ହେଲା ତୋଷ ।।୧୨୧
ଭୁବନେ କଲା ସେ ପ୍ରବେଶ । ଆନନ୍ଦେ ହୋଇ ହସହସ ।।୧୨୨
ସନ୍ତୋଷ ହେଲେ ପିତୃଦେବେ । ପୁତ୍ର ହୋଇଲା ଶୈବ୍ୟାଗର୍ଭେ ।।୧୨୩
ସୁନ୍ଦରେ ଜଗତ ମୋହିଲା । ବିଦର୍ଭ ତା'କୁ ନାମ ଦେଲା ।।୧୨୪
ସେ କନ୍ୟା ପୁତ୍ରେ ବିଭାକଲା । ଶୁଣ ହୋ ଗୋବିନ୍ଦର ଲୀଳା ।।୧୨୫
ସୁଜନ ଜନେ ଏଣେ ଭାବ । ଏ ଘୋର ସଂସାରୁ ତରିବ ।।୧୨୬
ବୋଲଇ ଦାସ ଜଗନ୍ନାଥ । ନବମେ ବଂଶାନୁଚରିତ ।।୧୨୭

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ତ୍ରୟୋବିଂଶୋଽଧ୍ୟାୟଃ ।।

## ଚତୁର୍ବିଂଶ ଅଧ୍ୟାୟ

### ଶୁକ ଉବାଚ

ଶୁଣ ରାଜନ କୁରୁବୀର । ବିଦର୍ଭ ଜ୍ୟାମଘ କୁମର ।।୧
ଜ୍ୟାମଘ ରାଜକୁଳ ଜିଣି । ଯେ କନ୍ୟା ପୁରେ ଥିଲା ଆଣି ।।୨
ସେ କନ୍ୟା ବିଦର୍ଭେ ବରିଲା । ତା' ଗର୍ଭେ ପୁତ୍ର ଉପୁଜିଲା ।।୩
କୁଶ ଯେ କ୍ରଥ ଏହୁ ବେନି । ତୃତୀୟେ ରୋମପାଦ ଘେନି ।।୪
ବଭ୍ରୁ ଯେ ରୋମପାଦ ସୁତ । କୃତି ତାହାର ବୀର୍ଯ୍ୟେ ଜାତ ।।୫
ଉଶିକ ତାହାର ନନ୍ଦନ । ତା' ତାହୁଁ ଚେଦି ଉଦ୍‌ପନ୍ନ ।।୬
ଚୈଦ୍ୟାଦି ବଂଶେ ଜାତ ହୋଇ । ସ୍ୱଧର୍ମେ ପାଳିଲେ ସେ ମହୀ ।।୭



କ୍ରଥର ପୁତ୍ର କୁନ୍ତି ନାମ । ଧୃଷ୍ଟି ଯେ ତାହାର ନନ୍ଦନ ।।୮
ନିବୃତି ତା'ର ପୁତ୍ର ହୋଏ । ଦଶାର୍ହନାମେ ତା'ର ପୋଏ ।।୯
ବ୍ୟୋମ ଯେ ତାହାର ସନ୍ତତି । ତହୁଁ ଜିମୂତ ଉତପତ୍ତି ।।୧୦
ବିକୃତି ତାହାର ନନ୍ଦନ । ତହୁଁ ଭୀମରଥ ଜନମ ।।୧୧
ତାହାର ସୁତ ନବରଥ । ତହୁଁ ଦଶରଥ ସମ୍ଭୂତ ।।୧୨
ଶକୁନି ତାହାର ତନୟେ । କରମ୍ଭି ପୁତ୍ର ତା'ର ହୋଏ ।।୧୩
ତା'ର ତନୟ ଦେବରାତ । ଯା'ର ମହିମା ଅପ୍ରମିତ ।।୧୪
ତା' ସୁତ ଦେବକ୍ଷତ୍ର ନାମ । ସୁନ୍ଦର ପଣେ ଗୁଣଧାମ ।।୧୫
ମଧୁ ତାହାର ବଂଶେ ଜାତ । କୁରୁବଂଶ ଯେ ତା'ର ସୁତ ।।୧୬
ଅନୁ ତାହାର ବୀର୍ଯ୍ୟେ ଜାତ । ତାହାର ସୁତ ପୁରୁହୋତ୍ର ।।୧୭
ଆୟୁ ଯେ ତା'ର ପୁତ୍ରମାନ । ସାତ୍ୱତ ତା'ଠାରୁ ଜନମ ।।୧୮
ତାହାର ହେଲେ ପୁତ୍ର ସାତ । ଶୁଣ କହିବା ପରୀକ୍ଷିତ ।।୧୯
ଭଜମାନ ଭଜି ଦିବ୍ୟକ । ବୃଷ୍ଣି ଦେବା ବୃଧ ଅନ୍ଧକ ।।୨୦
ମହାଭୋଜ ଏ ସପ୍ତାନାମ । ଏକୁ ଅନେକ ଗୁଣଧାମ ।।୨୧
ଭଜମାନର ପତ୍ନୀ ଦୁଇ । ଆଦ୍ୟରେ ତିନି ସୁତ ହୋଇ ।।୨୨
ନିମ୍ଳୋଚି ଧୃଷ୍ଟି ଯେ କିଙ୍କିଣ । ପରୀକ୍ଷ କହୁଁ ତୋତେ ଶୁଣ ।।୨୩
ଦ୍ୱିତୀୟ ପତ୍ନୀ ଗର୍ଭେ ଜାତ । ହୋଇଲେ ତା'ର ତିନିସୁତ ।।୨୪
ଶତ୍ରାଜିତ ସହସ୍ରାଜିତ । ଅୟୁତାଜିତ ତିନିଭ୍ରାତ ।।୨୫
ବଭ୍ରୁ ଯେ ଦେବାବୃଧ ସୁତ । ଜନେ ଗାଆନ୍ତି ତା' ଚରିତ ।।୨୬
ଦୂରରୁ ଯେତେ ଗୁଣ ଗୁଣି । ଅଧିକ ଦେଖୁଁ ପରିମାଣି ।।୨୭
ମନୁଷ୍ୟ ମଧ୍ୟେ ବଭ୍ରୁ ଶ୍ରେଷ୍ଠ । ଦେବାବୃଧ ଦେବଙ୍କ ଇଷ୍ଟ ।।୨୮
ସେ ଦୁଇ ପୁରୁଷଙ୍କ କୁଳେ । ଯେତେ ତରିଲେ ଭବଜଳେ ।।୨୯
ଷଡ଼ସହସ୍ର ପଞ୍ଚସଷ୍ଟି । ପୁଣି ଅଧିକ ଆଠଗୋଟି ।।୩୦
ଘୋର ସଂସାରୁ ତରିଗଲେ । ନିଶ୍ଚଳେ ମିଳିଲେ କୈବଲ୍ୟେ ।।୩୧
ସାତ୍ୱତ ବଂଶେ ଉତପନ୍ନ । ମହାଭୋଜ ତା' ଅଟେ ନାମ ।।୩୨
ଅତି ଧାର୍ମିକ ମହାଭୋଜ । ଅନେକ କାଳ କଲା ରାଜ୍ୟ ।।୩୩
ଯେତେ ଉପୁଜିଲେ ତା' ବଂଶେ । ଧରିଲେ ଭୋଜ ନାମକୁ ସେ ।।୩୪
ବୃଷ୍ଣିର ସୁମିତ୍ର ନନ୍ଦନ । ଅପରେ ଯୁଧାଜିତ ନାମ ।।୩୫
ତା'ର ସନ୍ତତି ହୋଏ ଶିନି । ଅନମିତ୍ରକୁ ଘେନି ବେନି ।।୩୬

ଅନମିତ୍ରର ପୁତ୍ର ନିମ୍ନ । ତା' ଅଂଶେ ଦୁଇପୁତ୍ର ଜନ୍ମ ।।୩୭
ପ୍ରସେନ ଶତ୍ରାଜିତ ନାମ । ହୋଇଲେ ତା'ର ଗୁଣଧାମ ।।୩୮
ହେ ନୃପ ଶୁଣ ମନଦେଇ । ଏବେ ଶିନିର ବଂଶ କହି ।।୩୯
ଶିନି ଯେ ଅନମିତ୍ର ସୁତ । ସତ୍ୟକ ତା'ର ବୀର୍ଯ୍ୟେ ଜାତ ।।୪୦
ତାହାର ପୁତ୍ର ଯୁଯୁଧାନ । ଜୟ ତାହାର ପୁତ୍ର ନାମ ।।୪୧
କୁଣି ତାହାର ତହୁଁ ଜାତ । ତାହାର ଯୁଗନ୍ଧର ସୁତ ।।୪୨
ଅପରେ ବୃଷ୍ଣିପୁତ୍ର ଦୁଇ । ଜନ୍ମିଲେ ବିଷ୍ଣୁତେଜ ବହି ।।୪୩
ଶ୍ୱଫଲ୍କ ଚିତ୍ରରଥ ବେନି । ଗାନ୍ଧିନୀ ଶ୍ୱଫଲ୍କ ଭାବିନୀ ।।୪୪
ଦ୍ୱାଦଶପୁତ୍ର ତା'ର ଘରେ । ଜନ୍ମିଲେ ଅତି ପୁଣ୍ୟତରେ ।।୪୫
ଅକ୍ରୁର ତହିଁ ଜ୍ୟେଷ୍ଠ ଜାଣ । ଶୁଣ ହୋ ତାହାଙ୍କର ନାମ ।।୪୬
ଆସଙ୍ଗ ସାରମେୟ ଦୁଇ । ମୃଦୁର ମୃଦୁଦ୍ୱି ଯେ ହୋଇ ।।୪୭
ଗିରି ଧର୍ମବୃଦ୍ଧ ସୁକର୍ମ । କ୍ଷତ୍ରୋପେକ୍ଷ ଅରିମର୍ଦ୍ଦନ ।।୪୮
ଗନ୍ଧମାଦ ଯେ ଶତ୍ରୁଘନ । ଦ୍ୱାଦଶେ ପ୍ରତିବାହୁନାମ ।।୪୯
ଆବର ଏକ କନ୍ୟା ଥିଲା । ସୁଚୀରା ନାମ ତା'ର ହେଲା ।।୫୦
ଅକ୍ରୁର ପୁତ୍ର ହୋଏ ବେନି । ଦେବ୍ୱା ଉପଦେବ ଘେନି ।।୫୧
ଚିତ୍ରରଥର ଯେ ଆତ୍ମଜ । ତିନି ଭୁବନେ ତା'ର ତେଜ ।।୫୨
ପୃଥୁ ଯେ ବିଦୁରଥ ଆଦି । ଏଣେ ବୃଷ୍ଣିବଂଶ ସମ୍ପାଦି ।।୫୩
କୁକୁର ଭଜମାନ ବେନି । ଶୁଚି କମ୍ବଳବର୍ହି ଘେନି ।।୫୪
ଏ ଚାରି ଅନ୍ଧକର ସୁତ । ଏବେ ହୋ ଶୁଣ ପରୀକ୍ଷିତ ।।୫୫
କୁକୁରସୁତ ବହ୍ନି ନାମା । ତାହାର ତନୟ ବିଲୋମା ।।୫୬
କପୋତରୋମା ତା'ର ସୁତ । ତା'ପୁତ୍ର ଅନୁ ନାମେ ଖ୍ୟାତ ।।୫୭
ତୁମ୍ବୁରୁ ଅଟେ ସଖା ତା'ର । ଅନ୍ଧକ ଅନୁର କୁମର ।।୫୮
ଦୁନ୍ଦୁଭି ଅନ୍ଧକର ସୁତ । ଅରିଦ୍ୟୋତ ଯେ ତା' ଅପତ୍ୟ ।।୫୯
ଅରିଦ୍ୟୋତ ଅଂଶେ ଉତ୍ପନ୍ନ । ପୁନର୍ବସୁ ନାମେ ସନ୍ତାନ ।।୬୦
ତାହାର ପୁତ୍ର କନ୍ୟା ହୋଏ । ଆହୁକ ଆହୁକୀ ବୋଲାଏ ।।୬୧
ଦେବକ ଉଗ୍ରସେନ ଦୁଇ । ଆହୁକ ତହୁଁ ଜାତ ହୋଇ ।।୬୨
ଦେବକ ପୁତ୍ର ଚାରି ହୋଏ । ନାମ ତାହାଙ୍କ ଶୁଣ ରାୟେ ।।୬୩
ଉପଦେବ ଯେ ଦେବବାନ । ସୁଦେବ ଯେ ଦେବବର୍ଦ୍ଧନ ।।୬୪
ପୁଣ ହୋଇଲେ କନ୍ୟା ସାତ । ଯା' ନାମ ଜଗତେ ବିଖ୍ୟାତ ।।୬୫



ପ୍ରଥମେ ଧୃତଦେବା ହେଲା । ପରେ ଶାନ୍ତିଦେବା ଜନ୍ମିଲା ।।୬୬
ଉପଦେବା ଶ୍ରୀଦେବା ବେନି । ଦେବରକ୍ଷିତା କନ୍ୟା ଘେନି ।।୬୭
ସହଦେବା ଦେବକୀ ତୁଳେ । ଏମନ୍ତ ସାତକନ୍ୟା ହେଲେ ।।୬୮
ଦେବକ ସାତକନ୍ୟା ନେଇ । ବସୁଦେବଙ୍କୁ ବିଭା ଦେଇ ।।୬୯
ଏବେ ହୋ ଶୁଣ ନରନାଥ । ଉଗ୍ରସେନର ଯେତେ ସୁତ ।।୭୦
କଂସ ସୁନାମା ନ୍ୟଗ୍ରୋଧକ । କଙ୍କ ଶଙ୍କୁ ବେନି ବାଳକ ।।୭୧
ସୁହୂ ଯେ ସୃଷ୍ଟି ରାଷ୍ଟ୍ରପାଳ । ତୁଷ୍ଟି ଏ ଉଗ୍ରସେନ ବାଳ ।।୭୨
ଆବର ହେଲେ କନ୍ୟାପାଞ୍ଚ । ସୁନ୍ଦର ସୁରୂପ ସୁସଞ୍ଚ ।।୭୩
କଂସା ଯେ କଙ୍କବତୀ କଙ୍କା । ସୂରଭୂ ଯେ ରାଷ୍ଟ୍ରପାଳିକା ।।୭୪
ଏ କନ୍ୟା ବରି ବେଦମତେ । ବସୁଦେବର ଭାଇ ଯେତେ ।।୭୫
ବିବାହ କଲେ ଶୁଭବେଳେ । ଉଚିତେ ଗୃହକର୍ମ କଲେ ।।୭୬
ବିଦୁରଥର ଶୂର ସୁତ । ଭଜମାନ ତା' ବୀର୍ଯ୍ୟେ ଜାତ ।।୭୭
ଶିନି ତା'ର ହୁଏ ଆତ୍ମଜ । ଶିନିର ପୁତ୍ର ସ୍ୱୟଂ ଭୋଜ ।।୭୮
ହୃଦୀକ ତାହାର ନନ୍ଦନ । ତାହାର ତିନିପୁତ୍ର ଜାଣ ।।୭୯
ଦେବବାହୁ ଯେ ଶତଧନୁ । ଆବର କୃତବର୍ମା ସୂନୁ ।।୮୦
ଦେବମୀଢ଼ ଯେ ଶୂର ସୁତ । ତା' ପତ୍ନୀ ମାରିଷା ବିଖ୍ୟାତ ।।୮୧
ସେ ଦେବମୀଢ଼ ତା'ର ଗର୍ଭେ । ଦଶ ସନ୍ତତି କଲା ଭାବେ ।।୮୨
ବସୁଦେବ ଦେବଭାଗକ । ଦେବଶ୍ରବସ ଯେ ଆନକ ।।୮୩
ସୃଞ୍ଜୟ ଶ୍ୟାମକ ଯେ କଙ୍କ । ଶମୀକ ବସ୍କ ଯେ ବୃକ ।।୮୪
ବସୁଦେବର ଜନ୍ମ କାଳେ । ବାଦ୍ୟ ଶୁଭିଲା ଅନ୍ତରାଳେ ।।୮୫
ସ୍ୱଭାବେ ଆନକ-ଦୁନ୍ଦୁଭି । ଦିଶ ଆକାଶ ପୂରି ଶୁଭି ।।୮୬
ସେ ଯେଣୁ ବିଷ୍ଣୁର ନିଧାନ । ଆନକଦୁନ୍ଦୁଭି ତା' ନାମ ।।୮୭
ପୁଣି ହୋଇଲେ କନ୍ୟା ପାଞ୍ଚ । ସୁନ୍ଦର ସୁରୂପ ସୁସଞ୍ଚ ।।୮୮
ଯେ ପୃଥା ଆର ଶ୍ରୁତ ଦେବା । ଶ୍ରୁତକୀର୍ତ୍ତି ଯେ ଶ୍ରୁତଶ୍ରବା ।।୮୯
ରାଜାଧିଦେବୀଙ୍କ ଯେ ଘେନି । ଏ ପାଞ୍ଚ ବସୁଦେବ ଭଗ୍ନୀ ।।୯୦
ପୃଥା କନ୍ୟାକୁ ତା'ର ତାତ । କୁନ୍ତି ରାଜନେ କଲା ଦତ୍ତ ।।୯୧
ଯେଣୁ ତା' ନଥିଲା ସନ୍ତତି । ଏଣୁ ସେ କନ୍ୟା ନାମ କୁନ୍ତୀ ।।୯୨
ଦୁର୍ବାସା ମୁନି ଏକଦିନେ । ମିଳିଲେ ରାଜା ସନ୍ନିଧାନେ ।।୯୩
ପୃଥା ତାହାଙ୍କୁ ସେବା କଲା । ଦେବହୁତି ବିଦ୍ୟା ଲଭିଲା ।।୯୪

ବିଦ୍ୟାର ପରୀକ୍ଷା ନିମନ୍ତେ । ସୂର୍ଯ୍ୟଙ୍କୁ ରାଇଲା ଏକାନ୍ତେ ।।୯୫
ସେ ସୂର୍ଯ୍ୟଦେବ ତତ୍‌କ୍ଷଣ । ମିଳିଲେ ପୃଥା ସନ୍ନିଧାନ ।।୯୬
ଦେଖି ସେ ବିସ୍ମୟ ହୋଇଲା । ବିନୟ ବଚନ କହିଲା ।।୯୭
ହେ ଦେବ ପରୀକ୍ଷା ନିମନ୍ତେ । ତୁମ୍ଭଙ୍କୁ ଚିନ୍ତିଲି ମୁଁ ଚିତ୍ତେ ।।୯୮
ବିଦ୍ୟା ପ୍ରୟୋଗେ ହୋଇ ବଶ । ତୁମ୍ଭେ ମିଳିଲ ମୋ'ର ପାଶ ।।୯୯
ହେ ପ୍ରଭୁ ଦୋଷ କ୍ଷମାକର । ଦାସୀ ମୁଁ ତୁମ୍ଭ ଚରଣର ।।୧୦୦
ମୋ' ମନୋରଥ ହେଲା ପୂର୍ଣ୍ଣ । ସ୍ୱସ୍ଥାନେ କରନ୍ତୁ ଗମନ ।।୧୦୧
ତା'ବାକ୍ୟେ ସୂର୍ଯ୍ୟ ତୋଷ ହୋଇ । କହନ୍ତି କନ୍ୟା ମୁଖ ଚାହିଁ ।।୧୦୨
ହେ ପୃଥା ଶୁଣ ମୋ' ବଚନ । ବ୍ୟର୍ଥ ନ ହୁଏ ମୋ' ଦର୍ଶନ ।।୧୦୩
ତୋ'ଠାରେ କରି ଗର୍ଭାଧାନ । ଆମ୍ଭେ ଚଳିବୁ ନିଜ ସ୍ଥାନ ।।୧୦୪
ଅବଶ୍ୟ ତୋ' ପୁତ୍ର ହୋଇବ । ତୋତେ ସେ ଦୋଷ ନ ଲାଗିବ ।।୧୦୫
ଏମନ୍ତେ କଲେ ଗର୍ଭାଧାନ । ପୁତ୍ର ହୋଇଲା ତତ୍‌କ୍ଷଣ ।।୧୦୬
ପୁତ୍ରଶିଶୁକୁ ନିନ୍ଦା ଡରେ । ଭସାଇ ଦେଲେ ନଦୀ ଜଳେ ।।୧୦୭
ତା' ପରେ ହୋଇଲାକି ଯାହା । ଶୁଣ କହିବ ନୃପନାହା ।।୧୦୮
ପାଣ୍ଡୁ ଯେ ତୋ ପ୍ରପିତାମହ । ପୃଥାକୁ କଲା ସେ ବିବାହ ।।୧୦୯
କାରୂଷ ବୃଦ୍ଧଶର୍ମା ନାମ । ଶ୍ରୁତ ଦେବାକୁ ବରେ ପୁଣ ।।୧୧୦
ବିବାହ କରି ବେଦମତେ । ତା'ଗର୍ଭେ ଉପୁଜିଲା ସୁତେ ।।୧୧୧
ତା' ଦେଖି ଡରେ ରିପୁଚକ୍ର । ତା' ନାମ ହେଲା ଦନ୍ତବକ୍ର ।।୧୧୨
କୈକେୟ ବଂଶେ ଧୃଷ୍ଟକେତୁ । ସେ ପୁଣି ନିଜ ବଂଶ ହେତୁ ।।୧୧୩
ଶ୍ରୁତକୀର୍ତ୍ତିକି ବିଭାକଲା । ତା' ପାଞ୍ଚପୁତ୍ର ଉପୁଜିଲା ।।୧୧୪
ସେ ସୁତ ସନ୍ତର୍ଦ୍ଦନ ଆଦି । ସ୍ୱଭାବେ ସର୍ବଗୁଣେ ସିଦ୍ଧି ।।୧୧୫
ଆବନ୍ତ୍ୟ ଶୂରସେନ ବଳା । ରାଜାଧିଦେବୀ ବିଭାକଲା ।।୧୧୬
ନାମ ତାହାର ଜୟସେନ । ତା' ଅଂଶେ ଦୁଇପୁତ୍ର ଜନ୍ମ ।।୧୧୭
ବିନ୍ଦ ଯେ ଅନୁବିନ୍ଦ ବେନି । ରାଜାଧିଦେବୀ ତହୁଁ ଜନ୍ମି ।।୧୧୮
ଚେଦି ରାଜନ ଦମଘୋଷ । ଶ୍ରୁତଶ୍ରବାକୁ ବରି ତୋଷ ।।୧୧୯
ତା'ର କୁମର ଶିଶୁପାଳ । ସେ ବୀର ତେଜେ ଅନର୍ଗଳ ।।୧୨୦
ତାହାର ଜନ୍ମ ତୋତେ ଭାବେ । ମୁଁ ତାହା କହିଅଛି ପୂର୍ବେ ।।୧୨୧
ଦେବଭାଗର କଂସା ପତ୍ନୀ । ତା' ଗର୍ଭେ ଜାତ ସୁତ ବେନି ।।୧୨୨
ଚିତ୍ରକେତୁ ଯେ ବୃହଦ୍‌ବଳ । ତେଜେ ଏ ବେନି ଅନର୍ଗଳ ।।୧୨୩



ଦେବଶ୍ରବାର ବୀର୍ଯ୍ୟେ ଜାତ । କଂସାବତୀର ଦୁଇ ସୁତ ।।୧୨୪
ସୁବୀର ଇକ୍ଷୁମାନ ବେନି । ଏମନ୍ତେ ଦୁଇ ପୁତ୍ର ଜନ୍ମି ।।୧୨୫
କଙ୍କ ଔରସେ କଙ୍କା ଗର୍ଭେ । ବକ ପ୍ରଥମେ ଜନ୍ମ ଲଭେ ।।୧୨୬
ତା' ପରେ ସତ୍ୟଜିତ୍ ଜନ୍ମି । ପୁରୁଜିତକୁ ଘେନି ତିନି ।।୧୨୭
ସୃଞ୍ଜୟ ପୁତ୍ର ବେନି ହୋଏ । ବୃଷ ଦୁର୍ମର୍ଷଣ ତନୟେ ।।୧୨୮
ହରିକେଶ ଯେ ହିରଣ୍ୟାକ୍ଷ । ଶ୍ୟାମକ ପୁତ୍ର ଯେ ପ୍ରତ୍ୟକ୍ଷ ।।୧୨୯
ବସ୍ତକ ମିଶ୍ରକେଶୀ ଗର୍ଭେ । ବୃକାଦି ସନ୍ତାନ ସମ୍ଭବେ ।।୧୩୦
ତକ୍ଷ ପୁଷ୍କରଶାଳ ଆଦି । ବୃକର ସନ୍ତାନ ପ୍ରସିଦ୍ଧି ।।୧୩୧
ଶମୀକ ପତ୍ନୀ ସୁଦାମିନୀ । ସୁମିତ୍ର ତା' ଗର୍ଭେ ଜନମି ।।୧୩୨
ଅର୍ଜ୍ଜୁନପାଳାଦି ତନୁଜେ । ଜନ୍ମିଲେ ଶମୀକର ବୀର୍ଯ୍ୟେ ।।୧୩୩
କର୍ଣ୍ଣିକା ଆନକର ମେଳେ । ଋତଧାମକୁ ପ୍ରସବିଲେ ।।୧୩୪
ପୁଣି ଜୟନାମେ ନନ୍ଦନ । ଆନକ ଅଂଶେ ଉତ୍‌ପନ୍ନ ।।୧୩୫
ବସୁଦେବର ଯେତେ ନାରୀ । ଶୁଣ ସୁମନେ ଦଣ୍ଡଧାରୀ ।।୧୩୬
ପୌରବୀ ରୋହିଣୀ ରୋଚନା । ମଦିରା ଭଦ୍ରା ଇଳା କନ୍ୟା ।।୧୩୭
ଦେବକୀ ଆଦି ବହୁ ନାରୀ । ସେ ବସୁଦେବ ବିଭାକରି ।।୧୩୮
ରୋହିଣୀ ଗର୍ଭେ ବସୁଦେବ । ଜନ୍ମାଏ ପୁତ୍ର ବଳଦେବ ।।୧୩୯
ଧ୍ରୁବ ସାରଣ ଆର ଗଦ । ବିପୁଳ କୃତ ଯେ ଦୁର୍ମଦ ।।୧୪୦
ପୌରବୀ ଗର୍ଭରେ ସୁଭଦ୍ର । ଭଦ୍ରବାହୁ ଦୁର୍ମଦ ଭଦ୍ର ।।୧୪୧
ଭୂତଆଦି ବାର ନନ୍ଦନ । ବସୁଦେବର ଅଂଶେ ଜନ୍ମ ।।୧୪୨
ମଦିରା ଗର୍ଭେ ଉପନନ୍ଦ । କୃତକ ଶୂର ପୁଣି ନନ୍ଦ ।।୧୪୩
ଭଦ୍ରାର ଉଦରେ ସମ୍ଭୂତ । କେଶୀ ନାମରେ ଏକ ସୁତ ।।୧୪୪
ବସୁଦେବର ଔରସରେ । ପୁଣି ସେ ରୋଚନା ଗର୍ଭରେ ।।୧୪୫
ହସ୍ତହେମାଙ୍ଗଦ ସହିତେ । ଜନ୍ମ ଲଭିଲେ ବହୁ ସୁତେ ।।୧୪୬
ଉରୁ ବଲ୍ଲାଦି ପୁତ୍ର ଶ୍ରେଷ୍ଠ । ସେ ଯଦୁବଂଶରେ ଗରିଷ୍ଠ ।।୧୪୭
ସେମାନେ ଇଳା ଗର୍ଭେ ଜାତ । ବସୁଦେବଙ୍କର ଅପତ୍ୟ ।।୧୪୮
ବିପୃଷ୍ଠ ନାମେ ଏକ ବଳା । ଧୃତଦେବାର ତହୁଁ ହେଲା ।।୧୪୯
ଶ୍ରମ ପ୍ରତିଶ୍ରୁତକୁ ଘେନି । ଶାନ୍ତି ଦେବାର ଗର୍ଭେ ଜନ୍ମି ।।୧୫୦
କଳ୍କ ବର୍ଷାଦି ଦଶସୁତ । ଉପଦେବା ଗର୍ଭୁ ସମ୍ଭୂତ ।।୧୫୧
ବସୁ ହଂସ ଦୁଇ ସହିତ । ସୁବଂଶଆଦି ଷଡ଼ସୂତ ।।୧୫୨

ଦେବରକ୍ଷିତାର ନନ୍ଦନ । ଗଦାଦି ନବଗୋଟି ଜାଣ ।।୧୫୪
ସହଦେବାର ଗର୍ଭେ ଅଷ୍ଟ । ପୁରୁବିଶ୍ରୁତ ଯହିଁ ଜ୍ୟେଷ୍ଠ ।।୧୫୪
ଅଷ୍ଟବସୁଙ୍କୁ ପାଇ ସୁତ । ଧର୍ମ ଯେସନେ ହୃଷ୍ଟଚିତ୍ତ ।।୧୫୫
ସେ ରୂପେ ବସୁଦେବ ହୃଷ୍ଟ । ହୋଇଲେ ପାଇ ପୁତ୍ର ଅଷ୍ଟ ।।୧୫୬
ଦେବକୀ ଗର୍ଭରେ ସମ୍ଭୂତ । ବସୁଦେବଙ୍କ ଅଷ୍ଟସୁତ ।।୧୫୭
ପ୍ରଥମେ ହୋଇ କୀର୍ତ୍ତିମାନ । ପରେ ସୁଷେଣ ଭଦ୍ରସେନ ।।୧୫୮
ଋଜୁ ସମର୍ଦ୍ଦନ ସହିତେ । ଭଦ୍ରକୁ ଘେନି ଷଷ୍ଠସୁତେ ।।୧୫୯
ସପ୍ତମ ସୁତ ସଙ୍କର୍ଷଣ । ଅଷ୍ଟମେ ହରି ହେଲେ ଜନ୍ମ ।।୧୬୦
ଦେବକୀ ଗର୍ଭେ ଅଷ୍ଟସୁତ । ବସୁଦେବଙ୍କ ତହୁଁ ଜାତ ।।୧୬୧
ପୁଣି ଯେ କନ୍ୟାଏ ଜନ୍ମିଲା । ସୁଭଦ୍ରା ନାମ ତା'ର ହେଲା ।।୧୬୨
ସେ ତୋର ଅଟେ ପିତାମହୀ । ଏବେ ତୁ ଶୁଣ ନରସାଇଁ ।।୧୬୩
ଯେ କାଳେ ଧର୍ମ କ୍ଷୟ ହୁଏ । ଅଧର୍ମ ହୁଅଇ ଉଦୟେ ।।୧୬୪
ସେ କାଳେ ପ୍ରଭୁ ଭଗବାନ । ଆତ୍ମାକୁ କରନ୍ତି ସୃଜନ ।।୧୬୫
ଜଗତ ହିତେ ମୟାଧର । ଲୀଳାବିହାରେ ହରେ ଭାର ।।୧୬୬
ଏ ହରି ମାୟାର ନିୟନ୍ତା । ସଙ୍ଗ ରହିତ ସର୍ବକର୍ତ୍ତା ।।୧୬୭
ସପ୍ତମ ପ୍ରାଣୀ ହୃଦ୍‌ଗତେ । ସାକ୍ଷୀ ରୂପରେ ଥାଏ ନିତ୍ୟେ ।।୧୬୮
ମାୟାରେ ଖେଳଇ ଜଗତେ । ଜନ୍ମକର୍ମାଦି ପ୍ରାଣୀ ହିତେ ।।୧୬୯
ତା' ମାୟା ଚେଷ୍ଟା ଜୀବପକ୍ଷେ । ଅନୁଗ୍ରହ ରୂପ ପ୍ରତ୍ୟକ୍ଷେ ।।୧୭୦
ସୃଷ୍ଟି ସ୍ଥିତି ଲୟ କାରଣ । ଜୀବର ମୋକ୍ଷର ନିଦାନ ।।୧୭୧
ଅସଂଖ୍ୟ ଅକ୍ଷୌହିଣୀ ପତି । ଅସୁରେ ଜନ୍ମିଲେ ଏ କ୍ଷିତି ।।୧୭୨
ରାଜଚିହ୍ନ କରି ଧାରଣ । ପୃଥିବୀ କଲେ ଆକ୍ରମଣ ।।୧୭୩
ପୃଥିବୀ ଭାରାକ୍ରାନ୍ତ ହୋଇ । ଧାରଣେ ସମର୍ଥ ନୁହଇ ।।୧୭୪
ଭାରା ହରଣ ଅର୍ଥେ ହରି । ଜଗତେ ନାନା ରୂପଧରି ।।୧୭୫
ହେ ନୃପ ଶୁଣ ଏକଚିତ୍ତେ । ସେ ହରି ମହିମା ଯେମନ୍ତେ ।।୧୭୬
ନିଜ ଇଚ୍ଛାରେ ଅବତରି । ଅସୁରଗଣଙ୍କୁ ସଂହାରି ।।୧୭୭
ଦେବେ ନ ପାନ୍ତି ଯା'ର ଅନ୍ତ । ତା'ର ମାୟାରେ ହୋଇ ଭ୍ରାନ୍ତ ।।୧୭୮
ସେ ସଙ୍କର୍ଷଣର ସହିତେ । ଲୀଳାରେ ବିହରେ ଜଗତେ ।।୧୭୯
ଯଦ୍ୟପି ସର୍ବଶକ୍ତିମାନ । ଅଟଇ ଶ୍ରୀମଧୁସୂଦନ ।।୧୮୦
ସଙ୍କଳ୍ପ ମାତ୍ରେ ଭୂମିଭାର । ହରଣେ ସମର୍ଥ ତାହାର ।।୧୮୧



ତଥାପି ଭକ୍ତଙ୍କର ହିତେ । ତା' ଅବତାର ଏଜଗତେ ।।୧୮୨
କଳିଯୁଗରେ ଭକ୍ତ ଯେତେ । ତାହାଙ୍କ ଅନୁଗ୍ରହ ଅର୍ଥେ ।।୧୮୩
ପବିତ୍ର ଯଶ କର୍ମମାନ । ବିସ୍ତାର କଲେ ଭାଗବାନ ।।୧୮୪
ଯଶ ସ୍ମରଣେ ତମ ଧ୍ୱଂସ । ସକଳ ଶୋକ ହୁଏ ନାଶ ।।୧୮୫
ଶ୍ରେଷ୍ଠ ପବିତ୍ର ତୀର୍ଥ ବ୍ରତ । ସାଧୁଜନଙ୍କ କର୍ଣ୍ଣାମୃତ ।।୧୮୬
ଶ୍ରୋତ୍ର-ଅଞ୍ଜଳି ପଥେ ପାନ । କରେ ଯେ ଏକବାରେ ଜନ ।।୧୮୭
କର୍ମବାସନା କ୍ଷୟ ଦକ୍ଷ । ସେ ନର ହୁଅଇ ପ୍ରତ୍ୟକ୍ଷ ।।୧୮୮
ସେ ହେତୁ ଭୋଜ ବୃଷ୍ଣି ଯେତେ । ଅନ୍ଧକ ମଧୁର ସହିତେ ।।୧୮୯
କୁରୁ ସୃଞ୍ଜୟ ଆଦି ବଂଶ । ଆଦରେ ଗାବନ୍ତି ଯା' ଯଶ ।।୧୯୦
ତା'ର ଚରିତ ହୃଦେ ଚିନ୍ତି । ସ୍ୱଚ୍ଛନ୍ଦେ ସୁଖେ ବିହରନ୍ତି ।।୧୯୧
ସେ ପ୍ରଭୁ ଦେବ ଭଗବାନ । ତାହାଙ୍କୁ ହୁଏ ସୁପ୍ରସନ୍ନ ।।୧୯୨
ସ୍ନିଗ୍ଧ-ମଧୁର ମନ୍ଦହାସେ । ଉଦାର ବଚନ ବିଳାସେ ।।୧୯୩
ଅସମ ବିକ୍ରମ ଲୀଳାରେ । ସର୍ବାଙ୍ଗ ସୁନ୍ଦର ଶରୀରେ ।।୧୯୪
ତାହାଙ୍କୁ କରି ଆନନ୍ଦିତ । ସେମାନେ ମାୟାରେ ମୋହିତ ।।୧୯୫
କର୍ଣ୍ଣରେ ମକର କୁଣ୍ଡଳ । ସୁନ୍ଦର କପୋଳ ଯୁଗଳ ।।୧୯୬
ବିଳାସ ହାସେ ମୁଖ ଶୋଭା । କି ଅବା ପଟାନ୍ତର ଦେବା ।।୧୯୭
ନିତ୍ୟେ ତାହାର ମୁଖ ଦେଖି । ସେ ନର ନାରୀ ହେଲେ ସୁଖୀ ।।୧୯୮
ନେତ୍ର ଉତ୍ସବ ତା'ର ଶୋଭା । ଲୋକଲୋଚନ ମନଲୋଭା ।।୧୯୯
ତଥାପି ସେମାନଙ୍କ ନେତ୍ର । କଦାପି ନୋହେ ପରିତୃପ୍ତ ।।୨୦୦
ଭୁବନମୋହନ ସୁନ୍ଦର । ରୂପ ତାହାଙ୍କ ମନୋହର ।।୨୦୧
ନିମିଷମାତ୍ର ନ ଦେଖିଲେ । ଦୁଃଖିତ ହୁଅନ୍ତି ବିକଳେ ।।୨୦୨
ସେ ବସୁଦେବ ଘରେ ହରି । ଜନ୍ମିଲେ ନରଦେହ ଧରି ।।୨୦୩
ହରିଲେ ଧରଣୀର ଭାର । ଯେ ରୂପ ଦେଖି ଦେବାସୁର ।।୨୦୪
ପଶୁମନୁଷ୍ୟ ଆଦି ଯେତେ । ଶରୀର ଧରି ଏ ଜଗତେ ।।୨୦୫
କୀଟପତଙ୍ଗ ଆଦି କରି । ଯେ ରୂପ ଦେଖି ଗଲେ ତରି ।।୨୦୬
ତା'ର ମହିମା କେବା କହି । ପାରିବ ନରଦେହ ବହି ।।୨୦୭
ହେ ନୃପ ଶୁଣ ତୋଷଚିତ୍ତେ । ଅଭୁ କର୍ମ ତା'ର ଯେତେ ।।୨୦୮
ସେ ବନ୍ଦୀଘରେ ନିଜ ରୂପେ । ଜନ୍ମି ଗୁପତେ ଗଲେ ଗୋପେ ।।୨୦୯
ତାହାଙ୍କୁ ପାଇ ବ୍ରଜବାସୀ । ସୁଖେ ବଞ୍ଚନ୍ତି ଦିବାନିଶି ।।୨୧୦

ରିପୁ ସଂହାରି ବଢ଼ି ବ୍ରଜେ । ମାରି ମଥୁରା କଂସରାଜ୍ୟେ ।।୨୧୧
ଦ୍ୱାରକାପୁରେ ବାସ କରି । ବିବାହ କରି ବହୁ ନାରୀ ।।୨୧୨
ଜନ୍ମାଇ ଅସଂଖ୍ୟ ନନ୍ଦନ । ଅନେକ କରି ଯଜ୍ଞମାନ ।।୨୧୩
ଲୋକଙ୍କୁ ଦେଇ ଯଜ୍ଞଶିକ୍ଷା । ନିଗମମାର୍ଗ କଲେ ରକ୍ଷା ।।୨୧୪
କୁରୁପାଣ୍ଡବ ମଧ୍ୟେ କଳି । ଭିଆଇ ବହୁ ସୈନ୍ୟ ମାରି ।।୨୧୫
ଧରଣୀ ଭାର ଅପହରି । ଅର୍ଜ୍ଜୁନେ ଦେଇ ଜୟଶିରୀ ।।୨୧୬
ଉଦ୍ଧବେ ଦେଇ ଆତ୍ମଜ୍ଞାନ । ଚଳିଲେ ଆପଣା ଭୁବନ ।।୨୧୭
ସୁଜନଜନ ଏହା ଶୁଣି । ଭକତି ହୃଦେ ପରିମାଣି ।।୨୧୮
ଏ ଭବଜଳୁ ତରିଯିବ । ଯାହା ନ ଲଭେ ବ୍ରହ୍ମାଶିବ ।।୨୧୯
ସେ ହରିଚରିତ ସୁମର । ମୁଁ ତୁମ୍ଭ ଚରଣେ କିଙ୍କର ।।୨୨୦
ବୋଲଇ ବିପ୍ର ଜଗନ୍ନାଥ । ନବମେ ବଂଶାନୁଚରିତ ।।୨୨୧

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ନବମସ୍କନ୍ଧେ ଶ୍ରୀସୂର୍ଯ୍ୟ ସୋମବଂଶ ଅନୁକୀର୍ତ୍ତନେ ଯଦୁବଂଶାନୁକୀର୍ତ୍ତନଂ ନାମ
ଚତୁର୍ବିଂଶୋଽଧ୍ୟାୟଃ ।।